# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୦/୨୦୨୧ (୨୦ ପୃଷ୍ଠା) | Bhubaneswar, Saturday, March 20/2021 | ★★★★★★

୪୭ଶ ଭାଗ ୧୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




## କମଲପ୍ରୀତଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

ମହିଳା ଡିସ୍‌କସ୍ ଥ୍ରୋରେ ଜାତୀୟ ରେକର୍ଡ ସହ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛନ୍ତି କମଲପ୍ରୀତ କୌର।

୧୮

୧୬

## ମାଳଦ୍ୱୀପରେ ହୀନା

ଅଭିନେତ୍ରୀ ହୀନା ଖାନ୍ ପୁଣି ଥରେ ମାଳଦ୍ୱୀପରେ ପହଞ୍ଚିଛନ୍ତି। ଏଥର ତାଙ୍କ ପ୍ରେମିକ ରକି ଜୟସ୍ୱାଲ ମଧ ତାଙ୍କ ସହ ଯାଇଛନ୍ତି।




ଧରିତ୍ରୀ DHARITRI | OrissaPOST

BUSINESS EMINENCE AWARDS

Inaugurator
Shri Naveen Patnaik
Hon'ble CM, Odisha

Chief Guest
Shri Dharmendra Pradhan
Hon'ble Union Minister
Petroleum & Natural Gas and Steel

Keynote Address
Shri Vishal Dev, IAS
Principal Secretary Tourism, Sports & Youth Services

TODAY

Watch LIVE 11.30am onwards

www.dharitri.com | dharitrinews | dharitrilive

www.orissapost.com | \OrissaPost.Here.Now | \OrissaPostLive

Associate Sponsor: MGM MINERALS LTD. FOR PEOPLE PROGRESS & A BETTER TOMORROW

Co-sponsors: OSL GROUP | adventz PARADEEP PHOSPHATES LIMITED | imfa | MCL

Associates: TEAM Outdoor Partner | HDFC BANK Banking Partner | NEWS18 ଓଡ଼ିଆ Channel Partner | 91.9 ସାର୍ଥକ FM Radio Partner





AVAIL EXCITING OFFERS AT ALL OUR OUTLETS

Everyone else notices the rock. Only your heart smiles remembering the proposal.

Be it Sangeet or Reception, Wedding or Engagement, we have a perfect piece to light up each of your special occasions. Exquisite Gold and Diamond pieces that will do all the talking when words are not enough.

KHIMJI® Jewellers since 1936

85 YEARS

#TyohaarZindagiKa

PLATINUM | FOREVERMARK A DIAMOND IS FOREVER | MONT BLANC | SWAROVSKI | RADO SWITZERLAND | LONGINES | TISSOT | SEIKO | CITIZEN | EMPORIO ARMANI | FOSSIL

AUTHENTIC ODISHA FILIGREE | PRIMA ART The Art of Gold | EKAANI | Alive Dancing Diamonds | Clara 18K CZ Jewellery | AGNI CZ Gold Jewels | SHRISHTI COLLECTIONZ

STORES ONLY at 〉 Bhubaneswar: 621, Saheed Nagar, Janpath | Bhubaneswar: 309 District Centre, Chandrasekharpur
Berhampur: Venkatraju Arcade, Sano Bazar | Cuttack: 558/834, Cantonment Road | Rourkela: Kesar Bhawan, Main Road

NOWHERE ELSE

Open on All Days
Toll Free 1800 3131 777 (10am to 8pm)

Follow us on

# ଆଜିଠୁ ୩ ଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି

**ଭୁବନେଶ୍ୱର, ୧୯।୩(ବ୍ୟୁରୋ)**


ରାମନାଥ କୋବିନ୍ଦ

ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାର ୩ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ରାଷ୍ଟ୍ରପତି ସନ୍ଧ୍ୟା ୬ଟାରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରେ ପହଞ୍ଚିବେ। ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯିବ। ଏହାପରେ ସେ ରାଜଭବନ ପହଞ୍ଚିବେ ଏବଂ ସେଠାରେ ରାତ୍ରିଯାପନ କରିବେ। ୨୧ ତାରିଖ (ରବିବାର) ପୂର୍ବାହ୍ନ ୯ଟାରେ ରାଜଭବନରୁ ଭୁବନେଶ୍ୱର ଏୟାରପୋର୍ଟ ଯିବେ। ସେଠାରୁ ଝାରସୁଗୁଡ଼ା ବିମାନ ବନ୍ଦରରେ ପହଞ୍ଚିବେ। ଝାରସୁଗୁଡ଼ାରୁ ରାଉରକେଲା ଗସ୍ତ କରି ପୂର୍ବାହ୍ନ ୧୧ଟାରେ ଏନ୍‌ଆଇଟି ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ଦିନ ୧୨ଟାରେ ଏନ୍‌ଆଇଟି ଛାଡ଼ିବେ। ମଧ୍ୟାହ୍ନଭୋଜନ ପରେ ରାଉରକେଲା ହାଉସରେ ୩ଟା ୩୦ ପର୍ଯ୍ୟନ୍ତ ରହିବେ। ୩ଟା ୪୦ରେ ସେଠାରୁ ବାହାରି ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ପରିସରରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବେ। ରାଉରକେଲାରେ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ସାରି ସେଠାକାର ଏୟାରଷ୍ଟ୍ରିପରୁ ୪ଟା ୪୦ରେ ବାହାରି ଝାରସୁଗୁଡା ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ୫ଟା ୪୦ରେ ବାହାରି ସନ୍ଧ୍ୟା ୬ଟା ୧୦ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ସନ୍ଧ୍ୟା ୬ଟା ୩୦ ସୁଦ୍ଧା ରାଜଭବନରେ ପହଞ୍ଚି ସେଠାରେ ରାତ୍ରିଯାପନ କରିବେ।

୨୨ ତାରିଖ (ସୋମବାର) ପୂର୍ବାହ୍ନ ୧୦ଟା ୧୫ରେ ରାଷ୍ଟ୍ରପତି କୋବିନ୍ଦ ରାଜଭବନରୁ ବାହାରି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ହେଲିକପ୍ଟର ଯୋଗେ ପୁରୀ ଯିବେ। ୧୧ଟାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କାର୍ଯ୍ୟକ୍ରମ ରହିଛି। ସେଠାରୁ ୧୨ଟା ୧୫ରେ କୋଣାର୍କ ଗସ୍ତ କରିବେ। ରାସ୍ତାରେ ଥିବା ଇକୋ ଲୋଟସ୍ ରିସର୍ଟରେ ମଧ୍ୟାହ୍ନଭୋଜନ କରିବା ସହ ୩ଟା ୪୫ ଯାଏ ବିଶ୍ରାମ କରିବେ। ଅପରାହ୍ନ ୩ଟା ୪୫ରେ କୋଣାର୍କ ଯିବେ। ୪ଟା ୧୫ରୁ ୨୫ ମିନିଟ୍ ଧରି କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବେ। ୫ଟାରେ କୋଣାର୍କରୁ ହେଲିକପ୍ଟର ଯୋଗେ ଭୁବନେଶ୍ୱର ବାହୁଡ଼ିବେ। ଅପରାହ୍ନ ୫ଟା ୫୦ରେ ରାଜଭବନରେ ପହଞ୍ଚିବେ ବୋଲି ଗସ୍ତ କାର୍ଯ୍ୟସୂଚୀ ରହିଛି।

## ବ୍ରହ୍ମପୁର ଠାକୁରାଣୀ ଯାତ୍ରା ସ୍ଥଗିତ

**ବ୍ରହ୍ମପୁର ଅଫିସ୍, ୧୯।୩:** ବ୍ରହ୍ମପୁରର ପ୍ରସିଦ୍ଧ ଦ୍ୱିବାର୍ଷିକ ମା' ବୁଢ଼ୀ ଠାକୁରାଣୀ ଯାତ୍ରା ଚଳିତବର୍ଷ ସ୍ଥଗିତ ରଖାଯାଇଛି। ମା'ଙ୍କ ଯାତ୍ରା ନିମନ୍ତେ ଶୁକ୍ରବାର ରାତି ୧୧ଟାରୁ ୨ଟା ମଧ୍ୟରେ ଶୁଭଖୁଣ୍ଟି ସ୍ଥାପନ କରାଯିବାର ଥିଲା। ଏହା ପୂର୍ବରୁ ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବନ୍ଦାରେ, ଯାତ୍ରା ପରିଚାଳକ ଦୁର୍ଗା ପ୍ରସାଦ ଦେଶୀବେହେରାଙ୍କ ସମେତ ଯାତ୍ରା କମିଟି ସଦସ୍ୟଙ୍କୁ ଡକାଇ ଏକ ବୈଠକ କରିଥିଲେ। କୋଭିଡ୍‌ର ପୁନଃ ସଂକ୍ରମଣ ଆଶଙ୍କା ଥିବାରୁ ସମସ୍ତ ନିୟମ ମାନି ୭ଦିନ ଯାତ୍ରା କରିବା ଓ ଅନ୍ୟ କେତେକ ପରାମର୍ଶ ଦେଇଥିଲେ। ଯାତ୍ରା ସମୟରେ ମା'ବାପ ଘରକୁ ଆସିବେ, କିନ୍ତୁ ରାଜା ଘରକୁ ଯିବେ ନାହିଁ ଓ ଘଟ ପରିକ୍ରମା କରାଯିବ ନାହିଁ ବୋଲି କହିଥିଲେ। ଏଥିରେ ଯାତ୍ରା କମିଟି ସମ୍ମତି ପ୍ରକାଶ ନ କରିବାରୁ ଠାକୁରାଣୀ ଯାତ୍ରାକୁ ସ୍ଥଗିତ ରଖାଗଲା ବୋଲି କମିଶନର ସୂଚନା ଦେଇଛନ୍ତି।




## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ଆଦ୍ୟାଜ୍ୟୋତି

### ୧ ମିନିଟ୍‌ରେ ସର୍ବାଧିକ ଶ୍ଳୋକ ଆବୃତ୍ତି କରିଥିଲେ

**ଯାଜପୁର ଟାଉନ, ୧୯।୩(ଡି.ଏନ.ଏ.)**



୧ ମିନିଟ୍‌ରେ ଭଗବତ ଗୀତାର ସର୍ବାଧିକ ଶ୍ଳୋକ ଗାଇ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି ଆଦ୍ୟାଜ୍ୟୋତି ଦାଶ(୧୧)। ଫେବୃୟାରୀ ୫ରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ପକ୍ଷରୁ ଆୟୋଜିତ ଭର୍ଚୁଆଲ ଶ୍ଳୋକ ପ୍ରତିଯୋଗିତାରେ ଆଦ୍ୟାଜ୍ୟୋତି ଅଂଶଗ୍ରହଣ କରି ଭଗବତ ଗୀତାର ୧୨ ଅଧ୍ୟାୟର ୧୭ ଶ୍ଳୋକକୁ ୧ ମିନିଟ୍‌ରେ ଆବୃତ୍ତି କରିଥିଲେ। ତାଙ୍କୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ପକ୍ଷରୁ ସମ୍ମାନିତ କରାଯିବା ସହ ଇଣ୍ଡିଆ ବୁକ୍ ଅଫ ରେକର୍ଡସ୍‌ରେ ସ୍ଥାନ ଦିଆଯାଇଛି। ଯାଜପୁର ବିଂିସରାଇ ଅଞ୍ଚଳର ଆଦିତ୍ୟ ଦାଶ ଓ ମାତା ଜ୍ୟୋତିପ୍ରଭା ଦାଶଙ୍କ ଝିଅ ଆଦ୍ୟାଜ୍ୟୋତି ୪ ବର୍ଷ ବୟସରୁ ଜେଜେବାପା ସ୍ୱର୍ଗତ ଅକ୍ଷୟ ଦାଶଙ୍କଠାରୁ ଅନୁପ୍ରାଣିତ ହୋଇ ବିଭିନ୍ନ ଆଧ୍ୟାତ୍ମିକ ବହି ପଢ଼ିବା ସହ ଶ୍ରୀମଦ ଭଗବତ ଗୀତା ପଢ଼ି ମୁଖସ୍ଥ କରିଛନ୍ତି। ପ୍ରଥମେ ଘରେ ପ୍ରବଚନ ଦେଉଥିବା ବେଳେ ଏବେ ସେ ବିଭିନ୍ନ ଜିଲାକୁ ଯାଇ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପ୍ରବଚନ ଦେଉଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୦/୨୦୨୧ | Bhubaneswar, Saturday, March 20/2021 



କଟକ ଜିଲା ମାହାଙ୍ଗା ବ୍ଲକର ଭାଜପା ନେତା କୁଳମଣି ବରାଳ ଏବଂ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ହତ୍ୟା ଘଟଣାର ଅନ୍ୟତମ ଅଭିଯୁକ୍ତ ଆଇନମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ପ୍ରତାପ ଜେନାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ଓ ଗିରଫ ଦାବିରେ ଭୁବନେଶ୍ୱର ଜିଲା ଯୁବ କଂଗ୍ରେସ କର୍ମୀମାନେ ଶୁକ୍ରବାର ନବୀନ ନିବାସ ଘେରାଉ ପାଇଁ ଯିବାବେଳେ ଶିଶୁଭବନ ଛକରେ ପୋଲିସ ସହ ଧସ୍ତାଧସ୍ତି। (ରିପୋର୍ଟ: ପୃଷ୍ଠା-୧୫)

# କେନ୍ଦ୍ରକୁ ମିଳିବ ଖଣି ନିଲାମ କ୍ଷମତା

**■ ଖଣି ଓ ଖଣିଜ ସଂଶୋଧନ ବିଲ୍ ଲୋକ ସଭାରେ ଗୃହୀତ**
**■ କେତେକ ଧାରାକୁ ବିରୋଧ ସତ୍ତ୍ୱେ ବିଲ୍‌କୁ ବିଜେଡିର ସମର୍ଥନ**



**ନୂଆଦିଲ୍ଲୀ,୧୯।୩**

ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ବିଲ୍, ୨୦୨୧ ଶୁକ୍ରବାର ଲୋକ ସଭାରେ ଗୃହୀତ ହୋଇଯାଇଛି। ଏହା ଆଇନରେ ପରିଣତ ହେଲେ ଖଣି ନିଲାମ ପାଇଁ ତଥା ଜିଲା ଖଣିଜ ପାଣ୍ଠି (ଡିଏମ୍ଏଫ୍)ର ବିନିଯୋଗ ନିମନ୍ତେ ନିର୍ଦ୍ଦେଶ ଦେବା ଲାଗି କେନ୍ଦ୍ର ସରକାରଙ୍କୁ କ୍ଷମତା ମିଳିବ। ଦେଶରେ ନିୟମିତ ଭିତ୍ତିରେ କ୍ରମାଗତ ଖଣିଜ ଯୋଗାଣ ଲାଗି ଅଧିକ ସଂଖ୍ୟାରେ ଖଣି ନିଲାମ କରିବା କିମ୍ବା ଉକ୍ତ ଅଞ୍ଚଳ ଉପରେ ବିଜ୍ଞପ୍ତି ପ୍ରକାଶ କରିବାରେ ରାଜ୍ୟ ସରକାର ବିଫଳ ହେଲେ କେନ୍ଦ୍ର ସରକାର ଖଣି ଅଞ୍ଚଳ ଲାଗି ବିଜ୍ଞପ୍ତି ପ୍ରକାଶ କରିବା ସହ ନିଲାମ କରିପାରିବେ। ଉକ୍ତ ବିଲ୍ ଅନୁଯାୟୀ ନିଜସ୍ୱ ବ୍ୟବହାର ପାଇଁ କୋଇଲା ଖଣି ସମେତ ଅନ୍ୟାନ୍ୟ ଖଣି ନିଲାମ ନେଇଥିବା କମ୍ପାନୀ ଆବଶ୍ୟକତା ପୂରଣ ପରେ ରାଜ୍ୟ ସରକାରଙ୍କୁ ଅତିରିକ୍ତ ଅର୍ଥ ପୈଠ କରି ଉକ୍ତ ଖଣିର ୫୦ ପ୍ରତିଶତ ବିକ୍ରି କରିପାରିବେ। ବର୍ତ୍ତମାନର ଆଇନ ଅନୁଯାୟୀ ନିଜସ୍ୱ ବ୍ୟବହାର ପାଇଁ କୋଇଲା ଓ ଅନ୍ୟ ଖଣି ନେଇଥିବା କମ୍ପାନୀଗୁଡ଼ିକ ଉତ୍ତୋଳନ କରୁଥିବା ଖଣିଜକୁ କେବଳ ନିଜ ଶିଳ୍ପରେ ବ୍ୟବହାର କରିବା ଲାଗି ଅନୁମତି ପାଉଥିଲେ।

ଲୋକ ସଭାରେ କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଉପରୋକ୍ତ ବିଲ୍ ଆଗତ କରିବା ଅବସରରେ କହିଥିଲେ, ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ଭଳି ଭାରତରେ ପର୍ଯ୍ୟାପ୍ତ ସୁନା ଓ କୋଇଲା ରହିଥିଲେ ହେଁ ଆମକୁ ବିଦେଶରୁ ଆମଦାନି କରିବାକୁ ପଡୁଛି। ଖଣି ସେକ୍ଟରରେ ସଂସ୍କାର ୫୫ ଲକ୍ଷ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ। ଖଣିଜ ଉତ୍ତୋଳନ ବଢ଼ାଇବା ଲାଗି ଉନ୍ନତ ପ୍ରଯୁକ୍ତି ଉପଯୋଗ କରୁଥିବା ଘରୋଇ ସେକ୍ଟରକୁ ଅନୁମତି ଦିଆଯିବ। ଲିଜ୍ ସମୟସୀମା ଶେଷ ହେବା ପରେ ପରବର୍ତ୍ତୀ ବିଡରକୁ ମଞ୍ଜୁରୀ ସ୍ଥାନାନ୍ତର କରାଯାଇପାରିବ। କୌଣସି କମ୍ପାନୀ ଖଣି ଲିଜ୍ ପାଇବା ପରେ ସେଥିରୁ ଖଣିଜ ପଦାର୍ଥ ଉତ୍ତୋଳନ ଆରମ୍ଭ କରିବା ପାଇଁ ପାଖାପାଖି ୨୩ଟି ମଞ୍ଜୁରୀ ଆବଶ୍ୟକ କରିଥାଏ। ଏହିସବୁ ଅନୁମୋଦନ ସଂଗ୍ରହ କରିବା ଲାଗି ବହୁବର୍ଷ ଲାଗିଯାଇଥାଏ। ନୂଆ ଆଇନରେ ଅନ୍ୟ ଭିତ୍ତିଭୂମି ପ୍ରକଳ୍ପ ଭଳି ନୂଆ ମାଲିକଙ୍କୁ ଖଣି ହସ୍ତାନ୍ତର ବେଳେ ମଞ୍ଜୁରୀ ସ୍ୱାଭାବିକ ଭାବେ ସ୍ଥାନାନ୍ତର ହୋଇଯିବ ବୋଲି ମନ୍ତ୍ରୀ ଜୋଷୀ କହିଥିଲେ।


ଖଣି ନିଲାମରେ ଓଡ଼ିଶା ସରକାରଙ୍କ ପ୍ରଦର୍ଶନ ଲାଗି ଜୋଷୀ ଅଭିନନ୍ଦନ ଜଣାଇଥିଲେ। ଓଡ଼ିଶା ସରକାର ଦେଇଥିବା ଅନେକ ପ୍ରସ୍ତାବକୁ ସଂଶୋଧନ ବିଲ୍‌ରେ ସ୍ଥାନିତ କରାଯାଇଥିବା ସେ କହିଥିଲେ। ତେବେ ଡିଏମ୍ଏଫ୍ ପାଣ୍ଠିର ବିନିଯୋଗ ନେଇ କେନ୍ଦ୍ର ସରକାର ନିର୍ଦ୍ଦେଶ ଜାରି କରିବା ଏବଂ ରାଜ୍ୟ ସରକାର ଖଣି ନିଲାମ କରି ନ ପାରିଲେ, କେନ୍ଦ୍ର ସରକାର ନିଲାମ ପ୍ରକ୍ରିୟା ହାତକୁ ନେବା କ୍ଷମତା ଉପରେ ବିଜେଡି ପ୍ରତିବାଦ ଜଣାଇଥିଲା। କେନ୍ଦ୍ର ସରକାରଙ୍କୁ ଅତ୍ୟଧିକ କ୍ଷମତା ପ୍ରଦାନ କରିବା ଏହି ବିଲ୍‌ର ଉଦ୍ଦେଶ୍ୟ ବୋଲି ଲୋକ ସଭାରେ ବିଜେଡି ସଂସଦୀୟ ଦଳ ନେତା ପିନାକୀ ମିଶ୍ର ମତ ରଖିଥିଲେ। ଖଣି ନିଲାମରେ କେନ୍ଦ୍ର ସରକାର କ୍ଷମତା ପ୍ରୟୋଗ କରିବାରେ ସଂଯମୀ ହେବା ଆବଶ୍ୟକ ଓ ତାହା କେବଳ ଅସାଧାରଣ କ୍ଷେତ୍ରରେ ହେବା ଉଚିତ ବୋଲି ପିନାକୀ କହିଥିଲେ। କେନ୍ଦ୍ର ସରକାର କ୍ରମାଗତ ଭାବେ ଖଣି ସେକ୍ଟରରେ କ୍ଷମତାର ଉପଯୋଗ କରିବା ଏବଂ ସମ୍ବିଧାନ ଅନୁଯାୟୀ ରାଜ୍ୟ ସରକାର ପାଇଥିବା କ୍ଷମତାକୁ ଦୁର୍ବଳ କରିବା ଗ୍ରହଣୀୟ ହୋଇପାରିବ ନାହିଁ ବୋଲି ସେ ମତ ଦେଇଥିଲେ।

ସେହିପରି ସଂଶୋଧନ ବିଲ୍‌ର ଧାରା ୯ବି ଉପରେ ମଧ୍ୟ ବିଜେଡି ନେତା ପ୍ରତିବାଦ ଉଠାଇଥିଲେ। ଡିଏମ୍ଏଫ୍ ପାଣ୍ଠି ବିନିଯୋଗ ଲାଗି ନିର୍ଦ୍ଦେଶ ଜାରି କରିବା ନିମନ୍ତେ ଉକ୍ତ ଧାରା କେନ୍ଦ୍ର ସରକାରଙ୍କୁ କ୍ଷମତା ଦେଇଛି। ଏହାଦ୍ୱାରା ରାଜ୍ୟ କ୍ଷମତା ହ୍ରାସ ପାଇବ। ପୂର୍ବରୁ ଡିଏମ୍ଏଫ୍ ପାଣ୍ଠି ବିନିଯୋଗ ସମ୍ପର୍କରେ ରାଜ୍ୟ ସରକାର ନିଷ୍ପତ୍ତି ନେଉଥିଲେ। ଉପରୋକ୍ତ ଧାରାକୁ ନେଇ ପ୍ରତିବାଦ କରିବା ସତ୍ତ୍ୱେ ବିଜେଡି ସଂଶୋଧନ ବିଲ୍‌କୁ ସମର୍ଥନ ଜଣାଇଥିଲା ଏବଂ ପ୍ରସ୍ତାବକୁ ବିଚାରକୁ ନେବା ଲାଗି କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଥିଲା।

ଓଡ଼ିଶାର ଖଣି ବହୁଳ ଜିଲାର ସ୍ଥିତିକୁ ନେଇ କୋରାପୁଟର କଂଗ୍ରେସ ଏମ୍ପି ସପ୍ତଗିରି ଉଲାକା ପ୍ରଶ୍ନ ଉଠାଇଥିଲେ। ପ୍ରଚୁର ଖଣିଜ ସମ୍ବଳ ସତ୍ତ୍ୱେ କୋରାପୁଟ ଓ କେନ୍ଦୁଝର ଜିଲାରେ ଯଥାକ୍ରମେ ୭୯ ଓ ୬୨ ପ୍ରତିଶତ ଜନସାଧାରଣ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ଖଣିଜ ଅଞ୍ଚଳର ଅଧିକାଂଶ ଲୋକ ଆଦିବାସୀ ଓ ଅଣକୁଶଳୀ। ଖଣି କମ୍ପାନୀଗୁଡ଼ିକ ସେମାନଙ୍କୁ କାମ ନ ଯୋଗାଇ ଦେଶର ଅନ୍ୟ ଭାଗରୁ କୁଶଳୀ ଲୋକଙ୍କୁ ନିୟୋଜିତକରୁଥିବାଉଲାକାକହିଥିଲେ।

# ମହିଳାଙ୍କ ପ୍ରଥମ ସ୍କେଚ୍ ଜାରି

**ଫାଣ୍ଡି ପରିସରରୁ ମହିଳାଙ୍କ କଙ୍କାଳ ମିଳିବା ଘଟଣା**



**ଭୁବନେଶ୍ୱର,୧୯।୩(ବ୍ୟୁରୋ)**

ଜଟଣୀ ଥାନା ଅଧୀନ ଯାଁଳା ଫାଣ୍ଡି ପରିସରରେ ଥିବା ଏକ ଜବତ କାର୍‌ରୁ ଜଣେ ମହିଳାଙ୍କ କଙ୍କାଳ ମିଳବା ଘଟଣା ଏବେ ବି ରହସ୍ୟ ହୋଇ ରହିଛି। କମିଶନରେଟ୍ ପୋଲିସ ତଦନ୍ତ ଚଳାଇଥିଲେ ମଧ୍ୟ ତାଙ୍କର ପରିଚୟ ପାଇପାରୁନି। ଏପରିସ୍ଥଳେ ବେଙ୍ଗାଲୁରୁରୁ ଆସିଥିବା ମହିଳାଙ୍କ ପ୍ରଥମ ସ୍କେଚ୍ ଶୁକ୍ରବାର ଜାରି କରିଛି ପୋଲିସ। ମହିଳାଙ୍କ କଙ୍କାଳକୁ ଆଧାର କରି ସ୍କେଚ୍ ପ୍ରସ୍ତୁତ କରିବାକୁ ବେଙ୍ଗାଲୁରୁସ୍ଥିତ ଏକ ଫାର୍ମକୁ ପଠାଯାଇଥିଲା। ଏକ୍ସପର୍ଟମାନେ କଙ୍କାଳର ସମସ୍ତ ତଥ୍ୟ ଆଧାରରେ କମ୍ପ୍ୟୁଟର ମାଧ୍ୟମରେ ମହିଳାଙ୍କ ମୁହଁ ଗଠନ କରିଛନ୍ତି। ମହିଳାଙ୍କ ପ୍ରଥମ ସ୍କେଚ୍ ଆସିବା ପରେ ପୋଲିସ ☞ପୃଷ୍ଠା-୨

# ଧାନ କିଣାକୁ ନେଇ ପୁଣି ହଟ୍ଟଗୋଳ

**■ ଭାଜପା ସଦସ୍ୟ ନବୀନ ନିବାସ ବରାତରେ ଯାଇଥିଲେ: କଂଗ୍ରେସ**
**■ ନବୀନ ନିବାସ ଯିବା ଭୁଲ ଥିଲା: ବିରୋଧୀ ଦଳ ନେତା**
**■ ଯୋଗାଣ ମନ୍ତ୍ରୀଙ୍କ ଉତ୍ତରକୁ ବର୍ଜନ କଲେ ବିରୋଧୀ**

**ଭୁବନେଶ୍ୱର,୧୯।୩(ବ୍ୟୁରୋ)**

ସରକାର ବିଧାନସଭାକୁ ଧୋକା ଦେଇଛନ୍ତି। ପ୍ରତାରଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଯେ ପର୍ଯ୍ୟନ୍ତ ସମସ୍ତ ଧାନ କିଣିବା ନେଇ ପ୍ରତିଶ୍ରୁତି ଦେଇନାହାନ୍ତି, ସେ ପର୍ଯ୍ୟନ୍ତ ବିଧାନସଭା



ଚାଲିପାରିବ ନାହିଁ। ଧାନକିଣାକୁ ନେଇ ବିଧାନସଭା ପୁଣି ହୁଲସ୍ଥୁଲ ହୋଇଛି। ଭାଜପା ଓ କଂଗ୍ରେସ ସଦସ୍ୟମାନେ ଗୃହରେ ହଙ୍ଗାମା କରିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ଉତ୍ତରକୁ ବିରୋଧୀ ବର୍ଜନ କରିଛନ୍ତି। ବିରୋଧୀ ଦଳଙ୍କ ଏଭଳି ଆଭିମୁଖ୍ୟ ଯୋଗୁ ପ୍ରଶ୍ନକାଳ ପରେ ବିଧାନସଭା ପୁଣି ମୁଲତବୀ ମୋଡ୍‌କୁ ଚାଲିଯାଇଥିଲା। ତେବେ ଗତ ୬ ଦିନ ଧରି ଭାଜପା ବିଧାୟକଙ୍କ କ୍ଷମା ପ୍ରାର୍ଥନା ଦାବିରେ ହଟ୍ଟଗୋଳ କରୁଥିବା ଶାସକ ଦଳ ସଦସ୍ୟମାନେ ଚୁପ୍‌ଚାପ ବସି ରହିଥିବା ବେଳେ ବିରୋଧୀ ସଦସ୍ୟମାନେ ଧାନକିଣାକୁ ନେଇ ପ୍ରବଳ ହୋହଲ୍ଲା କରିଛନ୍ତି। ପ୍ରବଳ ହଟ୍ଟଗୋଳ ଯୋଗୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ଗୃହର ନେତା ତଥା ☞ପୃଷ୍ଠା-୧୨


## ପଞ୍ଜୀକୃତ ଚାଷୀ ଧାନକିଣାରୁ ବଞ୍ଚିତ ହେବେ ନାହିଁ: ମନ୍ତ୍ରୀ

**ଭୁବନେଶ୍ୱର,୧୯।୩(ବ୍ୟୁରୋ)**

**୧୮% ଅଧିକ ଧାନ ସଂଗ୍ରହ ହୋଇଛି**

ରାଜ୍ୟରେ ଚଳିତ ଖରିଫ୍‌ରେ ୬୧.୨୪ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ଏବାବଦରେ ଚାଷୀଙ୍କୁ ୧୧,୪୪୧ କୋଟି ଟଙ୍କା ଦିଆଯାଇଛି। ଧାନ କ୍ରୟ ଜାରି ରହିଛି। ଚଳିତ ମାସ ୩୧ ତାରିଖ ଯାଏ ଧାନ ସଂଗ୍ରହ ଚାଲୁ ରହିବ। କୌଣସି ପଞ୍ଜୀକୃତ ଚାଷୀ ଯେପରି ଧାନ ବିକ୍ରୟ କରିବା ପାଇଁ ଅସୁବିଧାର ସମ୍ମୁଖୀନ ନ ହେବେ ତାହା ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ବିଧାନସଭାରେ ଧାନ କ୍ରୟ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏଭଳି ସୂଚନା ଦେଇଥିଲେ। ସେ କହିଛନ୍ତି ଯେ, ଗତ ଖରିଫ ଋତୁ ଏହି ସମୟ ସୁଦ୍ଧା ☞ପୃଷ୍ଠା-୧୨

**ସ୍ୱରେଜ କାମ ବେଳେ ୨ ଶ୍ରମିକଙ୍କ ଅଣନିଃଶ୍ୱାସୀ ହୋଇ ମୃତ୍ୟୁ।**




# କୃଷକ ନେତା ରାକେଶ ଟିକାଏତଙ୍କୁ ଆକ୍ରମଣ

**ଉତ୍ତେଜନା, ୫ ପ୍ଲାଟୁନ ଫୋର୍ସ ମୁତୟନ**

**କଟକ ଅଫିସ ୧୯।୩**

ଭାରତୀୟ କିଷାନ ୟୁନିୟନ(ବିକେୟୁ) ମୁଖପାତ୍ର ତଥା କୃଷକ ନେତା ରାକେଶ ଟିକାଏତଙ୍କୁ ଶୁକ୍ରବାର କଟକ ଶିଖରପୁରସ୍ଥିତ ଗୁରୁଦ୍ୱାରଠାରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଗୁରୁଦ୍ୱାର ସମ୍ମୁଖ ରଣକ୍ଷେତ୍ର ପାଲଟିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲା। ତେବେ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବାରୁ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଟିକାଏତ ଓଡ଼ିଶା ଗସ୍ତରେ ଆସି ଶୁକ୍ରବାର ଅପରାହ୍ନରେ ଚଣ୍ଡିଖୋଲଠାରେ ଅନୁଷ୍ଠିତ କୃଷକ ସମାବେଶରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଶାସନରେ ସମସ୍ୟା**

# ଭୂତାଣୁ ପୁଣି ଉପରମୁହାଁ

**■ ଭାରତରେ ଦୈନିକ ସଂକ୍ରମଣ ୪୦ ହଜାର ■ କେବଳ ମହାରାଷ୍ଟ୍ରରେ ୨୫,୮୩୩ ନୂଆ ଆକ୍ରାନ୍ତ**

**ନୂଆ ଧାରାରେ ଭିନ୍ନ ଅବତାର ନେଇ ଫେରିଛି କରୋନାର ଆଉ ଏକ ପ୍ରବାହ । ମହାମାରୀର ଲେଉଟାଣିକୁ ରୋକିବା ପାଇଁ ପୂର୍ବଭଳି ଲକ୍‌ଡାଉନ୍ ବା ଶଟ୍‌ଡାଉନ୍ ଜାରି କଲେ ଏଥିରୁ ଦେଶକୁ ଫାଇଦା ମିଳିବ ନାହିଁ ବୋଲି ଅନେକେ ମତ ଦେଉଛନ୍ତି। ଏହି ସ୍ଥଳେ କେତେକ ରାଜ୍ୟ ଆର୍ଥିକ ଦୃଷ୍ଟିରୁ ତାଲାବନ୍ଦ ଭଳି ସ୍ଥିତି ଏଡ଼ାଇବା ପାଇଁ କୋଭିଡ୍ ନିୟମାବଳୀକୁ କଡ଼ାକଡ଼ି କରୁଛନ୍ତି। ତେବେ ମହାରାଷ୍ଟ୍ର ଓ ପଞ୍ଜାବର ଅଣାୟତ୍ତ ପରିସ୍ଥିତି ସାରା ଦେଶ ପାଇଁ ଚିନ୍ତାବୃଦ୍ଧିର କାରଣ ସାଜିଛି । ଏଥିଯୋଗୁ ଉଦ୍ଧବ ଠାକ୍‌ରେ ଏବଂ ଅମରିନ୍ଦର ସିଂ ସରକାର କଠୋର ପଦକ୍ଷେପ ନେବାକୁ ପଛାଇ ନାହାନ୍ତି ।**

**ଫେରିଲା କରୋନା କଟକଣା**
**■ ମହାରାଷ୍ଟ୍ରରେ ୫୦%ରେ ଚାଲିବ ଅଫିସ, ଥିଏଟର**
**■ ପଞ୍ଜାବର ୧୧ ଜିଲାରେ ନାଇଟ୍ କର୍ଫ୍ୟୁ**

**ନୂଆଦିଲ୍ଲୀ/ ମୁମ୍ବାଇ/ ଅମୃତସର,୧୯।୩**

ପୁଣି ଉପରମୁହାଁ ହେଲାଣି ଘାତକ ଭୂତାଣୁ କୋଭିଡ୍-୧୯। ପୂର୍ବରୁ ୩ ମାସ ଧରି ସଂକ୍ରମଣ ହାର ନିମ୍ନରେ ରହୁଥିଲା। ମାତ୍ର ଏବେ ୯ ଦିନ ହେଲା ପ୍ରତ୍ୟହ ନୂଆ ରେକର୍ଡ ଭାଙ୍ଗୁଛି ସଂକ୍ରମଣ। ଏହି ଘାତକ ଭୂତାଣୁ ୨୪ ଘଣ୍ଟାରେ ପ୍ରାୟ ୪୦ ହଜାର ନୂଆ ଲୋକଙ୍କୁ କବଳିତ କରିଛି। ୨୦୨୧ ବର୍ଷରେ ଏତେ ସଂକ୍ରମଣ ଦେଖିବାକୁ ମିଳି ନ ଥିଲା। ଶୁକ୍ରବାର ୩୯,୭୨୬ ନୂଆ ସଂକ୍ରମିତଙ୍କୁ ମିଶାଇ ଦେଶରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧ କୋଟି ୧୫ ଲକ୍ଷ ୧୫ ହଜାର ଛୁଇଁଛି। ସକ୍ରିୟ ମାମଲା ୨.୭୧ ଲକ୍ଷ ଟପିଯାଇଛି। ଫେବୃୟାରୀ ୧୧ରେ ଏହି ସଂଖ୍ୟା ୧.୩୩ ଲକ୍ଷ ଥିବାବେଳେ ଏବେ ଏଥିରେ ୧୦୩% ବୃଦ୍ଧି ଘଟିଥିବାରୁ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଯାଇଛି। ବିଶେଷକରି ୮ଟି ରାଜ୍ୟର ସ୍ଥିତି ଚିନ୍ତାଜନକ ରହିଛି। ଦେଶର ଦୈନିକ ନୂଆ ମାମଲା ମଧ୍ୟରୁ ୮୦%ରୁ ଅଧିକ କେବଳ ମହାରାଷ୍ଟ୍ର, ପଞ୍ଜାବ, କର୍ଣ୍ଣାଟକ, ଗୁଜରାଟ ଓ ଚଣ୍ଡିଗଡ଼ରେ ଦେଖିବାକୁ ମିଳିଛି। ମହାରାଷ୍ଟ୍ରରେ ୨୪ ଘଣ୍ଟା ମଧ୍ୟରେ ୨୫,୮୩୩ ନୂଆ ☞ପୃଷ୍ଠା-୨



# ୪୦ ଦିନ ପରେ ୧୦୦ ଟପିଲା

**■ କଟକ ଜିଲାରେ ସର୍ବାଧିକ ସକ୍ରିୟ ରୋଗୀ**
**■ ପୁଣି ସଚେତନ କଲେ ସ୍ୱାସ୍ଥ୍ୟ ବିଶେଷଜ୍ଞ**

**ଭୁବନେଶ୍ୱର,୧୯।୩(ବ୍ୟୁରୋ)**

ଡରାଇଲାଣି କରୋନା। ରାଜ୍ୟରେ ପୁଣି ବଢ଼ିଲାଣି ସଂକ୍ରମଣ। ଦେଶର ବିଭିନ୍ନ ରାଜ୍ୟରେ କରୋନାର ଦ୍ୱିତୀୟ ଲହର ମାଡ଼ି ଚାଲିଥିବାବେଳେ ଏବେ ଓଡ଼ିଶାର ସ୍ଥିତିକୁ ନେଇ ଚିନ୍ତା ବଢ଼ିଛି। ଗତ କିଛିଦିନ ହେବ ରାଜ୍ୟରେ ସଂକ୍ରମଣ ନିୟନ୍ତ୍ରଣରେ ରହିଥିଲା। ମାସେ ହେବ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ତଳେ ରହିବା ସହ ୫୩କୁ ଖସି ଆସିଥିଲା। ହେଲେ ୪୦ ଦିନ ପରେ ଆକ୍ରାନ୍ତଙ୍କ ସଂଖ୍ୟା ଶତକ ଅତିକ୍ରମ କରିଛି। ଶେଷ ୨୪ ଘଣ୍ଟାରେ ୧୧୦ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କଟକରୁ ସର୍ବାଧିକ ୨୦ଜଣ ଥିବାବେଳେ ଖୋର୍ଦ୍ଧାରୁ ୧୫, ନୂଆପଡ଼ା ଓ ମୟୂରଭଞ୍ଜ ୯, ସୁନ୍ଦରଗଡ଼ ୭, ଅନୁଗୋଳ ୬, ଯାଜପୁର ୫, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ବରଗଡ଼ରୁ ୪, ପୁରୀରୁ ୩, ଜଗତ୍‌ସିଂହପୁର, କଳାହାଣ୍ଡି, ନବରଙ୍ଗପୁର ଓ ବାଲେଶ୍ୱରରୁ ୨, ଢେଙ୍କାନାଳ, ରାୟଗଡ଼ା, କନ୍ଧମାଳ, କୋରାପୁଟ, ଭଦ୍ରକରୁ ଜଣେ ଲେଖାଏ ରହିଛନ୍ତି। ସେହିପରି ଷ୍ଟେଟ୍ ☞ପୃଷ୍ଠା-୨

## ସର୍ବସାଧାରଣରେ ହୋଲି, ମେଳଣ ମନା

**ଭୁବନେଶ୍ୱର,୧୯।୩(ବ୍ୟୁରୋ)**

ଆସନ୍ତା ୨୮ ଓ ୨୯ ତାରିଖରେ ରଙ୍ଗର ପର୍ବ ହୋଲି ପାଳନ ହେବ। ହେଲେ କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ରାଜ୍ୟରେ ହୋଲି ଖେଳ ଉପରେ କଟକଣା ଲଗାଇଛନ୍ତି ରାଜ୍ୟ ସରକାର। ସର୍ବସାଧାରଣ ସ୍ଥାନରେ ହୋଲି ପାଳନ ନ କରିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆର୍‌ସି) ଶୁକ୍ରବାର ନିର୍ଦ୍ଦେଶନାମା ଜାରି କରିଛନ୍ତି। କିନ୍ତୁ ଘର ଭିତରେ ହୋଲି ଖେଳିବାକୁ ପରାମର୍ଶ ଦିଆଯାଇଛି। ଦେଶରେ ଏବେ କରୋନାର ଦ୍ୱିତୀୟ ଲହର ଦେଖିବାକୁ ମିଳୁଛି। ଏଭଳି ପରିସ୍ଥିତିରେ ହୋଲି ପାଳନ ହେଲେ ଅଧିକ ଲୋକ ଏକାଠି ହେବାର ଆଶଙ୍କା ରହିଛି। ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

"ଭାରତ ପାକିସ୍ତାନ ମଧ୍ୟରେ ସମ୍ପର୍କ ସ୍ୱାଭାବିକ କରିବାରେ ଇସ୍‌ଲାମାବାଦ ପ୍ରାୟୋଜିତ ଆତଙ୍କବାଦ ବଡ଼ ପ୍ରତିବନ୍ଧକ।
-ଅମରିନ୍ଦର ସିଂ, ପଞ୍ଜାବ ମୁଖ୍ୟମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................



ମେହେକ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ସର୍ବସାଧାରଣରେ ହୋଲି...

ତେଣୁ ହୋଲି ପାଳନ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଗାଇଡ଼ଲାଇନ୍ ପ୍ରସ୍ତୁତ କରିଛନ୍ତି। ଏହାସହ ଦୋଳ ମେଳଣକୁ ମଧ୍ୟ ରାଜ୍ୟ ସରକାର ମନା କରିଛନ୍ତି। ଏକାଠି ହୋଇ ଦୋଳଯାତ୍ରା ପାଳନକୁ ଅନୁମତି ଦିଆଯିବନି। କୋଭିଡ୍ ନିୟମ ମାନି ଶ୍ରଦ୍ଧାଳୁ ମନ୍ଦିରରେ ପୂଜାର୍ଚ୍ଚନା କରିପାରିବେ। ଯଥା ରୀତିରେ ମନ୍ଦିରରେ ନୀତିକାନ୍ତି ଓ ପୂଜାର୍ଚ୍ଚନା ହେବ। ସ୍ଥାନୀୟ ପ୍ରଶାସନ ଚାହିଁଲେ ମନ୍ଦିର ପ୍ରବେଶ ନେଇ କଟକଣା ଲଗାଇ ପାରିବେ। ଏହା ବ୍ୟତୀତ ସର୍ବସାଧାରଣରେ କୌଣସି ପର୍ବ ପାଳନ ହେବନି ବୋଲି କୁହାଯାଇଛି। ହୋଲି ଓ ଦୋଳ ମେଳଣରେ ପ୍ରବଳ ଲୋକଙ୍କ ସମାଗମ ହୋଇଥାଏ। ତେଣୁ ଏହାକୁ ପାଳନ କଲେ ସଂକ୍ରମଣ ବୃଦ୍ଧି ପାଇବ ବୋଲି ଡାକ୍ତର ଓ ବିଶେଷଜ୍ଞମାନେ କହିବା ପରେ ରାଜ୍ୟ ସରକାର ଏହା ଉପରେ କଟକଣା ଲଗାଇଛନ୍ତି। ଅନ୍ୟପକ୍ଷରେ କଟକଣା ଜାରି କରିଛି ସାଧାରଣ ପ୍ରଶାସନ (ଜିଏ) ବିଭାଗ। ଗତବର୍ଷ ଜୁନ୍‌ରେ ଲାଗୁ ହୋଇଥିବା କଟକଣା ପୁନଃ ଲାଗୁ କରିବା ପାଇଁ ନିର୍ଦ୍ଦେଶ ହୋଇଛି। ସମସ୍ତ ଅଫିସ ପରିସରରେ କର୍ମଚାରୀମାନେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରେ ଦୁଇ ମିଟର ଦୂରତା ଜରୁରୀ ହୋଇଛି। ଅନାବଶ୍ୟକ ଗହଳି ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ କର୍ମଚାରୀମାନେ ନିୟମିତ ୨୦ସେକେଣ୍ଡ ହାତ ଧୋଇବାକୁ କୁହାଯାଇଛି। ଅଫିସିଆଲ ମିଟିଂ ପାଇଁ ଭିଡିଓ କନଫରେନ୍ସକୁ ଗୁରୁତ୍ୱ ଦେବା ସହ ଆଗନ୍ତୁକଙ୍କୁ ଯଥାସମ୍ଭବ ଅଫିସ ଭିତରକୁ କମ୍ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ୪୦ ଦିନ ପରେ ...

ପୁଲ୍‌ରୁ ୩ଜଣ ଥିବା ଜଣାପଡ଼ିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୩,୩୮,୫୯୯ରେ ପହଞ୍ଚିଛି। ରାଜ୍ୟରେ ୩,୩୫,୯୯୪ ଆକ୍ରାନ୍ତ ସୁସ୍ଥ ହୋଇଥିବାବେଳେ ୬୩୪ଜଣ ସକ୍ରିୟ ରୋଗୀ ରହିଛନ୍ତି। ଅପରପକ୍ଷରେ କଟକ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଜିଲାରେ ସର୍ବାଧିକ ୯୨ଜଣ ସକ୍ରିୟ ରୋଗୀ ରହିଛନ୍ତି। ସୁବର୍ଣ୍ଣପୁରରେ ସର୍ବନିମ୍ନ ଜଣେ ସକ୍ରିୟ ରୋଗୀ ଥିବାବେଳେ ଗଜପତି, ବୌଦ୍ଧ ଓ ମାଲକାନଗିରିରେ କୌଣସି ରୋଗୀ ନାହାନ୍ତି। ବର୍ତ୍ତମାନ ଦେଶର ଗୁଜରାଟ, ମହାରାଷ୍ଟ୍ର, କେରଳ ଆଦି ରାଜ୍ୟରେ ଯେଭଳି ଭାବେ ସଂକ୍ରମଣ ବଢ଼ିବାରେ ଲାଗିଛି, ଓଡ଼ିଶାରେ ଏବେ ଏହି ଧାରା ଆରମ୍ଭ ହୋଇଯାଇଥିବା କୁହାଯାଉଛି। ଏଯାଏ ରାଜ୍ୟରେ ଦ୍ୱିତୀୟ ଲହର ସଂକ୍ରାନ୍ତରେ ସେପରି କୌଣସି ସୂଚନା ନାହିଁ। କିନ୍ତୁ ଦେଶର ବିଭିନ୍ନ ରାଜ୍ୟରୁ ଓଡ଼ିଶାକୁ ଦୈନିକ ହଜାର ହଜାର ଲୋକ ଆସୁଥିବାରୁ ଏଭଳି ଆଶଙ୍କା ବଢ଼ିଛି। ସେପଟେ ରାଜ୍ୟରେ ସ୍ଥିତି ଚିନ୍ତାଜନକ ନ ଥିଲେ ମଧ୍ୟ ଆଗକୁ ସଂକ୍ରମଣ ବଢ଼ିପାରେ ବୋଲି ଆଶଙ୍କା କରିଛନ୍ତି ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍‌ଏସ୍)ର ନିର୍ଦ୍ଦେଶକ ଡା. ଅଜୟ ପରିଡ଼ା। ସେ କହିଛନ୍ତି, ଟ୍ରେସିଂ, ଟେଷ୍ଟିଂ ଏବଂ ଟ୍ରିଟ୍‌ମେଣ୍ଟ ଲାଗି ନୂଆ ଷ୍ଟ୍ରାଟେଜି କରାଯାଉଛି। ମହାରାଷ୍ଟ୍ର ଭଳି ଅଧିକ ସଂକ୍ରମିତ ରାଜ୍ୟରୁ ଆସୁଥିବା ଲୋକଙ୍କ ଟେଷ୍ଟିଂ ଓ କ୍ୱାରାଣ୍ଟାଇନ୍ ଉପରେ ସେ ଗୁରୁତ୍ୱ ଦେବା ସହ ପୁଣି ସଚେତନ ଓ ସତର୍କ କରାଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ମହିଳାଙ୍କ ପ୍ରଥମ ସ୍କେଚ୍ ...

ଏବେ ଏହାକୁ ନେଇ ଖୋଳତାଡ଼ ଆରମ୍ଭ କରିଛି। ଏହା ମାଧ୍ୟମରେ ମହିଳାଙ୍କୁ ଚିହ୍ନଟ କରିବା ଓ ପରିଚୟ ପାଇବା ସହଜ ହେବ ବୋଲି ଆଶା ରଖିଛି। ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ସାଧାରଣ ଲୋକଙ୍କ ସୂଚନା ନିମନ୍ତେ ପୋଲିସ ପକ୍ଷରୁ ଗଣମାଧ୍ୟମ ଓ ବିଭିନ୍ନ ଥାନାକୁ ଏହି ସ୍କେଚ୍ ପଠାଯାଇଛି। ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ଏହାର ପୋଷ୍ଟର ଲଗାଯିବ। ସେହିଭଳି ବିଭିନ୍ନ ରଙ୍ଗର ସ୍କେଚ୍ ପ୍ରସ୍ତୁତ କରିବା ପାଇଁ ଉକ୍ତ ଫାର୍ମକୁ ଅନୁରୋଧ କରାଯାଇଛି ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି।

ଅନ୍ୟପକ୍ଷରେ ଏମ୍ସ ହସ୍ପିଟାଲରୁ ମିଳିଥିବା ବ୍ୟବଚ୍ଛେଦ ରିପୋର୍ଟ ଅନୁସାରେ, ମୃତ ମହିଳାଙ୍କ ବୟସ ପାଖାପାଖି ୩୫ରୁ ୪୫ ବର୍ଷ ବୋଲି ପୋଲିସ କହୁଛି। ହେଲେ ଜାରି ସ୍କେଚ୍‌କୁ ଦେଖିଲେ ବୟସ ୬୦ରୁ ଊର୍ଦ୍ଧ୍ୱ ଲାଗୁଛି। ସମ୍ଭାବ୍ୟ ବୟସ ଓ ଫଟୋରେ ମେଳ ଖାଉ ନ ଥିବାରୁ ମହିଳାଙ୍କୁ ଚିହ୍ନଟ କରିବାରେ ଅନେକ ଅସୁବିଧା ହେବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟରେ ମହିଳା ଜଣକ ଅପପୁଷ୍ଟିରେ ଶିକାର ହୋଇଥିବା ଓ ତାଙ୍କୁ ଟିବି ରୋଗ ହୋଇଥିବା ଉଲ୍ଲେଖଥିଲା। ତେଣୁ ଏହି ରିପୋର୍ଟ ଆଧାରରେ ଏକ୍ସପର୍ଟମାନେ ଏପରି ସ୍କେଚ୍ ପ୍ରସ୍ତୁତ କରିଛନ୍ତି। ଏଥିସହିତ କଙ୍କାଳରୁ ମୃତ ମହିଳାଙ୍କ ସ୍କେଚ୍ ୧୦୦ ପ୍ରତିଶତ ସମାନ ହୋଇପାରିବ ନାହିଁ ବୋଲି ଡିସିପି କହିଛନ୍ତି। ସେ କହିଛନ୍ତି, ବ୍ୟବଚ୍ଛେଦ ଓ ଫରେନସିକ୍ ରିପୋର୍ଟରୁ ମହିଳା ଜଣକ ଡାହାଣ ହାତରେ ୪ଟି ଆଲୁମିନିୟମ ଚୁଡି ଏବଂ ଦେହରେ ବଟଲ୍ ଗ୍ରୀନ୍ ରଙ୍ଗର ସ୍ୱେଟର ପିନ୍ଧିଥିଲେ। ମୃତ କଙ୍କାଳ ଜବତ ହେବାର ୩ ରୁ ୬ ମାସ ମଧ୍ୟରେ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁର ମାସେ ପୂର୍ବରୁ ତାଙ୍କ ଗୋଡ, ଅଣ୍ଟା ଓ ହାତ ହାଡରେ ଆଘାତ ରହିଥିଲା। ମହିଳାଙ୍କ ନଖ ଓ ଚୁଟି ବଢିଯାଇଥିଲା ଓ ସେ ଅପପୁଷ୍ଟିରେ ପୀଡିତ ଥିଲେ। ତାଙ୍କର ଉଚ୍ଚତା ପ୍ରାୟ ୧୬୪ ସେମି ରହିଥିଲା। ମାମଲାର ତଦନ୍ତ ଭାର ନେବା ପରଠାରୁ ଆଜିଯାଏ ୫୦ରୁ ଅଧିକ ଜଣଙ୍କୁ ପଚରାଉଚରା କରାଯାଇଛି। ସ୍କେଚ୍ ପରେ ମହିଳାଙ୍କ ପରିଚୟ ଜାଣିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଅଧିକ ଲୋକଙ୍କୁ ପଚରାଉଚରା କରାଯିବ ବୋଲି ତଦନ୍ତ ଅଧିକାରୀ ବନିତା ମହାରଣା କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୯ରେ ଗଞ୍ଜେଇ ଚାଲାଣ ହେଉଥିବାବେଳେ ଗଞ୍ଜାମ ପାଲିସ ଭୁବନେଶ୍ୱରରେ ଉକ୍ତ କାର୍‌କୁ ଜବତ କରି ଯାଁଳା ଫାଣ୍ଡିରେ ରଖିଥିଲା। ଗାଡି ମାଲିକ ବିପିନ କୋର୍ଟ ଅର୍ଡର ଧରି ଗତ ଫେବୃୟାରୀ ୧୨ରେ ଗାଡ଼ି ନେବାକୁ ଫାଣ୍ଡିକୁ ଆସିବା ପରେ ସେଥିରେ ଉକ୍ତ କଙ୍କାଳ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାପରେ କମିଶନରେଟ ପୋଲିସ କଙ୍କାଳ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଏମ୍ସ ହସ୍ପିଟାଲ୍ ପଠାଇଥିଲା। ଏଥିସହିତ ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଯାଞ୍ଚ କରିଥିଲା। ଏହାପରେ ଜୋନ୍ ଏସିପିଙ୍କୁ ଡିସିପି ଘଟଣାର ସ୍ପଷ୍ଟୀକରଣ ମାଗିଥିଲେ। ତେବେ ଘଟଣାକୁ ଚପାଇ ରଖାଯାଇଥିବାରୁ କମିଶନରେଟ ପୋଲିସର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠିଥିଲା।

## କୃଷକ ନେତା ରାକେଶ ...



ଦେବସେନା ଓ ଶିଖ୍ ସମ୍ପ୍ରଦାୟ ସଦସ୍ୟଙ୍କ ମଧ୍ୟରେ ଠେଲାପେଲା।

ଯୋଗଦେଇଥିଲେ। ପରେ ସେ ତାଙ୍କର ୫୦ରୁ ଊର୍ଦ୍ଧ୍ୱ କର୍ମୀଙ୍କ ସହ ଗୁରୁଦ୍ୱାରରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ସମ୍ବର୍ଦ୍ଧିତ କରିବାକୁ ଶିଖ୍ ସମ୍ପ୍ରଦାୟର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ। ହେଲେ ଟିକାଏତ ପହଞ୍ଚିବା କ୍ଷଣି ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଦେବସେନା ସଦସ୍ୟମାନେ ତାଙ୍କୁ ବିରୋଧ କରିଥିଲେ। ଏପରି କି ତାଙ୍କୁ ଅଚାନକ ଆକ୍ରମଣ କରାଯାଇଥିଲା। ଖବରପାଇ ମାଲଗୋଦାମ ପୋଲିସ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଆକ୍ରମଣ ଘଟଣାରେ ଦେବସେନାର ଜଣେ ସଦସ୍ୟଙ୍କୁ ଥାନାରେ ଅଟକ ରଖିଛି। ଏ ନେଇ ଏସପି ଅମରେନ୍ଦ୍ର ପଣ୍ଡା କହିଛନ୍ତି, ଏହି ଘଟଣାରେ ଜଣଙ୍କୁ ଅଟକ ରଖାଯାଇ ତଦନ୍ତ ଜାରି ରହିଛି।

## ଭୂତାଣୁ ପୁଣି ଉପରମୁହାଁ...

ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହା ହେଉଛି ଦୈନିକ ନୂଆ ମାମଲାରେ ୬୫% ବୃଦ୍ଧି। ମହାରାଷ୍ଟ୍ର ତଳକୁ ପଞ୍ଜାବରେ ୨,୩୬୯ ଏବଂ କେରଳରେ ୧,୮୯୯ ନୂଆ କୋଭିଡ୍ ପଜିଟିଭ୍ ସାମ୍ନାକୁ ଆସିଛନ୍ତି। ଏହି ଉଦ୍‌ବେଗଜନକ ସ୍ଥିତିକୁ ଦେଖି କେନ୍ଦ୍ର ସରକାର ଆର୍‌ଟିପିସିଆର୍ ଟେଷ୍ଟ ତ୍ୱରାନ୍ୱିତ କରିବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପରାମର୍ଶ ଦେଇଛନ୍ତି।

କରୋନା ସଂକ୍ରମଣ ଅତ୍ୟଧିକ ବୃଦ୍ଧି ପାଇବାରୁ ମହାରାଷ୍ଟ୍ରରେ ପୁଣିଥରେ କଟକଣା ଲାଗୁ ହୋଇଛି। ରାଜ୍ୟର ସମସ୍ତ ଥିଏଟର, ପ୍ରେକ୍ଷାଳୟ ଓ କାର୍ଯ୍ୟାଳୟ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ୫୦ ପ୍ରତିଶତ ଲୋକରେ ଚଳାଇବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣ ସୁରକ୍ଷା ନିୟମ ନ ମାନିଲେ ପୁଣିଥରେ କଠୋର ଲକ୍‌ଡାଉନ ଲାଗୁ ହୋଇପାରେ ବୋଲି ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ କିଛିଦିନ ପୂର୍ବରୁ ସତର୍କ କରାଇଥିଲେ। ରାଜ୍ୟରେ ଦୈନିକ ସଂକ୍ରମଣ ୨୫ ହଜାର ଉପରେ ରହୁଥିବାରୁ ଏହା ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ସ୍ୱାସ୍ଥ୍ୟ ଓ ଜରୁରୀ ସେବା ବ୍ୟତୀତ ଅନ୍ୟ ସମସ୍ତ ଘରୋଇ ଅଫିସ୍ ୫୦ ପ୍ରତିଶତ କର୍ମଚାରୀରେ ଚଳାଇବାକୁ କୁହାଯାଇଛି। ସରକାରୀ ଓ ଅର୍ଦ୍ଧସରକାରୀ କାର୍ଯ୍ୟାଳୟଗୁଡ଼ିକୁ ମଧ୍ୟ କର୍ମଚାରୀ ସଂଖ୍ୟା କମାଇବା ପାଇଁ ଅନୁମତି ଦିଆଯାଇଛି। ଏପରି କି ଉତ୍ପାଦନ ଶିଳ୍ପଗୁଡ଼ିକୁ କମ୍ କର୍ମଚାରୀରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସାମାଜିକ ଦୂରତ୍ୱ ନିୟମର ଉଲ୍ଲଂଘନ କଲେ କାରଖାନାକୁ ବନ୍ଦ କରିଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

ସେହିପରି ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଶନିବାରଠାରୁ ରାଜ୍ୟବ୍ୟାପୀ କଟକଣା ଲାଗୁ ପାଇଁ ଘୋଷଣା କରିଛନ୍ତି। ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ ରଖିବା ଲାଗି ନିର୍ଦ୍ଦେଶ ଦିଆଯାଇଥିବାବେଳେ ସିନେମା ହଲ୍ ଓ ମଲ୍‌ରେ ଲୋକ ସଂଖ୍ୟା କମାଇବାକୁ କୁହାଯାଇଛି। ସିନେମା ହଲ୍‌ରେ ଧାରଣ କ୍ଷମତାର ୫୦ ପ୍ରତିଶତ ଦର୍ଶକଙ୍କୁ ଅନୁମତି ଦିଆଯାଇଛି। ମଲ୍‌ରେ ଏକକାଳୀନ ୧୦୦ରୁ ଅଧିକ ଲୋକଙ୍କୁ ଅନୁମତି ଦିଆଯିବ ନାହିଁ। ଆଗାମୀ ଦୁଇ ସପ୍ତାହ ପାଇଁ ଲୋକେ ଘରେ ରହି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଅଧିକ ସଂକ୍ରମଣ ବ୍ୟାପିଥିବା ୧୧ ଜିଲାରେ ସାମାଜିକ ସମାବେଶକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଅନ୍ତ୍ୟେଷ୍ଟି କ୍ରିୟା କିମ୍ବା ବିବାହ କାର୍ଯ୍ୟରେ ମାତ୍ର ୨୦ ଜଣ ଲୋକଙ୍କୁ ଯୋଗଦେବା ପାଇଁ ଅନୁମତି ମିଳିଛି। ରବିବାରଠାରୁ ଏହିସବୁ ଜିଲାରେ ରାତି ୯ରୁ ସକାଳ ୫ ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ଜାରି ହେବ। ରବିବାର ସିନେମା, ମଲ୍ଟିପ୍ଲେକ୍ସ, ରେଷ୍ଟୁରାଣ୍ଟ, ମଲ୍ ଇତ୍ୟାଦି ସମ୍ପୂର୍ଣ୍ଣ ବନ୍ଦ ରହିବ। ସର୍ବାଧିକ ସଂକ୍ରମିତ ଜିଲାଗୁଡ଼ିକ ହେଲେ ଲୁଧିଆନା, ଜଳନ୍ଧର, ପଟିଆଲା, ମୋହାଲି, ଅମୃତସର, ହୋସିଆରପୁର, କପୁରତାଲା, ଏସ୍‌ବିଏସ୍ ନଗର, ଫତେଗଡ଼ ସାହିବ, ରୋପାର ଏବଂ ମୋଗା।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**



ପୁରାତନ ରୋଗପୀଡ଼ା, ପୂର୍ବ ଶତ୍ରୁତା, ପିଲାଙ୍କ ସମ୍ପର୍କରେ ଚିନ୍ତିତ ରହିବେ। ଯେଉଁ କାମ କରନ୍ତୁନା କାହିଁକି ଠିକ୍ ସମୟରେ ସରିବା କଷ୍ଟକର ହେବ। ପରିବାର ହେଉ କିମ୍ବା କର୍ମକ୍ଷେତ୍ର ପ୍ରତିଟି ସମସ୍ୟାକୁ ସୁଧାରି ନେବାରେ ଅସୁବିଧା ହେବନାହିଁ। ବାଣିଜ୍ୟ, ନିର୍ମାଣ, ପରିବହନ, ବ୍ୟବସାୟିକସ୍ଥିତି ପ୍ରାୟତଃ ହାଲୁକା ରହିବ।

**ବୃଷ**



ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟାରମ୍ଭ, ଆଲୋଚନା, ବନ୍ଧୁ ମିଳନ ପାଇଁ ସୁନ୍ଦର ସୁଯୋଗ ସୃଷ୍ଟି କରିବ। ଅନୁକୂଳ ପରିବେଶ କାମ ହାସଲ ପାଇଁ ଖୋରାକ ଯୋଗାଇବ। କୌଣସି ଆଲୋଚନାରେ ତର୍କ ଓ ବିବାଦୀୟ କଥା, ପିଲାଙ୍କ ସମସ୍ୟା ନେଇ ବ୍ୟସ୍ତତା ବଢ଼ିପାରେ। ପାରିବାରିକ ସମ୍ପର୍କ, ପରିବହନରେ ସମସ୍ୟା, ପରୋକ୍ଷ ଶତ୍ରୁତା ହେତୁ ଚିନ୍ତାରେ ରହିବେ।

**ମିଥୁନ**



ଆଜି ହାତରୁ ଖର୍ଚ୍ଚ କରି ଅନ୍ୟକୁ ଖୁଆଇ ପିଆଇ ସବୁଠି ଆଦର ପାଇବେ। ଫେରି ଯାଇଥିବା ବନ୍ଧୁ ଘରକୁ ଲେଉଟି ଆସିବାରୁ ଖୁସି ହେବେ ନାହିଁ। ବାକି ଥିବା ଲୋକଟିକୁ ବକେୟା ମାଗିବା କାରଣରୁ ପରିସ୍ଥିତି ଉତ୍ତେଜନାମୂଳକ ହୋଇପାରେ। ରାସ୍ତାରେ ଯିବା ସମୟରେ କୌଣସି ଅଜଣା ଲୋକ ସହ ବାକ୍ ବିତଣ୍ଡା ସୃଷ୍ଟି ହେବ।

**କର୍କଟ**



ଉପକୃତ ହୋଇଥିବା ବ୍ୟକ୍ତିଙ୍କ ବେଖାତିର ମନୋଭାବ ହେତୁ ଟିକିଏ କଥାରେ ରାଗିପାରନ୍ତି। କର୍ମକ୍ଷେତ୍ରରେ ପ୍ରତିବନ୍ଧକକୁ ଦୃଢତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ପଡ଼ିବ। ପ୍ରତିଦ୍ୱନ୍ଦ୍ୱୀ ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। ପାରିବାରିକ କ୍ଷେତ୍ରରେ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ।

**ସିଂହ**



ସ୍ୱାସ୍ଥ୍ୟ ପ୍ରତି ଜଗି ନ ରହିଲେ ଅସୁବିଧାର ସମ୍ମୁଖୀନ ହେବେ। ବନ୍ଧୁଙ୍କଠାରୁ ନାସ୍ତି ସୂଚକ ବାକ୍ୟ ଶୁଣି ବିଷାଦଗ୍ରସ୍ତ ହେବେ। ହଜି ଯାଇଥିବା ଜିନିଷ ପୁଣି ଫେରି ପାଇବେ। ଅବଶ୍ୟ କିଛି ସମୟ ହଇରାଣ ହେବାକୁ ପଡ଼ିବ। ପରିବହନ, ବ୍ୟବସାୟ, ନିର୍ମାଣ, ସଂଗଠନ ଓ ରାଜନୀତି ପାଇଁ ଦିନଟି ମନ୍ଦ ନୁହେଁ।

**କନ୍ୟା**



ଆକସ୍ମିକ ଭାବରେ କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ସ୍ୱର୍ଣକାତର କଥାରେ ଚିହ୍ନା ପଡ଼ନ୍ତୁ ନାହିଁ; ଯାହା କି ସମସ୍ୟା ସୃଷ୍ଟି କରିପାରେ। ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ବାଣିଜ୍ୟ, ପରିବହନ, ଲୋକ ସମ୍ପର୍କ, ଆନୁଷ୍ଠାନିକ କାମରେ ଅପ୍ରୀତିକର ପରିସ୍ଥିତିର ସାମନା କରିବାକୁ ପଡିପାରେ।

**ତୁଳା**



ସହକର୍ମୀଙ୍କୁ ନୂତନ ଦିଗ୍‌ଦର୍ଶନ ଦେଇ ପ୍ରଶଂସିତ ହେବେ। ଆବଶ୍ୟକତା ପୂରଣ ସକାଶେ ଟଙ୍କା ଯୋଗାଡରେ ତକଲିଫ୍ ହୋଇପାରେ। ଗାଡ଼ି, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର, ପୋଷାକପତ୍ର କିଣିବାକୁ ମନବଳାଇ ପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭଲ ପାଉଥିବା ବନ୍ଧୁଟି କ୍ରମଶଃ ଦୂରେଇ ଯିବ, ଫଳରେ ମନରେ ସରସତା ରହିବ ନାହିଁ।

**ବିଛା**



ଆଜି ହଠାତ୍ କିଛି ନୂଆ କାମ କରିବାକୁ ମନ ବଳିବ। ଏଥିପାଇଁ ଆନୁଷଙ୍ଗିକ ସାହାଯ୍ୟ ମଧ୍ୟ ପାଇଯିବେ। କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିପାରେ। ଆଜିହିଁ ଯୋଗାଯୋଗ କରନ୍ତୁ, ଅବଶ୍ୟ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। ବ୍ୟବସାୟ, ସାମ୍ବାଦିକତା, ସାହିତ୍ୟ ଚର୍ଚ୍ଚା, ଆନୁଷ୍ଠାନିକ ଆଲୋଚନାକୁ ପୂରା କରିବେ।

**ଧନୁ**



ପ୍ରତିଟି କ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ସାମନା କରିବାକୁ ପଡ଼ିବ। ପାରିବାରିକ କ୍ଷେତ୍ରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। କର୍ମକ୍ଷେତ୍ରରେ ଲାଗି ରହିଥିବା ଟେନସନ୍ ଦୂର ହେବ। ଆଶା ପୂରଣ ହେବା ମାନସରେ ଅନ୍ୟର ପ୍ରହେଳିକାପୂର୍ଣ୍ଣ କଥାରେ ପଡ଼ି ପଛରେ ଦୌଡ଼ିପାରନ୍ତି।

**ମକର**



ନୂତନ ବନ୍ଧୁତା ସ୍ଥାପନ କରିବା ଦିଗରେ ଆଜି ଦିନଟି ସ୍ମରଣୀୟ ହୋଇ ରହିବ। ଅପରାହ୍ନେ ବନ୍ଧୁଙ୍କ ଆଗମନ ଯୋଗୁଁ ମଉଜ ମଜଲିସ୍‌ରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। କଳା, ସାହିତ୍ୟ, କ୍ରୀଡାଦି ପ୍ରତିଯୋଗିତାରେ ସଫଳତା ଯୋଗୁଁ ମନ ଖୁସି ରହିବ।

**କୁମ୍ଭ**



ନିଜର ଅବହେଳା ଯୋଗୁଁ କେତେକ କାମରେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ପାରିବାରିକ କ୍ଷେତ୍ରରେ ପରିସ୍ଥିତି ଶାନ୍ତ ରହିବ। ପ୍ରଶାସନ, ପ୍ରେସ୍ ଓ ପବ୍ଲିକେଶନ, ଗବେଷଣା, ଅନୁସନ୍ଧାନରେ ଆଶାନୁଯାୟୀ ଫଳ ପାଇବେ। ଈର୍ଷା ପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ବିଭିନ୍ନ ପ୍ରକାରର କଟୁ ମନ୍ତବ୍ୟ ଦେଇପାରନ୍ତି।

**ମୀନ**



ଆଜି କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। କାର୍ଯ୍ୟବ୍ୟସ୍ତତା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ବାଣିଜ୍ୟ, ବ୍ୟବସାୟ, କଚେରି ମାମଲା ଓ ପରିବହନ କ୍ଷେତ୍ରରେ ଝଗଡା ଲାଗିପାରେ। ଆବଶ୍ୟକତା ପୂରଣ କରିବା ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡିପାରେ।

ଆଜି ଫାଲଗୁନ ଶୁକ୍ଳ ସପ୍ତମୀ ଶନିବାର, ମାର୍ଚ୍ଚ ୨୦ ତାରିଖ, ସାର୍ବଜନୀନ ପଖାଳ ଦିବସ, ବିଶ୍ୱ ଘରଚଟିଆ ଦିବସ, ରାଶି ନକ୍ଷତ୍ର- ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୯.୫୪ମି. ଗତେ ଘ.୦୧.୦୬ମି. ମଧ୍ୟେ, ରାତ୍ରି ଘ.୦୮.୧୮ମି. ଗତେ ଘ.୧୦.୪୧ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୮.୫୪ମି. ଗତେ ଘ.୧୦.୨୪ମି. ମଧ୍ୟେ ରାହୁକାଳ।


# classifieds

**Everyday 0674-2580101, 2549302**



**SALE**

Require, 2Acre Yellow Zone Homestead Land with 30/40 feet road on Outright/ Sharing basis across Bhubaneswar for Plotting and Housing Projects. Contact- 9861022055/ 9938219397. D-20282

Bhubaneswar AIIMS and Sum Hospital ନିକଟରେ ଘରବାରି plot sale. 7847882596. D-70815

Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity, with 30ft. road, sqft.650/-ରେ ମିଳୁଛି। Contact: 7008045582, 7749800648. D-20177

ଭୁବନେଶ୍ୱର ପଟିଆ ରେଲଓ୍ୱେଷ୍ଟେସନ 1.k.m. ଘର କରିବା ପାଇଁ plot 1200sqft. 6,60,000/- immediate possession/ registration. 8249384685, 8249005131, 9583328312. D-70813

Ready to move 1BHK at DHPL Villa, One Kalarahanga. Cost 23,00000/-. Contact 9937059891. D-20141

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9668344479. D-70817

ସ୍ଥିତିବାନ ପ୍ଲଟ୍ ଧଉଳି ଶାନ୍ତିସ୍ତୁପ ଏବଂ ପିପିଲି ବ୍ଲକ୍ ଅଫିସ୍ ପାଖରେ ମିଳୁଛି। 8249776268, 8327774136. D-69387

Bhubaneswar ସମ୍ହସ୍ପିଟାଲ ଗୋଠପାଟଣା ନିକଟରେ plot କିଣି ତୁରନ୍ତ ଘର କରନ୍ତୁ। sqft. 1150/-, 9861709689. D-70811

Ready to move Duplex for sale at DHPL Villa One Kalarahanga. Contact: 9937059891. D-20218

Bhubaneswar ସୁନ୍ଦରପଦାରେ ଘରବାରି ପ୍ଲଟ୍ sqft.-950/-, 350/- କାଟେଣୀରେ 650/- LIPSA- 9853150290. D-70812

3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658. D-19996

ଭୁବନେଶ୍ୱର ଧଉଳି ଛକ ନିକଟରେ ଘରବାରି plot boundarywall, road, electricity ସହିତ NH ଠାରୁ 500' ଦୂରତାରେ ବିକ୍ରିହେବ। 9861428475. D-70814

ସୁନ୍ଦରପଦା ଏବଂ ବାଲିଅନ୍ତାରେ developed gharabari boundary ଥାଇ ପ୍ଲଟ୍ କିଣନ୍ତୁ। 7008492511. D-69386

Residential land/ plot 3000sft. immediately sale at Jharpada (near Puri By-pass) 3500sft. BDA plot sale at Patrapada (near DN Regalia Mall), 2500sft. plot sale at Pokhariput & 12000sft. IDCO plot sale at Mancheswar, Bhubaneswar, please contact: DEEPAK- 9937329999. D-69980

Ready to move 2BHK, 3BHK, Apartment Hanspal, Jharpada, Nayapalli, Sum Hospital, Forestpark, duplex Hanspal, Padasahi and Patia. 8455036260. D-20278



A Bar (open shop) and Restaurant at Prime location at Bhubaneswar available for lease. Contact: 9437004597 D-70231

4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658. D-19997



Swarna SPA newly open positively health benefits with expert therapist. 9556978408. D-70559

New opening Saikrupa Panchakarma and SPA jointpain, fullbody massage, 8984068077. D-65913

Zen SPA positively health benefits with experts therapeutic genuinely massage. 7205084157. D-70560

Get good massage for your health the best therapy. 7749997224. D-70438

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



Design your website. Website designing, E-commerce solutions, digital marketing, Logo & Graphics design. Contact: 08093333447. D-20264

SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000-35000/- +Laptop+ Mobile + other facilities free (Part/ fulltime). 9667693638, 9667693639. D-70558

Install white lable ATM in your free space and monthly earn 20000/- to 80,000/- (Agent invited). 7064182517. D-70553

ରୋଜଗାର ରୋଜଗାର:- AEPS & Mobile recharge portal ନିଅନ୍ତୁ। Daily 1000/- ରୁ 1500/- income କରନ୍ତୁ। Contact: 7852932323. D-20271

**LOST**

ମୁଁ ଅଦ୍ୱୈତ ଚରଣ ବିଶ୍ୱାଳ, ପିତା- ୰କପିଳ ଚରଣ ବିଶ୍ୱାଳ ଓ ଗୋମତୀ ବିଶ୍ୱାଳ, ସ୍ୱାମୀ- ଅଦ୍ୱୈତ ଚରଣ ବିଶ୍ୱାଳ, ପ୍ଲଟ୍‌ନଂ.- ୧୨୭୬/୨୩୪୧, ୧୨୭୭/୨୩୪୨, ୧୨୭୮/୨୨୫୬/ ୨୩୪୩ ଏବଂ ଖତିଆନ କ୍ରମିକ ନଂ.- ୧୦୫୭/୧୪୮ ମୌଜା- ଗୋବିନ୍ଦପ୍ରସାଦ, ବମିଖାଲର ଓରିଜିନାଲ ଖତିଆନଟି କେଉଁଠାରେ ହଜିଯାଇଛି। ହଜିଥିବା ଦଲିଲ କେଉଁ ବ୍ୟାଙ୍କରେ ଦେଇ ମୁଁ ଋଣ ନେଇନାହିଁ। ଯଦି କେହି ଏହା ପାଇ ତା'ର ଦୁରୁପଯୋଗ କରନ୍ତି ଏଥିପାଇଁ ଆମ୍ଭେ ଦାୟୀ ରହିବୁ ନାହିଁ। ଧ-୭୦୨୭୭

**Email ମାଧ୍ୟମରେ** କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I K. Sai Raj S/o Late K.V. Rao resident at plot-97/1833, Sarala nagar, Laxmisagar,Po- Budheswaori, Ps- Laxmisagar, Bhubaneswar, Dist.- Khurdha declared that my original Saledeed bearing no- 7864 Dtd: 20.09.1986 along with connected document bag have lost while travelling from Kalpana square to Rasulgarh. If anybody trace out please contact Mr. Prasant Kumar Parida(Advocate)- Mob- 9437300620. D-70905

**AFFIDAVIT**

Before the Executive Magistrate R.Udayagiri, I, Trinath Gouda, S/o- Tarini Gouda as per recorded my Aadhaar card and Addresses. But some places my name recorded as Tarini Mahankuda, I swearing this affidavit that both Trinath Gouda and Trinath Mahankuda are same person. I shall be known as Trinath Gouda for all purposes. D-66655

I, Punia Gouda, S/o- Raju Gouda, R/o- Gadadamodarapalli, G.d.Palli, Ganjam, Odisha-761107 have changed my name to Purna Chandra Gouda for all purposes. D-20279

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ହରିଣ ମାଂସ ବିକ୍ରିକରି ବାପପୁଅ ଗିରଫ

ଗଣିଆ,୧୯।୩(ଡି.ଏନ.ଏ.): ନୟାଗଡ ଜିଲା ଗଣିଆ ଥାନା ଅଞ୍ଚଳରେ ହରିଣ ଶିକାର କରି ମାଂସ ବିକ୍ରି କରୁଥିବା ସମୟରେ ବନବିଭାଗ କର୍ମଚାରୀମାନେ ଚଢାଉ କରି ବାପପୁଅଙ୍କୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ୧୫ କିଗ୍ରା ମାଂସ ଜବତ କରାଯାଇଛି। ଏହି ଘଟଣାରେ ଗିରଫ ବାପପୁଅ ହେଲେ ଗଣିଆ ଥାନା ବେଲପଡାପାଟଣା ପଞ୍ଚାୟତ ୱାଲିପୁର ଗ୍ରାମର ତ୍ରିନାଥ ପଣ୍ଡା(୫୯) ଓ ପୁଅ ଅଜିତ ପଣ୍ଡା (୩୩)। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ତ୍ରିନାଥ ଓ ପୁଅ ଅଜିତ ନିଜ ଘରେ ହରିଣ ମାଂସ କାଟି ବିକ୍ରି କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ଗଣିଆ ବନାଞ୍ଚଳ ଅଧିକାରୀ ସୋନାଲି ସିଓ, ଫରେଷ୍ଟର ପବିତ୍ର ପରିଡା, ଫରେଷ୍ଟ ଗାର୍ଡ ନୀଳମଣି ଦଳେଇ, ସନ୍ତୋଷ ପ୍ରଧାନଙ୍କ ସମେତ



କର୍ମଚାରୀମାନେ ତ୍ରିନାଥଙ୍କ ଘରେ ଚଢାଉ କରିଥିଲେ। ଚଢାଉ ସମୟରେ ହରିଣ ମାଂସ କାଟିବା ପାଇଁ ବ୍ୟବହୃତ ଚାପଡ, ଛୁରି, କାଠମୁଣ୍ଡା ଓ ନିକିତିପଲା ବଟକରା ଜବତ କରିଥିଲେ। ତେବେ ଉଭୟ ବାପପୁଅଙ୍କୁ ଗୁରୁବାର ପଚରାଉଚରା ପରେ ଶୁକ୍ରବାର ବନ ବିଭାଗ ପକ୍ଷରୁ କେସ୍ ନଂ ୪୮/୨୧ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ବ୍ୟକ୍ତି ଫେରାର ହୋଇଯାଇଥିବା ବିଭାଗ ସୂତ୍ରରୁ ଜଣାପଡିଛି। କେତେଜଣ ଆସାଧୁ ବ୍ୟକ୍ତି ଜଙ୍ଗଲରେ ନିଆଁ ଲଗାଇ ବନ୍ୟଜନ୍ତୁ ଶିକାର କରି ଗଣିଆ ବଜାରର ବିଭିନ୍ନ ହୋଟେଲରେ ମାଂସ ବିକ୍ରି କରି ଆସୁଥିବା ଖବର ବନବିଭାଗର ହସ୍ତଗତ ହୋଇଥିଲା।

# ୩ ଜରୁରୀ ସେବା ପାଇଁ ଡାଏଲ-୧୧୨



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡାଏଲ୍-୧୧୨ ସହ ଅତ୍ୟାଧୁନିକ ରାଜ୍ୟ ଆପାତକାଳୀନ ବ୍ୟବସ୍ଥା କେନ୍ଦ୍ର ଓ ଦ୍ରୁତ ସେବା ପ୍ରଦାୟକ ଯାନର ଶୁଭାରମ୍ଭ କରୁଛନ୍ତି।

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ଏଣିକି ପୋଲିସ, ଦମକଳ ଓ ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବା ପାଇଁ ଗୋଟିଏ ନମ୍ବର କାର୍ଯ୍ୟ କରିବ। ଏଥିପାଇଁ ନଂ.୧୧୨ ଜାରି କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନଫରେନ୍ସ ଜରିଆରେ ଆପାତକାଳୀନ ଦ୍ରୁତ ସହାୟତା ବ୍ୟବସ୍ଥା ଡାଏଲ୍-୧୧୨ର ଶୁଭାରମ୍ଭ କରିଛନ୍ତି। ଜନସାଧାରଣ ବିପଦପୂର୍ଣ୍ଣ ସମୟରେ ପୋଲିସ, ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ, ବିପର୍ଯ୍ୟୟ ମୁକାବିଲା ଏବଂ ଅନ୍ୟାନ୍ୟ ଆପାତକାଳୀନ ସେବାସମ୍ପୃକ୍ତ ଆବଶ୍ୟକତା ନିମନ୍ତେ ଏହି ନିଃଶୁଳ୍କ ଏକକ ନମ୍ବରକୁ ଡାଏଲ୍ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୂର୍ବରୁ ଆମ୍ବୁଲାନ୍ସ ସେବା ପାଇଁ ୧୦୮, ଦମକଳ ପାଇଁ ୧୦୧ ଓ ପୋଲିସ ପାଇଁ ୧୦୦ ନମ୍ବର ଡାଏଲ କରାଯାଉଥିଲା। କିନ୍ତୁ ଏବେ କେବଳ ୧୧୨ ଡାଏଲ କରି ପୂର୍ବଭଳି ପୋଲିସ, ଦମକଳ ଓ ଆମ୍ବୁଲାନ୍ସ ସେବା ପାଇପାରିବେ। ତେବେ ପୂର୍ବରୁ ଥିବା ନମ୍ବରଗୁଡ଼ିକୁ ଧୀରେ ଧୀରେ ପର୍ଯ୍ୟାୟକ୍ରମେ ବନ୍ଦ କରାଯିବ। ସେହିଭଳି ମୁଖ୍ୟମନ୍ତ୍ରୀ ଏକ ଅତ୍ୟାଧୁନିକ ରାଜ୍ୟ ଆପାତକାଳୀନ ବ୍ୟବସ୍ଥା

### ■ ଗୋଟିଏ ନମ୍ବରରେ ପୋଲିସ, ଦମକଳ ଓ ଆମ୍ବୁଲାନ୍ସ ସେବା

କେନ୍ଦ୍ର ମଧ୍ୟ ଉଦ୍‌ଘାଟନ କରିବା ସହିତ ମୋବାଇଲ୍ ଡାଟା ଟର୍ମିନାଲ ସମ୍ପନ୍ନ ଆପାତକାଳୀନ ଦ୍ରୁତ ସେବା ପ୍ରଦାୟକ ଯାନର ଶୁଭାରମ୍ଭ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ଓଡ଼ିଶା ସରକାର ୧୫୭.୧୨ କୋଟି ଟଙ୍କାର ବ୍ୟବସ୍ଥା ଓ ୨୫୦୦ ପଦବୀର ବନ୍ଦୋବସ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ନୂତନ ବ୍ୟବସ୍ଥା ଉପରେ ସନ୍ତୋଷ ବ୍ୟକ୍ତକରି କହିଛନ୍ତି, ଏହି ବ୍ୟବସ୍ଥାରେ ଭଏସ୍ କଲ୍, ଏସ୍‌ଏମ୍‌ଏସ୍, ପ୍ୟାନିକ୍ ଏସ୍‌ଓଏସ୍ ଏବଂ ୱେବ୍ ଅନୁରୋଧ ମଧ୍ୟ ସ୍ୱତନ୍ତ୍ର ଭାବେ ବିକଶିତ ୧୧୨ ଇଣ୍ଡିଆ ଆପ୍ ମାଧ୍ୟମରେ ବିଭିନ୍ନ ତଥ୍ୟ ଗ୍ରହଣ କରିବାର ସୁବିଧା ରହିଛି। ୨୪ ଘଣ୍ଟିଆ ସେବା ଉପଲବ୍ଧ ହେବ। ଆପାତକାଳୀନ ଦ୍ରୁତ ସେବା କେନ୍ଦ୍ରଟି ଜିଲାସ୍ତରରେ ୩୪ଟି ଜିଲା ସମନ୍ୱୟ କେନ୍ଦ୍ର ସହିତ ଡିଜିଟାଲ୍ ମାଧ୍ୟମରେ ସଂଯୁକ୍ତ ହୋଇଛି ଏବଂ ଠିକଣା ଭାବରେ ଆପାତକାଳୀନ ସେବା ପ୍ରଦାୟକ ଯାନଗୁଡ଼ିକ ପ୍ରସ୍ତୁତ ରହିଛି। ୧୧୨ ଇଣ୍ଡିଆ ମୋବାଇଲ୍ ଆପ୍ ଡାଉନ୍‌ଲୋଡ୍ କରି ବିପଦ ସମୟରେ ନିଜ ଅଞ୍ଚଳର ଲୋକଙ୍କୁ ସାହାଯ୍ୟ କରିବା ପାଇଁ ୧୧୨ ସ୍ୱେଚ୍ଛାସେବୀ ଭାବେ ପଞ୍ଜୀକୃତ ହେବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏହି ଅବସରରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ ଜେନା, ପୋଲିସ ମହାନିର୍ଦ୍ଦେଶକ ଅଭୟଙ୍କ ସମେତ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ, ଗୃହ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-'ଟି') ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଅନୁକମ୍ପା ରାଶି ଫେରାଇବାକୁ ନେଇ ବିବାଦ

ଫୁଲବାଣୀ ଅଫିସ,୧୯।୩

### ଏସ୍‌ପି, ଉପଜିଲାପାଳଙ୍କୁ ଭେଟିଲେ ଲକ୍ଷ୍ମଣାନନ୍ଦଙ୍କ ସମ୍ପର୍କୀୟ

କନ୍ଧମାଳ ଜିଲା ଜଲେଶପଟା କନ୍ୟାଶ୍ରମରେ ୨୦୦୮ ଜନ୍ମାଷ୍ଟମୀରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିଥିଲେ। ଏହି ଘଟଣା ପରେ ସ୍ୱାମିଜୀଙ୍କ ପରିବାରକୁ ଦିଆଯାଇଥିବା ଅନୁକମ୍ପା ରାଶି ଫେରାଇବାକୁ ନେଇ ବିବାଦ ଆରମ୍ଭ ହୋଇଛି। ସ୍ୱାମିଜୀଙ୍କ ପରିବାର ଗତ ୧୮ ତାରିଖରେ କନ୍ଧମାଳ ଏସ୍‌ପି ଭିନୀତ ଅଗ୍ରୱାଲ ଓ ଫୁଲବାଣୀ ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦଙ୍କୁ ଭେଟି ଏ ନେଇ ଆଲୋଚନା କରିଛନ୍ତି।

ସ୍ୱାମିଜୀଙ୍କ ହତ୍ୟା ଘଟଣା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୩ ଲକ୍ଷ ଟଙ୍କା ଓ ରାଜ୍ୟ ସରକାରଙ୍କ ପକ୍ଷରୁ ୨ଲକ୍ଷ ଅନୁକମ୍ପା ରାଶି ତାଙ୍କ ପରିବାରକୁ ପ୍ରଦାନ କରାଯାଇଥିଲା। ପରେ ୨୦୧୫ରେ ତତ୍କାଳୀନ ଏସ୍‌ପି ପୁଣି ୨ ଲକ୍ଷ ଟଙ୍କାର ଚେକ୍ ଲକ୍ଷ୍ମଣାନନ୍ଦଙ୍କ ପରିବାରକୁ ଦେଇଥିଲେ। ଚେକ୍ ପ୍ରଦାନର କିଛିଦିନ ପରେ ଉକ୍ତ ଟଙ୍କା ଭୁଲ୍‌ରେ ଦିଆଯାଇଥିବା ନେଇ ଜିଲା ପୋଲିସ ପକ୍ଷରୁ ସ୍ୱାମିଜୀଙ୍କ ପରିବାରକୁ ଏକ ନୋଟିସ ଦିଆଯାଇଥିଲା। ପରିବାର ଲୋକେ ୧ ଲକ୍ଷ ଫେରାଇଥିବା ଜଣାପଡ଼ିଛି। ବାକି ଏକ ଲକ୍ଷ ଟଙ୍କା ଫେରସ୍ତ କରିବାକୁ ପରିବାର ସମୟ ନେଇଥିଲେ ବୋଲି ଫୁଲବାଣୀ ଉପଜିଲାପାଳ ନନ୍ଦ କହିଛନ୍ତି। ସମୟ ମଧ୍ୟରେ ଟଙ୍କା ନ ଫେରାଇବାରୁ ଜିଲା ପୋଲିସର ଚିଠି ଅନୁସାରେ ଫୁଲବାଣୀ ଉପଜିଲାପାଳଙ୍କ ପକ୍ଷରୁ ୭.୧.୨୦୧୭ରେ ନୋଟିସ କରାଯାଇଥିଲା। ଏ ନେଇ ଧାର୍ଯ୍ୟ ତାରିଖ ୨୦୨୦ ମାର୍ଚ୍ଚ ୩୦ରେ କୋଭିଡ୍ କଟକଣା ଯୋଗୁ ସ୍ୱାମିଜୀଙ୍କ ପରିବାର ଲୋକେ ଆସିପାରି ନ ଥିଲେ। ପରେ ଗତ ୧୮ ତାରିଖରେ ଫୁଲବାଣୀ ଉପ ଜିଲାପାଳ ଏବଂ ଏସ୍‌ପିଙ୍କୁ ଭେଟିଥିଲେ। ଆଉ ୧ ଲକ୍ଷ ଟଙ୍କା ଫେରାଇ ପାରିବେନି ବୋଲି ପରିବାର ପକ୍ଷରୁ ଏସ୍‌ପିଙ୍କୁ ଦିଆଯାଇଥିବା ପତ୍ରରେ ଉଲ୍ଲେଖ କରାଯାଇଛି।

# କାହ୍ନାକୁ ଫେରିବ ସୁନ୍ଦରୀ

ବନ୍ତଲା,୧୯।୩(ଡି.ଏନ.ଏ.)

### ମଧ୍ୟପ୍ରଦେଶରୁ ଆସୁଛି ୮ ଜଣିଆ ଟିମ୍

ଅନୁଗୋଳ ଜିଲା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଏନ୍‌କ୍ଲୋଜର ମଧ୍ୟରେ ୨୦୧୮ ନଭେମ୍ବର ୭ରୁ ବନ୍ଦୀ ଜୀବନ କାଟୁଥିବା ମଧ୍ୟପ୍ରଦେଶ ବାନ୍ଧବଗଡ଼ର ବାଘୁଣୀ ସୁନ୍ଦରୀକୁ କାହ୍ନା ଅଭୟାରଣ୍ୟକୁ ଫେରାଇ ନେବାକୁ ସେଠାରୁ ଏକ ଟିମ୍ ଆସୁଛି। ଶନିବାର ଏକ ୮ଜଣିଆ ଦଳ ମଧ୍ୟପ୍ରଦେଶରୁ ବାହାରିବେ ବୋଲି ସୂଚନା ମିଳିଛି। ରାୟପୁର ଦେଇ ଆସିବାକୁ ଥିବା ଉକ୍ତ ଟିମ୍ ରବିବାର ସାତକୋଶିଆ ଅଭୟାରଣ୍ୟରେ ପହଞ୍ଚିବ। ଦୁଇଟି ଗାଡ଼ିରେ ଅତିରିକ୍ତ ନିର୍ଦ୍ଦେଶକ ତଥା ଏସିଏଫ୍‌ଙ୍କ ନେତୃତ୍ୱରେ ପ୍ରାଣୀ ଚିକିତ୍ସକଙ୍କ ସହିତ ରେଞ୍ଜ ଅଧିକାରୀ, ଫରେଷ୍ଟର, ଗାର୍ଡ, ଡ୍ରାଇଭର ଅଛନ୍ତି। ସେହିପରି ବାଘୁଣୀକୁ ନେବାକୁ ଆଉ ଏକ ସ୍ୱତନ୍ତ୍ର ଗାଡି ଆସୁଛି। ଏ ସମ୍ପର୍କରେ ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ତଥା ଆର୍‌ସିସିଏଫ୍ ପ୍ରଦୀପ ରାଜ କରାଟେ କହିଛନ୍ତି, ଦୁଇଦିନ ମଧ୍ୟରେ କାହ୍ନା ଅଭୟାରଣ୍ୟରୁ ଅତିରିକ୍ତ ନିର୍ଦ୍ଦେଶକ, ରେଞ୍ଜ ଅଧିକାରୀଙ୍କ ସହିତ ଏକ ଟିମ୍ ଆସିବେ। ବାଘୁଣୀ ସୁନ୍ଦରୀର ଫଟୋ ଗଣମାଧ୍ୟମକୁ ଦିଆଯିବ।

# ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ତାମ୍ପରାରୁ ଆରମ୍ଭ: କେନ୍ଦ୍ରମନ୍ତ୍ରୀ

ଛତ୍ରପୁର,୧୯।୩(ଡି.ଏନ୍.ଏ.)

### ସ୍ୱଦେଶ ଦର୍ଶନରେ ମିଳିଛି ୭୦.୮୧ କୋଟି ଅନୁଦାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ କାର୍ଯ୍ୟକ୍ରମ ଗଞ୍ଜାମ ଜିଲା ତାମ୍ପରାରୁ ଆରମ୍ଭ ହୋଇଛି। ଭାରତ ସରକାର ତାମ୍ପରା ହ୍ରଦ, ଚିଲିକା ଉପକୂଳ ସାତପଡ଼ା, ବରକୁଳ ଓ ଗୋପାଳପୁର ବେଳାଭୂମି ପର୍ଯ୍ୟଟନ କ୍ଷେତ୍ର ପାଇଁ ୭୦ କୋଟି ୮୧ ଲକ୍ଷ ଟଙ୍କା ସ୍ୱଦେଶ ଦର୍ଶନ କାର୍ଯ୍ୟକ୍ରମରେ ଅନୁଦାନ ଦେଇଛନ୍ତି। କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ୍ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ତାମ୍ପରା ଲେକ୍ ଭ୍ୟୁ ପାର୍କ ଉଦ୍‌ଘାଟନ କରିବା ଅବସରରେ ଏହା କହିଛନ୍ତି।

ମନୋରମ ଦୃଶ୍ୟଭରା ତାମ୍ପରାର ବିକାଶ କାର୍ଯ୍ୟ ଦ୍ୱରାନ୍ୱିତ କରାଯାଇଥିବାରୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଗଞ୍ଜାମ ଜିଲା ପ୍ରଶାସନ ଓ ରାଜ୍ୟ ପର୍ଯ୍ୟଟନ ବିଭାଗକୁ ପ୍ରଶଂସା କରିଥିଲେ। ତାମ୍ପରା ପର୍ଯ୍ୟଟନକ୍ଷେତ୍ର ଆଗାମୀ ଦିନରେ ବିଶ୍ୱବିଦିତ ହେବ, ଏଥିରେ କୌଣସି ସନ୍ଦେହ ନାହିଁ। ଲେକ ଭ୍ୟୁ ପାର୍କରେ ପ୍ରବେଶ ନିମନ୍ତେ କିଛି ଶୁଳ୍କ ଆଦାୟ ହେଲେ ସେଥିରେ ଏହାର ଆଲୋକ, ସୌନ୍ଦର୍ଯ୍ୟକରଣ, ସଫେଇ ଆଦି ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଗଞ୍ଜାମର ଖଣିପକା ଚାଉଳ, ବଡ଼ି, ପାମ୍ପଡ, ଆଚାର, ଚିଲିକା ହ୍ରଦ, ସମୁଦ୍ର ବେଳାଭୂମି, ପାହାଡ, ମନ୍ଦିର ଆଦି ସବୁ କ୍ଷେତ୍ରରେ ବିକାଶର ସମ୍ଭାବନା ରହିଛି ବୋଲି ମଧ୍ୟ କହିଥିଲେ। କରୋନା ମୁକାବିଲାରେ




ତାମ୍ପରାଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

ଗଞ୍ଜାମର କାର୍ଯ୍ୟଧାରାକୁ କେନ୍ଦ୍ରମନ୍ତ୍ରୀ ପ୍ରଶଂସା କରିଥିଲେ । ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମରେ ଯୋଗଦେଇ ତାମ୍ପରାର ଆହୁରି ବିକାଶ ନିମନ୍ତେ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭାରତ ସରକାର ଓ ଓଡିଶା ସରକାର ମିଳିତ ଭାବେ ତାମ୍ପରାର ବିକାଶ ପାଇଁ ପ୍ରୟାସ କରୁଥିବା ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ କହିଥିଲେ। ପ୍ରଥମ ପର୍ଯ୍ୟାୟରେ ଲେକ୍ ଭ୍ୟୁ ପାର୍କ, ଫୁଡ୍‌କୋର୍ଟ, ଚେଞ୍ଜିଂ ରୁମ୍, ଟଏଲେଟ୍ ଓ ପାନୀୟ ଜଳ ବ୍ୟବସ୍ଥା ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ତାମ୍ପରାର ଅପର ପାର୍ଶ୍ୱରେ ଇକୋ ରିସୋର୍ଟ ପ୍ରତିଷ୍ଠା କରାଯିବ ବୋଲି

### ତାମ୍ପରା ଲେକ୍ ଭ୍ୟୁ ପାର୍କ ଉଦ୍‌ଘାଟିତ

ସଚିବ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଡିଆର୍‌ଡିଏ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ବ୍ରହ୍ମପୁର ଉପଜିଲାପାଳ କୀର୍ତ୍ତି ଭାସନ ଭି, ବିଡିଏ ଭାଇସ ଚେୟାରମ୍ୟାନ୍ ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ପ୍ରମୁଖ ମଞ୍ଚାସୀନ ଥିଲେ।



ୟୁରୋପ ଓ ଆମେରିକାର ବିଜ୍ଞାନ, ଅର୍ଥନୈତିକ ଅଗ୍ରଗତି, ସଭ୍ୟତା ଓ ମାନବବାଦର ପଛଆଡେ ଯେ ପଶୁତ୍ବର ପ୍ରଭାବ ଧୀରେ ଧୀରେ ଫେରିଆସୁଛି – ଏହାର ପ୍ରଚୁର ଲକ୍ଷଣ ଆମେ ଦେଖିପାରିବା । ଏବଂ ଏହି ଯୁଗର ପ୍ରଭାବ ଆମ ଉପରେ ମଧ୍ୟ ପଡୁଛି–ଏହା ଆମେ ଆହୁରି ଅଧିକ ପରିମାଣରେ ମଧ୍ୟ ଦେଖିପାରିବା । –ଶ୍ରୀଅରବିନ୍ଦ



# ଶାସନରେ ସମସ୍ୟା

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଗୋଟି କ୍ୟାଡରରେ ଜମ୍ମୁ-କଶ୍ମୀର କ୍ୟାଡର୍‌ର ମିଶ୍ରଣ ଘଟିଛି। ଏହି କ୍ୟାଡର ମିଶ୍ରଣ କେନ୍ଦ୍ରଶାସିତ ଅଞ୍ଚଳରେ ଆଇଏଏସ୍ ଅଧିକାରୀମାନଙ୍କର ଘୋର ଅଭାବ ଭଳି ସମସ୍ୟାକୁ ସମାଧାନ କରିବା ଉଦ୍ଦେଶ୍ୟରେ କରାଯାଇଛି। ପୂର୍ବରୁ ଜମ୍ମୁ-କଶ୍ମୀର କ୍ୟାଡରର ଆଇଏଏସ୍ ଅଧିକାରୀଙ୍କ ନିର୍ଦ୍ଧାରିତ ସଂଖ୍ୟା ଥିଲା ୧୩୭ । କିନ୍ତୁ ଏବେ ଏହା ୫୮ ରହିଛି। ସେଥିରୁ ୯ ଜଣ ସେଣ୍ଟ୍ରାଲ ଡେପୁଟେଶନ ବା କେନ୍ଦ୍ରୀୟ ପ୍ରତିନିଯୁକ୍ତି ପାଇଛନ୍ତି। ଫଳସ୍ୱରୂପ ଏହି କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରତ୍ୟେକ ଆଇଏଏସ୍ ଅଧିକାରୀ ବାସ୍ତବରେ ଅନେକ ପଦବୀର ଦାୟିତ୍ୱ ସମ୍ଭାଳୁଛନ୍ତି। କହିବାକୁ ଗଲେ ଏହି ବ୍ୟବସ୍ଥା କେବେ ବି ଏକ ସୁଶାସନ ପାଇଁ ଭଲ ନୁହେଁ। ଉକ୍ତ ସମସ୍ୟା ଅନେକ ଦିନ ହେବ ଲାଗି ରହିଛି। ଏହାଦ୍ୱାରା କଶ୍ମୀର ପ୍ରଶାସନିକ ସେବାର ଅଧିକାରୀମାନେ ଆଇଏଏସ୍‌କୁ ପଦୋନ୍ନତି ନ ପାଇ ମଧ୍ୟ ଆଇଏଏସ୍ ଅଧିକାରୀମାନଙ୍କ ପାଇଁ ସଂରକ୍ଷିତ ପଦବୀଗୁଡ଼ିକୁ ଦୀର୍ଘଦିନ ଧରି ନିୟନ୍ତ୍ରଣ କରିଆସୁଛନ୍ତି। ଉଦାହରଣ ସ୍ୱରୂପ,ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ (ଡିଏମ୍) ପଦବୀ କେବଳ ଜଣେ ଆଇଏଏସ୍ ଅଧିକାରୀଙ୍କ ଦ୍ୱାରା ପୂରଣ ହୋଇପାରିବ, କିନ୍ତୁ କଶ୍ମୀରର ୨୦ଟି ଜିଲା ମଧ୍ୟରୁ ୯ଟିର ମାଜିଷ୍ଟ୍ରେଟ୍ ରାଜ୍ୟ ପ୍ରଶାସନିକ ସେବାର ଅଧିକାରୀ ରହିଛନ୍ତି। ତେବେ ୨୦୧୨ ଠାରୁ ରାଜ୍ୟ ପ୍ରଶାସନିକ ସେବାର କୌଣସି ଅଧିକାରୀଙ୍କୁ ଆଇଏଏସ୍‌କୁ ପଦୋନ୍ନତି ଦିଆଯାଇ ଅବସ୍ଥାପିତ କରାଯାଇନାହିଁ, ଯାହାଦ୍ୱାରା ସମସ୍ୟା ବଢ଼ିଯାଇଛି। ଦେଶରେ ଅନ୍ୟ ରାଜ୍ୟଗୁଡ଼ିକରେ ରାଜ୍ୟ ସେବା ଅଧିକାରୀମାନଙ୍କ ପାଇଁ ୩୭% ପଦବୀ ସଂରକ୍ଷିତ ରହିଥିବାବେଳେ କଶ୍ମୀରରେ ଏହା ୫୦% ରହିଛି! କେନ୍ଦ୍ର ଆଶା କରୁଛି ଯେ, ଏହି କ୍ୟାଡର ମିଶ୍ରଣ ଦ୍ୱାରା ଅରୁଣାଚଳ ପ୍ରଦେଶ, ଗୋଆ, ମିଜୋରାମ ୟୁନିୟନ ଟେରିଟୋରି (ଏଜିଏମ୍‌ୟୁଟି) କ୍ୟାଡରରେ ରହିଥିବା ଅଧିକାରୀମାନଙ୍କୁ ଜମ୍ମୁ-କଶ୍ମୀର ଏବଂ ଲଦାଖରେ ନିଯୁକ୍ତି ଦେବାକୁ ଅନୁମତି ମିଳିବ। ଅନୁରୂପ ଭାବେ ଜମ୍ମୁ-କଶ୍ମୀର ଓ ଲଦାଖ କ୍ୟାଡର ଅଧିକାରୀମାନଙ୍କୁ ବି ଏଜିଏମ୍‌ୟୁଟି କ୍ୟାଡର୍‌ରେ ନିଯୁକ୍ତି ମିଳିପାରିବ। ଏହା କାର୍ଯ୍ୟକାରୀ ନ ହେବା ଯାଏ ରାଜ୍ୟ ସେବାର ବାବୁମାନେ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ପ୍ରଶାସନିକ ପଦବୀଗୁଡ଼ିକରେ ରହି ଦାୟିତ୍ୱ ତୁଲାଇବେ।

### ବାବୁମାନେ ପଦ ଛାଡ଼ିଲେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବରିଷ୍ଠ ପରାମର୍ଶଦାତା ପି.କେ.ସିହ୍ନା ନିକଟରେ ଇସ୍ତଫା ଦେଇଛନ୍ତି। କିନ୍ତୁ ଏହାକୁ ନେଇ ଲୋକମାନଙ୍କ ଆଲୋଚନା ବନ୍ଦ ହୋଇନାହିଁ। କୁହାଯାଉଛି ଯେ, ପୂର୍ବତନ କ୍ୟାବିନେଟ ସଚିବ ସିହ୍ନାଙ୍କୁ ମୋଦିଙ୍କ ଦ୍ୱାରା ଆଉ ଏକ ଦାୟିତ୍ୱରେ ଅବସ୍ଥାପିତ କରାଯିବାର ପ୍ରସ୍ତୁତି ହେଉଛି। ଏହାକୁ ନେଇ ମଧ୍ୟ ଅନେକ କଥା ବି ଉଠୁଛି। ସିହ୍ନା ଦିଲ୍ଲୀ କିମ୍ବା ପୁଡୁଚେରୀର ପରବର୍ତ୍ତୀ ଲ୍ୟୁଟନାଣ୍ଟ ଗଭର୍ନର ହେବେ ବୋଲି ଅନୁମାନ କରାଯାଉଛି। ଏଠାରେ ୨୦୧୯ର ଘଟଣାକୁ ସ୍ମରଣ କରାଯାଇପାରେ। ସେତେବେଳେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ନୃପେନ୍ଦ୍ର ମିଶ୍ର ସମାନ ଢଙ୍ଗରେ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଥିଲେ। କିନ୍ତୁ ଇସ୍ତଫା ଦେବାର ଠିକ୍ ପରେ ପରେ ତାଙ୍କୁ ସମ୍ମାନଜନକ ରାମ ମନ୍ଦିର ନିର୍ମାଣ କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିଲା। ଏବେ ସିହ୍ନାଙ୍କ ତ୍ୱରିତ ନିଯୁକ୍ତିକୁ ନେଇ ଚର୍ଚ୍ଚା କରାଯାଉଥିବାବେଳେ ମୁମ୍ବାଇ ପୋଲିସ କମିଶନର ପରମବୀର ସିଂଙ୍କୁ ଶୀଘ୍ର ବଦଳି କରାଯିବ ବୋଲି ଯାହା ଶୁଣା ଯାଉଥିଲା ତାହା ହେଲା। ପରମବୀର ସିଂଙ୍କୁ ବଦଳି କରାଗଲା। ବହୁଚର୍ଚ୍ଚିତ ରିପବ୍ଲିକ ଟିଭି ମାଲିକ ଅର୍ଣ୍ଣବ ଗୋସ୍ୱାମୀଙ୍କ ଗିରଫ ଘଟଣା ପରେ ଏବଂ ଏବେ ରିଲାଏନ୍ସ ମାଲିକ ମୁକେଶ ଅମ୍ବାନୀ ଏବଂ ତାଙ୍କ ପରିବାରକୁ ମିଳିଥିବା ଧମକକୁ କେନ୍ଦ୍ର କରି ଲାଗି ରହିଥିବା ରହସ୍ୟକୁ ନେଇ ପରମବୀର ସିଂ ଖବରର ଶୀର୍ଷକରେ ରହି ଆସିଥିଲେ ବି ଏବେ ତାଙ୍କୁ ବଦଳି କରାଯାଇ ହେମନ୍ତ ନାଗ୍ରାଲେଙ୍କୁ ମୁମ୍ବାଇ ପୋଲିସ କମିଶନର ଭାବେ ନିଯୁକ୍ତ କରାଯାଇଛି।

### ଅଶାନ୍ତ ପରିବେଶରେ ଅବସର

ଗତ ମାସରେ ଏ.ବି.ପି.ପାଣ୍ଡେ ଅବସର ନେବା ପରେ ଅର୍ଥନୈତିକ ବ୍ୟାପାର ସଚିବ ତରୁଣ ବଜାଜଙ୍କୁ ରାଜସ୍ୱ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଅବସର ଶାନ୍ତ ପରିବେଶରେ ହେବ ବୋଲି ଯାହା ପାଣ୍ଡେ ଭାବୁଥିଲେ ତାହା ହୋଇନାହିଁ। ସେ ଅବସର ନେବା ପରେ ସାଙ୍ଗେ ସାଙ୍ଗେ ଖାଲି ରହିଥିବା ୪୦୦ରୁ ଊର୍ଦ୍ଧ୍ୱ ଆୟକର କମିଶନର୍ ଏବଂ ଅନ୍ୟ ପଦଗୁଡ଼ିକ ପୂରଣ କରିବା ପ୍ରକ୍ରିୟାରେ ଆନ୍ତରିକତାର ଅଭାବ ରହିଥିବା ସମ୍ପର୍କିତ ରିପୋର୍ଟ ଗଣମାଧ୍ୟମରେ ପ୍ରକାଶ ପାଇଲା। ଏହି ପଦବୀଗୁଡ଼ିକ ମଧ୍ୟରୁ କେତେକ ଉପରେ ୨୦୧୯ରୁ ନିଷ୍ପତ୍ତି ନେବାରେ ବିଳମ୍ବ କରାଯାଇଛି ବୋଲି ଦର୍ଶାଯାଇଥିଲା। ଏଥିରୁ ସଙ୍କେତ ମିଳୁଥିଲା ଯେ, ପାଣ୍ଡେ ରାଜସ୍ୱ ସଚିବ ଭାବେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଖାଲିଥିବା ପଦବୀଗୁଡ଼ିକୁ ପୂରଣ କରିବା ଲାଗି ଅଧିକ କିଛି କରି ନ ଥିଲେ। ପୁନଶ୍ଚ ସୂତ୍ରରୁ ପ୍ରକାଶ ଯେ, ସେ ଆଇଟି ମୁଖ୍ୟ କମିଶନର ଡି.ପି.କରଙ୍କ ଆକ୍ରୋଶର ଶିକାର ହୋଇଥିଲେ, ଯିଏ କି ପାଣ୍ଡେଙ୍କ ବିରୋଧରେ ତଦନ୍ତ କରିବା ଲାଗି ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିଲେ। ତଥାପି ଅନ୍ୟମାନେ ଦର୍ଶାଇଛନ୍ତି ଯେ,ଅଳ୍ପ କେତେଜଣ ବାବୁଙ୍କ ମଧ୍ୟରେ ପାଣ୍ଡେ ଥିଲେ ଜଣେ, ଯିଏ କି ରାଜସ୍ୱ ବିଭାଗ,ସାମଗ୍ରୀ ଓ ସେବା ଟିକସ ନେଟ୍‌ୱର୍କ ଏବଂ ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଏଆଇ) ଭଳି ମୋଦି ସରକାରଙ୍କ ଅତ୍ୟନ୍ତ ଜଟିଳ ସଂସ୍ଥାଗୁଡ଼ିର ନେତୃତ୍ୱ ସଫଳତାର ସହ ତୁଲାଇଥିଲେ। ରାଜସ୍ୱ ସଚିବ ଭାବେ ମଧ୍ୟ ସରକାରଙ୍କ ଦ୍ୱାରା ଅଣାଯାଇଥିବା ଟିକସ ସଂସ୍କାରଗୁଡ଼ିକୁ ଆଗକୁ ନେବାରେ ତାଙ୍କ ନେତୃତ୍ୱ ଥିଲା ଉଲ୍ଲେଖନୀୟ।

Email: dilipcherian@gmail.com

# ମୂଲ୍ୟବୋଧ ଶିକ୍ଷା ଆବଶ୍ୟକ

ଡ. ମନୋରଞ୍ଜନ ପ୍ରଧାନ

ସାଧୁତା, ସଚ୍ଚୋଟତା ତଥା ସଦାଚାର ମନୁଷ୍ୟର ସର୍ବଶ୍ରେଷ୍ଠ ମୂଲ୍ୟବୋଧ ; ଯାହା ପାଇଁ ସେ ନିଜକୁ ଜୀବଶ୍ରେଷ୍ଠ ବୋଲି ଗର୍ବ କରେ। କିନ୍ତୁ ଆଜିର ଭୋଗବାଦୀ ଦୁନିଆରେ ଏସବୁ ମାନବୀୟ ଗୁଣର ଅଧିକାରୀ ହେବା ମଣିଷ ପାଇଁ କାଠିକର ପାଠ ଯଦିଚ ଅସମ୍ଭବ ନୁହେଁ। ଏଭଳି ମୂଲ୍ୟବୋଧକୁ ପାଥେୟ କରି ବଞ୍ଚିବା ପାଇଁ କଠୋର ତପସ୍ୟା ତଥା ସାଧନା ଦରକାର। ଅର୍ଥାତ୍ ବ୍ୟକ୍ତି ଯଦି ନିଜ ସାମର୍ଥ୍ୟ ଅନୁସାରେ ନିଷ୍ଠାର ସହ ନିରନ୍ତର କାମ କରିଚାଲେ ସେଥିରୁ ଯେଉଁ ଆନନ୍ଦ ମିଳିବ ତାହା ହେଉଛି ଜୀବନର ପ୍ରକୃତ ସୁଖ ଓ ସାର୍ଥକତା। କିନ୍ତୁ ଆଜି ମଣିଷ ନିଜ ସାମର୍ଥ୍ୟକୁ ଚିହ୍ନି ନ ପାରି ଅତି ଅସହାୟ ଓ ଦୁଃଖଦ ଜୀବନ ବିତାଉଛି। ରାତାରାତି କୋଟିପତି ହେବା ନିଶାରେ ନିଜ ବନ୍ଧୁ ପରିଜନ ଓ ଦେଶର ସମ୍ପତ୍ତିକୁ ଲୁଟ୍ କରି ଜେଲ ଚାରିକାନ୍ଥରେ ନିଜ କୃତକର୍ମର ପ୍ରାୟଶ୍ଚିତ୍ତ କରୁଛି। ଏହା କିନ୍ତୁ ମାନବିକ ଆଚରଣ ନୁହେଁ ବରଂ ପାଶବିକ ଅଭିଳାଷ। ନିଜ ନୀତି, ଆଦର୍ଶ ଓ ସ୍ୱାଭିମାନ କଥା ଚିନ୍ତା ନ କରି ଅନ୍ୟକୁ ଠକି ନିଜେ ବଡ଼ଲୋକ ହେବାର ସ୍ୱପ୍ନ ଦେଖିବା ପୂର୍ବରୁ ନିଜର ଦକ୍ଷତା, ପରିଶ୍ରମ ଓ ସଚ୍ଚୋଟପଣିଆ ସମ୍ବନ୍ଧରେ ଆତ୍ମସମୀକ୍ଷା କରିବା ଉଚିତ। କିନ୍ତୁ ମଣିଷ ବେଳେବେଳେ ଭାବେ ସେ ହିଁ ଚାଲାକ ଓ ଚତୁର। ତା'ର କୌଣସି କଳାକାରନାମା କେହି ଜାଣିପାରିବେ ନାହିଁ। ତେଣୁ ସେ ଗୋଟିଏ ପରେ ଗୋଟେ ଅପରାଧ କରିଚାଲେ। ସେ ଜାଣିପାରେନି କି ପୁଣ୍ୟର କଳସ ଖାଲି ହେବାପରେ ଓ ପାପର କଳସ ପୂରିଗଲେ ତା'ର ସବୁ ଅହଙ୍କାର ଭାଙ୍ଗି ଚୂରମାର ହୋଇଯିବ ଏବଂ ଦିନେ ରାଜରାସ୍ତାରେ ବସିବାକୁ ପଡ଼ିବ। ହେଲେ ସଚ୍ଚୋଟ ଓ ସାଧୁ ମଣିଷ ଜୀବନରେ ସବୁ ଭୌତିକ ସୁଖ ପାଇପାରେ ନାହିଁ କିନ୍ତୁ ନିଜ ପୁଣ୍ୟକର୍ମ ପାଇଁ ସଦା ଆତ୍ମାନନ୍ଦ ପାଇଥାଏ ଏହା ନିଃସନ୍ଦେହ। କେବଳ ସେତିକି ନୁହେଁ, ତା'ର ସୁକର୍ମ ଦିନେ ଆଶାତୀତ ଫଳ ଦେଇଥାଏ। ତେଣୁ କବି କହନ୍ତି– କର୍ମ କରିଚାଲ ସତ୍ୟର ପଥରେ, ଫଳକୁ ଆଶା ନ କରି, ସେହି କର୍ମଫଳ ଦିନେ ମିଳିଯିବ ଆଶାଠୁ ଅଧିକ ଭରି। ଏ ପରିପ୍ରେକ୍ଷୀରେ ଗୋଟିଏ କାହାଣୀ ମନେପଡୁଛି।

ଥରେ ଗୋଟିଏ କମ୍ପାନୀର ମୁଖ୍ୟ ନିଜ କମ୍ପାନୀର ସମସ୍ତ ମାଲିକାନା କୌଣସି ଭଲ କର୍ମଚାରୀଙ୍କୁ ଦେଇ ସାଂସାରିକ ଜୀବନରୁ ସନ୍ନ୍ୟାସ ନେବାକୁ ଘୋଷଣା କଲେ। ଖବରପାଇ କର୍ମଚାରୀଙ୍କ ଭିତରେ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଗଲା ନିଜ ନିଜ ଶୈଳୀରେ। ଦିନେ ମାଲିକ କର୍ମଚାରୀମାନଙ୍କୁ ଡାକି ଗୋଟିଏ ଗୋଟିଏ ମଞ୍ଜି ଦେଇ କହିଲେ, ଯିଏ ଏକ ମାସ ଭିତରେ ଏ ମଞ୍ଜିରୁ ହୃଷ୍ଟପୁଷ୍ଟ ସୁନ୍ଦର ଗଛ ପ୍ରସ୍ତୁତ କରିପାରିବ ସେ ମୋ କମ୍ପାନୀର ମାଲିକ ହେବ। କର୍ମଚାରୀମାନେ ମଞ୍ଜିରୁ ସୁନ୍ଦର ଗଛ ପ୍ରସ୍ତୁତ କରି ମାଲିକ ହେବାର ପ୍ରଚେଷ୍ଟାରେ ଲାଗିପଡ଼ିଲେ। ନିରୂପିତ ସମୟରେ ନିଜ ନିଜ ଗଛ ନେଇ କମ୍ପାନୀ ଆଗରେ ପ୍ରଦର୍ଶନ ପାଇଁ ଧାଡ଼ିବାନ୍ଧିଲେ। କିନ୍ତୁ ଜଣେ କର୍ମଚାରୀ ସବୁ ଚେଷ୍ଟା ସତ୍ତ୍ୱେ ମଞ୍ଜିରୁ ଗଛ କରିପାରିଲେ ନାହିଁ। ତେଣୁ ସେ ପ୍ରଦର୍ଶନୀରେ ଭାଗ ନେବାକୁ ଚାହିଁଲେ ନାହିଁ। କିନ୍ତୁ କର୍ମଚାରୀଙ୍କ ଧର୍ମପତ୍ନୀ ପ୍ରତିଯୋଗିତାରେ ଭାଗନେଇ ନିଜ ବିଫଳତା ସମ୍ପର୍କରେ କହିବାକୁ ପ୍ରବର୍ତ୍ତାଇଲେ। ଅନିଚ୍ଛା ସତ୍ତ୍ୱେ କର୍ମଚାରୀ ଜଣକ ପ୍ରଦର୍ଶନୀକୁ ଗଲେ କିନ୍ତୁ ସହକର୍ମୀମାନଙ୍କ ସୁନ୍ଦର ସବୁଜ ଗଛ ଦେଖି ନିଜେ ଲଜ୍ଜିତ ହେବା ସହ ଅନ୍ୟମାନଙ୍କର ଉପହାସ ଓ କଟୁ ମନ୍ତବ୍ୟର ଶରବ୍ୟ ହେଲେ। ମାଲିକ ଆସିବା ପରେ ନିଜ ସଫଳତା ସମ୍ପର୍କରେ କର୍ମଚାରୀମାନେ କହିବା ସହ ନିଜ ଗଛ ହିଁ ସର୍ବଶ୍ରେଷ୍ଠ ପ୍ରମାଣିତ କରିବାକୁ ଚେଷ୍ଟା କରୁଥାନ୍ତି। ଶେଷରେ ଖାଲି କୁଣ୍ଡଟିକୁ ନେଇ ପହଞ୍ଚିଥିବା କର୍ମଚାରୀଙ୍କ ପାଖରେ ମାଲିକ ପହଞ୍ଚିବା ଦେଖି ପ୍ରତିଭାଗୀ ସହକର୍ମୀଗଣ ଅଟ୍ଟହାସ୍ୟ କରିବାକୁ ଲାଗିଲେ। କିନ୍ତୁ କର୍ମଚାରୀ ଜଣକ ସାହସ ଯୁଟାଇ ନିଜ ବିଫଳତାର ଗାଥା କହିଲେ। ଶେଷରେ ମାଲିକ ସେହି କର୍ମଚାରୀକୁ ନିଜର ଉତ୍ତରାଧିକାରୀ ମନୋନୟନ କଲେ। ଉପସ୍ଥିତ କର୍ମଚାରୀମାନେ ବିରୋଧ ଆରମ୍ଭ କଲେ। ନିଜ ନୀରବତା ଭଙ୍ଗ କରି ମାଲିକ କହିଲେ– ତୁମେମାନେ ସବୁ ଠକ, ଅସାଧୁ ଓ ମିଥ୍ୟାଶ୍ରୟୀ। କିନ୍ତୁ ଏହି ବ୍ୟକ୍ତି ଜଣକ ହିଁ ସାଧୁ ଓ ସଚ୍ଚୋଟ। କାରଣ ମୁଁ ଦେଇଥିବା କୌଣସି ମଞ୍ଜିରେ ବି ଗଛ ହେବାର ସାମର୍ଥ୍ୟ ନ ଥିଲା କିନ୍ତୁ ତୁମେମାନେ ମଞ୍ଜି ବଦଳେଇ ଏଭଳି ଗଛ ପ୍ରସ୍ତୁତ କରିଛ। କିନ୍ତୁ ଏ କର୍ମଚାରୀ ଜଣକ ନିଷ୍ଠାର ସହ ପ୍ରଯତ୍ନ କରି ବିଫଳ ହୋଇ ନିଜ ସତ୍ୟବାଦିତା ଓ ସାଧୁତାର ପରିଚୟ ଦେଇଛି। ତେଣୁ ତାଙ୍କୁ ଆଜିଠାରୁ ମୋ କମ୍ପାନୀର ମାଲିକ ଘୋଷଣା କରାଗଲା। କହିବାର ଅର୍ଥ ହେଉଛି ସାଧୁତା ଓ ସଚ୍ଚୋଟତାର ଫଳ ବିଳମ୍ବ ହୋଇପାରେ କିନ୍ତୁ ଚିରସ୍ଥାୟୀ ଓ ଚିରସୁଖ ଶାନ୍ତି ଦାୟୀ ହୋଇଥାଏ।

ପ୍ରଶ୍ନ ହେଉଛି ଆମ ଭବିଷ୍ୟତ ପିଢ଼ି ତଥା ଆମ ପିଲାମାନେ ସଚ୍ଚୋଟ ଓ ସଦାଚାରୀ ହେବେ କିପରି ? ଏଥିପାଇଁ ପରିବାର, ମାତାପିତା ଓ ଶିକ୍ଷାନୁଷ୍ଠାନଗୁଡ଼ିକର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ। ପ୍ରଥମେ ନିଜ ପିଲାମାନଙ୍କୁ ବାଲ୍ୟକାଳରୁ ସତ୍ୟାଗ୍ରହୀ ଓ ସଦାଚାରୀ ହେବା ପାଇଁ ପ୍ରେରଣା ଦେବା ଉଚିତ। ସେଥିପାଇଁ କେବଳ ଶିକ୍ଷାଦାନ, ଭାଷଣ ବା ଉଚ୍ଚାରଣରେ ନୁହେଁ ବରଂ ମାତାପିତା ଓ ଗୁରୁଜନମାନଙ୍କ ଆଚରଣରେ ପ୍ରତିଫଳନ ହେବା ଦରକାର ; ଯାହା କି ଆଜିର ବଡ ସମସ୍ୟା। ଆଜି ଅଧିକାଂଶ ମା'ବାପା ନିଜ ପିଲାଙ୍କୁ ଭଲ ମଣିଷ ହେବାକୁ ସ୍ୱପ୍ନ ଦେଖେଇବା ପରିବର୍ତ୍ତେ କୋଟି କୋଟି ଟଙ୍କା ଆୟକାରୀ ଯନ୍ତ୍ର ହେବାକୁ ବେଶି ଭଲ ପାଆନ୍ତି। ସ୍ୱାମୀ ବିବେକାନନ୍ଦ ସେମାନଙ୍କ ଆଦର୍ଶ ବୋଲି କଣ୍ଠ ଫଟେଇ କହନ୍ତି, ନିଜ ପିଲାଙ୍କୁ ସ୍ୱାମିଜୀ ହେବାକୁ ପ୍ରବର୍ତ୍ତାଉ ନାହାନ୍ତି ତାହା ହିଁ ବିଡ଼ମ୍ବନା। ଅନ୍ତତଃ ପିଲାମାନେ କିପରି କର୍ତ୍ତବ୍ୟନିଷ୍ଠ, ସତ୍ୟପ୍ରିୟ, ସଚୋଟ ଓ ନିର୍ମଳ ଭାବମୂର୍ତ୍ତିର ଅଧିକାରୀ ହୋଇପାରିବେ ସେଥିପାଇଁ ପ୍ରୟାସ ହେବା ଆଜିର ଆବଶ୍ୟକତା। ଦେଶରୁ ଦୁର୍ନୀତି, ଅନୀତି, ଦୁରାଚାର ଦୂର କରିବାକୁ ହେଲେ ପରିବାରରୁ ସଂସ୍କାର ଆରମ୍ଭ ହେବା ସହ ଶିକ୍ଷାଦାନ ଓ ପାଠ୍ୟକ୍ରମ ମୂଲ୍ୟବୋଧଭିତ୍ତିକ କରିବା ଜରୁରୀ। ପାଠ୍ୟପୁସ୍ତକରେ ମନକୁ ଛୁଇଁଲା ଭଳି କାହାଣୀ, ଘଟଣା ଓ ସଫଳତାର ବ୍ୟାଖ୍ୟାନ ରହିବା ଦରକାର। ବାଘମାମୁ ଓ ବଉଳା ଗାଈ କାହାଣୀ, କାଠୁରିଆ ଓ ସୁନା କୁରାଢ଼ି, ମିଛୁଆ ଛେଳି ଜଗୁଆଳ ଭଳି ପ୍ରେରଣାଦାୟୀ କାହାଣୀ ପିଲାମାନଙ୍କୁ ପଢ଼ାଯିବା ଦରକାର। ପିଲାଙ୍କ ଆତ୍ମବିଶ୍ୱାସ ବୃଦ୍ଧି ସହ ସେମାନଙ୍କୁ ବୁଝେଇଦେବା ଉଚିତ କି ଆଜି ମଧ୍ୟ ଅନେକ ଲୋକ ନିଜ ସଚ୍ଚୋଟ ଓ ସାଧୁଗୁଣ ପାଇଁ ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି। ତେଣୁ ପିଲାଙ୍କୁ ସେଭଳି ସଫଳ ଘଟଣାଗୁଡ଼ିକୁ କହି ସେମାନଙ୍କୁ ଭଲ ମଣିଷ ହେବା ପାଇଁ ପ୍ରେରଣା ଦିଆଯିବା ଦରକାର। ଏବେ ଜାଣିବା ଜଣେ ବିଶ୍ୱ ପ୍ରସିଦ୍ଧ ବୈଜ୍ଞାନିକଙ୍କ ସଚ୍ଚୋଟର ପୁରସ୍କାର ସମ୍ବନ୍ଧରେ ଯାହା ଆମ ଭବିଷ୍ୟତ ପିଢ଼ିଙ୍କୁ ପ୍ରେରଣା ଦେବ।

ଅବସର ପରେ ନୋବେଲ ପୁରସ୍କାର ବିଜେତା ବୈଜ୍ଞାନିକ ସିଭି ରମଣ ବାଙ୍ଗାଲୋରରେ ଏକ ଗବେଷଣାଗାର ପ୍ରତିଷ୍ଠା କରିବା ପାଇଁ ତିନିଜଣ ପଦାର୍ଥ ବିଜ୍ଞାନୀ ନିଯୁକ୍ତି ପାଇଁ ବିଜ୍ଞାପନ ଦେଲେ। ଅନ୍ତତଃ ରମଣଙ୍କୁ ସାକ୍ଷାତ କରିବା ଆଶାରେ ବହୁ ଆଶାୟୀ ଆବେଦନ କଲେ। ପ୍ରାଥମିକ ଚୟନରେ ପାଞ୍ଚଜଣ ମନୋନୀତ ହୋଇ ରମଣଙ୍କ ଦ୍ୱାରା ଅନ୍ତିମ ସାକ୍ଷାତ୍‌କାର ପାଇଁ ସୁଯୋଗ ପାଇଲେ ଏବଂ ତନ୍ମଧ୍ୟରୁ ତିନିଜଣ ମନୋନୀତ ହେଲେ। ନିଜ କାର୍ଯ୍ୟାଳୟରୁ ଫେରିବା ବାଟରେ ଜଣେ ଯୁବକ ଅପେକ୍ଷା କରିଥିବାର ରମଣ ଦେଖିଲେ ; ଯେ କି ମନୋନୟନରେ ବିଫଳ ହୋଇଥିଲେ। ରମଣ ଅପେକ୍ଷାର କାରଣ ପଚାରିଲେ। ଯୁବକ ଜଣକ ଅତ୍ୟନ୍ତ ବିନମ୍ର ଭାବେ କହିଲେ– ମହାଶୟ, ସାକ୍ଷାତ୍‌କାର ପରେ ଆପଣଙ୍କ ଅଫିସ ମୋ ପ୍ରାପ୍ୟଠାରୁ ସାତ ଟଙ୍କା ଅଧିକ ଦେଇଛି। ମୁଁ ଫେରେଇବାକୁ ଚାହୁଁଛି କିନ୍ତୁ ଆକାଉଣ୍ଟ ବନ୍ଦ ହୋଇଗଲା କହି ମୋତେ ସାତ ଟଙ୍କା ଖର୍ଚ୍ଚ କରି ଆନନ୍ଦ ନେବାକୁ ଆପଣଙ୍କ କର୍ମଚାରୀ ପ୍ରବର୍ତ୍ତାଉଛନ୍ତି କିନ୍ତୁ ସେ ଟଙ୍କା ମୋର ପ୍ରାପ୍ୟ ନୁହେଁ। ଯୁବକଙ୍କ ଅଭିଯୋଗ ଶୁଣି ରମଣ କେଇ ପାଦ ଆଗକୁ ଯାଇ ଆସନ୍ତାକାଲି ସକାଳ ୧୦.୩୦ ମିନିଟ୍‌ରେ ତାଙ୍କ ଚାମ୍ବରରେ ଭେଟିବାକୁ ନିର୍ଦ୍ଦେଶ ଦେଲେ। ପୁନଃ ବୈଜ୍ଞାନିକ ରମଣଙ୍କୁ ଭେଟିବାର ସୁଯୋଗ ପାଇ ଯୁବକ ଜଣକ କେବଳ ଖୁସି ହେଲେନାହିଁ ନିରୂପିତ ସମୟରେ ଦେଖାକଲେ। ଯୁବକର ସଚ୍ଚୋଟତା ଓ ସମୟାନୁବର୍ତ୍ତିତାରେ ମୁଗ୍ଧ ହୋଇ ରମଣ କହିଲ– Son you failed in the Physics Test but you have passed the Honesty Test. So, I have created an-other post for you. ଯୁବକ ଜଣକ ଆନନ୍ଦରେ ନାଚିବାକୁ ଲାଗିଲେ ଏବଂ ପରଦିନ ଚାକିରିରେ ଯୋଗଦେଲେ। ସେ ଯୁବ ବୈଜ୍ଞାନିକ ଥିଲେ ଭାରତ ଜନ୍ମିତ ଆମେରିକା ନାଗରିକତ୍ୱ ନେଇଥିବା ପ୍ରଫେସର ସୁବ୍ରମଣ୍ୟ ଚନ୍ଦ୍ରଶେଖର ; ଯେ କି ୧୯୮୩ ନୋବେଲ ପୁରସ୍କାର ପାଇଥିଲେ। ସେ ମଧ୍ୟ How Honesty made a great scientist ପୁସ୍ତକର ରଚୟିତା।

ତେଣୁ ଆମ ପିଲାମାନେ ଓ ଯୁବଗୋଷ୍ଠୀ ଏହି ଶିକ୍ଷା ପାଇବା ଉଚିତ କି ଅନ୍ୟକୁ ଆପ୍ୟାୟିତ କରି ବା କାହାର ଦୟା, କରୁଣା ଭିକ୍ଷାକରି ବଡ଼ଲୋକ ହେବାର ସ୍ୱପ୍ନ ନ ଦେଖି ଗଭୀର ଆତ୍ମବିଶ୍ୱାସ ଓ ସ୍ୱାଭିମାନର ସହ କଠିନ ପରିଶ୍ରମ, ନିରନ୍ତର ପ୍ରଚେଷ୍ଟା, ସାଧୁତାର ସହ ନିଜ କର୍ମକଲେ ସଫଳତା ନିଶ୍ଚୟ ମିଳିପାରିବ।

ଅଧ୍ୟାପକ, ସରକାରୀ ମହିଳା ମହାବିଦ୍ୟାଳୟ,
ଜୟପୁର, କୋରାପୁଟ, ମୋ:୯୪୩୭୯୧୪୮୧୮

# ଭୋକ

ଛନ୍ଦା ମିଶ୍ର

ଖୁବ୍ ସାନ ହୋଇଥିଲି, କିନ୍ତୁ ଆଜି ବି ଘଟଣାଟି ଲେଖିଲା ବେଳକୁ ମୋ ଆଖି ଆଗରେ ଜଳଛବି ପ୍ରାୟ ଭାସି ଯାଉଛି। ଦିନ ବାରଟା ସାଢ଼େବାରଟା ସମୟ ହେବ, ଭିକାରି ଜଣେ ଗେଟ୍ ଖଡ଼ଖଡ଼ କରି ଚିତ୍କାର କରୁଥାନ୍ତି ମା' ଭିକ ମୁଠେ ମିଳୁ...। ପରୀକ୍ଷା ପାଇଁ ଏକାକୀ ବାରଣ୍ଡାରେ ବସି ପଢୁଥିଲା ବେଳେ ନିକଟରେ ଥିବା ତସଲାରୁ ଚାଉଳ ଗିନାଏ ନେଇ ଦେବାପାଇଁ ଯେତେବେଳେ ଗଲି, ଭିକାରି ଜଣକ ନିଜ ଭିକ ଥାଳ ଘୁଞ୍ଚାଇ ନେଇ କହିଲେ, ''ଝିଅ ମା' ନାହାନ୍ତି କି ? ତାଙ୍କୁ ଟିକେ ଡାକିଦଉନ।'' ଫେରିଆସି ମାଆକୁ କହିଲି ''ମା, ତୁ ଯାଆ, ସେ ଭିକାରି ଜଣକ ମୋ ହାତରୁ ନେବା ପାଇଁ କ'ଣ ମନାକରିଦେଲେ।'' ମା' ଯାଇ ଭିକାରି ଜଣକୁ ଦେଖି ଗେଟ୍ ଖୋଲିଦେଲା। କୌତୂହଳ ବଶତଃ ମୁଁ ବି ମାଆ ସହ ଯାଇଥିଲି। ମାଆ କହିଲା – ମଉସା ତୁମେ ଆସିଛ କି? ହଉ ହଉ ଭିତରକୁ ଆସ, ମୁଁ ରାନ୍ଧି ସାରିଲେ ତୁମେ ଖାଇକରି ଯିବ। ଭିକାରି ଜଣକ ଭିତରକୁ ଆସି ମନ୍ଦାର ଗଛ ତଳେ ବସିପଡ଼ିଲେ। ମାଆ ରାନ୍ଧିସାରି ଆମ ଭାଇଭଉଣୀଙ୍କ ପାଇଁ ବାଢ଼ି ସେ ଭିକାରି ଜଣକୁ ମଧ୍ୟ କଦଳୀପତ୍ରରେ ରନ୍ଧାହୋଇଥିବା ସମସ୍ତ ଖାଦ୍ୟ ନେଇ ଦେଇଆସିଲା। ମାଆ ପଛେ ପଛେ ମଗରେ ପାଣିନେଇ ମୁଁ ତାଙ୍କ ନିକଟରେ ଥୋଇଲି। ମାଆ ତାଙ୍କୁ କହିଲା–ମଉସା, ଆଉ କ'ଣ ଖାଇଲେ ମାଗିବ। ଭିକାରି ଜଣକ କହିଲେ – ମାଆ, ତୁମେ ତ ଅନ୍ନପୂର୍ଣ୍ଣା, ତୁମେ ଦେବ, ଆଉ ମୋ ପେଟ ପୂରିବନି ଯେ, ମୁଁ ପୁଣି ମାଗିବି ? ଈଶ୍ୱର ତୁମର ମଙ୍ଗଳ କରନ୍ତୁ ମା'। ଏକଥା କହିଲା ବେଳକୁ ତାଙ୍କ ଆଖି ଲୁହ ଛଳଛଳ ହୋଇ ଉଠୁଥିଲା। ସେଦିନ ଅନୁଭବ କରିଥିଲି, ଭିକାରି ଜଣକଙ୍କ ପେଟରେ ଯେତିକି ଭୋକ ଥିଲା, ତା'ଠାରୁ ଅଧିକ ଭୋକ ଥିଲା ମନରେ। ଯେଉଁ ଭୋକ, ଅନ୍ୟଠାରୁ ସାମାନ୍ୟ ଶ୍ରଦ୍ଧା ଓ ସହାନୁଭୂତି ଆଶା କରୁଥିଲା। ପରେ ମାଆଠାରୁ ବୁଝିଥିଲି, ଯେ ତାଙ୍କ ସ୍ତ୍ରୀଙ୍କୁ କୁଷ୍ଠରୋଗ ହେବାରୁ ଗାଁ ଲୋକେ ତାଙ୍କୁ ଗାଆଁରୁ ବିତାଡ଼ିତ କରିଥିଲେ। ସ୍ତ୍ରୀ ଏକାକରି ଚାଲିଗଲେଣି କେବେଠାରୁ। ଏବେ ବ୍ୟକ୍ତି ଜଣକ ଏକାକୀ, ନିଃସଙ୍ଗ ଜୀବନ କାଟୁଛନ୍ତି। ସେତିକିବେଳେ ହୃଦୟଙ୍ଗମ କରିଥିଲି ଯେ, ଭୋକ ଶବ୍ଦଟି କେବଳ ପେଟ ସହ ଜଡ଼ିତ ନୁହେଁ।

କୁହାଯାଏ, ଦରିଦ୍ରଠାରୁ ବଡ଼ ଅଭିଶପ୍ତ କେହି ନାହିଁ ଏବଂ ତା'ଠାରୁ ବଡ଼ ଅଭିଶପ୍ତ ହେଉଛି ରୋଗଗ୍ରସ୍ତ ବ୍ୟକ୍ତି। ତେବେ ଦାରିଦ୍ର୍ୟ ଓ ରୋଗ ଯେତେବେଳେ ବ୍ୟକ୍ତିଙ୍କୁ ଏକତ୍ର ଆକ୍ରମଣ କରନ୍ତି, ସେତେବେଳେ ତା'ଠାରୁ ହତଭାଗା ଆଉ କେହି ଥାଇ ପାରେ କି? ଦୁର୍ଯ୍ୟୋଗ, ଦୁର୍ଭାଗ୍ୟ ଓ ଦୁରବସ୍ଥା ତା' ଉପରେ ଏପରି ଦାଉ ସାଧନ୍ତି ଯେ, ସେ ଯମ ନିକଟରେ ନିଜ ପ୍ରିୟତମ 'ପ୍ରାଣ'ଟିକୁ ଉତ୍ସର୍ଗ କରିଦେବା ପାଇଁ ପଛାଏ ନାହିଁ। ପ୍ରୟାଗରାଜର କରେଲିଠାରେ ରହୁଥିବା ବ୍ରହ୍ମାଦୀନ ମିଶ୍ରଙ୍କ ତିନିବର୍ଷର କୋମଳ ମତି କନ୍ୟା ଖୁସିଙ୍କ ପେଟରେ ଯନ୍ତ୍ରଣା ହେଲା। ତା'ର ମାତାପିତା ଚିକିତ୍ସା ପାଇଁ ଝିଅକୁ ରାୱତପୁରଠାରେ ଥିବା ଗୋଟିଏ ବେସରକାରୀ ହାସ୍‌ପାତାଳରେ ଭର୍ତ୍ତି କଲେ। ଝିଅଟିର ପେଟରେ ଅପରେଶନ କରାଗଲା। ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଦାବି ପାଞ୍ଚଲକ୍ଷ ଥିଲାବେଳେ, କୁନିଝିଅଟିର ବାପା ମାତ୍ର ଦେଢ଼ଲକ୍ଷ ଟଙ୍କା ଦେଇ, ଝିଅର ଜୀବନରକ୍ଷା କରିବା ପାଇଁ ଗୁହାରି କଲେ। ମାତ୍ର ଆଶ୍ଚର୍ଯ୍ୟ ଏ ଚିକିତ୍ସକମାନେ ଏପରି ଅମାନବୀୟ କାର୍ଯ୍ୟଟିଏ କଲେ ଯେ, ଭାବିଲେ ଦେହ ଶୀତେଇ ଉଠୁଛି। ସେମାନେ ଝିଅଟିର ଅପରେଶନ କଲାପରେ ପେଟକୁ ସିଲେଇ ନ କରି, ତାକୁ ବାହାରକୁ ବାହାର କରିଦେଲେ। ଫଳରେ କୁନିଝିଅଟି ଯନ୍ତ୍ରଣାରେ ଚିତ୍କାର କରିକରି ପ୍ରାଣତ୍ୟାଗ କଲା। ଏବେ ଘଟଣାଟି ଲୋକ ଲୋଚନକୁ ଆସିଲା ପରେ ତଦନ୍ତ ହେବାର ପ୍ରତିଶ୍ରୁତି ଦେଇଛି ପ୍ରଶାସନ। କିନ୍ତୁ ଆମ ଦେଶରେ ତଦନ୍ତ କିପରି ହୁଏ, ତାହା କେତେ ସ୍ୱଚ୍ଛ ଓ ତା'ର ବେଗ କେତେ ତଥା ତଦନ୍ତ ପରେ ଦୋଷୀ କିପରି ନିର୍ଦ୍ଦୋଷରେ ପରିଣତ ହୁଏ ତାହା ବଖାଣିବାର ଆବଶ୍ୟକତା ନାହିଁ। 'ଅର୍ଥ'ର ଭୋକ, ଡାକ୍ତରଙ୍କୁ ପିଶାଚରେ ପରିଣତ କରିଥିଲା ବେଳେ, ସେହି ଅର୍ଥର ପରାକାଷ୍ଠାରେ ସେମାନେ ପ୍ରମାଣ କରିଦେବେ ଯେ, ବ୍ୟକ୍ତି ଜଣକଙ୍କ ସମସ୍ତ ଅଭିଯୋଗ ମିଥ୍ୟା ବୋଲି। ତେବେ ଏହି ଭୋକ ମଣିଷକୁ ଭୟଙ୍କର କରିଦିଏ।

ତେବେ, ଏହିସବୁ ଭୋକର ଚିତ୍ରଗୁଡ଼ିକୁ ଆମେ ସ୍ଥୂଳଚକ୍ଷୁରେ ଦେଖିପାରୁ। କିନ୍ତୁ ଏପରି ଅନେକ 'ଭୋକ' ଅଛି ଯେଉଁଗୁଡ଼ିକୁ ଦେଖି ହୁଏନା, ଯେପରି ପ୍ରଶଂସା ପାଇବାର ଭୋକ, ପୁରସ୍କାର ଗୋଟେଇବାର ତୀବ୍ର ଇଚ୍ଛା, କ୍ଷମତା, ପ୍ରତିପତ୍ତି ସାଉଁଟିବାର ଲାଳସା ଇତ୍ୟାଦି। ଯେତେବେଳେ ଏସବୁ ଭୋକ, ଆମ ଅଜାଣତରେ ଆମ ମସ୍ତିଷ୍କକୁ କବଳିତ କରେ ସେତେବେଳେ ଆମେ ନିଜ ସ୍ୱଭାବର ବିପରୀତ କାର୍ଯ୍ୟ କରିବାକୁ ବାଧ ହୋଇପଡୁ। 'କେବେ ଦୁର୍ନୀତିକୁ ପ୍ରଶ୍ରୟ ଦେଉ ତ ଆଉକେବେ କୌଣସି ସଫଳ ବ୍ୟକ୍ତିଙ୍କୁ ଦେଖି ତାଙ୍କୁ ଅନୁକରଣ କରିବାକୁ ଯାଇ ହନୁକରଣ କରି ଲୋକହସାର ପାତ୍ର ହୋଇପଡୁ।

ମନେରଖିବାକୁ ହେବ ଯେ, 'ଭୋକ' ଆଧାତ୍ମିକ ଅଭୀପ୍ସା ଗୁଡ଼ିକ ପାଇଁ ଯେତିକି ପ୍ରବଳ ହେବ, ଆମ ଜୀବନ ହେବ ସେତିକି ମହତ, ସେତିକି ଉଦାର ଓ ମହନୀୟ। ପ୍ରକୃତିର ନିୟମାନୁସାରେ, ସୃଷ୍ଟିରେ ପ୍ରତିଟି ଜନ୍ମ ଉତ୍ତରୋତ୍ତର ଉନ୍ନତି ନିମନ୍ତେ ଉଦ୍ଦିଷ୍ଟ। ମାତ୍ର ଆମ 'ଭୋକ' ହିଁ ତାହାର ପଥରୋଧ କରେ। 'ଭୋକ' ଯେତିକି ସକାରାତ୍ମକ, ଚେତନା ସେତିକି ଉଜ୍ଜ୍ୱଳ। ହେଲେ ଏଥିପାଇଁ ସମର୍ପଣର ଭାବନା ନେଇ ଈଶ୍ୱରଙ୍କୁ ପ୍ରାର୍ଥନା କଲେ, ପଥ ସୁଗମ ହେବାର ସମ୍ଭାବନା ଅଧିକ।

ମନେପଡ଼ିଯାଏ କାହାଣୀଟିଏ। ସନ୍ଥକବି ତୁଳସୀ ଦାସ ନଗରୀଠାରୁ ଦୂରବର୍ତ୍ତୀ ଗୋଟିଏ ଗ୍ରାମରେ ପ୍ରବଚନ ଦେଉଥାନ୍ତି । ପ୍ରବଚନ ଶେଷ ହେଲାପରେ ଅଧିକାଂଶ ନରନାରୀ ତାଙ୍କୁ ପ୍ରଣାମ ଜଣାଇ ବାହୁଡ଼ିଗଲେ। ମଣ୍ଡପର ଗୋଟିଏ କୋଣରେ ଛିଡ଼ାହୋଇଥାଏ ଅର୍ଦ୍ଧଅବଗୁଣ୍ଠନବତୀ ଯୁବତୀଟିଏ। ସମସ୍ତେ ଅପସରି ଗଲାପରେ ସେ ଆସି ଗୋସ୍ୱାମୀଙ୍କୁ ପ୍ରଣାମ କରି ତାଙ୍କ ମୁହଁ ଆଡ଼େ ଅନାଇ ରହିଲା। ଗୋସ୍ୱାମୀ ତା' ମଥାରେ ହାତରଖି ଆଶୀର୍ବାଦ ଦେଇ କହିଲେ କିଛି କହିବୁ ମାଆ ? ମୃଦୁ କଣ୍ଠରେ ଝିଅଟି ଉତ୍ତର ଦେଲା 'ମୋ ନାମ ଲଳିତା।' ସନ୍ଥ କହିଲେ 'ବାଃ ଖୁବ୍ ସୁନ୍ଦର, ପବିତ୍ର ନାମ।' ଝିଅଟି ଲାଜେଇଗଲା, କିନ୍ତୁ ସେମିତି ଅନେଇ ରହିଥାଏ। ଏହା ଦେଖି ସନ୍ଥ ପୁଣି ପୁଛା କଲେ 'ଆଉ କିଛି କହିବୁ ମାଆ ? ଝିଅଟି ପଚାରିଲା 'ମୋ ମୁହଁ କେମିତି ଦିଶୁଛି ?' ଗୋଟିଏ ଉତ୍ତମ ଝିଅର ମୁହଁ 'ଯେମିତି ହେବା କଥା ଠିକ୍ ସେମିତିକା ମାଆ।' 'ନା...ନା...ମାନେ ମୋ ନଥଟିକୁ ଦେଖୁଛନ୍ତି...ଖୁବ୍ ସୁନ୍ଦର ନୁହେଁ।' ଗୋସ୍ୱାମୀ କହିଲେ,ଓଁ ଭାରି ସୁନ୍ଦର...ସୁନା ବୋଧହୁଏ ? ହଁ ଖାଣ୍ଟି ସୁନା। 'ସିଏ ଗଢ଼େଇ ଦେଇଛନ୍ତି, ସୁନ୍ଦର ହୋଇନି?' ଗୋସ୍ୱାମୀଙ୍କ ମୁହଁରୁ ପ୍ରଶଂସା ଶୁଣିବା ପାଇଁ ଆଶାୟୀ ଆଖିରେ ଚାହିଁ ରହିଲା ଝିଅଟି। ଗୋସ୍ୱାମୀ ଉତ୍ତର ଦେଲେ 'ଝିଅ ନଥଟିତ ଭାରି ସୁନ୍ଦର ହୋଇଛି ଓ ସେଥିପାଇଁ ତୁ ତୋ ସ୍ୱାମୀ ପ୍ରତି କୃତଜ୍ଞ। ନାକଟି ଥିଲା ବୋଲି ସିନା ନଥ ଲଗାଇ ପାରିଲୁ, ଏଣିକି ନଥ ଗଢ଼େଇଥିବା ତୋ ସ୍ୱାମୀ ପ୍ରତି କୃତଜ୍ଞ ହୋଇପାରିବୁ, ଦେଖିବୁ ତତେ କେତେ ଆନନ୍ଦ ମିଳୁଛି।' ପ୍ରକୃତରେ ଆମ ଭୋକ ହିଁ ଆମ ଜୀବନକୁ କରୁଛି ନିୟନ୍ତ୍ରଣ। ତେବେ, ଭୋକ ଆମକୁ 'ପୋକ'ରେ ପରିଣତ ନ କରି 'ମୋକ୍ଷ'ର ପଥ ଉନ୍ମୁକ୍ତ କରୁ ।

୩ଆର/୬, ବି.ଜେ.ବି. ନଗର, ଭୁବନେଶ୍ୱର
ମୋ–୯୪୩୭୪୫୩୬୧୦

## ଏଇ ଭାରତରେ

ଗ୍ରାମାଞ୍ଚଳ ପିଲାମାନଙ୍କୁ ଉନ୍ନତ ଶିକ୍ଷା ପ୍ରଦାନ କରିବା ଲାଗି ଉତ୍ତରପ୍ରଦେଶର ପ୍ରଭାତ ସକ୍‌ସେନା ୬ଟି ଜିଲାରେ ସ୍ମାର୍ଟ କ୍ଲାସ୍ ଚଳାଉଛନ୍ତି। ଏଥିରେ ୩୦୦୦ ଅସହାୟ ପିଲାଙ୍କୁ ସାମିଲ କରିଛନ୍ତି। ୨୦୧୫ରୁ ସେ ଏହି କାର୍ଯ୍ୟ 'ସୃଜନ ଏକ ସୋଚ' ଏନ୍‌ଜିଓ ମାଧ୍ୟମରେ କରୁଛନ୍ତି। ସହରାଞ୍ଚଳରେ ପିଲାମାନେ ଯେଭଳି ଶିକ୍ଷାର ସୁବିଧା ପାଉଛନ୍ତି ସେଭଳି ମାନର ଶିକ୍ଷା ପଦ୍ଧତି ସେ ଆପଣାଇଛନ୍ତି। ତାଙ୍କ ସ୍ମାର୍ଟ କ୍ଲାସର ଛାତ୍ରମାନେ ଉଚ୍ଚଶିକ୍ଷା କ୍ଷେତ୍ରରେ ବି ପାରଦର୍ଶିତା ଲାଭ କରିପାରୁଛନ୍ତି । ପ୍ରଥମରୁ ଦ୍ୱାଦଶ ଯାଏ ପିଲା ତାଙ୍କ ସ୍ମାର୍ଟ କ୍ଲାସ୍‌ରେ ପଢୁଛନ୍ତି। ୬ଟି ଜିଲାର ୧୫ରୁ ଊର୍ଦ୍ଧ୍ୱ ଗାଁରେ ଚାଲିଛି ସ୍ମାର୍ଟ କ୍ଲାସ୍ । ସେ ଗ୍ରାମାଞ୍ଚଳର ସ୍କୁଲଗୁଡ଼ିକୁ ପୋଷ୍ୟ ଭାବେ ଗ୍ରହଣ କରି ସ୍ମାର୍ଟ କ୍ଲାସ୍ ମାଧ୍ୟମରେ ପିଲାମାନଙ୍କୁ ଉଚ୍ଚମାନର ଶିକ୍ଷା ପ୍ରଦାନ କରୁଛନ୍ତି। ପ୍ରଭାତଙ୍କ ସହ ତାଙ୍କର ଅନେକ ବନ୍ଧୁ ଏହି ଅଭିଯାନରେ ଯୋଡ଼ି ହୋଇଛନ୍ତି ଓ ଏ ବାବଦର ସମସ୍ତ ଖର୍ଚ୍ଚର ୭୦% ସେମାନଙ୍କ ଦରମାରୁ ଦେଉଛନ୍ତି। ଆଉ ଯାହା ଦରକାର ତାହା କର୍ପୋରେଟ ପାର୍ଟନରଙ୍କଠାରୁ ଗ୍ରହଣ କରୁଛନ୍ତି। ୨୦୨୧ ସୁଦ୍ଧା ୪୦ଟି ଗାଁକୁ ସ୍ମାର୍ଟ କ୍ଲାସ୍ ସମ୍ପ୍ରସାରଣ କରି ୧୦,୦୦୦ ପିଲାଙ୍କୁ ଏଥିରେ ସାମିଲ କରିବାର ଲକ୍ଷ୍ୟ ରଖିଛନ୍ତି ବୋଲି କହନ୍ତି ୩୫ ବର୍ଷୀୟ ପ୍ରଭାତ।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ମାର୍ଚ୍ଚ ୧୯୯୬

- ଫିଲିପାଇନ୍ସର ରାଜଧାନୀ ମାନିଲା ସହରର ଉପକଣ୍ଠସ୍ଥିତ ଏକ ନାଇଟ୍ କ୍ଲବ ଗୃହରେ ଭୟାବହ ଅଗ୍ନିକାଣ୍ଡ ଘଟି ୧୫୦ ଜଣ ଜୀବନ୍ତ ଦଗ୍ଧ।
- ଉତ୍ତର ଜାଫ୍‌ନା ଉପଦ୍ୱୀପରେ ଏଲ୍‌ଟିଟିଇ ଗେରିଲାମାନଙ୍କ ଦ୍ୱାରା ଖଞ୍ଜା ଯାଇଥିବା ସ୍ଥଳ ମାଇନ୍‌ବିସ୍ଫୋରଣରେ ୧୮ ଶ୍ରୀଲଙ୍କା ସୈନ୍ୟ ମୃତ।
- କଲିକତା ସୁପର ଡିଭିଜନ ଲିଗ୍ ଓ ଆଇଏଫ୍‌ଏ ସିଲ୍ଡ ଟୁର୍ନାମେଣ୍ଟର ଏକଚାଟିଆ ପ୍ରସାରଣ ଅଧିକାର ପାଇଁ ଇଏସ୍‌ପିଏନ୍ ସ୍ପୋର୍ଟ୍ସ ଚ୍ୟାନେଲ ଓ ଭାରତୀୟ ଫୁଟବଲ ଆସୋସିଏଶନ ମଧ୍ୟରେ ଏକ ରାଜିନାମା ସମ୍ପନ୍ନ ହୋଇଛି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 8 | | | | | | 3 | | | | | | | E |
| | | E | | | | | | A | 5 | | 1 | | 7 | 2 |
| 2 | | 1 | | | | | | | C | 4 | E | | 8 | |
| 9 | B | 3 | | | | | | 2 | | | A | C | 0 | |
| | | | | | 8 | | C | 1 | | | 9 | 6 | | |
| 4 | | | | 9 | | | | D | | | 0 | 8 | 6 | 3 |
| | | | | D | 2 | | | | 1 | | | E | | A |
| | D | | | | | | | 9 | | | 5 | | | C |
| | | | E | 4 | | | A | | | | | | | 1 |
| 5 | | 8 | | | 6 | | | | | | 7 | | B | 4 |
| | | | 0 | 6 | | 7 | B | 5 | | C | | 4 | | |
| C | 9 | | | B | | | | 8 | 7 | | | 3 | 5 | 6 |
| A | 2 | | | | | | E | | D | 5 | | | | |
| | E | | | 5 | | | | | | 0 | | | A | |
| | | | C | 3 | | D | 4 | | | | | | | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 1 | B | 0 | E | 9 | 4 | 5 | 8 | 6 | 3 | 2 | 7 | C | D |
| 6 | C | 0 | 2 | B | 8 | E | 7 | 9 | 4 | D | A | 1 | 3 | 5 |
| 2 | 5 | 3 | 7 | 1 | D | B | A | 0 | 9 | 8 | C | E | 6 | 4 |
| 7 | D | 9 | C | 6 | 4 | 3 | 2 | 1 | E | 0 | 5 | B | A | 8 |
| 4 | E | 8 | 3 | 5 | A | 6 | C | D | 1 | B | 7 | 0 | 9 | 2 |
| C | 6 | 5 | 8 | 4 | 0 | 7 | 1 | B | D | E | 9 | 3 | 2 | A |
| 3 | 8 | D | B | 7 | E | C | 9 | 4 | 2 | A | 1 | 6 | 5 | 0 |
| 9 | 4 | 1 | D | A | 6 | 5 | 0 | 2 | 7 | C | 3 | 8 | E | B |
| B | A | 7 | 1 | 2 | 3 | D | 8 | E | 5 | 6 | 0 | C | 4 | 9 |
| 0 | 2 | E | 9 | C | 5 | A | 3 | 6 | B | 4 | 8 | D | 7 | 1 |
| 8 | 0 | 4 | 5 | 3 | C | 1 | E | 7 | A | 9 | D | 2 | B | 6 |
| 1 | 9 | 6 | E | 8 | 7 | 2 | D | A | C | 5 | B | 4 | 0 | 3 |
| E | 3 | A | 6 | 0 | 1 | 9 | B | C | 8 | 2 | 4 | 5 | D | 7 |
| D | 7 | 2 | 4 | 9 | B | 0 | 6 | 5 | 3 | 1 | E | A | 8 | C |
| 5 | B | C | A | D | 2 | 8 | 4 | 3 | 0 | 7 | 6 | 9 | 1 | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସରକାର ଓ କୃଷକ ଜିଦ୍‌ରୁ ଓହରନ୍ତୁ

ମହାଶୟ,

କୃଷକର ଉନ୍ନତି ହିଁ କୃଷିର ଉନ୍ନତି, ଯାହାଦ୍ୱାରା ସମଗ୍ର ଦେଶ ବିକଶିତ ହେବ। ଏବେ ଦିଲ୍ଲୀରେ କୃଷକମାନେ ଆନ୍ଦୋଳନ ଜାରି ରଖିଛନ୍ତି । ଆନ୍ଦୋଳନର ମୁଖ୍ୟ ଭୂମିକା ପଞ୍ଜାବୀ କୃଷକମାନେ ଗ୍ରହଣ କରୁଛନ୍ତି। ସେମାନଙ୍କ ସହ ଦିନକୁ ଦିନ ଦେଶର ବିଭିନ୍ନ ଭାଗର କୃଷକମାନେ ସାମିଲ ହେଉଛନ୍ତି। କୃଷକଙ୍କ ଜିଦ୍ ଯେ ୩ କୃଷି ଆଇନକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଉ। କିନ୍ତୁ ସରକାର ତାହା ଗ୍ରହଣ କରିବାକୁ ଆଗ୍ରହୀ ନୁହନ୍ତ, ବରଂ ତାଙ୍କ ଜିଦ୍‌ରେ ଅଟଳ ରହିଛନ୍ତି। ସରକାର କୃଷକ ସଂଘକୁ ଆହ୍ୱାନ ଦେଇଛନ୍ତି ଯେ ଯଦି ଆଇନରେ କିଛି କୃଷକ ବିରୋଧୀ ନିୟମ ଥାଏ ତାକୁ ସଂଘ ଦର୍ଶାଇଦେଲେ ସରକାର ସେ ଆଇନକୁ କୃଷକଙ୍କ ମତାନୁଯାୟୀ ସଂଶୋଧନ କରିଦେବେ କିମ୍ବା ଆଇନରୁ ପୂରା ବାଦ୍ ଦେବେ। ଏପରି ସ୍ଥଳେ କୃଷକ ସଂଘ ତାହା ଗ୍ରହଣ ନ କରି ଆନ୍ଦୋଳନ ଦୀର୍ଘଦିନ ଧରି ଉଜ୍ଜୀବିତ କରି ରଖିବାକୁ ମନସ୍ଥ କରିଛି। ପ୍ରକୃତରେ କୃଷକ ଓ କୃଷିର ସ୍ୱାର୍ଥ ପାଇଁ ଦୁଇ ପକ୍ଷ ନିଜ ନିଜ ଜିଦ୍‌ରୁ ଓହରି ଯାଇ ତୁରନ୍ତ ଏହାର ସମାଧାନ କରିବା ଉଚିତ।

–ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ହୋଇଛି ଶୀତଳ ପୂତ ବିରଚି
ବିରାଟ ଇତିହାସ
ସଂଖ୍ୟାହୀନ ସ୍ମୃତିସ୍ତମ୍ଭ ଯୁଗାନ୍ତ
ସଞ୍ଚିତ ଅଭିଳାଷ ।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୨,୨୬,୫୫,୨୯୪ | ୨୭,୦୭,୦୮୩ | ୯,୮୮,୬୧,୨୧୨ |
| ଭାରତ | ୧,୧୫,୫୪,୭୬୪ | ୧,୫୯,୫୯୩ | ୧,୧୧,୦୫,୦୪୮ |
| ଓଡ଼ିଶା | ୩,୩୮,୫୯୯ | ୧୯୧୮(+୫୩) | ୩,୩୫,୯୯୪ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# କୃଷକଙ୍କ ପାଇଁ ମୋଦି ବିପଦ: ଟିକାଏତ୍

## ଚଣ୍ଡିଖୋଲରେ କୃଷକଙ୍କ ମହାପଞ୍ଚାୟତ

## ‘କୃଷିଜାତ ଦ୍ରବ୍ୟର ପ୍ରକୃତ ମୂଲ୍ୟ ନ ମିଳିବା ଯାଏ ଦେଶର ପ୍ରଗତି ଅସମ୍ଭବ’

**ଚଣ୍ଡିଖୋଲ, ୧୯।୩(ଡି.ଏନ.ଏ.)**

ଖାଦ୍ୟ ସମସ୍ତଙ୍କ ପାଇଁ ଏକ ଜରୁରୀ ଆବଶ୍ୟକତା। ହେଲେ ଦେଶବାସୀଙ୍କ ମୁହଁରେ ଆହାର ଦେବା ପାଇଁ ଦିନରାତି ଏକ କରିଦେଉଥିବା କୃଷକମାନଙ୍କୁ ଅବହେଳା କରାଯାଉଛି। ଏହାର ପ୍ରତିବାଦ ସହ ନିଜ ଅଧିକାର ପାଇଁ ଦିଲ୍ଲୀ ସୀମାରେ ୪ ମାସ ଧରି ଆନ୍ଦୋଳନ କରୁଥିବା କୃଷକଙ୍କ କଥା ଶୁଣୁନାହାନ୍ତି କେନ୍ଦ୍ର ସରକାର। ଚାଷୀଙ୍କ ଚିତ୍କାରରେ ନିଦ ଭାଙ୍ଗୁନାହିଁ। କେନ୍ଦ୍ରକୁ କେବଳ ଗୋଟିଏ ନିଶା ଘାରିଛି, ତାହାହେଲା ପୁଞ୍ଜିପତିମାନଙ୍କୁ ଧନଶାଳୀ କରିବା। ନରେନ୍ଦ୍ର ମୋଦି ସରକାର କୃଷକ ବିରୋଧୀ ବୋଲି ଏଥିରୁ ସ୍ପଷ୍ଟ ହେଉଛି। ମୋଦି ସରକାରଙ୍କୁ ଶୁକ୍ରବାର ଏଭଳି ଭାଷାରେ ଟାର୍ଗେଟ୍ କରିଛନ୍ତି ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବି ନେଇ ଆନ୍ଦୋଳନରତ ଲକ୍ଷାଧିକ କୃଷକଙ୍କ ନେତୃତ୍ୱ ନେଉଥିବା ଭାରତୀୟ କିଷାନ ୟୁନିୟନ (ବିକେୟୁ) ମୁଖପାତ୍ର ରାକେଶ ଟିକାଏତ୍।

ଚଣ୍ଡିଖୋଲ ସୁଙ୍ଗୁଡ଼ା ଖେଳପଡ଼ିଆଠାରେ ଆୟୋଜିତ କୃଷକମାନଙ୍କ ମହାପଞ୍ଚାୟତରେ ଉଦ୍‌ବୋଧନ ଦେଇ କୃଷକ ନେତା ଟିକାଏତ୍ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ସେ କହିଛନ୍ତି, ଭାରତରେ ୯୦କୋଟି ଲୋକ କୃଷି ଉତ୍ପାଦ ଉପରେ ନିର୍ଭର କରି ବଞ୍ଚୁଛନ୍ତି। ମାତ୍ର କୃଷକମାନଙ୍କୁ ଅଣଦେଖା କରି ସରକାର ପୁଞ୍ଜିପତିଙ୍କ ପ୍ରତି ଆକର୍ଷିତ ହୋଇଚାଲିଛନ୍ତି। କୃଷକଙ୍କ ପାଇଁ ମୋଦି ବେଶି ବିପଦ ପାଲଟିଛନ୍ତି ବୋଲି ଟିକାଏତ୍ ସମାଲୋଚନା କରିଛନ୍ତି।

ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିଶାଳ ମହାସଭାରେ ସଂଯୁକ୍ତ କିଷାନ ମୋର୍ଚ୍ଚାର କେନ୍ଦ୍ରୀୟ ନେତା ପଞ୍ଜାବର ବଲବୀର ସିଂ ରାଜେୱାଲ କହିଲେ, କୃଷକମାନଙ୍କ ପାଇଁ ସରକାରଙ୍କ ପାଖରେ ପଇସା ନାହିଁ। ମାତ୍ର ଶିଳ୍ପପତିମାନଙ୍କୁ ଋଣ ଛାଡ଼ ସହିତ ସବୁପ୍ରକାର ସୁବିଧା ଦିଆଯାଉଛି। କୃଷକମାନଙ୍କ ମଧ୍ୟରେ ଭାରତ ସାରା ଭାଇଚାରା ସୃଷ୍ଟି ହୋଇଗଲାଣି। ଏବେ ଯେଉଁ ଆନ୍ଦୋଳନ ଚାଲିଛି ତାହା ନୂଆକରି ଅର୍ଥନୈତିକ ସ୍ୱାଧୀନତା ସମ୍ବଳିତ ଆନ୍ଦୋଳନ ବୋଲି ସେ କହିଥିଲେ। ମହାପଞ୍ଚାୟତରେ ସଂଯୁକ୍ତ କିଷାନ ମୋର୍ଚ୍ଚାର କେନ୍ଦ୍ରୀୟ ନେତା ହରିୟାଣାର ଗୁରୁନାମ ସିଂ କହିଥିଲେ, ଦେଶରେ ଗରିବ ଓ ଧନୀ ଭିତରେ କେତେ ବ୍ୟବଧାନ ରହିଛି ତାହା ସରକାର ଅନୁଶୀଳନ କରୁନାହାନ୍ତି। ମୋଦି କୃଷକ ପରିବାରର ଆୟ ୨୦୨୨ ସୁଦ୍ଧା ୨ଗୁଣ କରିଦେବେ ବୋଲି କହୁଛନ୍ତି। ଯଦି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଦୁଇଗଣ କରାଯାଏ, ତେବେବି ଚାଷୀକୁଳ କ୍ଷତିରେ ରହିବେ। ନୂଆ ଆଇନରେ ଖେତକୁ ଚାଷୀ ଚଳାଇବେ। ଖେତ ଜାତ ସାମଗ୍ରୀ କମ୍ପାନୀ ମାଲିକାନାରେ ବଜାରକୁ ଯିବ। ଜଣେ ଲୋକ କେତେ ସମ୍ପତ୍ତି ରଖିପାରିବ ତା’ର ନିର୍ଣ୍ଣୟ ସରକାର ନ କରି ଚାଷୀଙ୍କ ଉପରେ ସିଲିଂ ଲାଗୁ କରୁଛନ୍ତି। ସମସ୍ତ କୃଷି ଉତ୍ପାଦନ ଉପରେ ସର୍ବନିମ୍ନ ସହାୟତା ପ୍ରଦାନ କରିବା ଜରୁରୀ ହୋଇଛି।

ମୋର୍ଚ୍ଚାର ଅନ୍ୟତମ ନେତା ଉତ୍ତରପ୍ରଦେଶର ଉଦ୍‌ବୀର ସିଂ କହିଲେ, କେନ୍ଦ୍ର ସରକାର ଯେଉଁ ଆଇନ କରିଛନ୍ତି, ତାହା ଚାଷୀ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ନୁହେଁ। ତେଣୁ ଏହାକୁ ପ୍ରତ୍ୟାହାର ନ କରି ସରକାର ଏକତରଫା ଜିଦ୍‌ରେ ବସିଛନ୍ତି। ଚାରିମାସର ଆନ୍ଦୋଳନ ଅଭିଜ୍ଞତାରୁ ଆମେ ଜାଣୁଛୁ ଯେ, ଦିଲ୍ଲୀରେ ଏକ ସରକାର ନାହିଁ। ପୁଞ୍ଜିପତି ବସିଛନ୍ତି। ରେଲୱେ ଭଳି ଅନେକ ସରକାରୀ ସଂସ୍ଥା ଓ ଉଦ୍ୟୋଗକୁ ଘରୋଇକରଣ କରି ପୁଞ୍ଜିପତିମାନଙ୍କ ହାତକୁ ଟେକିଦେବାକୁ ଉଦ୍ୟମ ଚାଲିଛି। ସଂଯୁକ୍ତ କିଷାନ ମୋର୍ଚ୍ଚାର ଅନ୍ୟତମ ନେତା ବମ୍ୱେର ଫିରୋଜ୍ ମିଠିବୋରୱାଲା କହିଥିଲେ, ଯିଏ ମାଟିକୁ ବଞ୍ଚାଇବ ସେ ଏହି ଧରିତ୍ରୀକୁ ବଞ୍ଚାଇବ। ମାଟି ଆମକୁ ଯୋଡ଼ିଥାଏ। ଏହା କେବଳ ଚାଷୀଙ୍କ ଦ୍ୱାରା ସମ୍ଭବ। ଏହି ଅବସରରେ କେନ୍ଦ୍ରୀୟ କୃଷକ ନେତାମାନେ ଚଣ୍ଡିଖୋଲ ଅଞ୍ଚଳର ମାଟି ଗ୍ରହଣ କରିଥିଲେ। ଝାଡ଼ଖଣ୍ଡର କୃଷକ ନେତା ଭଗବାନ ସିଂ ସମୟ ଆସିବ ଧର୍ମ ରାଜନୀତିକୁ ଭାରତବର୍ଷ ପ୍ରତ୍ୟାଖ୍ୟାନ କରିବ ବୋଲି କହିଥିଲେ। ସମାବେଶକୁ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ସଞ୍ଚାଳନ କରିଥିଲାବେଳେ ଉତ୍ତରପ୍ରଦେଶର କୃଷକ ନେତା ହିମାଂଶୁ ତିୱାରୀ ସ୍ୱାଗତ ଭାଷଣ ଦେଇଥିଲେ। ବାରବାଟୀ କଟକ ବିଧାୟକ ମହମ୍ମଦ ମୋକିମ ଏବଂ ବରିଷ୍ଠ ସାମ୍ବାଦିକ ରବି ଦାସ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟ ସହସଂଯୋଜକ ଉମାକାନ୍ତ ଭାରତୀ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟ ସହସଂଯୋଜକ ନିମାଇଁ ରାୟ, ଯାଜପୁର ଜିଲା ସଂଯୋଜକ ଦୁର୍ଗାପ୍ରସାଦ ଦାସ, ସୁବାସ ଚନ୍ଦ୍ର ଖଣ୍ଡାଇ, ଅଶୋକ ଶାନ୍ତି, ଶିଶିର ସାମଲ ଓ ମାଧବ ଶାନ୍ତି ପ୍ରମୁଖ ସମାବେଶ ପରିଚାଳନା କରିଥିଲେ।





ଚଣ୍ଡିଖୋଲଠାରେ ଆୟୋଜିତ ଚାଷୀ ମହାପଞ୍ଚାୟତରେ ଜାତୀୟ ଏବଂ ରାଜ୍ୟସ୍ତରୀୟ କୃଷକ ନେତୃବୃନ୍ଦ ଓ ଉପସ୍ଥିତ ଚାଷୀମାନେ।

# ପିପିଲି ଦାୟିତ୍ୱରେ ବିଜେଡି ନେତାଙ୍କ ତାଲିକା

## ଉପନିର୍ବାଚନ ପାଇଁ ରଣନୀତି

**ଭୁବନେଶ୍ୱର, ୧୯।୩(ବ୍ୟୁରୋ)**

ପିପିଲି ଉପନିର୍ବାଚନ ୧୭ ଏପ୍ରିଲରେ ଅନୁଷ୍ଠିତ ହେବ। ପିପିଲିବାସୀଙ୍କ ଭୋଟକୁ ନିଜ ସପକ୍ଷରେ ନେବା ପାଇଁ ଶାସକ ବିଜେଡି ପ୍ରସ୍ତୁତି ଆରମ୍ଭ କରିଛି। ଏଥିପାଇଁ ଗୋଟିଏ ଗୋଟିଏ ପଞ୍ଚାୟତରେ ଏକାଧିକ ନେତାଙ୍କୁ ଦାୟିତ୍ୱ ଦିଆଯାଇଛି। ମୁଖ୍ୟତଃ ପିପିଲି ଏବଂ ଡେଲାଙ୍ଗ ଉପରେ ଦଳ ମାତ୍ରାଧିକ ଗୁରୁତ୍ୱ ଦେଇଛି। ମନ୍ତ୍ରୀ ସମୀରରଞ୍ଜନ ଦାସ ଏବଂ ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କୁ ପିପିଲି ବ୍ଲକ୍ ଦାୟିତ୍ୱ ଦିଆଯାଇଛି। ପିପିଲି ବ୍ଲକ୍ ଅଞ୍ଚଳରେ ୨୫ଟି ଗ୍ରାମପଞ୍ଚାୟତ ରହିଛି। ପ୍ରତ୍ୟେକ ପଞ୍ଚାୟତ ଦାୟିତ୍ୱରେ ଜଣେ ଲେଖାଏ ବିଧାୟକ ଏବଂ ବରିଷ୍ଠ ନେତା ଅଛନ୍ତି। ଗୋଟିଏ ଗୋଟିଏ ପଞ୍ଚାୟତରେ ୫ଜଣ ଲେଖାଏଁ ଦାୟିତ୍ୱରେ ରହିଛନ୍ତି। ସେହିପରି ଡେଲାଙ୍ଗ ବ୍ଲକ୍ ଦାୟିତ୍ୱ ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ଦିଆଯାଇଛି। ଏହି ବ୍ଲକରେ ୩ରୁ ୪ଟି ଲେଖାଏ ପଞ୍ଚାୟତ ଦାୟିତ୍ୱ ଜଣେ ଲେଖାଏ ବିଧାୟକ ଓ ବରିଷ୍ଠ ନେତାଙ୍କୁ ଦିଆଯାଇଛି। ସେହିପରି ବିଧାୟକ ସୁଧୀର କୁମାର ସାମଲଙ୍କୁ ପିପିଲି ଏନ୍‌ଏଏସିର ୧୬ଟି ୱାର୍ଡ ଦାୟିତ୍ୱ ଦିଆଯାଇଛି। ତାଙ୍କ ଅଧୀନରେ ମଧ୍ୟ ଏକାଧିକ ନେତା ଅଛନ୍ତି, ଯେଉଁମାନେ ଏକ ପାଖିଆ ଭାବେ ଏନ୍‌ଏଏସି ବୁଥ୍‌କୁ ନିଜ ସପକ୍ଷରେ ନେବାକୁ ଚେଷ୍ଟା କରିବେ। ଶାସକ ଦଳ ପକ୍ଷରୁ ପ୍ରକାଶ କରାଯାଇଥିବା ଏହି ତାଲିକାରେ ବହୁ ନୂଆ ଚେହେରାଙ୍କୁ ଦେଖିବାକୁ ମିଳୁଛି। ଦଳର ଅନୁଭବୀ ଏବଂ ଅଭିଜ୍ଞ ନେତା ଏପର୍ଯ୍ୟନ୍ତ ତାଲିକାରେ ସାମିଲ ହୋଇନାହାନ୍ତି । ପିପିଲି ପାଇଁ ଆଗକୁ ଆଉ ଏକ ତାଲିକା ପ୍ରକାଶ ପାଇବ ବୋଲି ଆଲୋଚନା ହେଉଛି।

# ସ୍ଥାୟୀ ନିଯୁକ୍ତି ଦାବିରେ ଧାରଣା

**ଭୁବନେଶ୍ୱର, ୧୯।୩(ବ୍ୟୁରୋ)**

ରାଜ୍ୟର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ କାର୍ଯ୍ୟରତ ଆୟୁଷ ଡାକ୍ତରମାନେ ସ୍ଥାୟୀ ନିଯୁକ୍ତି ଦାବି ନେଇ ଶୁକ୍ରବାର ଭୁବନେଶ୍ୱର ଲୋୟର ପିଏମଜିରେ ଧାରଣା ଦେଇଛନ୍ତି। ଏଲୋପାଥି ଡାକ୍ତରମାନଙ୍କ ଅଭାବ ଯୋଗୁ ଆୟୁଷ ଡାକ୍ତରମାନେ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୧୪ବର୍ଷ ଧରି ସେବା ଯୋଗାଇ ଆସୁଛନ୍ତି। ଆୟୁଷ ଡାକ୍ତରମାନେ ରୋଗୀ ସେବା କରିବା ସହ ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ଯୋଜନା ଯଥା– ଟିକାକରଣ, ମମତା ଦିବସ, ପୁଷ୍ଟିକର ଦିବସ, ଯକ୍ଷ୍ମା, ମ୍ୟାଲେରିଆ, କୁଷ୍ଠ ନିରାକଣ ଯୋଜନା ଆଦି ତଦାରଖ କରିଆସୁଛନ୍ତି। ଏହାବ୍ୟତୀତ ପ୍ରସବ କରାଇବା, ପ୍ରସୂତି ଚିକିତ୍ସା, ଜରୁରୀକାଳୀନ ଚିକିତ୍ସା, ବନ୍ୟା, ବାତ୍ୟା, ମହାମାରୀ, ସ୍ୱାସ୍ଥ୍ୟ ଶିବିର ଆଦିରେ ସେବା ଯୋଗାଉଛନ୍ତି। ବାରମ୍ବାର ଦାବି ପରେ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଆନ୍ତଃ ମନ୍ତ୍ରୀ କମିଟି ତାଲିକାରେ ଆୟୁଷ ଡାକ୍ତରମାନଙ୍କ ଚାକିରୀ ସ୍ଥାୟୀକରଣ ସ୍ଥାନ ପାଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇ ଓପିଏସ୍‌ସି ପରୀକ୍ଷା ବଦଳରେ ସ୍ଥାୟୀ ନିଯୁକ୍ତି ଦିଆଯିବ ବୋଲି ନିଷ୍ପତ୍ତି ହୋଇଥଲା। କିନ୍ତୁ ଏଯାବତ୍ ସ୍ଥାୟୀ ନିଯୁକ୍ତି ଫାଇଲ ଅର୍ଥ ବିଭାଗର ଅନୁମୋଦନ ପାଇଁ ଯାଇନାହିଁ। ଏଥିପାଇଁ ଆୟୁଷ ଡାକ୍ତରମାନଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି। ସରକାର ଯଦି ତୁରନ୍ତ ସ୍ଥାୟୀ ନିଯୁକ୍ତି ନ ଦିଅନ୍ତି ତେବେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଆୟୁଷ ଡାକ୍ତର ଉନ୍ନୟନ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଧାରଣାରେ ସଂଘର ସଭାପତି ଡାକ୍ତର ଜ୍ୟୋତିରଞ୍ଜନ ଗାହାଣ, ଉପସଭାପତି ପାର୍ଥସାରଥୀ ଦାସ, ସାଧାରଣ ସମ୍ପାଦକ ପ୍ରଭାକର ଦାସ, ସହସମ୍ପାଦକ ଉମାକାନ୍ତ ରଣା, କୋଷାଧ୍ୟକ୍ଷ ଚନ୍ଦ୍ରକାନ୍ତ ରାଉତ, ଆବାହକ ବିଶ୍ୱରଞ୍ଜନ ଜେନା ପ୍ରମୁଖ ସାମିଲ ଥିଲେ।

# ଧାମରା ଶିଳ୍ପକେନ୍ଦ୍ର, ଟାଉନଶିପ ଲାଗି ମାଷ୍ଟରପ୍ଲାନ ପ୍ରସ୍ତୁତ କର: ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୧୯।୩(ବ୍ୟୁରୋ):** ଓଡ଼ିଶାର ପୂର୍ବତଟରେ ବନ୍ଦର-ଭିତ୍ତିକ ଶିଳ୍ପାନ୍ୱୟନ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଯୋଜନା ବର୍ତ୍ତମାନ ସାକାର ରୂପ ନେଉଛି। ପାରାଦ୍ୱୀପ ସହିତ ଧାମରା ଏବଂ ଗୋପାଳପୁର ଗଭୀର ପୋର୍ଟର ଦ୍ରୁତ ବିକାଶ ଏ ଦିଗରେ ନୂଆ ସମ୍ଭାବନା ସୃଷ୍ଟି କରିଥିବା ଲୋକସେବା ଭବନ ସଭାଗୃହରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଆଭାସ ମିଳିଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଧାମରା ଏବଂ ଗୋପାଳପୁର ବନ୍ଦରର ଅଗ୍ରଗତି ଓ ଧାମରାଠାରେ ବନ୍ଦର-ଭିତ୍ତିକ ଶିଳ୍ପାଞ୍ଚଳ ପ୍ରତିଷ୍ଠା ବିଷୟରେ ସବିଶେଷ ଆଲୋଚନା ହୋଇଥିଲା।

ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ ବନ୍ଦରର ବିକାଶ ଏବଂ ସମ୍ପ୍ରସାରଣ ସମ୍ବନ୍ଧରେ ଆଲୋଚନା କରିଥିଲେ। ଧାମରା ପୋର୍ଟର ଅଗ୍ରଗତି ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ବନ୍ଦର ପାଖାପାଖି ସରକାରୀ ଜମିକୁ ଜବର ଦଖଲରୁ ମୁକ୍ତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ଦର ପାଖାପାଖି ଶିଳ୍ପ ଉପଯୋଗୀ ସ୍ଥାନରେ ଜମି ଅଧିଗ୍ରହଣ କରି ଶିଳ୍ପାଞ୍ଚଳ ନିମନ୍ତେ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ଉପସ୍ଥିତ ଇଡକୋ ଅଧ୍ୟକ୍ଷ ସଂଜୟ କୁମାର ସିଂକୁ ସେ କହିଛନ୍ତି। ବର୍ତ୍ତମାନ ଧାମରା ପୋର୍ଟର ସମ୍ପ୍ରସାରଣ, ରେଳଲାଇନ୍ ସଂଯୋଗ, ଏଲ୍.ଏନ୍.ଜି. ଟ୍ୟାଙ୍କ୍ ନିର୍ମାଣ, ଏୟାର ଷ୍ଟ୍ରିପ୍ ବିକାଶ ଆଦି କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବାରୁ ଏଠାରେ ଏକ ବନ୍ଦର ଭିତ୍ତିକ ସହର ଏବଂ ଶିଳ୍ପାଞ୍ଚଳ ପ୍ରତିଷ୍ଠାର ସମ୍ଭାବନା ବୃଦ୍ଧି ପାଇଛି। ଏଥିପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବା ସହ ଉପଲବ୍ଧ ଜମିର ସୁରକ୍ଷା କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ବାଣିଜ୍ୟ ଓ ପରିବହନ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ମନୋଜ ମିଶ୍ର କହିଛନ୍ତି ଯେ, ୨୦୧୧ରେ ବନ୍ଦରର ବାର୍ଷିକ ଦ୍ରବ୍ୟ କାରବାର ୫ ନିୟୁତ ଟନ୍ ଥିବା ବେଳେ ଚଳିତ ଆର୍ଥିକ ବର୍ଷ ଫେବୃଆରୀ ଶେଷ ସୁଦ୍ଧା ଏହା ୨୯.୩୭ ନିୟୁତ ଟନ୍ ରେ ପହଞ୍ଚିଛି। ଚଳିତ ଆର୍ଥିକ ବର୍ଷ ଶେଷସୁଦ୍ଧା ଏହା ୩୦.୫ ନିୟୁତ ଟନ୍ ଛୁଇଁବାର ଆଶା କରାଯାଉଛି। ବନ୍ଦରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ତ୍ରିପାଠୀ କହିଛନ୍ତି, ଏହି ସମୟ ମଧ୍ୟରେ ଧାମରା ବନ୍ଦର ରାଜ୍ୟ ସରକାରଙ୍କୁ ପ୍ରାୟ ୬୧୨ କୋଟି ଟଙ୍କାର ରାଜସ୍ୱ ଅଂଶ ଦେଇଛି। ମୁଖ୍ୟ ଶାସନ ସଚିବ ମଧ୍ୟ ଗୋପାଳପୁର ବନ୍ଦରର ଅଗ୍ରଗତି ବିଷୟ ସମୀକ୍ଷା କରିଥିଲେ।






**କ୍ଷମା ମାଗିଲେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ**

ଫଟା ଜିନ୍ସ ପିନ୍ଧୁଥିବା ମହିଳା ସଂସ୍କାରୀ ନୁହନ୍ତି ବୋଲି ବିବାଦୀୟ ମନ୍ତବ୍ୟ ଦେଇଥିବା ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତିରଥ ସିଂ ରାୱତ ଏଥିପାଇଁ ଶୁକ୍ରବାର କ୍ଷମା ମାଗିଛନ୍ତି। ତାଙ୍କ ମନ୍ତବ୍ୟ ଯଦି କାହାକୁ ଆଘାତ ଦେଇଥାଏ ତେବେ ଏଥିପାଇଁ ସେ ଦୁଃଖିତ ବୋଲି କହିଛନ୍ତି। ଯଦିଓ ଜିନ୍ସ ପିନ୍ଧିବାରେ କୌଣସି ସମସ୍ୟା ନାହିଁ, ତେବେ ଜଣେ ଚିରା ଜିନ୍ସ ପିନ୍ଧିବା ଠିକ୍ ନୁହେଁ ବୋଲି ସେ ଦୋହରାଇଛନ୍ତି। ତାଙ୍କର ମନ୍ତବ୍ୟକୁ ନେଇ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଥିଲେ।



## ସଂକ୍ଷେପରେ

### ପୋଲିସ ଗାଡ଼ିକୁ ଆକ୍ରମଣ: ୧୩ ଅଫିସର ନିହତ

**ମେକ୍ସିକୋ ସିଟି, ୧୯।୩ (ଆଇଏଏନ୍ଏସ୍):** ମେକ୍ସିକୋରେ ଏକ ପୋଲିସ ଗାଡ଼ି ଉପରେ ଅତର୍କିତ ଆକ୍ରମଣ ଫଳରେ ୧୩ ଜଣ ଅଧିକାରୀ ନିହତ ହୋଇଛନ୍ତି। ଗୁରୁବାର ଅପରାହ୍ନରେ କୋଏଟେପେକ୍ ହାରିନାସ୍ ସହରରେ ଏହି ଆକ୍ରମଣ ଘଟିଥିଲା। ପାଟ୍ରୋଲିଂରେ ଯାଉଥିବା ୮ପୋଲିସ ଅଧିକାରୀ ଓ ୫ ପ୍ରସିକ୍ୟୁଟର ଆକ୍ରମଣରେ ପ୍ରାଣ ହରାଇଥିବା ମେକ୍ସିକୋ ସୁରକ୍ଷା ସଚିବ କହିଛନ୍ତି।

### ୧୦୦ ସରକାରୀ ଅଫିସରେ ସିବିଆଇ ଚଢ଼ାଉ

**ନୂଆଦିଲ୍ଲୀ, ୧୯।୩:** ସିବିଆଇ ଶୁକ୍ରବାର ୧୫ ରାଜ୍ୟରେ ଥିବା ପାଖାପାଖି କେନ୍ଦ୍ର ସରକାରୀ କାର୍ଯ୍ୟାଳୟରେ ଅଚାନକ ଚଢ଼ାଉ କରିଛି। ଏହିସବୁ ଅଫିସ୍‌ରେ ଦୁର୍ନୀତି ସମ୍ଭାବନା ରହିଥିବା ଜଣେ ଅଧିକାରୀ କହିଛନ୍ତି। ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, ଦିଲ୍ଲୀ ସମେତ ଅନ୍ୟ ରାଜ୍ୟରେ ଥିବା ରେଲ୍‌ୱେ, ଆୟକର ବିଭାଗ ଓ ଅନ୍ୟାନ୍ୟ ଅଫିସ ଉପରେ ଚଢ଼ାଉ ଜାରି ରହିଛି। ଏଥିପାଇଁ ସିବିଆଇ ଅଧିକାରୀମାନେ ବିଭିନ୍ନ ବିଭାଗର ଭିଜିଲାନ୍ସ ଟିମ୍ ସହ ମିଶି ଯାଞ୍ଚ କରିଥିଲେ।

### କରୋନା ପରେ କର୍କଟ ଟିକା



**ବର୍ଲିନ, ୧୯।୩:** ଏବେ ଟାର୍ଗେଟରେ କ୍ୟାନ୍‌ସର ରହିଛି ବୋଲି ଶୁକ୍ରବାର ସ୍ପଷ୍ଟ କରିଛନ୍ତି ବିଶ୍ୱର ପ୍ରଥମ କରୋନା ଟିକା ବାୟୋଏନ୍‌ଟେକ୍ ପ୍ରସ୍ତୁତି ପଛର ମହିଳା ଓଜ୍‌ଲେମ୍ ଟୁରେସି। ସ୍ୱାମୀ ଉଗୁର ସାହିନଙ୍କ ସହ ମିଶି ଜର୍ମାନ କମ୍ପାନୀ ବାୟୋଏନ୍‌ଟେକ୍ ପ୍ରତିଷ୍ଠା କରିଥିବା ଟୁରେସି ଟ୍ୟୁମର ଉପଶମ ଲାଗି ଶରୀରର ପ୍ରତିଷେଧକ ବ୍ୟବସ୍ଥାକୁ ଉନ୍ନତ କରିବା କ୍ଷେତ୍ରରେ ଗବେଷଣାରତ। ବିଶ୍ୱ ଚିକିତ୍ସା କ୍ଷେତ୍ରରେ ଆଉ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବାକୁ ଯାଉଛି ବୋଲି ତୁର୍କୀ ବଂଶୋଦ୍ଭବ ଜର୍ମାନୀ ବୈଜ୍ଞାନିକ ଟୁରେସି ଆଶ୍ୱାସନା ଦେଇଛନ୍ତି।

### ସାମ୍ନାକୁ ଆସିଲେ ସୁଦର୍ଶନ



**ମୁମ୍ବାଇ, ୧୯।୩:** ଗତ ସପ୍ତାହରେ ରହସ୍ୟଜନକ ଭାବେ ୬୯.୩ ନିୟୁତ ଡଲାର ମୂଲ୍ୟର ଡିଜିଟାଲ ଆର୍ଟୱାର୍କ କିଣି ଚର୍ଚ୍ଚା ସାଉଁଟିଥିବା ଜଣେ ବ୍ୟକ୍ତି ଏବେ ନିଜ ପରିଚୟ ପ୍ରଘଟ କରିଛନ୍ତି। ସେ ହେଉଛନ୍ତ ଭାରତ ଜନ୍ମିତ ଜଣେ ବ୍ଲକ୍‌ଚେନ୍ ଏଣ୍ଟରପ୍ରିନ୍ୟୁର ବିଘ୍ନେଶ ସୁଦର୍ଶନ। ସିଙ୍ଗାପୁରରେ ରହୁଥିବା ପ୍ରୋଗ୍ରାମର ସୁଦର୍ଶନ ଏକ ବ୍ଲଗ୍‌ରେ ଲେଖିଛନ୍ତି, ବର୍ଣ୍ଣଗତ ସମାନତା ପାଇଁ ସେ ସବୁଠୁ ଦାମୀ ଡିଜିଟାଲ ଆର୍ଟୱାର୍କ କିଣିଛନ୍ତି। ଖ୍ରିଷ୍ଟିଜ୍ ଡଟ୍ କମ୍‌ରୁ ଗତ ୧୧ ତାରିଖରେ ଏହି ଉଚ୍ଚମୂଲ୍ୟର ନନ୍-ଫୁଙ୍ଗିବଲ୍ ଟୋକେନ (ଏନ୍ଏଫ୍‌ଟି) ଭିତ୍ତିକ ଆର୍ଟୱାର୍କ କିଣିବା ପାଇଁ ସେ ନିଜକୁ ‘ମେଟାକୋଭାନ୍’ (ଛଦ୍ମନାମ) ରୂପେ ପରିଚୟ ଦେଇଥିଲେ। ଡିଜିଟାଲ ଆର୍ଟିଷ୍ଟ ବିପଲଙ୍କ ‘ଏଭ୍ରିଡେଜ୍: ଦି ଫାଷ୍ଟ ୫୦୦୦ ଡେଜ୍’ ଶୀର୍ଷକ ଅନ୍‌ଲାଇନ୍ କୃତି କ୍ରୟ କରିବା ପଛରେ ସୁଦର୍ଶନଙ୍କ ଉଦ୍ଦେଶ୍ୟ ହେଉଛି, ଭାରତୀୟ ଓ କୃଷ୍ଣକାୟମାନେ ମଧ କଳାର ପୃଷ୍ଠପୋଷକ ହୋଇପାରିବେ ବୋଲି ପ୍ରମାଣିତ କରିବା।

---

**ଗୋଟିଏ ଦେଶ ବା ଜାତିକୁ ବିକାଶ ପଥରେ ଅଗ୍ରସର ହେବା ଲାଗି ୧୦ ବର୍ଷ କମ୍ ନୁହେଁ। କିନ୍ତୁ ଏହି ଅବଧି ମଧ୍ୟରେ ଯଦି ବିକାଶର ପତ୍ର ନ କଅଁଳି ବିନାଶର ବିସ୍ଫୋରଣ ଘଟେ ତେବେ କଥା ସରିଯାଏ ପତନମୁଖୀ ସଭ୍ୟତାର ସେହି ଭଗ୍ନସ୍ତୂପରେ। ବଞ୍ଚିବାର ଆଶା ମଉଳିଯାଏ ଆଉ ଚାରିଆଡ଼େ ଚାଲେ ଅରାଜକତାର ଅଖଣ୍ଡ ରାଜୁତି। ଏକଦା ମଧ୍ୟପ୍ରାଚ୍ୟର ସଂସ୍କୃତି ଓ ଐତିହ୍ୟସମ୍ପନ୍ନ ରାଷ୍ଟ୍ର ବୋଲାଉଥିବା ସିରିଆ ଭାଗ୍ୟରେ ଏହା ହିଁ ଜୁଟିଛି।**

### କେତେ ମୃତ

ସିରିଆନ୍ ଅବ୍‌ଜର୍ଭେଟୋରି ଫର୍ ହ୍ୟୁମାନ ରାଇଟ୍ସ (ଏସ୍ଓଏଚ୍ଆର୍) ଅନୁସାରେ ୨୦୨୦ ଡିସେମ୍ବର ସୁଦ୍ଧା ୩,୮୭,୧୧୮ ଜଣଙ୍କ ଜୀବନ ଯାଇଥିଲା। ମୃତକଙ୍କ ମଧ୍ୟରୁ ୧,୧୬,୯୯୧ ସାଧାରଣ ନାଗରିକ। ଏହାବାଦ୍ ୨୦୫,୩୦୦ ନିଖୋଜ ଅଥବା ନିହତଙ୍କୁ ମିଶାଇଲେ ସଂଖ୍ୟା ଆହୁରି ଅଧିକ ହେବ। କୁହାଯାଏ, ଏମାନଙ୍କ ଭିତରୁ ୮୮,୦୦୦ ଜଣଙ୍କୁ ସରକାରୀ ଜେଲଗୁଡ଼ିକରେ ନିର୍ଯାତନା ଦେଇ ମାରି ଦିଆଯାଇଛି। ଜାତିସଂଘ ରିପୋର୍ଟ ଅନୁସାରେ ୧୨,୦୦୦ ଶିଶୁ ମଧ ମୃତାହତ ହୋଇଛନ୍ତି।

### କେତେ ପ୍ରଭାବିତ

ସିରିଆ ସଂଘର୍ଷରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଯାଇଥିବାବେଳେ ୨.୧ ନିୟୁତ ନାଗରିକ ଆହତ କିମ୍ବା ପଙ୍ଗୁ ହୋଇଯାଇଛନ୍ତି। ପ୍ରାକ୍ ଯୁଦ୍ଧ ଜନସଂଖ୍ୟାର ଅର୍ଦ୍ଧାଧିକ (ପ୍ରାୟ ୧୨ ନିୟୁତ ଲୋକ) ସିରିଆରୁ ପଳାୟନ କରିଛନ୍ତି। ପଡ଼ୋଶୀ ଲେବାନନ, ଜୋର୍ଡାନ ଓ ତୁର୍କୀର ଶରଣାର୍ଥୀ ଶିବିରଗୁଡ଼ିକରେ ୫.୬ ନିୟୁତ ଲୋକ ଆଶ୍ରୟ ନେଇଛନ୍ତି। ଏହାକୁ ଆଧୁନିକ ଇତିହାସରେ ଶରଣାର୍ଥୀଙ୍କ ସବୁଠୁ ବଡ଼ ଗଣପଳାୟନ ବୋଲି କୁହାଯାଉଛି। ୨୦୨୧ ଜାନୁୟାରୀ ବେଳକୁ ସିରିଆ ଭିତରେ ୧୩.୪ ନିୟୁତ ଲୋକଙ୍କୁ ମାନବୀୟ ସହାୟତା ଜରୁରୀ ଥିବାବେଳେ ୧୨ ନିୟୁତରୁ ଅଧିକ ନାଗରିକ ଦୁଇଓଳି ଖାଇବାକୁ ପାଉ ନ ଥିବା ଜାତିସଂଘ କହିଛି।



ଅସୁରକ୍ଷା ସାଙ୍ଗକୁ କୋଭିଡ୍-୧୯ ମହାମାରୀ ଏବଂ ଆର୍ଥିକ ସଙ୍କଟ ମହିଳା ଓ ଝିଅମାନଙ୍କ ପାଇଁ ଅଧିକ କାଳ ହୋଇଛି। ମୋ ଭଳି ଅନେକ ଝିଅ ଯୌନ ଉତ୍ପୀଡ଼ନ, ପାରିବାରିକ ହିଂସା ଓ ବଳାତ୍କାରର ଶିକାର ହୋଇଛନ୍ତି ବୋଲି କାମିଶିଲ ସହରର ଏକ ଶରଣାର୍ଥୀ ଶିବିରରେ ରହୁଥିବା ୧୭ ବର୍ଷୀୟା ସମିଆ କହିଛନ୍ତି।

# ୧୦ ବର୍ଷ ଗୃହଯୁଦ୍ଧ

## ସିରିଆରେ ଏବେ ବି ଜଳୁଛି ଆରବ ବସନ୍ତର ବହ୍ନି

**ବିରୁଟ/ଡାମାସ୍କସ୍/ଇଦ୍‌ଲିବ, ୧୯।୩:**

ଏକ ଦଶନ୍ଧି ତଳେ ସିରିଆ ରାଷ୍ଟ୍ରପତି ବଶର ଅଲ୍-ଅସାଦ୍‌ଙ୍କ ବିରୋଧରେ ଆରମ୍ଭ ହୋଇଥିବା ଶାନ୍ତିପୂର୍ଣ୍ଣ ବିକ୍ଷୋଭ କେତେବେଳେ ଆନ୍ଦୋଳନର ରୂପ ନେଇ କ୍ରମଶଃ ଏକ ବୃହତ୍ ଗୃହଯୁଦ୍ଧ ପାଲଟିଗଲା କେହି ଜାଣିପାରିଲେ ନାହିଁ। ସିରିଆ ସଂଘର୍ଷରେ ଅଦ୍ୟାବଧି ୩,୮୦,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟିଥିବାବେଳେ ତୁହାକୁ ତୁହା ରକେଟ ମାଡ଼ରେ ଧୂଳିସାତ୍ ହୋଇଯାଇଛି ଅନେକ ସହର। ଉଦ୍‌ବାସ୍ତୁ ଜନତା ବିସ୍ଥାପିତ ହୋଇ ଗଣପଳାୟନ କରିବାକୁ ବାଧ୍ୟ ହେଉଛନ୍ତି ପଡ଼ୋଶୀ ଦେଶଗୁଡ଼ିକୁ। ସିରିଆରେ ସଂଘର୍ଷ ଆରମ୍ଭ ହେବା ପୂର୍ବରୁ ବହୁ ସଂଖ୍ୟକ ଲୋକ ବଶର ଅଲ୍-ଅସାଦ୍‌ଙ୍କ ଶାସନର ଉଚ୍ଛୁଳା ବେକାରି ଓ ଦୁର୍ନୀତି ଏବଂ ରାଜନୈତିକ ସ୍ୱାଧୀନତାର ଅବକ୍ଷୟକୁ ନେଇ ଅଭିଯୋଗ କରିଆସୁଥିଲେ, ଯିଏକି ୨୦୦୦ ମସିହାରେ ବାପା ହାଫିଜଙ୍କ ମୃତ୍ୟୁ ପରେ କ୍ଷମତାକୁ ଆସିଥିଲେ। ୨୦୧୧ ମାର୍ଚ୍ଚରେ ଗଣତନ୍ତ୍ର ସପକ୍ଷବାଦୀ ବିକ୍ଷୋଭ ଦେଖାଦେଇଥିଲା ଦକ୍ଷିଣରେ ସ୍ଥିତ ଡେରା ସହରରେ। ପଡ଼ୋଶୀ ଦେଶଗୁଡ଼ିକରେ ଦମନକାରୀ ଶାସକମାନଙ୍କ ବିରୋଧରେ ମୁଣ୍ଡ ଟେକିଥିବା ବସନ୍ତ ବିପ୍ଳବ ଏହି ବିକ୍ଷୋଭକୁ ଆନ୍ଦୋଳନର ରୂପ ନେବା ପାଇଁ ପ୍ରେରିତ କରିଥିଲା।



ସିରିଆ ସରକାର ଅସନ୍ତୋଷର ସ୍ୱରକୁ ଚପାଇ ଦେବା ଲାଗି ଘାତକ ବଳ ପ୍ରୟୋଗ କରିବାରୁ ଦେଶବ୍ୟାପୀ ରାଷ୍ଟ୍ରପତିଙ୍କ ଇସ୍ତଫା ଦାବି ଜୋର୍ ଧରିବାରେ ଲାଗିଲା। ଅଶାନ୍ତି ଯେତେ ବଢ଼ୁଥିଲା ସରକାରଙ୍କ ଦମନଲୀଳା ବର୍ବରତାର ସେତେ ସୀମା ଲଂଘୁଥିଲା। ଫଳରେ ବିରୋଧୀ ସମର୍ଥକମାନେ ଅସ୍ତ୍ର ଧରିବାକୁ ବାଧ୍ୟ ହୋଇଥିଲେ। ଅସ୍ତ୍ର ଉଠାଇବାର ଉଦ୍ଦେଶ୍ୟ ଥିଲା ପ୍ରଥମେ ନିଜକୁ ରକ୍ଷା କରିବା ଓ ପରେ ସୁରକ୍ଷା ବଳ ପ୍ରଭାବରୁ ନିଜ ନିଜ ଅଞ୍ଚଳକୁ ମୁକ୍ତ କରିବା। ବିଦ୍ରୋହୀଙ୍କ ଏହି ଶକ୍ତି ପ୍ରଦର୍ଶନକୁ ଅସାଦ୍ ବିଦେଶୀ ସମର୍ଥିତ ଆତଙ୍କବାଦର ଆଖ୍ୟାଦେଇ କାବୁ କରିବା ପାଇଁ ଆହୁରି ଟାଣପଣ ଦେଖାଇଲେ। ହିଂସା ବଢ଼ିଚାଲିବାରୁ ସମଗ୍ର ସିରିଆ ଗୃହଯୁଦ୍ଧ ମଧ୍ୟକୁ ଓହ୍ଲାଇଆସିଲା। ବିଦ୍ରୋହୀ ଗୋଷ୍ଠୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା। ଅସାଦ୍ ଓ ସାଧାରଣ ନାଗରିକଙ୍କ ମଧ୍ୟରେ ଅଘୋଷିତ ଯୁଦ୍ଧ ଜାରି ରହିଲା। ଫଳରେ ବିଦେଶୀ ଶକ୍ତିମାନେ ପକ୍ଷ ନେବା ଆରମ୍ଭ କଲେ। ଅର୍ଥ, ଅସ୍ତ୍ରଶସ୍ତ୍ର ଓ ଯୋଦ୍ଧାଙ୍କୁ ପଠାଇଲେ। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ଫାଇଦା ଉଠାଇଲେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଏବଂ ଅଲ୍-କାଏଦା ଭଳି ଚରମପନ୍ଥୀ ଜେହାଦୀ ସଙ୍ଗଠନ। ସେପଟେ ନିଜକୁ ନିଜେ ଶାସନ କରିବାକୁ ଚାହୁଁଥିବା ସିରିଆର କୁର୍ଦ୍ଦମାନେ ଅସାଦ୍‌ଙ୍କ ସେନା ବିରୋଧରେ ଲଢ଼େଇ କରି ନ ଥିଲେ ମଧ ଏହି ସଂଘର୍ଷକୁ ଏକ ନୂଆ ଦିଶା ଦେଇଥିଲେ।

### ଆର୍ଥିକ ସଙ୍କଟ ବଡ଼ ଚ୍ୟାଲେଞ୍ଜ



ବଶର ଅଲ୍-ଅସାଦ

ଚଳିତ ସପ୍ତାହରେ ସିରିଆ ସଂଘର୍ଷକୁ ୧୦ ବର୍ଷ ପୂରିଛି। ୨୦୧୧ ମାର୍ଚ୍ଚରେ ଆରମ୍ଭ ହୋଇଥିବା ଶାନ୍ତିପୂର୍ଣ୍ଣ ବିକ୍ଷୋଭରୁ ରକ୍ତାକ୍ତ ବିଦ୍ରୋହର ସୂତ୍ରପାତ ରାଷ୍ଟ୍ରପତି ବଶର ଅଲ୍-ଅସାଦଙ୍କ ଅବସ୍ଥା ଖରାପ କରିଦେଇଛି। ରୁଷିଆ ସେନାର ଉପସ୍ଥିତି ଓ ଇରାନର ଶିଆ ମିଲିସିଆମାନଙ୍କ ସହାୟତା ଯୋଗୁ ଦେଶର ଅନେକ ଭାଗରେ ଅସାଦ ସରକାରଙ୍କ କର୍ତ୍ତୃତ୍ୱ ରହିଛି। ଉତ୍ତର ପଶ୍ଚିମର କେତେକ ସ୍ଥାନ ଏବେ ବି ଶତ୍ରୁ ତୁର୍କୀ ନିୟନ୍ତ୍ରଣରେ। ଉତ୍ତର ପଶ୍ଚିମସ୍ଥିତ ତୈଳ ଓ ଗହମ ଉତ୍ପାଦନକାରୀ ଅଞ୍ଚଳରେ ଆମେରିକାର ଉପସ୍ଥିତି ରହିଛି। କିନ୍ତୁ ଅସାଦଙ୍କ ପାଇଁ ଏବେ ସବୁଠୁ ବଡ଼ ଚ୍ୟାଲେଞ୍ଜ ପାଲଟିଛି ଅର୍ଥନୀତି। ଭ୍ରଷ୍ଟାଚାର, ଖାଦ୍ୟ ସାମଗ୍ରୀର ଦରବୃଦ୍ଧି, ମୁଦ୍ରାର ମୂଲ୍ୟହ୍ରାସ, ପାୱାର କଟ୍, ଗ୍ୟାସୋଲିନ୍ ନିଅଣ୍ଟ ଆଦିକୁ ନେଇ ଯୁଦ୍ଧ ପରବର୍ତ୍ତୀ ଜନଅସନ୍ତୋଷ ସ୍ଥିତିକୁ ଆହୁରି ସଙ୍ଗିନ କରିଦେଇଛି। ବହୁ ପରିବାର କଷ୍ଟ ଯନ୍ତ୍ରଣାରେ ବଞ୍ଚୁଛନ୍ତି, ଯେଉଁମାନେ ନିଜ ପ୍ରିୟଜନଙ୍କୁ ହରାଇଛନ୍ତି ଦୀର୍ଘ ୧ ଦଶନ୍ଧିର ସଂଘର୍ଷ ଭିତରେ।

### ଆରବ ସ୍ପ୍ରିଙ୍ଗ୍ କ’ଣ

୨୦୧୦ ଦଶକର ଆଦ୍ୟ ଭାଗରେ ଆରମ୍ଭ ହୋଇଥିଲା ଆରବ ବସନ୍ତ। ଆରବୀୟ ରାଷ୍ଟ୍ରଗୁଡ଼ିକରେ ସ୍ୱେଚ୍ଛାଚାରୀ ଶାସକଙ୍କ ବିରୋଧରେ ଏହା ଥିଲା ସାମଗ୍ରିକ ଆନ୍ଦୋଳନ। ଟ୍ୟୁନିସିଆରେ ଏକଚ୍ଛତ୍ରବାଦୀ ସରକାର ବିରୋଧୀ ବିକ୍ଷୋଭ କ୍ରମଶଃ ଅନ୍ୟ ୫ ରାଷ୍ଟ୍ର ଲିବ୍ୟା, ଇଜିପ୍ଟ, ୟେମେନ, ସିରିଆ ଓ ବାହାରିନ୍‌କୁ ବ୍ୟାପି ଦଙ୍ଗା, ଗୃହଯୁଦ୍ଧ ଏବଂ ରକ୍ତାକ୍ତ ସଂଘର୍ଷର ରୂପ ନେଇଥିଲା। ଜିନେ ଏଲ୍ ଆବିଦିନ ବେନ୍ ଅଲି, ମୁଆଁମାର ଗଦ୍ଦାଫି, ହୋସ୍‌ନି ମୁବାରକ୍ ଓ ଅଲି ଅବ୍‌ଦୁଲ୍ଲା ସଲେହଙ୍କ ଭଳି ଏକଚ୍ଛତ୍ରବାଦୀ ଶାସକମାନଙ୍କ ପତନ ଘଟାଇଥିଲା ଏହି ସଶସ୍ତ୍ର ବିଦ୍ରୋହ। ଇରାକ୍, ଅଲ୍‌ଜେରିଆ, ଇରାନ, ଜୋର୍ଡାନ, କୁଏତ୍, ଓମାନ ଓ ସୁଡାନକୁ ବ୍ୟାପିଥିଲା ଜନଗଣଙ୍କ ବିପ୍ଳବର ବହ୍ନି, ଯେଉଁଥିରେ ୬୧,୦୦୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଥିଲେ।


### ସ୍ତ୍ରୀ ଓ ପୁଅମାନଙ୍କୁ ହରାଇଛନ୍ତି କୃଷକ

**ନାତୁଣୀ ନାତିମାନେ ଏବେ ତାଙ୍କ ପାଇଁ ସାନ୍ତ୍ୱନା**

➡୮୪ ବର୍ଷୀୟ ଅବ୍‌ଦେଲ ରଜାକ୍ ଅଲ୍-ଖାତୁନ୍ ୧୦ ବର୍ଷ ତଳେ ହମା ପ୍ରଦେଶର ଜଣେ ରୋଜଗାରିଆ ଚାଷୀ ଥିଲେ। ଏବେ ସେ କପର୍ଦ୍ଦକଶୂନ୍ୟ ଓ ବାସହୀନ ହୋଇ ଇଦ୍‌ଲିବ୍ ସହର ଉତ୍ତର ଭାଗରେ ଥିବା ଏକ ତମ୍ବୁରେ ରହୁଛନ୍ତି। ସଂଘର୍ଷରେ ସେ ନିଜର ୧୩ ପୁଅଙ୍କୁ ହରାଇଛନ୍ତି। ଅସାଦ ସରକାରଙ୍କୁ ବିରେଧ କରି ଲଢ଼େଇ କରୁଥିବାବେଳେ ସେମାନଙ୍କ ଜୀବନ ଯାଇଛି। ମୃତ୍ୟୁ ବେଳକୁ ବଡ଼ପୁଅକୁ ୨୭ ଓ ସବା ସାନକୁ ୧୩ ବର୍ଷ ହେଉଥିଲା।

➡ଦିନେ ସକାଳେ ଘରେ ବସି ଚା’ ପିଉଥିବାବେଳେ ହଠାତ୍ ଘର ଉପରେ ରକେଟ ମାଡ଼ ହେଲା। ଏଥିରୁ ରଜାକ୍ ବର୍ତ୍ତିଯାଇଥିଲେ ସିନା, ତାଙ୍କ ସ୍ତ୍ରୀଙ୍କୁ ବଞ୍ଚାଇ ପାରି ନ ଥିଲେ। ଆଭ୍ୟନ୍ତରୀଣ ବିସ୍ଥାପିତଙ୍କ ଉଦ୍ଦେଶ୍ୟରେ ନିର୍ମିତ ଏକ ବଡ଼ ଶିବିରରେ ରଜାକ୍ କାନ୍ଦି କାନ୍ଦି କହିଛନ୍ତି, ଅସାଦଙ୍କ ଶାସନକୁ ବିରୋଧ କରିବାକୁ ହିଁ ପଡ଼ିବ ବୋଲି ଯେକୌଣସି ମସ୍ତିଷ୍କଧାରୀ ବ୍ୟକ୍ତି ନିଷ୍କର୍ଷରେ ପହଞ୍ଚିବ। ମୁଁ ମୋ ଶହୀଦମାନଙ୍କୁ ହରାଇଛି ଏବଂ ଏଥିଲାଗି ମନରେ ଆଦୌ ଅନୁଶୋଚନା ନାହିଁ। ଏବେ ମଧ ଆଲ୍ଲାଙ୍କୁ ଧନ୍ୟବାଦ ଦେଉଛି।

➡ଇଦ୍‌ଲିବ୍ ଥିଲା ସିରିଆର ଉତ୍ତର ପଶ୍ଚିମ ଭାଗରେ ବିଦ୍ରୋହୀଙ୍କ ଶେଷ ଦୁର୍ଗ। ସିରିଆ ଓ ରୁଷିଆ ସେନା ୨୦୧୯ ଏପ୍ରିଲରୁ ୨୦୨୦ ମାର୍ଚ୍ଚ ମଧ୍ୟରେ ଏହି ସହରରେ ଆଖିବୁଜା ଗୁଳିବର୍ଷା ଓ ବୋମାମାଡ଼ କରିଥିଲେ। ଏଥିରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା ଏବଂ ଜୀବନ ବଞ୍ଚାଇବା ପାଇଁ ଅନେକେ ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିଲେ। ସେହି ଆକ୍ରମଣ ବେଳେ ସରାକେବ୍‌ସ୍ଥିତ ଏକ ଆଶ୍ରୟଗୃହରେ ରଜାକ ଥିଲେ। ପରିବାରର ୭ ଜଣଙ୍କୁ ସେହି ସମୟରେ ସେ ହରାଇଥିଲେ। ଲଗାତର ଆକ୍ରମଣରୁ ବର୍ତ୍ତିଯାଇଥିବା ଫତିମା ହେଉଛନ୍ତି ରଜାକଙ୍କ ଜଣେ ପୁଅଙ୍କ ଝିଅ। ୧୨ ନାତୁଣୀନାତିଙ୍କୁ ନେଇ ସେହି ଶିବିରରେ ରଜାକ୍ ରହୁଛନ୍ତି ନିଜ ବିଧବା ପୁତ୍ରବଧୂମାନଙ୍କ ସହ।



ରଜାକ୍ ଅଲ୍-ଖାତୁନ୍

## ମହାମାରୀ ସତ୍ତ୍ୱେ ଫିନ୍‌ଲାଣ୍ଡ ସବୁଠୁ ସୁଖୀ

**ହେଲ୍‌ସିଙ୍କି, ୧୯।୩**

କରୋନା ମହାମାରୀ ସତ୍ତ୍ୱେ ଫିନ୍‌ଲାଣ୍ଡ ବିଶ୍ୱର ସବୁଠୁ ସୁଖୀ ଦେଶର ମାନ୍ୟତା ହାସଲ କରିଛି। ଜାତିସଂଘର ବାର୍ଷିକ ରିପୋର୍ଟ ଅନୁଯାୟୀ ସେଠାର ଜନସାଧାରଣ ସର୍ବୋଚ୍ଚ ମାନର ଜୀବନ ଶୈଳୀ, ସୁରକ୍ଷା ଏବଂ ସରକାରୀ ସେବା ଉପଭୋଗ କରିଥାନ୍ତି।

ମହାମାରୀ ଯୋଗୁ ବିଶ୍ୱର ସୁଖୀ ଦେଶଗୁଡ଼ିକର ତାଲିକାରେ ସାମାନ୍ୟ ପରିବର୍ତ୍ତନ ହୋଇଥିଲେ ମଧ ଫିନ୍‌ଲାଣ୍ଡ କ୍ରମାଗତ ଚତୁର୍ଥ ବର୍ଷ ପାଇଁ ଶୀର୍ଷ ସ୍ଥାନ ବଜାୟ ରଖିପାରିଛି। ଡେନ୍‌ମାର୍କ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ସୁଇଜରଲାଣ୍ଡ, ଆଇସ୍‌ଲାଣ୍ଡ ଏବଂ ନେଦରଲାଣ୍ଡସ୍ ଯଥାକ୍ରମେ ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି। ନ୍ୟୁଜିଲାଣ୍ଡ ଗୋଟିଏ ସ୍ଥାନ ତଳକୁ ଖସି ନବମ ସ୍ଥାନରେ ରହିଛି। ଅନ୍ୟମାନଙ୍କ ମଧ୍ୟରେ ଜର୍ମାନୀ ୧୭ତମ ସ୍ଥାନରୁ ଏଥର ୧୩ ତମ ସ୍ଥାନକୁ ଉନ୍ନୀତ ହୋଇଥିବାବେଳେ ଫ୍ରାନ୍ସ ୨୧ତମ ସ୍ଥାନକୁ ଉଠିଛି। ଅନ୍ୟପକ୍ଷରେ ବ୍ରିଟେନ ସୁଖୀ ତାଲିକାରେ ୧୩ତମ ସ୍ଥାନରୁ ୧୭ତମ ସ୍ଥାନକୁ ଏବଂ ଆମେରିକା ୧୮ରୁ ୧୯ତମ ସ୍ଥାନକୁ ଖସିଛି। ଆଫଗାନିସ୍ତାନ ସବୁଠୁ ଅସୁଖୀ ଦେଶ ମାନ୍ୟତା ପାଇଛି। ସୁଖୀ ତାଲିକାର ନିମ୍ନରେ ଆଫ୍ରିକୀୟ ଦେଶ ଲେସୋଥୋ, ବୋତ୍‌ସ୍ୱାନା, ରୁଆଣ୍ଡା, ଜିମ୍ବାୱେ ରହିଛନ୍ତି। ବିଶ୍ୱ ସୁଖୀ ରିପୋର୍ଟ ପ୍ରସ୍ତୁତ କରିଥିବା ଗବେଷକମାନେ ୧୪୯ଟି ଦେଶର ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ସେମାନେ ଦେଶର ଜିଡିପି, ସାମାଜିକ ସହାୟତା, ବ୍ୟକ୍ତିଗତ ସ୍ୱାଧୀନତା, ଦୁର୍ନୀତି ଆଦିକୁ ବିଚାରକୁ ନେଇ ର୍‍ୟାଙ୍କ୍ ପ୍ରସ୍ତୁତ କରିଥିଲେ।

## ପିଲାଙ୍କ ମଧ୍ୟାହ୍ନଭୋଜନ ପାଇଁ ଗୋଖାଦ୍ୟ

**ପୁଣେ, ୧୯।୩**





ପିଲାଙ୍କୁ ମଧ୍ୟାହ୍ନଭୋଜନ ଯୋଗାଇବା ପାଇଁ ମହାରାଷ୍ଟ୍ରର ପୁଣେ ଜିଲାରେ ଗୋଟିଏ ସ୍କୁଲ୍‌କୁ ଗୋଖାଦ୍ୟ ପ୍ୟାକେଟ ପଠାଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଉକ୍ତ ସ୍କୁଲ୍ ପୁଣେ ମ୍ୟୁନିସିପାଲ କର୍ପୋରେଶନ (ପିଏମ୍‌ସି) ଦ୍ୱାରା ପରିଚାଳିତ। ଶିକ୍ଷାନୁଷ୍ଠାନ ବନ୍ଦ ଥିବା କାରଣରୁ ମଧ୍ୟାହ୍ନ ଭୋଜନ ପିଲାଙ୍କ ଘରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟରେ ସ୍ଥାନୀୟ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ପିଏମ୍‌ସି ପରିଚାଳିତ ୫୮ ନମ୍ବର ସ୍କୁଲ୍‌କୁ ମଧ୍ୟାହ୍ନଭୋଜନ ପାଇଁ ପଠାଯାଇଥିବା ସାମଗ୍ରୀରେ କେତେକ ଗୋଖାଦ୍ୟ ପ୍ୟାକେଟ ଥିବା ସ୍କୁଲ୍ କର୍ତ୍ତୃପକ୍ଷ ଦେଖିବାକୁ ପାଇଛନ୍ତି। ଏନେଇ ସ୍ଥାନୀୟ ସାମାଜିକ କର୍ମୀ ହୋହଲ୍ଲା କରିବା ପରେ ଭାରତର ଖାଦ୍ୟ ସୁରକ୍ଷା ଓ ମାନ କର୍ତ୍ତୃପକ୍ଷ (ଏଫଏସ୍ଏସ୍ଏଆଇ)ର ଅଧିକାରୀମାନେ ଉକ୍ତ ଗୋଖାଦ୍ୟକୁ ଜବତ କରିଛନ୍ତି। ମଧ୍ୟାହ୍ନଭୋଜନ ପାଇଁ ଗୋଖାଦ୍ୟ ପଠାଯିବା ଦୁର୍ଭାଗ୍ୟଜନକ। ଏହାର ତଦନ୍ତ କରାଯାଇ ଦୋଷୀଙ୍କୁ ଦଣ୍ଡିତ କରାଯିବ ବୋଲି ପୁଣେ ମେୟର ମୁରଲୀଧର ମୋହଲ କହିଛନ୍ତି।

# ଭାଜପାକୁ ମହଙ୍ଗା ପଡ଼ିବ ନେତା ଆମଦାନୀ

**ପଶ୍ଚିମବଙ୍ଗରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଲଗାତର ତୃତୀୟ ଥର ବିଜୟୀ ହୋଇ ହ୍ୟାଟ୍ରିକ୍ ଆଶାରେ ଥିବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ହାତରୁ କ୍ଷମତାର ଡୋରି ଛଡ଼ାଇନେବାକୁ ଅଣ୍ଟା ଭିଡ଼ିଛି ଭାଜପା। ଏଥିପାଇଁ ନିର୍ବାଚନର ବହୁ ପୂର୍ବରୁ ଆରମ୍ଭ ହୋଇଥିଲା ଗୋଟି ଚାଳନା। ଟିଏମ୍‌ସିର ଅସନ୍ତୁଷ୍ଟ ନେତାମାନଙ୍କୁ ଆମଦାନୀ କରିବା ପରେ ମଧ୍ୟ ଗୈରିକ ଦଳକୁ କେତେକ ନିର୍ବାଚନମଣ୍ଡଳୀରେ ଛିଡ଼ା କରାଇବା ପାଇଁ ପ୍ରାର୍ଥୀ ମିଳୁନାହାନ୍ତି। ଏଥିଯୋଗୁ ଲୋକ ସଭା ଓ ରାଜ୍ୟ ସଭା ସଦସ୍ୟଙ୍କ ସମେତ କେନ୍ଦ୍ରମନ୍ତ୍ରୀଙ୍କୁ ମଧ୍ୟ ବିଧାୟକ ପ୍ରାର୍ଥୀ କରାଯାଉଛି। ଅନ୍ୟପକ୍ଷେ ଟିଏମ୍‌ସିରୁ ଆସିଥିବା ନେତାଙ୍କୁ ଭାଜପା ପ୍ରାର୍ଥୀ କରୁଥିବାରୁ ଟିକେଟରୁ ବଞ୍ଚିତ ହେଉଥିବା ଆଶାୟୀମାନେ କେନ୍ଦ୍ରୀୟ ନେତୃତ୍ୱ ବିରୋଧରେ ଆରମ୍ଭ କରିଛନ୍ତି ବିଦ୍ରୋହ। ଭାଜପାକୁ ଏହି ନିର୍ବାଚନରେ ନେତା ଆମଦାନୀ ମହଙ୍ଗା ପଡ଼ିବ ବୋଲି ଭବିଷ୍ୟବାଣୀ କରିଛନ୍ତି ରାଜନୈତିକ ବିଶ୍ଳେଷକ।**


କୋଲକାତା, ୧୯।୩

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପାରେ ଅନ୍ତର୍ଦ୍ୱନ୍ଦ୍ୱ ଦେଖାଦେଇଛି। ତୃଣମୂଳ କଂଗ୍ରେସରୁ ଭାଜପାକୁ ଆସିଥିବା ନେତା ଓ ବାହାର ଲୋକଙ୍କୁ ଅଧିକ ସଂଖ୍ୟାରେ ଟିକେଟ ଦିଆଯାଇଥିବାରୁ ପୁରୁଣା ନେତା ଓ କର୍ମୀ କ୍ଷୁବ୍ଧ ହୋଇଛନ୍ତି। ଫଳରେ କେତେକ ନିର୍ବାଚନ ମଣ୍ଡଳୀରେ ଗୈରିକ ଦଳରେ ବିଦ୍ରୋହ ଦେଖାଦେଇଛି। ଏହିସବୁ ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଦ୍ୱନ୍ଦ୍ୱ ଭାଜପା ପାଇଁ କ୍ଷତି ପହଞ୍ଚାଇପାରେ ବୋଲି କୁହାଯାଉଛି।

ଶେଷ ୪ ପର୍ଯ୍ୟାୟ ନିର୍ବାଚନ ଲାଗି ଭାଜପା ଗୁରୁବାର ୧୪୮ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରିଥିଲା। ଟିକେଟ ବଣ୍ଟାକୁ ନେଇ ଦଳର ବିଭିନ୍ନ ୟୁନିଟ୍‌ରେ ବିଦ୍ରୋହ ଦେଖାଦେଇଛି। ଉତ୍ତର ୨୪ ପ୍ରଗଣାର ମାଲ୍‌ଦା, ଦମ୍‌ଦମ୍, ଜଲପାଇଗୁଡ଼ି, ଆସାନସୋଲରେ ଗୁରୁବାର ଭାଜପା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ନିଜ ପାର୍ଟି ଅଫିସ୍‌ରେ ଭଙ୍ଗାରୁଜା କରିଥିଲେ। ରାଜରହାଟ-ଗୋପାଳପୁର ଏବଂ ଦମ୍‌ଦମ୍ ପ୍ରାର୍ଥୀଙ୍କୁ ନେଇ ଭାଜପା ସମର୍ଥକମାନେ ଆନ୍ଦୋଳନ କରିଥିଲେ। ସେମାନେ ରାସ୍ତାରେ ଟାୟାର ଜାଳିବା ସହ ରାଜରହାଟ-ଗୋପାଳପୁର ଭାଜପା ପ୍ରାର୍ଥୀ ସମିକ୍ ଭଟ୍ଟାଚାର୍ଯ୍ୟଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ।

ସେହିପରି ମାଲଦାର ଭାଜପା ପ୍ରାର୍ଥୀ ଘୋଷଣା ପରେ ଅନୁରୂପ ବିକ୍ଷୋଭ ହୋଇଥିଲା। ହରିଶଚନ୍ଦ୍ରପୁର, ସାହାପୁର ଏବଂ ମାନିକଚୌକ୍‌ରେ ଭାଜପା କର୍ମୀମାନେ ପାର୍ଟିଅଫିସ ଆଗରେ ଟାୟାର ଜାଳିଥିଲେ। ଭାଜପା ନେତା ଦିଲୀପ ଘୋଷ ଓ ଅନ୍ୟମାନଙ୍କ ଫଟୋ ଥିବା ବ୍ୟାନରକୁ ଉତ୍ୟକ୍ତ କର୍ମୀମାନେ ଚିରି ଦେଇଥିଲେ। ଦୁର୍ନୀତିଗ୍ରସ୍ତଙ୍କୁ ଟିକେଟ ଦିଆଯାଇଥିବା ସେମାନେ ଅଭିଯୋଗ କରିଥିଲେ। ଆସାନସୋଲ ଏବଂ ଦୁର୍ଗାପୁରରେ ମଧ୍ୟ ଅନୁରୂପ ସ୍ଥିତି ସୃଷ୍ଟି ହୋଇଛି। ପାଣ୍ଡବେଶ୍ୱର ଆସନରେ ଜିତେନ୍ଦ୍ର ତିୱାରୀଙ୍କ ପ୍ରାର୍ଥିତ୍ୱକୁ ଦଳୀୟ କର୍ମୀମାନେ ବିରୋଧ କରିଛନ୍ତି। ଟିଏମ୍‌ସିରୁ ଆସିଥିବା ଏହି ନେତା ଅତୀତରେ ଭାଜପା କର୍ମୀମାନଙ୍କୁ ଅନେକ ନିର୍ଯାତନା ଦେଇଛନ୍ତି। ତାଙ୍କ ପାଇଁ ପ୍ରଚାର କରିବେ ନାହିଁ ବୋଲି ଉତ୍ୟକ୍ତ କର୍ମୀମାନେ କହିଛନ୍ତି। ଏପରିକି ପ୍ରାର୍ଥୀ ନ ବଦଳାଇଲେ ସେମାନେ ସ୍ୱାଦୀନ ପ୍ରାର୍ଥୀ ଛିଡ଼ା କରାଇବେ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ରାଣିଗଞ୍ଜ ପ୍ରାର୍ଥୀ ବିଜନ ମୁଖାର୍ଜୀ, ଦୁର୍ଗାପୁର ପୂର୍ବ ପ୍ରାର୍ଥୀ ଦୀପ୍ତେଂଶୁ ଚୌଧରୀ ବିରୋଧର ସମ୍ମୁଖୀନ ହୋଇଛନ୍ତି। ଦୀର୍ଘବର୍ଷ ଧରି ଭାଜପା ପାଇଁ କାର୍ଯ୍ୟ କରୁଥିବା ନେତାଙ୍କୁ ଟିକେଟ ଦେବା ପରିବର୍ତ୍ତେ ଦଳରେ ନୂଆ ଯୋଗ ଦେଇଥିବା ଲୋକଙ୍କୁ ଟିକେଟ ଦିଆଯାଇଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି।

ହୁଗ୍‌ଲି, ହାଓଡା ଏବଂ ଦକ୍ଷିଣ ୨୪ ପ୍ରଗଣା ଆଦି ବିଭିନ୍ନ ଜିଲାରେ ଗତ ସୋମବାରଠାରୁ ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ ଏକାଧିକ ବିକ୍ଷୋଭ ପ୍ରଦର୍ଶନ କରାଗଲାଣି। କୋଲକାତାସ୍ଥିତ ଭାଜପା ନିର୍ବାଚନ କାର୍ଯ୍ୟାଳୟ ଆଗରେ ବଡ଼ଧରଣର ଆନ୍ଦୋଳନ ହୋଇଥିଲା। ଦଳୀୟ କର୍ମୀମାନେ ଧାରଣାରେ ବସିବା ସହ ପ୍ରାର୍ଥୀମାନଙ୍କୁ ବିରୋଧ କରିଥିଲେ। ତେଣୁ ଉପରୋକ୍ତ ଆସନଗୁଡ଼ିକରେ ଦଳୀୟ ଅସନ୍ତୋଷ ଭାଜପା ପ୍ରାର୍ଥୀଙ୍କୁ ହରାଇବାରେ ସହାୟକ ହୋଇପାରେ ବୋଲି କୁହାଯାଉଛି।



ଅମିତ୍ ଶାହା

**ପଶ୍ଚିମବଙ୍ଗ ନିର୍ବାଚନ**
- ଟିକେଟ ବଣ୍ଟାକୁ ନେଇ ଭାଜପାରେ ବିଦ୍ରୋହ
- ଦଳୀୟ କାର୍ଯ୍ୟାଳୟରେ ବିକ୍ଷୋଭ, ଭଙ୍ଗାରୁଜା


ମମତା ବାନାର୍ଜୀ

## ‘ମୋଦି, ଶାହାଙ୍କ ମୁହଁ ଦେଖିବାକୁ ଚାହୁଁନୁ’

ପଶ୍ଚିମବଙ୍ଗକୁ ଦୁର୍ଯ୍ୟୋଧନ ଓ ଦୁଃଶାସନ ଦରକାର ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୁକ୍ରବାର ଭାଜପାକୁ ଟାର୍ଗେଟ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ମହାଭାରତର ଏହି ଦୁଇ ଖଳନାୟକ ଚରିତ୍ର ସହ ତୁଳନା କରି ପ୍ରଚାରର ମୋଡ଼ ବଦଳାଇବାକୁ ଉଦ୍ୟମ କରିଛନ୍ତି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା। ନନ୍ଦିଗ୍ରାମରେ ତାଙ୍କ ବିରୋଧରେ ଭାଜପାରୁ ପ୍ରାର୍ଥୀ ହୋଇଥିବା ଶୁଭେନ୍ଦୁ ଅଧିକାରୀଙ୍କୁ ମମତା ମିର୍ ଜାଫର ସହ ତୁଳନା କରିଛନ୍ତି। କହିଛନ୍ତି, ଆମେ ମୋଦିଙ୍କ ମୁହଁ ଦେଖିବାକୁ ଚାହୁଁନାହୁଁ। ଆମେ ଦଙ୍ଗାକାରୀ, ଲୁଟେରାଙ୍କୁ ଚାହୁଁନାହୁଁ ବୋଲି ପୂର୍ବ ମେଦିନୀପୁରର ଏକ ନିର୍ବାଚନୀ ସଭାରେ ମମତା କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

APPOINTMENT
DOOROOMI MEDICAL PVT. LTD.
Required Smart Boys & Girls Candidates for Office Job.
Age: 18 - 30
Education: Matric to Graduate
108, Khandagiri Hill Road Bhubaneswar-30
9348916882

JOBS IN AIRPORT
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper Supervisors, Checkers, Loaders, Drivers, Guards & Helpers
Quali : ୨।୦ ପଢ଼ିଥିବା + Graduate
Salary : 25000/- to 75000 + Bonus + Cab (ରହିବା + ଖାଇବା Free)
9984845594, 8800571120

WANTED
ସିଙ୍ଗାପୁରରେ ରକ୍ଷଣା ବେକ୍ଷଣା, ନିର୍ମାଣ କାର୍ଯ୍ୟ, ୧ବର୍ଷର ପ୍ରକଳ୍ପ, ୪୫ ଦିନମଧ୍ୟରେ ତୁରନ୍ତ ଯିବା, ପାସପୋର୍ଟ ଧାରକ, ସମସ୍ତ ପ୍ରକାରର କର୍ମଚାରୀ, (ଫ୍ରେଶର ମଧ୍ୟ) ତୁରନ୍ତ ଆବେଦନ କରିପାରିବେ।
କମଲ ପ୍ଲେସ୍‌ମେଣ୍ଟ, ସୁରତ, ଗୁଜୁରାଟ
CONTACT : 9157312448

RMC PVT. LTD.
A well established construction company in Bhubaneswar urgently requires.
1. ACCOUNTANT: B.Com. with 2 years experience.
2. MARKETING MANAGER: MBA, experience in realestate sector.
3. RECEPTIONIST: 1 No. (Female)
4. OFFICE BOY: 2 Nos.
Contact:
9337469627 / 6371761144
E-mail:
rmcpl.hr@gmail.com

ଭୁବନେଶ୍ୱରସ୍ଥିତ
PETROL PUMP
ରେ ତେଲ ପକାଇବା ନିମନ୍ତେ ମହିଳା ପ୍ରାର୍ଥୀ ଆବଶ୍ୟକ
ଦରମା : ୧୩,୦୦୦/-
ବୟସ : ୨୨ ରୁ ୩୫ ବର୍ଷ
ଯୋଗାଯୋଗ : 9861925500
ସମୟ (ସକାଳ ୧୦ ଠାରୁ- ସନ୍ଧ୍ୟା ୬ଟା)

See Career Appointment on every Wednesday & Saturday

# ଇସିଙ୍କ ଦ୍ୱାରସ୍ଥ ହେଲା ଟିଏମ୍‌ସି

କୋଲକାତା, ୧୯।୩

- ଭୋଟ କେନ୍ଦ୍ରରେ କେବଳ କେନ୍ଦ୍ରୀୟ ଫୋର୍ସ ମୁତୟନକୁ ବିରୋଧ
- ସବୁ ଭିଭିପିଏଟିକୁ ଇଭିଏମ୍ ସହ ମେଳ କରାଇବାକୁ ଦାବି

ପଶ୍ଚିମବଙ୍ଗରେ ନିର୍ବାଚନ କମିଶନ ପାତରଅନ୍ତର ନୀତି ଆପଣାଇଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଅଭିଯୋଗ କରିଛି। ରାଜ୍ୟର ଭୋଟ କେନ୍ଦ୍ରଗୁଡ଼ିକର ୧୦୦ ମିଟର ପରିଧି ମଧ୍ୟରେ କେବଳ କେନ୍ଦ୍ରୀୟ ସୁରକ୍ଷା ବଳ ନିୟୋଜିତ କରିବା ପାଇଁ ଇସି ନିଷ୍ପତ୍ତି ନେଇଥିବାରୁ ଏହାକୁ ଟିଏମ୍‌ସି ବିରୋଧ କରିବା ସହ ନିଷ୍ପତ୍ତି ବଦଳାଇବା ଲାଗି ଅନୁରୋଧ କରିଛି। ସେହିପରି ଭୋଟ ପରେ ସମସ୍ତ ଭିଭିପିଏଟି ମେଶିନ ସହ ଇଭିଏମ୍‌ର ମେଳ କରାଇବାକୁ ଟିଏମ୍‌ସି ଦାବି କରିଛି। ପଶ୍ଚିମବଙ୍ଗରେ ମୁକ୍ତ, ଅବାଧ ଓ ସ୍ୱଚ୍ଛ ନିର୍ବାଚନ ବାସ୍ତବତାଠାରୁ ବହୁ ଦୂରରେ ଏଭଳି ଧାରଣା ଅଧିକ ଦୃଢ଼ୀଭୂତ ହେବାରେ ଲାଗିଛି। ନିର୍ବାଚନ ପରିଚାଳନାରେ ଇସି ପାତରଅନ୍ତର ନୀତି ଆପଣାଉଥିବା ଶାସକ ଦଳ ପକ୍ଷରୁ ଦିଆଯାଇଥିବା ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି। ଅନ୍ୟ କୌଣସି ରାଜ୍ୟର ସବୁ ବୁଥ୍‌ରେ କେନ୍ଦ୍ରୀୟ ସୁରକ୍ଷା ବଳ ନିୟୋଜିତ କରିବାକୁ ନିଷ୍ପତ୍ତି ହୋଇନାହିଁ। ଏଭଳି ନିଷ୍ପତ୍ତି କେବଳ ପଶ୍ଚିମବଙ୍ଗ ପାଇଁ ନିଆଯାଇଥିବା ଟିଏମ୍‌ସି କହିଛି।

ଅନ୍ୟପକ୍ଷରେ ଟିଏମ୍‌ସିର ଅଭିଯୋଗକୁ ନିର୍ବାଚନ କମିଶନ ଅଗ୍ରାହ୍ୟ କରିଛନ୍ତି। ପୋଲିଂ ବୁଥ୍‌ର ୧୦୦ ମିଟର ପରିଧି ମଧ୍ୟରେ ରାଜ୍ୟ ପୋଲିସ ନିୟୋଜିତ ହେବାରେ ରାଜ୍ୟ ପୋଲିସ ନିୟୋଜିତ ହେବେନାହିଁ ବୋଲି କୌଣସି ନିର୍ଦ୍ଦେଶନାମା ଜାରି ହୋଇ ନ ଥିବା ଇସି ସ୍ପଷ୍ଟୀକରଣ ଦେଇଛନ୍ତି। ପଶ୍ଚିମବଙ୍ଗ ପୋଲିସ ଉପରେ କୌଣସି କଟକଣା ଜାରି ହୋଇ ନ ଥିବା ନିର୍ବାଚନ କମିଶନ କହିଛନ୍ତି।

**ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥର ସ୍କ୍ରାପ୍ ବିକ୍ରୟ**

ନଂ.: ଏସ୍ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌ଠସେଲ୍(ଡିଏସ୍‌ପିଏଲ୍)/୪/୨୦୨୧-ସେଲ୍/ ତାରିଖ: ୧୬।୦୩।୨୦୨୧

**ଏପ୍ରିଲ-୨୦୨୧ରୁ ଜୁନ୍-୨୦୨୧ ମାସ ପାଇଁ ଇ-ନିଲାମ କାର୍ଯ୍ୟକ୍ରମ**

| ମାସ | ଡିଭିଜନ/ଡିପୋ | | | | |
|---|---|---|---|---|---|
| | ଆଦ୍ରା | ଚକ୍ରଧରପୁର | ଖଡ଼ଗପୁର ଡିପୋ | ଖଡ଼ଗପୁର ଡିଭିଜନ | ରାଞ୍ଚି |
| ଏପ୍ରିଲ, ୨୦୨୧ | ୧୫।୦୪।୨୦୨୧ | ୧୪।୦୪।୨୦୨୧ | ୧୬।୦୪।୨୦୨୧ | ୧୨।୦୪।୨୦୨୧ | ୧୩।୦୪।୨୦୨୧ |
| | ୨୨।୦୪।୨୦୨୧ | ୨୧।୦୪।୨୦୨୧ | ୨୩।୦୪।୨୦୨୧ | ୧୯।୦୪।୨୦୨୧ | ୨୦।୦୪।୨୦୨୧ |
| | ୨୯।୦୪।୨୦୨୧ | ୨୮।୦୪।୨୦୨୧ | ୩୦।୦୪।୨୦୨୧ | ୨୬।୦୪।୨୦୨୧ | ୨୭।୦୪।୨୦୨୧ |
| ମେ, ୨୦୨୧ | ୧୩।୦୫।୨୦୨୧ | ୧୨।୦୫।୨୦୨୧ | ୦୭।୦୫।୨୦୨୧ | ୧୦।୦୫।୨୦୨୧ | ୧୧।୦୫।୨୦୨୧ |
| | ୨୦।୦୫।୨୦୨୧ | ୧୯।୦୫।୨୦୨୧ | ୨୧।୦୫।୨୦୨୧ | ୨୪।୦୫।୨୦୨୧ | ୧୮।୦୫।୨୦୨୧ |
| | ୨୭।୦୫।୨୦୨୧ | ୨୬।୦୫।୨୦୨୧ | ୨୮।୦୫।୨୦୨୧ | ୩୧।୦୫।୨୦୨୧ | ୨୫।୦୫।୨୦୨୧ |
| ଜୁନ୍, ୨୦୨୧ | ୦୩।୦୬।୨୦୨୧ | ୦୯।୦୬।୨୦୨୧ | ୦୪।୦୬।୨୦୨୧ | ୦୭।୦୬।୨୦୨୧ | ୦୮।୦୬।୨୦୨୧ |
| | ୧୦।୦୬।୨୦୨୧ | ୧୬।୦୬।୨୦୨୧ | ୧୧।୦୬।୨୦୨୧ | ୧୪।୦୬।୨୦୨୧ | ୧୫।୦୬।୨୦୨୧ |
| | ୧୭।୦୬।୨୦୨୧ | ୨୩।୦୬।୨୦୨୧ | ୧୮।୦୬।୨୦୨୧ | ୨୧।୦୬।୨୦୨୧ | ୨୨।୦୬।୨୦୨୧ |
| | ୨୪।୦୬।୨୦୨୧ | ୩୦।୦୬।୨୦୨୧ | ୨୫।୦୬।୨୦୨୧ | ୨୮।୦୬।୨୦୨୧ | ୨୯।୦୬।୨୦୨୧ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ପାଇଁ ଦୟାକରି ନିମ୍ନଲିଖିତ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: www.ireps.gov.in/e-Auction
(PR-599) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ
ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ



ଉତ୍ତରାଖଣ୍ଡର ନୂଆ ମୁଖ୍ୟମନ୍ତ୍ରୀ ତୀରଥ ସିଂ ରାୱତ୍ ଜିନ୍ସ ପିନ୍ଧୁଥିବା ମହିଳାମାନଙ୍କ ଚରିତ୍ରକୁ ନେଇ ନିକଟରେ ପ୍ରଶ୍ନ ଉଠାଇଥିଲେ। ଦିଲ୍ଲୀ ପ୍ରଦେଶ କଂଗ୍ରେସ କମିଟିର ମହିଳା ଶାଖା ପକ୍ଷରୁ ଶୁକ୍ରବାର ଏହାର ପ୍ରତିବାଦରେ ନୂଆଦିଲ୍ଲୀସ୍ଥିତ ରାଜୀବ ଚୌକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ୧୯୮୫% ବଢ଼ିଛି ବିଧାୟିକାଙ୍କ ସମ୍ପତ୍ତି

କୋଲକାତା, ୧୯।୩(ପି.ଟି.)

ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିଧାୟିକା ଜ୍ୟୋତ୍ସ୍ନା ମଣ୍ଡିଙ୍କ ସମ୍ପତ୍ତି ୫ ବର୍ଷରେ ୧୯୮୫.୬୮ ପ୍ରତିଶତ ବୃଦ୍ଧି ପାଇଛି। ନିର୍ବାଚନୀ ସଂସ୍କାର ପାଇଁ କାର୍ଯ୍ୟରତ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ପକ୍ଷରୁ ଶୁକ୍ରବାର ଜାରି ଏକ ରିପୋର୍ଟରେ ଏହି ତଥ୍ୟ ଉଲ୍ଲେଖ କରାଯାଇଛି। ବାଙ୍କୁରା ଜିଲାର ଏସ୍‌ଟି ବର୍ଗ ପାଇଁ ସଂରକ୍ଷିତ ରାଣୀବନ୍ଧ ଆସନର ବିଧାୟିକା ଜ୍ୟୋତ୍ସ୍ନା ମଣ୍ଡି ଏଥର ଶାସକ ଟିଏମ୍‌ସିରୁ ପୁଣି ପ୍ରାର୍ଥୀ ହୋଇଛନ୍ତି। ସେ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠରେ ତାଙ୍କ ସମ୍ପତ୍ତି ୪୧,୦୧,୧୪୪ ଟଙ୍କା ବୋଲି ଦର୍ଶାଇଛନ୍ତି। ୨୦୧୬ରେ ଜ୍ୟୋତ୍ସ୍ନା ଏହି ଆସନରୁ ନିର୍ବାଚନ ଲଢ଼ିବାବେଳେ ତାଙ୍କ ସମ୍ପତ୍ତି ମୂଲ୍ୟ ୧,୯୬,୬୩୩ ଟଙ୍କା ଥିବା ସତ୍ୟପାଠରେ ଦର୍ଶାଇଥିଲେ। ୫ ବର୍ଷରେ ଜ୍ୟୋତ୍ସ୍ନାଙ୍କ ସମ୍ପତ୍ତି ୩୯,୦୪,୫୧୧ ଟଙ୍କା ଅର୍ଥାତ୍ ୧୯୮୫% ବୃଦ୍ଧି ପାଇଥିବା ଏଡିଆର୍ କହିଛି।



# ଚଢ଼ିବା ବେଳେ ୩ ଥର ଖସିଲେ ବାଇଡେନ

ୱାଶିଂଟନ, ୧୯।୩

ଆମେରିକାର ୭୮ ବର୍ଷୀୟ ରାଷ୍ଟ୍ରପତି ଜୋ ବାଇଡେନ୍ ଶୁକ୍ରବାର ଏୟାରଫୋର୍ସ ୱାନ୍ ବିମାନରେ ଚଢ଼ିବା ବେଳେ ଷ୍ଟେୟାରକେସ୍‌ରେ ୩ ଥର ତାଙ୍କ ଗୋଡ଼ ଖସିଥିଲା। ବାଇଡେନ୍ ଏସୀୟ-ଆମେରିକୀୟ ସମ୍ପ୍ରଦାୟର ନେତାମାନଙ୍କୁ ଭେଟିବା ଲାଗି ଆଟଲାଣ୍ଟା ଯିବା ଲାଗି ବିମାନରେ ଚଢୁଥିଲେ। ଦୁଇଦିନ ପୂର୍ବେ ଆଟଲାଣ୍ଟାର ଏକ ପାର୍ଲରରେ ଗୁଳିକାଣ୍ଡ ଘଟି ୬ ଏସୀୟ ମହିଳାଙ୍କ ସମେତ ୮ ଜଣଙ୍କର ମୃତ୍ୟୁ ଘଟିଥିଲା। ଆମେରିକା ରାଷ୍ଟ୍ରପତିଙ୍କ ଗୋଡ଼ ଖସିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସେ ଷ୍ଟେୟାରକେସ୍ ରେଲିଂ ଧରି ଉଠୁଥିବାବେଳେ ୩ ଥର ଗୋଡ଼ ଖସିବା ସତ୍ତ୍ୱେ ସନ୍ତୁଳନ ରକ୍ଷା କରିନେଇଥିଲେ।



DSPL - 261
unicef for every child
ଓଡ଼ିଶା ଶାସନ



ଆମ ଲୋକକଳା
ଆମ ସଂସ୍କୃତି
ଆମ ଲୋକକଳା ପରିବେଷଣ - ପ୍ରତ୍ୟେକ ମାସରେ ଗୋଟିଏ ଦିନ
୨୦ ମାର୍ଚ୍ଚ ୨୦୨୧
ବଜ୍‌ନିଆ, ସମ୍ବଲପୁର
ଢେମ୍‌ସା, କୋରାପୁଟ
ଡାଲ୍‌ଖାଇ, ବରଗଡ



ସ୍ଥାନ : ଉତ୍କଳ ମଣ୍ଡପ, ଭୁବନେଶ୍ୱର
ସମୟ : ସନ୍ଧ୍ୟା ଘ.୬.୩୦ମି.
ଆୟୋଜକ
ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାର
OIPR-03001/13/0016/2021

**ବଡ଼ଗଡ଼ ଥାନା ପରିଦର୍ଶନ କଲେ ଡିଜିପି**

ଭୁବନେଶ୍ୱର,(ବ୍ୟୁରୋ): ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ ଶୁକ୍ରବାର ସନ୍ଧ୍ୟାରେ ବଡ଼ଗଡ଼ ଥାନା ପରିଦର୍ଶନ କରିଛନ୍ତି। ସେ ଥାନାରେ ପହଞ୍ଚି ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ଅପରାଧ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ସକାଳେ ଘଟିଥିବା ମ୍ୟାନହୋଲରେ ପଡ଼ି ୨ଶ୍ରମିକଙ୍କ ମୃତ୍ୟୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଅଭ୍ୟର୍ଥନା ପ୍ରକୋଷ୍ଠ ତଥା ମହିଳା, ଶିଶୁ ଡେସ୍କରେ କିପରି ପାଡ଼ିତାମାନେ ଠିକ ଭାବେ ସେବା ପାଇପାରିବେ, ସେନେଇ ଆଲୋଚନା କରିଥିଲେ। ଡିଜିପି ଅଭୟଙ୍କ ସହ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ଉମାଶଙ୍କର ଦାଶ ଯାଇଥିବାବେଳେ ଥାନାଧିକାରୀ ବିଶ୍ୱରଞ୍ଜନ ନାୟକ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସେବା ଉଦ୍ୟାନ ପକ୍ଷରୁ ଇଣ୍ଟରନ୍ୟାଶନାଲ ହାପିନେସ୍ ଡେ ଅବସରରେ ମିନି ମାରାଥନ, କଳିଙ୍ଗ ଷ୍ଟାଡିୟମ, ଗେଟ-୩, ସକାଳ ୬ଟା ୩୦।
- ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ରକ୍ତଦାନ ଶିବିର, ଦୁର୍ଗାପୂଜା ମଣ୍ଡପ, ଭିଏସ୍ଏସ୍ ନଗର, ସକାଳ ୯ଟା।
- ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ପଖାଳ ଦିବସ, ଉତ୍କଳ ରଙ୍ଗମଞ୍ଚ, ସକାଳ ୯ଟାରୁ ଆରମ୍ଭ।
- ୧୩ତମ କଳିଙ୍ଗ ହର୍ବାଲ ମେଳା, ଇଡ୍କୋ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ପ୍ରଗତି ଦଳର ପ୍ରତିଷ୍ଠା ଦିବସ, ଇଞ୍ଜିନିୟର ଭବନ, ୟୁନିଟ-୪, ରେଡ୍କ୍ରସ ଭବନ ସମ୍ମୁଖ, ପୂର୍ବାହ୍ନ ୧୦ଟା ୩୦।
- ଧରିତ୍ରୀ ଓ ଓଡ଼ିଶାପୋଷ୍ଟ ପକ୍ଷରୁ ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ, ହୋଟେଲ ସ୍ୱସ୍ତି ପ୍ରିମିୟମ, ପୂର୍ବାହ୍ନ ୧୧ଟା ୩୦।
- ଜାଭିୟର ୟୁନିଭରସିଟିର ସମାବର୍ତ୍ତନ ଉତ୍ସବ, ପୁରୁଣା କ୍ୟାମ୍ପସ, ଜାଭିୟର ଛକ, ଅପରାହ୍ନ ୫ଟା ୩୦।
- ୨୭ତମ ଗୁରୁ ପଙ୍କଜ ଉତ୍ସବ ଓ ମାହାରୀ ସମ୍ମାନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ 'ସମର୍ପଣ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ରାଜ୍ୟସ୍ତରୀୟ ନାଟକ ଉତ୍ସବ ରଙ୍ଗସଙ୍ଗମ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଫାର୍ମା ଲାଇଫ୍‌ର ଉଦ୍‌ଘାଟନ ସମାରୋହ, ପ୍ଲଟ ନଂକେ୭/୩୧୦, କଳିଙ୍ଗ ନଗର, ଘାଟିକିଆ, ସନ୍ଧ୍ୟା ୭ଟା।

**କଟକ**

- ପଖାଳ ଦିବସ, ପ୍ରମୋଦ କନଭେନଶନ୍ ଆଣ୍ଡ କ୍ଲବ ରେଷ୍ଟୁରାଣ୍ଟ, ପୂର୍ବାହ୍ନ ୧୧ଟା।
- ଉତ୍କଳ ସାହିତ୍ୟ ସମାଜର ୧୧୮ତମ ବାର୍ଷିକ ସାଧାରଣ ଅଧିବେଶନର ଉଦ୍‌ଘାଟନ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

**ପୁରୀ**

- ବଡ଼ଦାଣ୍ଡ ସେବା କାର୍ଯ୍ୟକ୍ରମ, ପୁରୀ, ସକାଳ ୬ଟା ୩୦।
- ଚନ୍ଦ୍ରମା ଫାଉଣ୍ଡେଶନ ପକ୍ଷରୁ ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀ, ୟୁଥ୍ ହଷ୍ଟେଲ, ସକାଳ ୯ଟା।
- ବସନ୍ତ ଉତ୍ସବ, ଅନ୍ନପୂର୍ଣ୍ଣା ଥିଏଟର, ପୂର୍ବାହ୍ନ ୧୧ଟା।
- ଦକ୍ଷିଣେଶ୍ୱର ନୂତନମଠ ମହନ୍ତଙ୍କ ସତିକା ବନ୍ଦନ ସମାରୋହ, ଦକ୍ଷିଣ ପାର୍ଶ୍ୱ ମଠ, ସନ୍ଧ୍ୟା ୬ଟା ୩୦।

**ବୋଲଗଡ଼**

- ପରମାନନ୍ଦ ମହାବିଦ୍ୟାଳୟରେ ବିଜ୍ଞାନ ସଂସଦ ପକ୍ଷରୁ ଆଲୋଚନାଚକ୍ର, ଅନୁଷ୍ଠାନର ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।

# ମ୍ୟାନ୍ ହୋଲ୍ ନେଲା ୨ ଶ୍ରମିକଙ୍କ ଜୀବନ

**ରାଜଧାନୀରେ ଦୁଃଖଦ ଘଟଣା**

- ବିନା ସୁରକ୍ଷାରେ କାର୍ଯ୍ୟ କରୁଥିଲେ
- ଶ୍ୱାସରୁଦ୍ଧ ହୋଇ ଫସି ରହିଥିଲେ
- ୱାଟ୍‌କୋ ଓ ଠିକା ସଂସ୍ଥାକୁ ଦାୟୀ କଲେ ଲୋକେ

ଭୁବନେଶ୍ୱର, ୧୯।୩(ବ୍ୟୁରୋ)

ଅବହେଳା ଓ ଖାମଖିଆଲି ପାଇଁ ଶୁକ୍ରବାର ବଡ଼ଗଡ଼ ଥାନା ବ୍ରହ୍ମେଶ୍ୱର ବାଗ ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଛି। ନୂଆ ସ୍ୱେରେଜ ଲାଇନ୍‌ରେ କାମ ଚାଲିଥିବାବେଳେ ମ୍ୟାନ୍ ହୋଲ୍ (ସ୍ୱେରେଜ ଚାମ୍ବର)ରେ ଶ୍ୱାସରୁଦ୍ଧ ହୋଇ ୨ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ସୁନାରାମ ସର୍ଦ୍ଦାର(୫୫) ଓ ସିଲୁ ବିରୁଆ(୨୫)। ସୁନାରାମଙ୍କ ଘର ଝାଡଖଣ୍ଡରେ ହୋଇଥିବାବେଳେ ସିଲୁଙ୍କ ଘର ମୟୂରଭଞ୍ଜରେ। ଉଭୟ ଲକ୍ଷ୍ମୀ କନଷ୍ଟ୍ରକ୍ସନ ନାମକ ଏକ ଠିକା କମ୍ପାନୀ ଅଧୀନରେ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ। ସକାଳ ୮ଟାରେ ୩ଜଣ ଶ୍ରମିକ ଉକ୍ତ ନିର୍ମାଣାଧୀନ ସ୍ୱେରେଜ ଲାଇନ୍‌ର କିଛି ବକେୟା କାମ ପାଇଁ ସେଠାରେ ପହଞ୍ଚିଥିଲେ। ପ୍ରଥମେ ସୁନାରାମ ଚାମ୍ବର ମଧ୍ୟଦେଇ ଭିତରକୁ ଯାଇଥିଲେ। କିଛି ସମୟ ପରେ ସେ ଆଉ ଜବାବ ନ ଦେବାରୁ ସିଲୁ ଭିତରକୁ ପଶି ଆଉ ବାହାରି ନ ଥିଲେ। ଉପରେ ଥିବା ଅନ୍ୟଜଣେ ଶ୍ରମିକ ଏହାଦେଖି ଭୟରେ ଘଟଣାସ୍ଥଳ ଛାଡ଼ି ପଳାଇଥିଲେ। ନିକଟରେ ଥିବା କେତେଜଣ ସ୍ଥାନୀୟ ଲୋକେ ସନ୍ଦେହ କରି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚିବା ପରେ ଆରମ୍ଭ ହୋଇଥିଲା ଉଦ୍ଧାର କାର୍ଯ୍ୟ। କେତେଜଣ ଅଗ୍ନିଶମ କର୍ମଚାରୀ ଅମ୍ଳଜାନ ଓ ସୁରକ୍ଷା ଉପକରଣ ସହ ଭିତରକୁ ପଶିବା ପରେ ଦୁଇ ଶ୍ରମିକ ଚାମ୍ବରଠାରୁ ସ୍ୱେରେଜ ଲାଇନ୍‌ର ୨୦ ଫୁଟ ଭିତରେ ଅଚେତ ଅବସ୍ଥାରେ ପଡ଼ି ରହିଥିଲେ। ତୁରନ୍ତ ସେମାନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୧୦/୨୧) ରୁଜୁକରି ତଦନ୍ତ ଚଳାଇଛି। ଏହି ସ୍ୱରେଜ ଲାଇନ୍ କାର୍ଯ୍ୟ ୱାଟର କର୍ପୋରେଶନ ଅଫ୍ ଓଡିଶା(ୱାଟକୋ) କରୁଥିବାବେଳେ ଲକ୍ଷ୍ମୀ କନଷ୍ଟ୍ରକ୍ସନ ଠିକା ନେଇଛି। ତେଣୁ ଏହି ଘଟଣା ପାଇଁ ସ୍ଥାନୀୟ ଲୋକେ ୱାଟ୍‌କୋ ଓ ଠିକା ସଂସ୍ଥାକୁ ଦାୟୀ କରିଛନ୍ତି। ନିୟମ ଅନୁସାରେ ଠିକା ସଂସ୍ଥା ଠିକ୍ ଭାବେ କାର୍ଯ୍ୟ କରୁଛି ନା ନାହିଁ ତାହାର ତଦାରଖ ୱାଟ୍‌କୋ କରିବା କଥା। କିନ୍ତୁ କାର୍ଯ୍ୟ ସମୟରେ ଶ୍ରମିକମାନଙ୍କୁ ଆବଶ୍ୟକ ସୁରକ୍ଷା ଉପକରଣ ଦିଆଯାଇ ନ ଥିବା ଓ କୌଣସି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିବା ଲୋକେ କହିଛନ୍ତି। ସେମାନେ ମୃତକଙ୍କ ପରିବାରକୁ କ୍ଷତିପୂରଣ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।





ଅଗ୍ନିଶକ କର୍ମଚାରୀମାନେ ମ୍ୟାନ୍‌ହୋଲରୁ ଜଣେ ଶ୍ରମିକଙ୍କୁ ଉଦ୍ଧାର କରୁଛନ୍ତି। ଘଟଣା ସ୍ଥଳରେ ପୋଲିସ ଟିମ୍‌ର ତଦନ୍ତ।

### ଦୋଷୀ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ: ୱାଟ୍‌କୋ ଏମ୍‌ଡି

ଦୁର୍ଘଟଣା ସମ୍ପର୍କରେ ୱାଟ୍‌କୋ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ୍ତ କୁମାର ସ୍ୱାଇଁ କହିଛନ୍ତି, ଉକ୍ତ ସ୍ୱିରେଜ ଲାଇନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ପାଇପଗୁଡ଼ିକର ସଂଯୋଗ କାର୍ଯ୍ୟ ଚାଲିଛି। ସେଥିପାଇଁ ଲକ୍ଷ୍ମୀ କନଷ୍ଟ୍ରକ୍ସନ ତରଫରୁ ଶ୍ରମିକମାନେ କାର୍ଯ୍ୟରତ ଥିଲେ। ଚାମ୍ବର ମଧ୍ୟରେ ପଶିବାର ୧ଘଣ୍ଟା ପୂର୍ବରୁ ଢାଙ୍କୁଣିକୁ କାଢିଦେବାର ଥିଲା। ସେପରି ହୋଇଥିଲେ ଗ୍ୟାସ ରହିବାର ଆଶଙ୍କା ନ ଥିଲା। ସୁରକ୍ଷା ଦୃଷ୍ଟିରୁ କାର୍ଯ୍ୟସ୍ଥଳରେ ଦଉଡି ଓ ଅମ୍ଳଜାନର ବ୍ୟବସ୍ଥା କରିବାକୁ ଗାଇଡ୍‌ଲାଇନ୍ ଥିଲେ ମଧ୍ୟ ତାହା ହୋଇ ନ ଥିଲା। ଠିକା କମ୍ପାନୀ ଏସବୁକୁ ଉଲଂଘନ କରିଛି। ଏଥିରେ ୱାଟ୍‌କୋର ପରିଚାଳକ ଓ ସହକାରୀ ପରିଚାଳକଙ୍କ ଅବହେଳା ରହିଥିବା ଭଳି ଲାଗୁଛି। ଦୋଷତ୍ରୁଟିକୁ ଅନୁଧ୍ୟାନ କରୁଛୁ। ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ଠିକା କମ୍ପାନୀ ପକ୍ଷରୁ ମୃତ ଶ୍ରମିକଙ୍କ ନାଁରେ ବୀମା ରହିଛି। ବୀମା ରାଶି ସହ ଠିକା କମ୍ପାନୀ ତରଫରୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଲକ୍ଷ୍ମୀ କନଷ୍ଟ୍ରକ୍ସନ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



କଟକ ସିଡ଼ିଏସ୍ଥିତ ମଧୁସୂଦନ ସେତୁ ମହାନଦୀ ପାର୍ଶ୍ୱ ପଠାରେ ଶୁକ୍ରବାର ଲାଗିଥିବା ନିଆଁ।

# ଉପନିର୍ବାଚନ ନିୟମ କହିଲେ ଲୋହାନୀ

**ସର୍ବଦଳୀୟ ବୈଠକ**

ଭୁବନେଶ୍ୱର, ୧୯।୩(ବ୍ୟୁରୋ)

ପିପିଲି ଉପନିର୍ବାଚନ ଏପ୍ରିଲ ୧୭ରେ ହେବ। ଏନେଇ ଆସନ୍ତା ୨୩ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ଏହାପୂର୍ବରୁ ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ସମସ୍ତ ସ୍ୱୀକୃତି ପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଏକ ଆଲୋଚନା କରିଛନ୍ତି। ଲୋହାନୀ କହିଛନ୍ତି, ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ଅଞ୍ଚଳରେ ପୂର୍ବରୁ ଚାଲୁ ରହିଥିବା ସମସ୍ତ କାର୍ଯ୍ୟ ଜାରି ରହିବ। ନିର୍ବାଚନରେ ଅଂଶଗ୍ରହଣ କରୁଥିବା ପ୍ରାର୍ଥୀ ଏବଂ ସମ୍ପୃକ୍ତ ରାଜନୈତିକ ଦଳଗୁଡିକ ନିର୍ବାଚନ ସମ୍ପର୍କିତ ଖର୍ଚ୍ଚ ଏକ ରେଜିଷ୍ଟରରେ ଲିପିବଦ୍ଧ କରାଯିବ। ପ୍ରାର୍ଥୀମାନେ ନିଜର ଦୈନିକ ଖର୍ଚ୍ଚ ରେଜିଷ୍ଟାରରେ ଲେଖିବେ। ପର୍ଯ୍ୟବେକ୍ଷକ ନିର୍ବାଚନ ପ୍ରକ୍ରିୟା ମଧ୍ୟରେ ୩ ଥର ରେଜିଷ୍ଟାର ପରଖିବେ। କୋଭିଡ୍-୧୯ ନିୟମକୁ କଡ଼ାକଡ଼ି ପାଳନ କରାଯିବ। ଉପନିର୍ବାଚନରେ ସାମିଲ ସମସ୍ତ ଅଧିକାରୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକା ଦିଆଯିବ। ମାସ୍କ, ସାନିଟାଇଜର, ସ୍କାନିଂ ଇତ୍ୟାଦିକୁ ନିର୍ବାଚନ ସମୟରେ ବାଧ୍ୟତାମୂଳକ କରାଯିବ। ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ, ଦିବ୍ୟାଙ୍ଗ ଭୋଟର ଏବଂ ସନ୍ଦିଗ୍ଧ କୋଭିଡ୍ ରୋଗୀଙ୍କ ଲାଗି ପୋଷ୍ଟାଲ ବାଲାଟ ବ୍ୟବସ୍ଥା କରାଯାଇଛି। ଅପରାଧ ପୃଷ୍ଠଭୂମି ଥିବା ପ୍ରାର୍ଥୀମାନେ ନିର୍ବାଚନରେ ଅଂଶଗ୍ରହଣ କଲେ ସେମାନେ ଉଭୟ ଛାପା ଏବଂ ବୈଦ୍ୟୁତିକ ଗଣମାଧ୍ୟମ ଜରିଆରେ ଅତିକମ୍‌ରେ ୩ ଥର ସେମାନଙ୍କ ଅପରାଧ ପୃଷ୍ଠଭୂମି ସମ୍ପର୍କରେ ପ୍ରଚାର, ପ୍ରସାର କରିବେ। ନିର୍ବାଚନ ଆୟୋଗ ପ୍ରଚାର, ପ୍ରସାର ଲାଗି ସ୍ୱତନ୍ତ୍ର ନିୟମ ଆଣିଛନ୍ତି। ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡିକ ଉପନିର୍ବାଚନ ଲାଗି ପ୍ରଚାର ପାଇଁ ୩୦ଜଣରୁ ଅଧିକ ଓ ଏବଂ ଅନ୍ୟାନ୍ୟ ରାଜନୈତିକ ଦଳଗୁଡିକ ପ୍ରଚାର ପାଇଁ ୧୫ଜଣରୁ ଅଧିକ ତାରକା ପ୍ରଚାରକ ଆଣିପାରିବେ ନାହିଁ। ପ୍ରାର୍ଥୀମାନେ ନିଜ ପୋଷ୍ଟର ଏବଂ ଲିଫଲେଟ୍‌ରେ ପ୍ରକାଶକ ଓ ମୁଦ୍ରାକରଙ୍କ ନାମ ରଖିବେ। ଯଦି ଛାପା, ବୈଦ୍ୟୁତିକ କିମ୍ବା ସାମାଜିକ ଗଣମାଧ୍ୟମ ଜରିଆରେ ରାଜନୈତିକ ଦଳଗୁଡିକ ପ୍ରଚାର କରନ୍ତି ତେବେ ସେନେଇ ହୋଇଥିବା ଖର୍ଚ୍ଚ ତାଲିକା ପ୍ରାର୍ଥୀ ଓ ଦଳର ନିର୍ବାଚନ ଖର୍ଚ୍ଚ ଆକାଉଣ୍ଟରେ ପଡିବ ବୋଲି ଲୋହାନୀ କହିଛନ୍ତି।

# ସହରରେ ଗଡୁନି ଟାଉନ୍ ବସ୍

- ୨୦୧୫ରୁ ବନ୍ଦ ହେଲାଣି ଚନ୍ଦ୍ରିକା ବସ୍ ସେବା
- ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଛାତ୍ରୀଛାତ୍ର

ସୁପ୍ରିୟା ପ୍ରିୟଦର୍ଶିନୀ
କଟକ ଅଫିସ,୧୯।୩

ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଛାତ୍ରୀଛାତ୍ରମାନେ ପଢ଼ିବାକୁ ଆସୁଛନ୍ତି। ବିଶେଷକରି ସହର ଉପକଣ୍ଠ ଚୌଦ୍ୱାର, ସିଡିଏ, ବାରଙ୍ଗ, ବିଡ଼ାନାସୀ, ଜଗତ୍‌ପୁର ଆଦିସ୍ଥାନରୁ ଅନେକ ପିଲା ନିୟମିତଭାବେ ରେଭେନ୍‌ଶାକୁ ଆସନ୍ତି। ପୂର୍ବରୁ ସହରର ଭିନ୍ନଭିନ୍ନ ସ୍ଥାନରୁ ଛାତ୍ରୀଛାତ୍ରମାନେ ଟାଉନ୍ ବସ୍ ଯୋଗେ କମ୍ ପଇସାରେ କଲେଜରେ ସହଜରେ ପହଞ୍ଚି ପାରୁଥିଲେ। କିନ୍ତୁ ଏହି ସେବା ୨୦୧୫ରୁ ବନ୍ଦ ହୋଇଗଲାଣି। ଫଳରେ ଛାତ୍ରୀଛାତ୍ରମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବିଡ଼ାନାସୀ, ବାରଙ୍ଗ, ଚୌଦ୍ୱାର, ଜଗତ୍‌ପୁର ଆଦି ସ୍ଥାନରୁ ଆସୁଥିବା ଛାତ୍ରୀଛାତ୍ରମାନେ ବସ୍ ଯୋଗେ ଓଏମ୍‌ପି ପର୍ଯ୍ୟନ୍ତ ଆସୁଛନ୍ତି। ସେଠାରୁ ଅଟୋ କିମ୍ବା ଚାଲିଚାଲି ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ଆସୁଛନ୍ତି। ଅଧିକାଂଶ ସମୟରେ ଛାତ୍ରୀଛାତ୍ରମାନେ ସାଇକେଲ କିମ୍ବା ବାଇକ୍‌ରେ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି।

ସହରରେ ପ୍ରଦୂଷଣ ମାତ୍ରା କମାଇବା ସହ ଲୋକମାନେ ଯେପରି ସାଧାରଣ ପରିବହନ ବ୍ୟବସ୍ଥାରେ ଯାତାୟାତ କରିପାଇବେ ସେଥିପାଇଁ ପ୍ରଶାସନ ପକ୍ଷରୁ ସହରରେ ଟାଉନ ବସ୍ ଯୋଜନା ଆରମ୍ଭ କରାଯାଇଥିଲା। କଟକ ସହରରେ ୨୦୦୭ରେ ସିଏମ୍‌ସି ପକ୍ଷରୁ ୧୮ଲକ୍ଷ ଟଙ୍କା ବ୍ୟୟରେ ଦୁଇଟି ବସ୍ କିଣା ଯାଇଥିଲା। ଚନ୍ଦ୍ରିକା ନାମରେ ଦୁଇଟି ବସ୍ (ନଂ.ଓଆର୦୫ଜି-୧୬୫୨) ଏବଂ (ନଂ.ଓଆର୦୫ଜି-୧୬୫୩) ସହରରେ ଚାଲୁଥିଲା। ଏହି ଦୁଇଟି ବସ୍ ଓଏମ୍‌ପି, ଲିଙ୍କ୍‌ରୋଡ, ହାଇକୋର୍ଟ, ସିଡିଏ ମାର୍କେଟ, ବିଜୁ ପଟ୍ଟନାୟକ ପାର୍କ, ସତୀଚଉରା, ବିଡ଼ାନାସୀ, ବକ୍ସିବଜାର, ମଙ୍ଗଳାବାଗ, ରାଣୀହାଟ, କଲେଜ ଛକ ମଧ୍ୟରେ ଯାତାୟାତ କରୁଥିଲା। ଯାହାଦ୍ୱାରା ସହରର ଗୋଟିଏ ପ୍ରାନ୍ତରୁ ଅନ୍ୟପ୍ରାନ୍ତକୁ ଲୋକମାନେ ସହଜରେ ଯାତାୟାତ କରିପାରୁଥିଲେ। କିନ୍ତୁ ୨୦୧୫ରୁ ଏହି ବ୍ୟବସ୍ଥା ବନ୍ଦ ହୋଇଯାଇଛି। ସିଏମ୍‌ସି ସହକାରୀ ଯନ୍ତ୍ରୀ ଶ୍ରବଣ ମହାନ୍ତିଙ୍କ କହିବାନୁଯାୟୀ, କ୍ୟାପିଟାଲ ରିଜନ ଅର୍ବାନ୍ ଟ୍ରାନ୍ସପୋର୍ଟ(କ୍ରୁଟ) ବସ୍ ଚାଲିବା କାରଣରୁ ଚନ୍ଦ୍ରିକା ବସ୍ ସେବା ବନ୍ଦ ହୋଇଗଲା। ଚନ୍ଦ୍ରିକା ବସ୍‌ରେ ବାଦାମବାଡ଼ିରୁ ବିଜୁ ପଟ୍ଟନାୟକ ପାର୍କ ପର୍ଯ୍ୟନ୍ତ ରୁଟ୍‌ରେ ଅଧିକ ଯାତ୍ରୀ ଯାତାୟାତ କରିଥାନ୍ତି। କିନ୍ତୁ କ୍ରୁଟ ସେହି ରୁଟ୍‌ରେ ବସ ଚଳାଚଳ ଆରମ୍ଭ କରିବା ଦ୍ୱାରା ଚନ୍ଦ୍ରିକା ବସ୍‌ରେ ଯାତ୍ରୀ ସଂଖ୍ୟା କମିବାରେ ଲାଗିଲା। ଏପରିକି ବସ୍‌ର ତେଲ ପଇସା ମଧ୍ୟ ଉଠିଲା ନାହିଁ। ଫଳରେ ବାଧ୍ୟ ହୋଇ ଏହି ବସ୍ ସେବାକୁ ୨୦୧୫ରୁ ବନ୍ଦ କରିବାକୁ ପଡ଼ିଲା ବୋଲି ମହାନ୍ତି କହିଛନ୍ତି।

ସେହିପରି ଜବାହରଲାଲ ନେହେରୁ ସହର ବିକାଶ ଯୋଜନାରେ କଟକରେ ଟାଉନ ବସ୍ ସେବା ଯୋଗାଇବା ପାଇଁ ୮କୋଟି ଟଙ୍କାରେ ୩୦ଟି ବସ୍ କିଣାଯାଇଥିଲା। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନ ଅର୍ଥରେ ୨୦୧୫ରେ ଉକ୍ତ ଯୋଜନାରେ ବସ୍ କିଣାଯାଇଥିଲା। ୨୦୧୬ ଏପ୍ରିଲରେ ଏହି ବସ୍ ସେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହାକୁ ଚଳାଇବା ପାଇଁ କଟକ ଅର୍ବାନ ଟ୍ରାନ୍ସପୋର୍ଟ ସର୍ଭିସ ଲିମିଟେଡ(ସିୟୁଟିଏସ୍ଏଲ) ଗଠନ କରାଯାଇଥିଲା। ଏଥିରେ ସିଏମ୍‌ସି କମିଶନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକରୀ ଭାବେ ରହିବା ସହିତ ଆର୍‌ଟିଓ, ଜିଲାପାଳ, ଡିସିପି ପ୍ରମୁଖ ସଦସ୍ୟ ରହିଥିଲେ। ତେବେ ପରବର୍ତ୍ତୀ ସମୟରେ ବସ୍ ଚଳାଚଳ ପାଇଁ ସାହାରା ରୋଡ୍‌ୱେଜ ନାମକ ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯିବା ସହିତ ସିୟୁଟିଏସ୍ଏଲ ସହ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଚୁକ୍ତି ମୁତାବକ ପ୍ରତି ବସ୍‌ର ମୂଲ୍ୟ ୨୬ ଲକ୍ଷ ଟଙ୍କା ହୋଇଥିବାରୁ ଏହାର ୧୦ ପ୍ରତିଶତ ହିସାବରେ ସାହାରା ରୋଡ୍‌ୱେଜ ୨ ଲକ୍ଷ ୬୦ ହଜାର ଟଙ୍କା ଦେବାସହ ମାସିକ ଭଡ଼ା ସୂତ୍ରରେ ପ୍ରତି ବସ୍ ପିଛା ୪ ହଜାର ଟଙ୍କା ଦେବା ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ସହରରେ ବସ୍ ଚଳାଚଳ କରିବା ନିମନ୍ତେ ୩୦ଟି ବସ୍ ସିଏମ୍‌ସିକୁ ହସ୍ତାନ୍ତର କରାଯାଇଥିଲା। ମାତ୍ର ପଞ୍ଜୀକରଣ ହୋଇ ନ ଥିବାରୁ ୩୦ରୁ ୧୦ଟି ବସ୍ ଚଳାଚଳ କରୁଥିଲା। ପରେ ରୁଟ ନ ମିଳିବା ଏବଂ ଘରୋଇ ବସ୍ ମାଲିକଙ୍କ ବିରୋଧ ଯୋଗୁ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ୨୦୧୯ରେ କ୍ରୁଟକୁ ଉକ୍ତ ୩୦ଟି ଟାଉନ୍ ବସ୍ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ସେଥିମଧ୍ୟରୁ ଆଜିପର୍ଯ୍ୟନ୍ତ ଗୋଟିଏ ବି ବସ୍ ସହର ଭିତରେ ଗଡୁଥିବା ଦେଖିବାକୁ ମିଳିଲା ନାହିଁ। କ୍ରୁଟ୍‌ର ଜେନେରାଲ ମ୍ୟାନେଜର(ପ୍ରଶାସନିକ) ଦୀପ୍ତି ମହାପାତ୍ରଙ୍କ କହିବା ଅନୁଯାୟୀ, ସିଏମ୍‌ସି ଉକ୍ତ ୩୦ ବସ୍‌କୁ ଅତି ଖରାପ ଅବସ୍ଥାରେ ଆମକୁ ଦେଇଥିଲେ। ଯେଉଁଥିରେ କେବଳ ବସ୍‌ର ଖୋଳ ଥିଲା। ବାକି ସବୁ ନଷ୍ଟ ହୋଇଯାଇଥିବାବେଳେ ତାହାକୁ ମରାମତି କରି ଆମେ କଟକ ଜିଲାର ନିକଟବର୍ତ୍ତୀ ଅଞ୍ଚଳରେ ଆଗାମୀ ଦୁଇ ମାସ ମଧ୍ୟରେ ୨୭ ବସ୍‌କୁ ଚଲାଇବାର ଯୋଜନା ରହିଛି। ବାକି ୩ଟି ବସ୍‌କୁ ଜରୁରିକାଳୀନ ସମୟରେ ବ୍ୟବହାର କରାଯିବ। କିନ୍ତୁ ସେ ବସ୍‌ଗୁଡ଼ିକର ଲମ୍ବ ୯ମିଟର ହୋଇଥିବାରୁ ସେଗୁଡ଼ିକ କଟକ ସହର ମଧ୍ୟରେ ଚାଲି ପାରିବନାହିଁ ବୋଲି ମହାପାତ୍ର କହିଛନ୍ତି।



ପଡ଼ିରହି ନଷ୍ଟ ହୋଇଥିବା ଟାଉନ୍ ବସ୍।



"ମୁଁ ଚୌଦ୍ୱାର ଢିଅସାହି ରୁ ଆସୁଛି। ୧୯ ରୁ ୨୦ କିଲୋମିଟର ରାସ୍ତା ସାଇକେଲିଂ କରି ଆସିବାକୁ ପଡୁଛି। ସେଥିରେ ପୁଣି ଆମ ଘର ପାଖରେ ହାତୀ ବାହାରନ୍ତି, ହାତୀଙ୍କ ଡରରେ ଜଲ୍‌ଦି ଘରୁ ବାହାରି ହେଉନାହିଁ। ସକାଳ ୬ଟାରୁ ଘରୁ ବାହାରିଲେ ମଧ୍ୟ ବିଶ୍ୱବିଦ୍ୟାଳୟରେ ପହଞ୍ଚିବା ବେଳକୁ ପ୍ରଥମ କ୍ଲାସ ସରି ଯାଇଥାଏ। ତା ପରେ ଏତେବାଟ ସାଇକେଲ ଚଲେଇ ଆସିଲା ପରେ ହାଲିଆ ଲାଗୁଛି। ପାଠ ପଢିବାକୁ ଇଚ୍ଛା ମଧ୍ୟ ହେଉନି। ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସିଧା ବସ୍ ସୁବିଧା କରାଗଲେ ଯିବା ଆସିବାର ଆଉ ଅସୁବିଧା ହେବନାହିଁ।

**-ୟୁନିଷ ପରିଡା, ଛାତ୍ର**



"ମୁଁ ପ୍ରତିଦିନ ବିଡାନାସୀରୁ ରେଭେନ୍‌ଶା ସାଇକେଲ ନେଇ ଆସୁଛି। ବର୍ତ୍ତମାନ ତେଲ ଦର ଯାହାହେଲାଣି ସେଥିରେ ଗାଡି ଚଳାଇବା କଷ୍ଟକର। ବିଶ୍ୱବିଦ୍ୟାଳୟ ଆସିବାକୁ ସିଧାସଳଖ କୌଣସି ବ୍ୟବସ୍ଥାନାହିଁ। ଅଟୋରେ ଯଦି ବିଶ୍ୱବିଦ୍ୟାଳୟ ଆସିବି ତେବେ ଅଧିକ ସମୟ ଏବଂ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏବେ ଖରାରେ ସାଇକେଲିଂ କରି ଆସିବାବେଳକୁ ବହୁତ କଷ୍ଟ ପଡୁଛି। ରାସ୍ତାଗୁଡ଼ିକରେ ପିଇବା ପାଣିର ବ୍ୟବସ୍ଥା ମଧ୍ୟ ନାହିଁ। ଯଦି ଟାଉନ ବସ୍ ଚଳାଚଳ କରନ୍ତା ତେବେ ଆମର ସମୟ ବହୁତ ବଞ୍ଚନ୍ତା।

**-ଆଲୋକ କୁମାର ନାୟକ, ଛାତ୍ର**



"ମୁଁ ସିଡିଏରୁ ଆସୁଛି। ରେଭେନ୍‌ଶାରୁ ସିଡିଏ ପାଖପାଖି ୧୨କିମି ରାସ୍ତା। ସିଡିଏରୁ ରେଭେନ୍‌ଶା ଅଟୋ ଚଳାଚଳ କରୁଛି କିନ୍ତୁ ସେଥିପାଇଁ ୨ରୁ ୩ଟି ଅଟୋ ବଦଳାଇ ଯିବାକୁ ପଡିବ। ଯାହା ସମୟସାପେକ୍ଷ। ଟାଉନରେ ଯଦି ବସ୍ ଚାଲିବ ତେବେ ମୋ ଭଳି ଅନେକ ଛାତ୍ରୀଛାତ୍ର କମ୍ ଖର୍ଚ୍ଚରେ ବିଶ୍ୱବିଦ୍ୟାଳୟରେ ଠିକ୍ ସମୟରେ ପହଞ୍ଚି ପାରିବେ।

**- ଅନ୍ତର୍ଯ୍ୟାମୀ ବେହେରା, ଛାତ୍ର**

# ଆସ ଜୀବନ ଧନ ମୋ ପଖାଳ କଂସା...



## ଆଜି ବିଶ୍ୱ ପଖାଳ ଦିବସ

ଭୁବନେଶ୍ୱର, ୧୯।୩ (ବ୍ୟୁରୋ)

ଓଡ଼ିଆ ଜନଜୀବନ ସହିତ ପଖାଳର ସମ୍ପର୍କ ବହୁ ନିବିଡ଼ ଓ ପୁରାତନ। ଓଡ଼ିଆ ପ୍ରାଣର ପ୍ରତୀକ ହେଉଛି ପଖାଳ। ଗାଁ ହେଉ ଅବା ସହର ଯେଉଁଠାରେ ବି ଓଡ଼ିଆ ଲୋକ ରୁହନ୍ତୁ ନା କାହିଁକି ପଖାଳ ପ୍ରତି ଥିବା ଲାଳସା କିନ୍ତୁ କମି ନ ଥାଏ। ତେଣୁ ଓଡ଼ିଆ ସଂସ୍କୃତିରେ ପଖାଳର ଗୁରୁତ୍ୱକୁ ଆହୁରି ବଢ଼ାଇବା ପାଇଁ ମାର୍ଚ୍ଚ ୨୦କୁ 'ପଖାଳ ଦିବସ' ରୂପେ ପାଳନ କରାଯାଉଛି। ଏହି ଦିନରେ ଓଡ଼ିଆ ସଂସ୍କୃତିରେ ପଖାଳର ମହତ୍ତ୍ୱକୁ ନେଇ ସ୍ୱର୍ଗତ ବାଳକୃଷ୍ଣ ଦାସଙ୍କ 'ଆସ ଜୀବନ ଧନ ମୋ ପଖାଳ କଂସା' ଗୀତ ମନେ ପଡ଼ିଯାଉଛି।

ଗାଁ ଝୁମ୍ପୁଡି ଘର ହାଣ୍ଡିଶାଳର ଶୋଭା ବଢାଉଥିବା ପଖାଳ ମୋହରେ କେବଳ ମଣିଷ ପଡିନାହାନ୍ତି, ବରଂ ସ୍ୱୟଂ ପ୍ରଭୁ ଶ୍ରୀଜଗନ୍ନାଥ ବି ପଖାଳ ମୋହରେ ମୋହିତ। ସେଥିପାଇଁ ତ ବର୍ଷ ତମାମ ଦାରୁ ଦିଅଁଙ୍କ ପାଖରେ ପଖାଳ ଭୋଗ ହେଉଛି। ଜଗନ୍ନାଥଙ୍କର ଛପନ ଭୋଗ ମଧ୍ୟରେ ପଖାଳର ସ୍ଥାନ ସ୍ୱତନ୍ତ୍ର ରହିଛି।

ବର୍ତ୍ତମାନର ଫାଷ୍ଟଫୁଡ୍ ଯୁଗରେ ବି ଏହାର ଆଦର କମିନି। ସହରର ଚାକଚକ୍ୟ ସହ ଦେଶୀ, ବିଦେଶୀ ଖାଦ୍ୟ ଭିତରେ ବି ରାଜଧାନୀବାସୀ ପଖାଳ ଖୋଜୁଛନ୍ତି। ସବୁଦିନ ନ ହେଲେ ବି ନିୟମିତ ବ୍ୟବଧାନରେ ଏହାର ମଜା ନେଉଛନ୍ତି। ବିଶେଷକରି ଏବେ ପ୍ରବଳ ଖରା ହେଉଥିବାରୁ ଲୋକଙ୍କର ପଖାଳ ପ୍ରଥମ ପସନ୍ଦ ପାଲଟିଛି। ଫଳରେ ସହରର ଛୋଟଠାରୁ ବଡ଼ ବଡ଼ ତାରକା ହୋଟେଲରେ ରାଜ୍ କରୁଛି ପଖାଳ। ବଡ଼ବଡ଼ିଆଙ୍କର ମଧ୍ୟ ଅଧିକ ଡିମାଣ୍ଡ ରହୁଛି। ଲୋକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଦହି ପଖାଳ, ସଜ ପଖାଳ, ଛୁଙ୍କ ପଖାଳ, ବାସି ବା ଖଟା ପଖାଳ ଏବଂ ପରିବା ପଖାଳ ପରି ଅନେକ କିସମର ପଖାଳ ଉପଲବ୍ଧ ହେଉଛି। ସୋରିଷ, ଶୁଖିଲା ଲଙ୍କା, ଭୃସଙ୍ଗପତ୍ର ସହ ଦହି ଛୁଙ୍କ ଦିଆ ଦହି ପଖାଳର କ୍ରେଜ୍ ଅଧିକ ରହିଥିବା ଦେଖାଯାଉଛି। ଦହିପଖାଳ ସଙ୍ଗକୁ ଶାଗ ଭଜା, ଛତୁ ଭଜା, ବାଇଗଣ ଭରତା, ବଡିଚୂରା ଓ ଭଜା ଖାଇବାର ମଜାକୁ ବଢ଼ାଇ ଦେଉଛି। ସେହିପରି ଆମିଷ ଖାଉଥିବା ଲୋକଙ୍କ ପାଇଁ ଚୂନା ଓ ବଡ ମାଛ ଭଜା ରହିଥିବା ମ୍ୟାରିୟନ ହୋଟେଲ ପକ୍ଷରୁ କୁହାଯାଇଛି। ପ୍ରତିବର୍ଷ ପଖାଳ ଦିବସକୁ ଦୃଷ୍ଟିରେ ରଖି ବିଭିନ୍ନ ହୋଟେଲରେ ଅନେକ ବ୍ୟବସ୍ଥା କରାଯାଇଥାଏ। ମାତ୍ର ଚଳିତବର୍ଷ କରୋନା କାରଣରୁ କେତେକ ହୋଟେଲରେ ପଖାଳ ବ୍ୟବସ୍ଥା କରାଯାଇଥିବାବେଳେ ଅଧିକାଂଶ ହୋଟେଲରେ ସ୍ୱତନ୍ତ୍ର ଆୟୋଜନ ନ ଥିବା ଜଣାପଡିଛି। ସେହିଭଳି ରାଜଧାନୀରେ ପଖାଳର ହବ୍ କୁହାଯାଉଥିବା ଏକାମ୍ର ହାଟରେ ମଧ୍ୟ ଏବର୍ଷ ସେପରି ଆୟୋଜନ ନ ଥିବା ଦେଖିବାକୁ ମିଳିଛି। ମୁଖ୍ୟତଃ ସାଧାରଣ ଲୋକଙ୍କ ପକେଟ୍‌କୁ ସୁହାଇଲା ଭଳି ଦାମ୍ ସହ ପୂରା ପରିବାର ଏକାସାଙ୍ଗରେ ପଖାଳର ମଜା ଉଠାଇବାକୁ ଏଠାକୁ ଆସନ୍ତି। ଏଠାରେ ଥିବା କାକା, ପେଟପୂଜା ଭଳି ହୋଟେଲରେ ପ୍ରତିବର୍ଷ ପଖାଳ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥାଏ। ମାତ୍ର ନବୀକରଣ ନାମରେ ଦୀର୍ଘଦିନ ହେବ ଏକାମ୍ର ହାଟ ବନ୍ଦ ରହିଥିବାରୁ ଲୋକଙ୍କୁ ନିରାଶ ହେବାକୁ ପଡିଛି।

### ତୋରାଣି ମୁନ୍ଦାଏ ପିଇଦେଲେ ଓଃ କି ଶାନ୍ତି



"ଯେତେ ଯାହା ଖାଇଲେ ବି ମୁଠାଏ ପଖାଳ ଖାଇ ତୋରାଣିରୁ ମୁନ୍ଦାଏ ପିଇଦେଲେ ଯେତିକି ଆନନ୍ଦ ମିଳେ ତାହା ଆଉ କେଉଁ ଖାଦ୍ୟରେ ମିଳେ ନାହିଁ। ବିଶେଷ କରି ଖରାଦିନେ ପାଖାଳ ଖାଇଦେଲେ ପରେ ଓଃ କି ଶାନ୍ତି। ପଖାଳ ଆମ ଓଡ଼ିଆ ପ୍ରାଣର ଆତ୍ମା କହିଲେ ଭୁଲ୍ ହେବ ନାହିଁ। ଏହା ଆମ ଓଡ଼ିଆ ଘରର ପରିଚୟ।

-ରାଜେନ୍ଦ୍ର ସାହୁ, କର୍ମଜୀବୀ

### ପଖାଳ ସାଙ୍ଗକୁ ବଡ଼ିଚୂରା, ଚୂନା ମାଛ ପସନ୍ଦ



"ବାହାଘର ପରେ ମୋତେ ଓଡ଼ିଶା ଛାଡି କଲିକତା ଯିବାକୁ ପଡିଲା। ହେଲେ ମୁଁ ପଖାଳକୁ କେବେ ବି ଛାଡିପାରି ନାହିଁ। ପଖାଳ ମୋର ଓ ମୋ ସ୍ୱାମୀଙ୍କର ପ୍ରିୟ ଖାଦ୍ୟ। ତା' ସାଙ୍ଗକୁ ବଡିଚୁରା ଆଉ ଚୂନା ମାଛ ଭଜା ମୋର ଭାରି ପସନ୍ଦ। ସବୁଦିନ ନ ହେଲେ ବି ଛୁଟିଦିନରେ ମୁଁ ଘରେ ପଖାଳ କରିଥାଏ।

-ରଶ୍ମିରେଖା ଦାସ, ଗୃହିଣୀ

### ଓଡ଼ିଆ ଘରର ନିତିଦିନିଆ ଖାଦ୍ୟ



"ଏହାତ ଓଡ଼ିଆ ଘରର ନିତିଦିନିଆ ଖାଦ୍ୟ। କେତେ ଲୋକ ଅଛନ୍ତି, ଯେଉଁମାନେ ଆଧୁନିକତା ନାମରେ ପଖାଳକୁ ଖାଇବାକୁ ପସନ୍ଦ କରୁନାହାନ୍ତି। କିନ୍ତୁ ଯେତେ ଆଧୁନିକ ହେଲେ ବି ଆମେ ଆମ ଅସ୍ମିତାକୁ ଭୁଲିଯିବା ଉଚିତ ନୁହେଁ। ପଖାଳ ଖାଇବା ପାଇଁ ଦିବସଟି ପାଳନ କରିବା ନିଶ୍ଚିତ ଭଲ କଥା। ମୁଁ ମଧ ପଖାଳ ଖାଇ ପାଳିବି, ଅନ୍ୟମାନେ ମଧ ପଖାଳ ମଜା ନେବା ଉଚିତ।

-ନଟବର ବେହେରା, କର୍ମଜୀବୀ




ପଖାଳ ଦିବସ ପରିପ୍ରେକ୍ଷୀରେ ପୁରୀ ବେଳାଭୂମିରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।

## ଅନିଶ୍ଚିତତାରେ ହାଣ୍ଡିଭଙ୍ଗା ଯାତ୍ରା

ପୁରୁଣା
ଭୁବନେଶ୍ୱର, ୧୯।୩(ଡି.ଏନ୍.ଏ.)



ଶନିବାର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା। ୫ବର୍ଷ ଧରି ବନ୍ଦ ରହିଥିବା ଶ୍ରୀଜୀଉଙ୍କ ଏହି ଯାତ୍ରାରେ ସୁଧାର ଆଣିବା ପାଇଁ ଶ୍ରୀ କପିଳେଶ୍ୱର ମନ୍ଦିର ଏବଂ ଖୁଣ୍ଟିଆ ସେବାୟତ ଦୁଇ ଦିନ ପୂର୍ବେ ସର୍କିଟ ହାଉସଠାରେ ଅନୁଷ୍ଠିତ ପ୍ରଶାସନିକ ବୈଠକରେ ସହମତି ପ୍ରକାଶ କରିଥିଲେ। ମାତ୍ର ଗୋଟିଏ ଦିନ ଅବ୍ୟବହିତ ପୂର୍ବରୁ ଶୁକ୍ରବାର ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ପ୍ରାତଃରୁ କପିଳେଶ୍ୱର ଦେବଙ୍କ ମନ୍ଦିରରେ ଠାକୁରଙ୍କ ନୀତିକାନ୍ତିରେ ବିଭ୍ରାଟ ଦେଖାଦେଇଥିଲା। ମନ୍ଦିର ପରିସରରେ ଖୁଣ୍ଟିଆ ସେବାୟତମାନେ ଦୀର୍ଘ ସମୟ ଧରି ଉପସ୍ଥିତ ରହିବା ପରେ ମନ୍ଦିର ପ୍ରଶାସନ, ଦେବୋତ୍ତର ବିଭାଗ, ଉପଜିଲାପାଳଙ୍କ ଅଧିକାରୀ ଏବଂ ପୋଲିସ ପ୍ରଶାସନ ପହଞ୍ଚି ଘଟଣା ଅନୁସନ୍ଧାନ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ମଳିଆ ସେବାୟତ ମନ୍ଦିର ମୁଖ୍ୟ ଫାଟକ ତାଲାକୁ ପ୍ରଶାସନକୁ ଧରାଇ ଦେଇଥିଲେ ବୋଲି ଆଇଆଇସି ଶରତତ ଚନ୍ଦ୍ର ପାତ୍ର କହିଛନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରୀଜୀଉଙ୍କ ହାଣ୍ଡିଭଙ୍ଗା ଯାତ୍ରାକୁ ନେଇ ଅନିଶ୍ଚିତତା ଦେଖାଦେଇଛି।

## ଭାରତରେ ନୂଆ ପ୍ରଜାତିର ଏଣ୍ଡୁଅ ଆବିଷ୍କୃତ

### ଗବେଷଣା ଟିମ୍‌ରେ ୨ ଓଡ଼ିଆ

ଭୁବନେଶ୍ୱର, ୧୯।୩(ବ୍ୟୁରୋ)

ଭାରତରେ ଏକ ନୂଆ ପ୍ରଜାତିର ଏଣ୍ଡୁଅ ଆବିଷ୍କୃତ ହୋଇଛି। ଏହି ନୂଆ ପ୍ରଜାତି ଏଣ୍ଡୁଅର ନାମକରଣ ଓଡ଼ିଶାର ବିଖ୍ୟାତ ହରପେଟୋଲୋଜିଷ୍ଟ ପ୍ରଫେସର ସୁଶୀଲ ଦତ୍ତଙ୍କ ନାମ ଅନୁସାରେ ରଖାଯାଇଛି। ଏହି ନୂଆ ପ୍ରଜାତି ଏଣ୍ଡୁଅର ବୈଜ୍ଞାନିକ ନାମ ସିଟାନା ସୁଶିଲି ରଖାଯାଇଛି। ଭାରତର ୪ଟି ରାଜ୍ୟରେ ଯଥା ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ମଧ୍ୟପ୍ରଦେଶରେ ଏହି ନୂଆ ପ୍ରଜାତିର ଏଣ୍ଡୁଅକୁ ଗବେଷକମାନେ ଦେଖିଛନ୍ତି। ବିଶିଷ୍ଟ ଟାକ୍ସୋନୋମି ଜର୍ନାଲ ଜୁଟାକ୍ସାରେ ଶୁକ୍ରବାର ଏହି ଗବେଷଣା ପ୍ରକାଶିତ ହୋଇଛି। ଭାରତ, ଜର୍ମାନୀ ଓ ଇଂଲଣ୍ଡର ୫ ଜଣ ଗବେଷକ ଏହି ନୂଆ ପ୍ରଜାତିକୁ ଆବିଷ୍କାର କରିବାରେ ସଫଳ ହୋଇଛନ୍ତି। ଇଂଲଣ୍ଡର ନାଚୁରାଲ ହିଷ୍ଟ୍ରି ମ୍ୟୁଜିୟମ ଏବଂ ଜର୍ମାନୀ ମ୍ୟୁଜିୟମ, ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ, ଡେରାଡୁନର ୱାଇଲ୍ଡଲାଇଫ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ଏବଂ ମଧ୍ୟପ୍ରଦେଶର ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ମିଳିତ ଗବେଷଣାରୁ ଏହି ସଫଳତା ମିଳିଛି। ଏଥିପାଇଁ ଗବେଷକମାନେ ଏଣ୍ଡୁଅର ଡିଏନ୍ଏ ଟେଷ୍ଟ ମଧ କରିଥିଲେ। ଏହି ସିଟାନା ସୁଶିଲି ଏକ କ୍ଷୁଦ୍ର ଏଣ୍ଡୁଅ ଯାହାର ସର୍ବାଧିକ ଏସ୍‌ଭିଏଲ ଲମ୍ବ ୪୮ମି.ମି. ହୋଇଥାଏ। ଏହାର ମୁଣ୍ଡ ବାଦାମୀ ରଙ୍ଗର ହେବା ସହ ଆଖି ପଛରୁ ଆରମ୍ଭ ହୋଇଥିବା ଏକ ଗାଢ଼ ବାଦାମୀ ଅନିୟମିତ ରେଖା ଲମ୍ବିଥାଏ। ଏହି ଗବେଷକ ଟିମରେ ୨ଜଣ ଓଡ଼ିଆ ଅଛନ୍ତି। ସେମାନେ ହେଲେ ବାଲେଶ୍ୱରସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ନୀଳାଦ୍ରି ଭୂଷଣ କର ଏବଂ ମଧ୍ୟପ୍ରଦେଶସ୍ଥିତ ଜୁଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ବୈଜ୍ଞାନିକ ଡ. ପ୍ରତ୍ୟୁଷ ପି. ମହାପାତ୍ର।



## ଶିଳ୍ପୀ ଚନ୍ଦ୍ରମଣିଙ୍କୁ ସମ୍ବର୍ଦ୍ଧିତ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୯।୩(ବ୍ୟୁରୋ)

ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଚିତ୍ରଶିଳ୍ପୀ ଚନ୍ଦ୍ରମଣି ବିଶ୍ୱାଳଙ୍କୁ ୨୦୧୫ରେ ଲଳିତ କଳା ଏକାଡେମୀ ଆୱାର୍ଡ ପାଇବାକୁ ମନୋନୀତ କରାଯାଇଥିଲା। ତତ୍କାଳୀନ ସଂସ୍କୃତି ମନ୍ତ୍ରୀ, ବିଭାଗର ସଚିବ, ନିର୍ଦ୍ଦେଶକ ଏବଂ ଏକାଡେମୀର ସଭାପତି ଓ ସଭ୍ୟମାନଙ୍କ ଉପସ୍ଥିତିରେ ଏନେଇ ଗତ ୨୦୧୫ ମସିହା ମେ ୧୨ରେ ଘୋଷଣା କରାଯାଇ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ମାତ୍ର କେତେକ ଅନିବାର୍ଯ୍ୟ କାରଣରୁ ଏହା ୫ବର୍ଷ ଗଡ଼ାଇ ଦିଆଯାଇଥିଲା। ତେବେ ଗତ ୨୦୨୦ ନଭେମ୍ବର ୧୩ରେ ତାଲିକାରେ ପ୍ରକାଶିତ ପାଇଥିବା ସମସ୍ତ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲେ ହେଁ ଚନ୍ଦ୍ରମଣୀଙ୍କୁ ନିମନ୍ତ୍ରଣ କରାଯାଇ ନ ଥିଲା। ପରେ ଏହାକୁ ବିରୋଧ କରି ଚନ୍ଦ୍ରମଣି ହାଇକୋର୍ଟରେ ଆବେଦନ କରିଥିଲେ। ଗତ ମାର୍ଚ୍ଚ୧୫ ତାରିଖରେ ଜଜ୍ ବି.ଆର. ଷଡ଼ଙ୍ଗୀ ଆବେଦନର ଗୁରୁତ୍ୱ ଅନୁଭବ କରି ଚନ୍ଦ୍ରମଣିଙ୍କୁ ତୁରନ୍ତ ସମ୍ବର୍ଦ୍ଧିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନ୍‌ଜୀବୀ ବୁଦ୍ଧଦେବ ରାଉତରାୟ ଓ ତାଙ୍କ ସହଯୋଗୀ ଜଗଦୀଶ ବିଶ୍ୱାଳ ମକଦ୍ଦମା ପରିଚାଳନା କରୁଥିଲେ। ଆବେଦନକାରୀଙ୍କୁ ନ୍ୟାୟ ପ୍ରଦାନ କରି ଶିଳ୍ପୀଙ୍କର ଗୌରବ ବୃଦ୍ଧିରେ ସହାୟକ ହୋଇଥିବାରୁ ଶିଳ୍ପୀ ମହଲରେ ଆନନ୍ଦ ପ୍ରକାଶ ପାଇଛି।

## ପ୍ରଦର୍ଶନୀରେ ୫୦ ହଜାର ଡିଜାଇନ

### ଆରମ୍ଭ ହେଲା 'ସିଲ୍କ ଇଣ୍ଡିଆ- ୱେଡିଂ କଲେକ୍ସନ୍ ଥିମ୍'

ଭୁବନେଶ୍ୱର, ୧୯।୩ (ବ୍ୟୁରୋ)




ସିଲ୍କ ଇଣ୍ଡିଆ ଏକ୍ସପୋର ଉଦ୍‌ଘାଟନ ଅବସରରେ ଆୟୋଜିତ ଫ୍ୟାଶନ ଶୋ'ରେ ମଡେଲମାନେ ରାମ୍ପରେ ଚାଲୁଛନ୍ତି।

ଓଡ଼ିଶା କଳା ଓ ହସ୍ତଶିଳ୍ପ ସମିତି ପକ୍ଷରୁ ଭାରତର ବିଭିନ୍ନ ରାଜ୍ୟର କାରିଗରଙ୍କୁ ନେଇ ଶୁକ୍ରବାରଠାରୁ ହୋଟେଲ ନ୍ୟୁ ମ୍ୟାରିୟନଠାରେ ଆରମ୍ଭ ହୋଇଛି ସିଲ୍କ ଇଣ୍ଡିଆ ପ୍ରଦର୍ଶନୀ। ୱେଡିଂ କଲେକ୍ସନ୍ ଥିମ୍ ସହିତ ପାର୍ବଣ ଋତୁର ଚାହିଦାକୁ ପୂରଣ ପାଇଁ ନିଜର ଏଥନିକ୍ ୱେଭ୍‌ସ, ପାରମ୍ପରିକ ସିଲ୍କ ଓ କଟନ ଉତ୍ପାଦଗୁଡିକୁ ପ୍ରଦର୍ଶିତ ସହ ବିକ୍ରୟର ବ୍ୟବସ୍ଥା କରାଯାଇଛି। ବନାରସି ସିଲ୍କ, ଗଡ୍‌ୱାଲ, ଧରମାଭରମ୍, ଜାମ୍‌ଦାନୀ, ଜମାୱାର ଓ ସମ୍ବଲପୁରୀ ଆଦି ପ୍ରଦର୍ଶନୀରେ ସ୍ଥାନ ପାଇଛି। ଏଥିସହ ଦେଶର ବିଭିନ୍ନ ଅଞ୍ଚଳର ପ୍ରସିଦ୍ଧ ଶାଢ଼ିଠାରୁ ଆରମ୍ଭ କରି ଡ୍ରେସ୍ ମ୍ୟାଟେରିଆଲ, ସିଲ୍କ ଓ କଟନ ଶାଢ଼ି, ଶୁଟ୍ ଡ୍ରେସ୍ ମ୍ୟାଟେରିଆଲ, ଫ୍ୟାଶନ ଜୁଏଲେରି, ହୋମ୍ ଫର୍ନିସିଙ୍ଗ୍ ଡିଜାଇନର୍ ପୋଷାକ ଆଦି ସାମିଲ କରାଯାଇଛି। ଏହି ପ୍ରଦର୍ଶନୀ ଭାରତର ରଙ୍ଗ, ବିବିଧତା ଓ ପ୍ରତିଭାର ଏକ ଉନ୍ନତ ସୁଯୋଗ ପ୍ରଦାନ କରିଛି। ଆସାମ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, କର୍ଣାଟକ, ବିହାର, ଓଡ଼ିଶା ଭଳି ୧୪ ରାଜ୍ୟର ବୁଣାକାର ଓ ସହଭାଗିତାରେ କାର୍ଯ୍ୟ କରୁଥିବା ମେଟ୍ରୋ ସହରଗୁଡିକର ଅନେକ ଡିଜାଇନର ଏଠାରେ ନିଜ କାର୍ଯ୍ୟର ୫୦ହଜାରରୁ ଅଧିକ ପ୍ରକାରର ଡିଜାଇନ ପ୍ରଦର୍ଶନ କରିଛନ୍ତି। ପ୍ରଦର୍ଶିତ ହେଉଥିବା କଟନ ଓ ସିଲ୍କ ହସ୍ତତନ୍ତ ଉତ୍ପାଦଗୁଡିକର ମୂଲ୍ୟ ୫୦୦ ଟଙ୍କାରୁ ଆରମ୍ଭ କରି ସ୍ୱତନ୍ତ୍ର ହାତ ତିଆରି ଶାଢ଼ିଗୁଡିକ ୧ଲକ୍ଷ ୫୦ହଜାର ଟଙ୍କା ମଧ୍ୟରେ ରହିଛି। ଡୋକ୍ରା ଆଦିବାସୀ ଅଳଙ୍କାର ଓ ଛନାପାଟ୍ନପା ଖେଳନାଗୁଡିକ ଗ୍ରାହକଙ୍କ ଦୃଷ୍ଟିଆକର୍ଷଣ କରୁଛି। କୋଏମ୍ବାଟୁର ସିଲ୍କ, ଆସାମର ମୁଗା ସିଲ୍କ, ବେଙ୍ଗାଲୁରୁ ସିଲ୍କ, କ୍ରେପ୍ ଓ ଜର୍ଜେଟ୍ ଶାଢ଼ି, କର୍ନାଟକର ର' ସିଲ୍କ ମଲ୍ଟାଟେରିଆଲ, କଲମକାରି, ପୋଚମ୍‌ପାଲ୍ଲି ମଧ ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରୁଛି। ଏହି ପ୍ରଦର୍ଶନୀ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ କରୋନା କଟକଣା ଭିତରେ ପୂର୍ବାହ୍ନ ୧୦ଟା ୩୦ରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ଚାଲିବ। ବୁଣାକାରଙ୍କୁ ପ୍ରୋତ୍ସାହିତ କରିବା ସହ ହସ୍ତତନ୍ତ ଶିଳ୍ପକୁ ଏକ ବଜାର ପ୍ରଦାନ କରିବା ତଥା ବ୍ୟବସାୟୀଙ୍କ ବିନା ଗ୍ରାହକଙ୍କ ନିକଟରେ ସିଧାସଳଖ ଶୁଦ୍ଧ ସିଲ୍କ ଓ କଟନ ଉତ୍ପାଦଗୁଡିକୁ ପହଞ୍ଚାଇବା ଏହି ହସ୍ତତନ୍ତ ପ୍ରଦର୍ଶନୀର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜକ ମାନସ ଆଚାର୍ଯ୍ୟ କହିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ କିରନ୍



@ ଟିକୁ



@ ରମେଶ



@ ପ୍ରକାଶ



@ ସିପୁନ୍



@ ରାଜୁ



@ ସଞ୍ଜୀବ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୦ ମାର୍ଚ୍ଚ, ୨୦୨୧

## ସମନ୍ୱୟ ପ୍ରଶିକ୍ଷଣ ଶିବିର

ନିରାକାରପୁର,(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତିରାଜ ପ୍ରତିନିଧି ଓ ଗୋଷ୍ଠୀଭିତ୍ତିକ ଅନୁଷ୍ଠାନ ମଧ୍ୟରେ ସମନ୍ୱୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସନ୍ଦୀପ ଜେନା ଓ କବିତା ମହାନ୍ତି ଯୋଗଦେଇଥିଲେ। ପ୍ରଶିକ୍ଷଣର ଉଦ୍ଦେଶ୍ୟ, ପଞ୍ଚାୟତିରାଜ ବ୍ୟବସ୍ଥା, ସ୍ୱୟଂସହାୟକ ଓ ଆଞ୍ଚଳିକ ମଞ୍ଚ ଗଠନର ଭୂମିକା ଗୋଷ୍ଠୀ ସମ୍ବଳ ବ୍ୟକ୍ତିଙ୍କ ଭୂମିକା ଓ ଦାୟିତ୍ୱ, ଗ୍ରାମାଞ୍ଚଳର ସାମାଜିକ ଓ ଅର୍ଥ ନୈତିକ ବିକାଶରେ ପଞ୍ଚାୟତର ଭୂମିକା, ପଞ୍ଚାୟତର ବିକାଶ ଯୋଜନା ପ୍ରସ୍ତୁତିରେ ସ୍ୱୟଂସହାୟକ ଗୋଷ୍ଠୀର ଭୂମିକା ସମ୍ପର୍କରେ ଆଲୋକପାତ ହୋଇଥିଲା। ଅକ୍ଷୟ ମଙ୍ଗରାଜ ଧନ୍ୟବାଦ ଦେଇଥିଲେ।



### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୯.୦୩.୨୦୨୧

| | |
|---|---|
| ୪, ୦୧, ୨୬୬ ଟଙ୍କା | |
| ସୁନା | ୨୯୦ ମିଲିଗ୍ରାମ |
| ରୁପା | ୭୭ ଗ୍ରାମ ୧୦୦ ମିଲିଗ୍ରାମ |

# ଦର୍ଶନ କରାଇବେ କୌଳିକ ସେବାୟତ

ପୁରୀ ଅଫିସ,୧୯।୩

**୨୨ରେ ପୁରୀ, କୋଣାର୍କ ଆସିବେ ରାଷ୍ଟ୍ରପତି**

- ସଜେଇ ହେଉଛି ସର୍କିଟ୍ ହାଉସ୍
- ସବୁଠି କଡ଼ା ସୁରକ୍ଷା ବ୍ୟବସ୍ଥା
- ସରିଛି କର୍ମଚାରୀ, ସେବାୟତଙ୍କ କୋଭିଡ୍ ଟେଷ୍ଟ

ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ପୁରୀ ଗସ୍ତକୁ ନେଇ ପ୍ରଶାସନ ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ସ୍ୱତନ୍ତ୍ର ସର୍କିଟ ହାଉସକୁ ସଜ୍ଜିତ କରାଯାଉଥିବାବେଳେ ପୁରୀ ସହରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଅନ୍ୟପକ୍ଷରେ କୌଳିକ ପଣ୍ଡା ନାରାୟଣ ଗୋଚ୍ଛିକାର ରାଷ୍ଟ୍ରପତିଙ୍କୁ ନେଇ ମହାପ୍ରଭୁଙ୍କୁ ଦର୍ଶନ କରାଇବା ପ୍ରସଙ୍ଗରେ ଲାଗିରହିଥିବା ଦ୍ୱନ୍ଦ୍ୱ ଦୂର ହୋଇଛି। ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏଥିଲାଗି ଅନୁମତି ମିଳିଛି।

ପୁରୀ ଜିଲା ପ୍ରଶାସନର ସୂଚନା ଅନୁଯାୟୀ, ଆସନ୍ତା ୨୨ତାରିଖ ପୂର୍ବାହ୍ନ ୮ଟା ୪୫ ମିନିଟ୍‌ରେ ରାଷ୍ଟ୍ରପତି ପୁରୀ ହେଲିପ୍ୟାଡ୍‌ରେ ଓହ୍ଲାଇବେ। ୯ଟା ୫ରେ ଶ୍ରୀମନ୍ଦିରକୁ ଯାଇ ଦାରୁଦିଅଁଙ୍କ ଦର୍ଶନ କରିବେ। ସେଠାରେ ସେ ପୂର୍ବାହ୍ନ ୯ଟା ୪୫ ପର୍ଯ୍ୟନ୍ତ ରହିବେ। ଦର୍ଶନ ସହ ଶ୍ରୀମନ୍ଦିର ସଂକ୍ରାନ୍ତ ସମସ୍ତ କାର୍ଯ୍ୟ ଏହି ସମୟ ମଧ୍ୟରେ ଶେଷ ହେବ। ଏହାପରେ ପୂର୍ବାହ୍ନ ୧୦ଟା ୨୫ରେ କୋଣାର୍କ ହେଲିପ୍ୟାଡ୍‌ରେ ପହଞ୍ଚି ୧୦ଟା ୪୫ରେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବେ। କୋଣାର୍କ ଯାତ୍ରୀନିବାସ ଓଟିଡିସିରେ ମଧ୍ୟାହ୍ନଭୋଜନ ସାରି ଅନ୍ୟ କାର୍ଯ୍ୟକ୍ରମ ପାଇଁ ପୁରୀ ଜିଲା ଛାଡ଼ିବେ। ଏଥିଲାଗି ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନୂଆ ରୂପରେ ସର୍କିଟ ହାଉସ ସଜେଇ ହେଉଛି। ୪ଟି ସ୍ୱତନ୍ତ୍ର ରୁମ୍‌କୁ ରାଷ୍ଟ୍ରପତିଙ୍କ ବିଶ୍ରାମ ଉଦ୍ଦେଶ୍ୟରେ ସଜାଯାଉଛି। ରାଷ୍ଟ୍ରପତିଙ୍କ ସଂସ୍ପର୍ଶରେ ଆସିବାକୁ ଥିବା ସମସ୍ତ ବ୍ୟକ୍ତିଙ୍କର କୋଭିଡ୍ ଟେଷ୍ଟ କରାଯାଇଛି। କେବଳ କୋଭିଡ୍ ନେଗେଟିଭ୍ ଥିବା ବ୍ୟକ୍ତିଙ୍କୁ କାର୍ଯ୍ୟକ୍ରମରେ ସାମିଲ ଲାଗି ଅନୁମତି ମିଳିଛି। ରାଷ୍ଟ୍ରପତି କୋବିନ୍ଦ ଦ୍ୱିତୀୟ ଥର ଶ୍ରୀମନ୍ଦିର ଆସୁଥିବାବେଳେ ପ୍ରଥମ ଥର ପାଇଁ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଯିବେ। କୋଣାର୍କରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ଜିଲାପାଳ ସମର୍ଥ ବର୍ମା ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। କୌଳିକ ପଣ୍ଡା ନାରାୟଣ ଗୋଚ୍ଛିକାର ରାଷ୍ଟ୍ରପତିଙ୍କୁ ନେଇ ମହାପ୍ରଭୁଙ୍କୁ ଦର୍ଶନ କରାଇବାକୁ ରାଷ୍ଟ୍ରପତି କାର୍ଯ୍ୟାଳୟ ପକ୍ଷରୁ ସବୁଜ ସଙ୍କେତ ମିଳିଛି। ରାଷ୍ଟ୍ରପତି ସିଂହଦ୍ୱାରରେ ପ୍ରବେଶ କରିବା ପରେ ସାତପାହାଚ, ଗରୁଡ଼ ସ୍ତମ୍ଭ, ଜୟବିଜୟ ଦ୍ୱାର ଓ ଭିତରକାଠ ହୋଇ ରତ୍ନବେଦିରେ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏହାପରେ ମା’ ବିମଳା ଓ ମହାଲକ୍ଷ୍ମୀଙ୍କୁ ଦର୍ଶନ କରିବେ। ଉଲ୍ଲେଖଯୋଗ୍ୟ, ଗତ ଦୁଇଦିନ ଧରି ଏସ୍‌ପି କନ୍‌ୱର ବିଶାଲ ସିଂ ଶ୍ରୀମନ୍ଦିର ପରିସର ବୁଲି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବା ସହ ରାଷ୍ଟ୍ରପତିଙ୍କ ଆଗମନ ନେଇ ପ୍ରସ୍ତୁତିର ତଦାରଖ କରିଛନ୍ତି।

## ସୁରକ୍ଷା ବ୍ୟବସ୍ଥା ପରଖିଲେ ଜିଲାପାଳ

କୋଣାର୍କ,୧୯।୩(ଡି.ଏନ୍.ଏ.)- ୨୨ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଛନ୍ତି। ଏ ନେଇ ରାଷ୍ଟ୍ରପତିଙ୍କ ସୁରକ୍ଷା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଶୁକ୍ରବାର ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ବିନୟ ଭୂଷଣ ଦାଶ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଆର ଯାଦବ କୋଣାର୍କ ଆସି ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରି ଫେରିଛନ୍ତି। ଯାତ୍ରୀନିବାସ କୋଠରି ମରାମତି, ରଙ୍ଗ ଓ ସଫେଇ ଆଦି କାର୍ଯ୍ୟ ଚାଲିଛି। ଏହାସହ ହେଲିପ୍ୟାଡରେ ବ୍ୟାରିକେଡ, ଅସ୍ଥାୟୀ ବିଶ୍ରାମ କକ୍ଷ, ସୂର୍ଯ୍ୟମନ୍ଦିର ପରିସରରେ ଅସ୍ଥାୟୀ ସେଡ୍ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କୋଣାର୍କ ଏନ୍‌ଏସି, ସୂର୍ଯ୍ୟମନ୍ଦିର, ବ୍ୟାଖ୍ୟାନ କେନ୍ଦ୍ର, ଯାତ୍ରୀନିବାସର ୭୦ଜଣ କର୍ମଚାରୀଙ୍କ କୋଭିଡ୍ ପରୀକ୍ଷା ହୋଇଛି। ରାଷ୍ଟ୍ରପତି ଏଠାରେ ପହଞ୍ଚିବା ପରେ ସୂର୍ଯ୍ୟମନ୍ଦିର ଓ ଆଇଓଏଫ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ସମୟରେ ହେଲିପ୍ୟାଡ, ସୂର୍ଯ୍ୟମନ୍ଦିର, ବ୍ୟାଖ୍ୟାନ କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ପାଇଁ ସମସ୍ତ ବ୍ୟବସ୍ଥା ହୋଇଛି। ସୂର୍ଯ୍ୟମନ୍ଦିର ସମ୍ମୁଖ ହସ୍ତଶିଳ୍ପ ବ୍ୟବସାୟ ରବିବାର ଓ ସୋମବାର ୨ ଦିନ ବନ୍ଦ ରଖିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଜକଲା ଜଙ୍ଗଲରେ ନିଆଁ



ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଉଛନ୍ତି।

ବୋଲଗଡ଼,୧୯।୩(ଡି.ଏନ୍.ଏ.)

**୫ ଏକର ଜଳିଗଲା**


ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସାନପଦର ଜକଲା କାଜୁ ଜଙ୍ଗଲରେ ଶୁକ୍ରବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟିଛି। ପ୍ରାୟ ୫ ଏକର ପରିମିତ ଅଞ୍ଚଳରେ ଥିବା ବହୁ ଗଛଲତା ପୋଡ଼ିଯାଇଛି। ଖବରପାଇ ବୋଲଗଡ଼ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଏହି ଜଙ୍ଗଲରେ କାଜୁ, ଆକାଶିଆ, ପଟାସ ଆଦି ଗଛ ରହିଥିବା ବେଳେ ଏକ ବଡ ଧରଣର ଅଗ୍ନିକାଣ୍ଡରୁ ରକ୍ଷା ପାଇଯାଇଛି। ଗୁରୁବାର ଆରିକମା ପଞ୍ଚାୟତ ଠଣାପଲ୍ଲୀ ଜଙ୍ଗଲ ଏବଂ କୋଶଳାଶୁଣି ଶାଳ ଜଙ୍ଗଲରେ ନିଆଁ ଲାଗିଥିଲା। କୋଶଳାଶୁଣି ଶାଳ ଜଙ୍ଗଲରେ ୪ଦିନରେ ୩ଥର ନିଆଁ ଲାଗି ପ୍ରାୟ ୧୦ ଏକର ପରିମିତ ଜଙ୍ଗଲ ପୋଡିଯାଇଛି। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ କୌଣସି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇ ଦେଉଥିବା ଅନୁମାନ କରାଯାଉଛି। ସ୍ଥାନୀୟ ଲୋକ, ବନ କର୍ମଚାରୀ, ବୋଲଗଡ଼ ଓ କଳାପଥର ଅଗ୍ନିଶମ କର୍ମଚାରୀ ଏବଂ ସ୍ୱତନ୍ତ୍ର ନିଆଁଲିଭା ସ୍କ୍ୱାଡ୍‌ଙ୍କ ମିଳିତ ଉଦ୍ୟମରେ ସମସ୍ତ ସ୍ଥାନରେ ନିଆଁ ବ୍ୟାପିବା ଆଗରୁ ଆୟତ୍ତ କରାଯାଇଛି।

## ସଂକ୍ଷେପରେ

### ଡ. ରମା ବୈଦ୍ୟନାଥନ୍‌ଙ୍କୁ ମାହାରୀ ସମ୍ମାନ

### ସରିଲା ‘ଗୁରୁ ପଙ୍କଜ ଉତ୍ସବ’

ଭୁବନେଶ୍ୱର,୧୯।୩(ବ୍ୟୁରୋ): ଓଡ଼ିଶୀର ଲାସ୍ୟ ଅଭିନୟ ଏବଂ ଭାରତ ନାଟ୍ୟମ୍‌ରେ ନୂପୁରର ଝଙ୍କାରରେ ଝଙ୍କୃତ ହେଉଥିଲା ପ୍ରେକ୍ଷାଳୟ। ଅବସର ଥିଲା ଗୁରୁ ପଙ୍କଜ ଚରଣ ଓଡ଼ିଶୀ ରିସର୍ଚ୍ଚ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ‘ଗୁରୁ ପଙ୍କଜ ଉତ୍ସବ’ର ଉଦ୍‌ଯାପନୀ ସନ୍ଧ୍ୟା। ଶିଳ୍ପୀ ଶ୍ରୀଦତ୍ତା ଭୋଳ ଶ୍ରୀଗୀତ ଗୋବିନ୍ଦ ଆଧାରିତ ଅଷ୍ଟପଦୀ ‘ପଶ୍ୟତି ଦିଶିଦିଶି’ର ଅଭିନୟ ଉପସ୍ଥାପନା କରିଥିଲେ। ସେହିପରି ସନ୍ଧ୍ୟାର ସମ୍ବର୍ଦ୍ଧିତ ଶିଳ୍ପୀ ରମା ବୈଦ୍ୟନାଥନ୍ ଭାରତନାଟ୍ୟମ୍ ନୃତ୍ୟ ପ୍ରଦର୍ଶିତ କରିଥିଲେ। ପରେ ଅନିଶା ସିହ୍ନା ବସନ୍ତ ପଲ୍ଲବୀ ସହ ଅଷ୍ଟପଦୀ ‘ଲଳିତା ଲବଙ୍ଗ ଲତା ପରିଶୀଳନ’, ତେଜସ୍ୱିନୀ ପଲାଇ ‘ନାଚନ୍ତି ରଙ୍ଗେ ଶ୍ରୀହରି’ ଏବଂ ଅଶୋକ ଘୋଷାଲ ‘କୈବର୍ତ୍ତ ପ୍ରସଙ୍ଗ’କୁ ଉପସ୍ଥାପନ କରିଥିଲେ। ଏହି ଅବସରରେ ଶିଳ୍ପୀ ଡ. ରମା ବୈଦନାଥନ୍‌ଙ୍କୁ ସମ୍ମାନଜନକ ‘ମାହାରୀ ସମ୍ମାନ’ ପ୍ରଦାନ କରାଯାଇଥିଲା। ଶ୍ରୀମନ୍ଦିର ପରମ୍ପରା ଅନ୍ତର୍ଗତ ମାହାରୀ ସେବା ଐତିହ୍ୟର ଗରିମାକୁ ତୋଳି ଧରିଥିବା ଏହି ସମ୍ମାନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ବୋଲି ରମା ମତବ୍ୟକ୍ତ କରିଥିଲେ। ସନ୍ଧ୍ୟାର ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇଥିଲେ। ଗୁରୁ ଶରତ ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧକ୍ଷ ବଟକୃଷ୍ଣ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।



ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୨୭ତମ ‘ଗୁରୁ ପଙ୍କଜ ଉତ୍ସବ’ର ଶୁକ୍ରବାର ଉଦ୍‌ଯାପନୀ ସନ୍ଧ୍ୟାରେ ଶିଳ୍ପୀ ଡ. ରମା ବୈଦ୍ୟନାଥନ୍‌ଙ୍କୁ ଅତିଥିମାନେ ‘ମାହାରୀ ସମ୍ମାନ’ ପ୍ରଦାନ କରୁଛନ୍ତି।

### ରେଲ୍‌ୱେରେ ଚାକିରି ଦେବା ନାଁରେ ୩୦ ଲକ୍ଷ ଠକେଇ

ଭୁବନେଶ୍ୱର,୧୯।୩(ବ୍ୟୁରୋ): ରେଲ୍‌ୱେରେ ଚାକିରି କରାଇଦେବା ଆଳରେ ଲୋକଙ୍କୁ ଜାଲ ନିଯୁକ୍ତି ପତ୍ର ଦେଇ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିବା ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମୟୂରଭଞ୍ଜ ଜିଲା ମୋରଡା ଥାନା ଅଞ୍ଚଳର ଦର୍ପଦ ରଞ୍ଜନ ବେହେରାଙ୍କ ଏହି ଥାନା ଅଞ୍ଚଳରେ ରହୁଥିବା ଅମୂଲ୍ୟଙ୍କ ସହ କିଛି ମାସ ତଳେ ଦେଖା ହୋଇଥିଲା। ଅମୂଲ୍ୟ ଓ ତାଙ୍କ ପୁଅର ସରକାରୀ ବଡ଼ ବାବୁଙ୍କ ସହ ଉତ୍ତମ ସମ୍ପର୍କ ଥିବା ସହ ମୋଟା ଅଙ୍କର ଟଙ୍କା ଦେଲେ ରେଲୱେ ଚାକିରିରେ ଭର୍ତ୍ତି ହେବାର ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଦର୍ପଦଙ୍କଠାରୁ ୨ ଲକ୍ଷ ଟଙ୍କା ଅଗ୍ରିମ ନେଇ ପରେ ଏକ ଜାଲ ନିଯୁକ୍ତି ପତ୍ର ଦେଇ ପୁଣି ୯ ଲକ୍ଷ ଟଙ୍କା ନେଇଥିଲେ। ସେହିପରି ଦର୍ପଦ ସାଙ୍ଗ ବାରିପଦାର ଅନ୍ୟ ଲୋକଙ୍କଠାରୁ ପ୍ରାୟ ୨୦ ଲକ୍ଷ ଟଙ୍କା ବାପ ପୁଅ ନେଇଛନ୍ତି। ପରେ ସେମାନେ ଠକେଇର ଶିକାର ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ।

### ରାସ୍ତା ପାର୍ଶ୍ୱକୁ ଓଲଟିଲା ଡମ୍ଫର

ଜଟଣୀ,୧୯।୩(ଡି.ଏନ୍.ଏ.): ଜଟଣୀରୁ ପିପିଲି ଅଭିମୁଖେ ଶୁକ୍ରବାର ସକାଳ ୯ଟାରେ ଯାଉଥିବା ଏକ ପଥର ବୋଝେଇ ଡମ୍ଫର ଖୋର୍ଦ୍ଧା-ପିପିଲି ଜାତୀୟ ରାଜପଥର ମଧ୍ୟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଏଥିରେ କେହି ଆହତ ହୋଇ ନ ଥିବା ଜଣାପଡିଛି। ଖବରପାଇ ଜଟଣୀ ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିଥିଲା। ଜରିମାନା ଆଦାୟ ପରେ ଗାଡିକୁ ଛାଡ଼ିଦିଆଯାଇଥିବା ଜଣାପଡ଼ିଛି।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ବେଗୁନିଆ,୧୯।୩(ଡି.ଏନ୍.ଏ.)

ବିଦ୍ୟୁତ୍ ଆଘାତରେ ଶୁକ୍ରବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବେଗୁନିଆ ଥାନା ବୋଲଗଡ଼ ବ୍ଲକ ଅଧୀନ ଶ୍ୟାମମହାପାତ୍ରପାଟଣା ସାହିର ଭାଗବତ ପଣ୍ଡା। ଏ ସମ୍ପର୍କରେ ପୋଲିସ ଏକ ମାମଲା(ନଂ.୫୩/୨୧) ରୁଜୁ କରିବା ସହ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ମୁତାବକ, ଶୁକ୍ରବାର ସକାଳ ସାଢ଼େ ୬ଟାରେ ଭାଗବତ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳେ ପଡ଼ିଯାଇଥିଲେ। କିଛି ସମୟ ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଳାପଥର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଧଳାପଥର ଫାଣ୍ଡି ଅଧିକାରୀ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ୭ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ

ଖୋର୍ଦ୍ଧା ଅଫିସ,୧୯।୩

- ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଗୋଡ଼ାଇ ହାଣିଥିଲେ
- ୨୯ବର୍ଷ ପରେ ପ୍ରକାଶ ପାଇଲା ରାୟ

ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ମାମଲାର ରାୟ ଦୀର୍ଘ ୨୯ବର୍ଷ ପରେ ଶୁକ୍ରବାର ରାୟ ପ୍ରକାଶ ପାଇଛି। ଖୋର୍ଦ୍ଧା ଚିଫ ଜୁଡିସିଆଲ ମାଜିଷ୍ଟ୍ରେଟ ନରେଶ ମହାନ୍ତି ୨୨ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ୭ ଅଭିଯୁକ୍ତଙ୍କୁ ୩ବର୍ଷ ଜେଲ ଦଣ୍ଡ ସହ ୧ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦାୟ ୨ମାସ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତମାନେ ହେଲେ ମନୋଜ ମାଝି(୬୩), ଧୀରୁ ମାଝି(୪୭), ସତ୍ୟାନନ୍ଦ ମାଝି(୪୮), ନିତ୍ୟାନନ୍ଦ ମାଝି(୫୮), ଗୋଡ଼ା ଗ୍ରାମର ଭୀମସେନ ସାମନ୍ତରାୟ(୫୦), ପରମାନନ୍ଦ ପାଇକରାୟ(୬୩) ଓ ସଦାଶିବ ପାଇକରାୟ(୪୮)। ପ୍ରକାଶ ଯେ, ୧୯୯୨ ସେପ୍ଟେମ୍ବର ୫ରେ ବେଗୁନିଆ ଥାନା ସାମନ୍ତରାପୁର ଗ୍ରାମର ଉମେଶ ଚନ୍ଦ୍ର ସାମନ୍ତରାୟଙ୍କୁ ପୂର୍ବ ବିବାଦକୁ କେନ୍ଦ୍ରକରି ଅଭିଯୁକ୍ତମାନେ ଗ୍ରାମ ନିକଟ ଜଙ୍ଗଲରେ ତାଙ୍କୁ ଗୋଡାଇ ଗୋଡାଇ ହାଣିଥିଲେ। ଏଥିରେ ଉମେଶଙ୍କ ହାତ ପାପୁଲି ଛିଣ୍ଡି ଯାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ପ୍ରଥମେ ଖୋର୍ଦ୍ଧା ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଉମେଶଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୧୫/୯୨)ରୁଜୁ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଶୁକ୍ରବାର ଏହି ମାମଲାର ବିଚାର କରି କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି।

## ‘ଖୋର୍ଦ୍ଧା ଜିଲାରେ ଶିଶୁ ମୃତ୍ୟୁହାର କମିଛି’

ଖୋର୍ଦ୍ଧା ଅଫିସ,୧୯।୩



ସମ୍ମିଳନୀରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ଅନ୍ୟ ଅତିଥି।

ଖୋର୍ଦ୍ଧା ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ବିଡିଏ କଲ୍ୟାଣ ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଗ୍ରାମାଞ୍ଚଳରେ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରିତା ଦିଗରେ ଆଶା କର୍ମୀ, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିର ପ୍ରମୁଖ ଭୂମିକା ରହିଛି। କରୋନା ସମୟରେ ଏମାନଙ୍କ କାର୍ଯ୍ୟ ପ୍ରଂଶସନୀୟ। ଏବେ ପୁଣି କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏଥିପ୍ରତି ସତର୍କତା ରହିବା ଜରୁରୀ। ଓଡ଼ିଶାରେ ଏବଂ ଖୋର୍ଦ୍ଧା ଜିଲାରେ ଶିଶୁ ମୃତ୍ୟୁହାର କମିଛି ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ସିଡିଏମଓ ବିଶ୍ୱରଞ୍ଜନ ପତି କହିଥିଲେ, କୋଭଡ୍ ସମୟରେ ଆଶା କର୍ମୀ ଓ ଗାଁ କଲ୍ୟାଣ ସମିତି ସ୍ୱାସ୍ଥ୍ୟ ସଚେତନତା, ନିୟନ୍ତ୍ରଣ ଦିଗରେ ଉତ୍ତମ କାର୍ଯ୍ୟ କରିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ ସିନିୟର କନସାଲଟାଣ୍ଟ ସୁଶାନ୍ତ ନାୟକ କହିଥିଲେ, ଏନଏଚମର ଏକ ଅଂଶ ଭାବେ ଆଶା କର୍ମୀମାନେ କାର୍ଯ୍ୟ କରୁଛନ୍ତି। ଏହି ଅବସରରେ ଉତ୍ତମ ସେବା ପ୍ରଦାନ ଲାଗି କେତେଜଣ ଆଶା କର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା। ଡିପିଏମ ଗୀତାଞ୍ଜଳି ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କାର୍ଗିଲ ବସ୍ତିରୁ ୧୯ ଲକ୍ଷର ବ୍ରାଉନସୁଗାର ଜବତ

ଭୁବନେଶ୍ୱର,୧୯।୩(ବ୍ୟୁରୋ)

**ମହିଳାଙ୍କ ସମେତ ୨ ଗିରଫ**

ଏୟାରପୋର୍ଟ ଥାନା ଅନ୍ତର୍ଗତ କାର୍ଗିଲ ବସ୍ତିରେ ଶୁକ୍ରବାର ଅବକାରୀ ବିଭାଗ ଚଢାଉ କରି ୧୯୫ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏଥିସହ ଏହି ବେଆଇନ କାରବାରରେ ସଂପୃକ୍ତ ଥିବା ଜଣେ ମହିଳାଙ୍କ ସମେତ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉକ୍ତ ବସ୍ତିରେ ରହୁଥିବା ଗୀତା ରାଉତ(୩୦) ଓ ରମେଶ ବେଉରିଆ (୨୫)। ଏହି କାରବାରରେ ବ୍ୟବହୃତ ଏକ ବାଇକ୍‌କୁ ମଧ୍ୟ ଜବତ କରାଯାଇଛି। ତେବେ ଜବତ ବ୍ରାଉନ୍‌ସୁଗାରର ବଜାର ମୂଲ୍ୟ ୧୯ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଅଭିଯୁକ୍ତ ଗୀତା ଏହି ବ୍ରାଉନସୁଗାର କାରବାର ଚଳାଉଥିବାବେଳେ ରମେଶ ତାଙ୍କୁ ସହଯୋଗ କରନ୍ତି। ଏହି ର୍‍ୟାକେଟରେ ଆଉ କେତେଜଣ ମଧ୍ୟ ସମ୍ପୃକ୍ତ ଅଛନ୍ତି। ଏମାନେ ଅଟୋରେ ବୁଲି ବୁଲି ରାଜଧାନୀ ତଥା ଉପକଣ୍ଠ ଅଞ୍ଚଳରେ ବ୍ରାଉନସୁଗାର କାରବାର ଚଳାଇଥିଲେ। ଏ ନେଇ ଅବକାରୀ ବିଭାଗ ନିକଟରେ ଖବର ପହଞ୍ଚିବା ପରେ ସେମାନଙ୍କୁ ଧରିବାକୁ ଜାଲ ବିଛାଯାଇଥିଲା। ଯୋଜନା ମୁତାବକ ଶୁକ୍ରବାର ବ୍ରାଉନସୁଗାର କିଣିବାକୁ ଡିଲ୍ କରାଯାଇ ଉଭୟଙ୍କୁ ଅବକାରୀ ବିଭାଗ ଟିମ୍ ଧରିଥିଲା। ତେବେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ୨ ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଇ ଚଢ଼ାଉ ଜାରି ରହିଥିବା ସୂଚନା ମିଳିଛି।

## କୃଷି ଓଡ଼ିଶାରେ ପ୍ରାଣୀ ସମ୍ପଦ ବିଭାଗ ପୁରସ୍କୃତ

ଭୁବନେଶ୍ୱର,୧୯।୩

ସ୍ଥାନୀୟ ବରମୁଣ୍ଡା ଖେଳ ପଡ଼ିଆରେ ଚାଲିଥିବା କୃଷି ଓଡ଼ିଶା-୨୦୨୧ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପ୍ରାଣୀ ସମ୍ପଦ ବିକାଶ ବିଭାଗକୁ ଶ୍ରେଷ୍ଠ ପ୍ରଦର୍ଶନୀ ପୁରସ୍କାର ମିଳିଥିବା ସୂଚନା ମିଳିଛି। ମେଳା ପରିସରରେ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଏକ ଷ୍ଟଲ୍ ଖୋଲାଯାଇ ପ୍ରାଣୀ ପାଳନ କ୍ଷେତ୍ରରେ ବିଭିନ୍ନ ନୂତନ କାରିଗରି ଓ କୌଶଳ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ପ୍ରଦର୍ଶନୀ ବୁଲିବାକୁ ଆସିଥିବା ଲୋକଙ୍କୁ ପଶୁଙ୍କର ଲିଙ୍ଗ ନିରୂପଣ, ଶୁକ୍ରର ବ୍ୟବହାର, ହାଇଡ୍ରୋଜେନିକ ଘାସଚାଷ, ଅଣ୍ଡା ଓ ଚିଆଁ ଉତ୍ପାଦ ଭଳି ନୂତନ ଜ୍ଞାନକୌଶଳ ସମ୍ପର୍କରେ ଅବଗତ କରାଯାଇଥିଲା। ମେଳା ପରିସରର ଏକ ଖୋଲା ସ୍ଥାନରେ ଏକ କୃତ୍ରିମ ଗ୍ରାମ ସୃଷ୍ଟି କରାଯାଇ ସେଠାରେ ଗାଈ, ଛେଳି, ମେଣ୍ଢା, ବତକ, କୁକୁଡ଼ା, ଘୁଷୁରି ଆଦିର ଜୀବନ୍ତ ଦୃଶ୍ୟ ପ୍ରଦର୍ଶନ କରାଯାଇଥିଲା। ବିଭାଗୀୟ ସଚିବ ଆର୍.ରଘୁପ୍ରସାଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ବିଭାଗୀୟ ନିର୍ଦ୍ଦେଶକ ରତ୍ନାକର ରାଉତଙ୍କ ପଦକ୍ଷେପ ଏବଂ ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀମାନଙ୍କ ପରିଶ୍ରମ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ସହକାରୀ ନିର୍ଦ୍ଦେଶକ ମଦନମୋହନ ମହାପାତ୍ର ମତବ୍ୟକ୍ତ କରିଛନ୍ତି।




## ଧାନ କିଣା ଦୁର୍ନୀତିର ତଦନ୍ତ ଦାବି

ଖୋର୍ଦ୍ଧା ଅଫିସ,୧୯।୩



ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଚାଷୀମାନେ।

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅସରଳା ସେବା ସମବାୟ ସମିତି(ପ୍ୟାକ୍ସ)ରେ ନକଲି ଚାଷୀଙ୍କ ଠାରୁ ଧାନ କିଣାଯାଇଥିବା ଅଭିଯୋଗ ଆସିଛି। ଶୁକ୍ରବାର ଏନେଇ ଏହି ସମିତିର ପଞ୍ଜୀକୃତ ଶତାଧିକ ଚାଷୀ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ବଳକା ପଞ୍ଜୀକୃତ ଚାଷୀଙ୍କ ଧାନ କିଣାଯିବା ବ୍ୟବସ୍ଥା ସହ ନକଲି ଚାଷୀଙ୍କଠାରୁ ଧାନକିଣାର ତଦନ୍ତ ଲାଗି ଚାଷୀ ଦୁର୍ଯ୍ୟୋଧନ ସ୍ୱାଇଁ, ବାଇନାଥ ସ୍ୱାଇଁ, ପ୍ରକାଶ ଚନ୍ଦ୍ର ମିଶ୍ର, ପରେଶ ମହାପାତ୍ର, ପ୍ରମୋଦ ବଳିୟାରସିଂ, ଗୌରାଙ୍ଗ ବରାଡ଼, ଗୋପି ସ୍ୱାଇଁ, ଗୋପାଳ ସ୍ୱାଇଁ, ଲିଙ୍ଗରାଜ ମହାପାତ୍ର, ପ୍ରଦୀପ ପଟ୍ଟନାୟକଙ୍କ ସମେତ ଏକାଧିକ ଚାଷୀ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଦର୍ଶାଯାଇଛି ଯେ, ପଞ୍ଜୀକୃତ ଚାଷୀଙ୍କ ଧାନ ମଣ୍ଡିରେ ପଡ଼ିରହିଛି। ଧାନ ବିକ୍ରି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟୋକନ ପାଇ ସୁଦ୍ଧା ଧାନ ବିକ୍ରି କରି ପାରୁ ନ ଥିବା ବେଳେ ଏକାଧିକ ନକଲି ଚାଷୀଙ୍କ ନାମ ଚାଷୀଭାବେ ପଞ୍ଜୀକରଣ କରାଯାଇ ସେମାନଙ୍କୁ ଟୋକନ ଦିଆଯାଇ କୁଇଣ୍ଟାଲ କୁଇଣ୍ଟାଲ ଧାନ କିଣାଯାଇଛି। ଏପଟେ ପ୍ରକୃତ ଚାଷୀ ଧାନ ଧରି ବସି ରହିଛି। ଟାର୍ଗେଟ ନ ଥିବା କହି ସମିତି ସମ୍ପାଦକ ଦିନ ଗଡ଼ାଇ ଚାଲିଛନ୍ତି। ଟୋକନ ପାଇଥିବା ଚାଷୀଙ୍କ ଅବଧି ସରି ଆସିଲାଣି। ଅନ୍ୟପଟେ ଚାଷଜମି ନ ଥିବା ବ୍ୟକ୍ତିଙ୍କ ନାମରେ ଚାଷଜମି ଥିବା ଦର୍ଶାଇ ଧାନ କିଣାଚାଲିଛି। ସମିତି ସମ୍ପାଦକ ଏବଂ ଡାଟା ଏଣ୍ଟ୍ରି ଅପରେଟର ଅନ୍ୟର ଜମିକୁ ନିଜ ନାମରେ ଜମିପଟ୍ଟା ଦର୍ଶାଇ ଶହ ଶହ କୁଇଣ୍ଟାଲ ଧାନ ମଣ୍ଡିରେ ଦେଇଛନ୍ତ। ଦଲାଲ, ମିଲର୍ସ ଏବଂ ସମିତି ସମ୍ପାଦକଙ୍କ ମଧୁଚନ୍ଦ୍ରିକାରେ ଧାନକିଣା ଚାଲିଛି। ଶ୍ରୀଜଗନ୍ନାଥଙ୍କ ନାମରେ ରହିଥିବା ଚାଷଜମିକୁ ଚାଷୀଙ୍କ ନାମରେ ଦର୍ଶାଇ ଗୋଟିଏ ପରବାରର ୧୨ଜଣ ସଦସ୍ୟଙ୍କଠାରୁ ଶତାଧିକ କୁଇଣ୍ଟାଲ ଧାନ କିଣାଯାଇଛି। ସେହିପରି ଏକାଧିକ ନକଲି ଚାଷୀଙ୍କୁ ଚାଷୀଭାବେ ଦର୍ଶାଇ ଶତାଧିକ କୁଇଣ୍ଟାଲ ଧାନ କିଣାଯାଇଛି। ଅନ୍ୟପଟେ ଟାର୍ଗେଟ ନ ଥିବା କହି ପ୍ରକୃତ ଚାଷୀଙ୍କୁ ଫେରାଯାଉଛି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ସମିତି ସମ୍ପାଦକ ବସନ୍ତ କୁମାର ନାୟକଙ୍କ ମୋବାଇଲ ନଂ.୮୩୨୮୯୯୦୦୪୦ଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ। ଅନ୍ୟପଟେ ପୂର୍ବରୁ ଏହି ବ୍ଲକ ଶ୍ରୀଚନ୍ଦନପୁର ପାଟଣାରେ ନକଲି ଚାଷୀଙ୍କଠାରୁ ଶତାଧିକ କୁଇଣ୍ଟାଲ ଧାନ କିଣାଯାଇଥିବା ନେଇ ଅଭିଯୋଗ ହୋଇଥିଲା।

### ଅଭିଯୋଗ ପରେ ବି ପ୍ରଶାସନ ଚୁପ୍

ଚଳିତ ବର୍ଷ ଖୋର୍ଦ୍ଧା ଜିଲାରେ ଚଳିତ ଖରିଫ ଧାନକିଣାରେ ବ୍ୟାପକ ଅନିୟମିତତା ହୋଇଛି। ସମସ୍ତ ମଣ୍ଡିରେ ଅଚଳାବସ୍ଥା ଜାରି ରହିଛି। ଧାନକିଣାରେ ଅବ୍ୟବସ୍ଥାକୁ ନେଇ ଗତ ୩ମାସ ଧରି ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରି ଆସୁଛନ୍ତି। ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଅଭିଯୋଗ ଆସିଲାଣି। କେବଳ ପ୍ରତିଶ୍ରୁତି ବ୍ୟତୀତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଚାଷୀମାନେ କହିଛନ୍ତି। ଜିଲାର ୧୦ଟି ବ୍ଲକର ଶତାଧିକ ଚାଷୀ କେଉଁଠି ଚାଷୀ ଧାରଣାରେ ବସିଛନ୍ତି, ତ ଆଉ କେଉଁଠି ରାଜରାସ୍ତାକୁ ଓହ୍ଲାଇଛନ୍ତି। ସମିତି-ମିଲର୍ସ-ଦଲାଲଙ୍କ ମଧୁଚନ୍ଦ୍ରିକାରେ ଧାନକିଣା ଚାଲିଛି। ଏହାର ଟେର ବିଭାଗ ପର୍ଯ୍ୟନ୍ତ ଲମ୍ବିଛି। ଗୋଟିଏ ପରେ ଗୋଟିଏ ପ୍ୟାକ୍ସରେ ଧାନକିଣାରେ ଦୁର୍ନୀତି ନେଇ ଅଭିଯୋଗ ବଢ଼ିବାରେ ଲାଗିଛି। ମାତ୍ର କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ଚାଷୀ କହିଛନ୍ତି।

**ଅଭିବୃଦ୍ଧି ୧୨% ରହିପାରେ**

୨୦୨୧ରେ ଭାରତୀୟ ଅର୍ଥ ବ୍ୟବସ୍ଥାରେ ସୁଧାର ସହ ଅଭିବୃଦ୍ଧି ପ୍ରାୟ ୧୨% ରହିପାରେ ବୋଲି ମୁଡିସ୍ ଆନାଲିଟିକ୍ସ ପକ୍ଷରୁ ଶୁକ୍ରବାର କୁହାଯାଇଛି। ଚଳିତ ଆର୍ଥିକ ବର୍ଷରେ ଜିଡିପି ୭.୧% ହ୍ରାସ ହୋଇଛି। ସେହିଭଳି ଡିସେମ୍ବର ତ୍ରୈମାସରେ ଜିଡିପି ପ୍ରାୟ ୦.୪% ବୃଦ୍ଧି ପାଇଛି। ଏହାର ପୂର୍ବ ତ୍ରୈମାସରେ ଜିଡିପ ୭.୫% ଖସିଛି ବୋଲି ଏହା ସ୍ପଷ୍ଟ କରିଛି।

# ମର୍ସିଡିଜ ଆଣିଲା ନୂଆ ଇ-କ୍ଲାସ୍




**ନୂଆଦିଲ୍ଲୀ,୧୯।୩**

ମର୍ସିଡିଜ ବେଞ୍ଜ ପକ୍ଷରୁ ନୂଆ ଇ-କ୍ଲାସ୍ ମଡେଲ ବଜାରକୁ ଆସିଛି। ଲକ୍ଜ୍ୟୁରି ସାମୁନ ସେଗ୍‌ମେଣ୍ଟରେ ବଜାର ଉପସ୍ଥିତିକୁ ଆହୁରି ଦୃଢ କରିବା ଲାଗି କମ୍ପାନୀ ଏହି ନୂଆ ଯାନ ଉପଲବ୍ଧ କରାଇଛି। ଏଥିରେ ବାହ୍ୟ ଷ୍ଟାଇଲ ଏବଂ ଡିଜାଇନକୁ ପରିବର୍ତ୍ତନ କରାଯାଇଛି। ଅପ୍‌ଡେଟ ଇଣ୍ଟେରିୟର ସହ ନୂତନ ପିଢ଼ିର ଏନ୍‌ଟିଜିଡ଼ ଟେଲିମାଟିକ୍ସ, ଇଣ୍ଡଷ୍ଟ୍ରି ବେଞ୍ଚମାର୍କ ଏମ୍‌ବିୟୁଏକ୍ସ, ଅଧିକ ସ୍ପେଶିୟସ ରିୟର କ୍ୟାବିନ, ଲଙ୍ଗ ହ୍ୱିଲବେସ୍, ଡାଇନାମିକ ଡ୍ରାଇଭିଂ ଏଲିମେଣ୍ଟ ଭଳି ଅନ୍ୟ ବୈଶିଷ୍ଟ୍ୟ ଗ୍ରାହକ ଏଥିରେ ଲାଭ କରିପାରିବେ। ମର୍ସିଡିଜ ବେଞ୍ଜ ଇଣ୍ଡିଆର ଏମ୍‌ଡି ମାର୍ଟିନ ସ୍ୱେଙ୍କ, ସେଲ୍‌ସ ଏବଂ ମାର୍କେଟିଂ ବିଭାଗ ଉପସଭାପତି ସନ୍ତୋଷ ଆୟର ଉପସ୍ଥିତ ରହି ନୂଆଦିଲ୍ଲୀସ୍ଥିତ ଟିଟି ମୋଟର୍ସଠାରେ ଏହି ଯାନଟିର ବଜାର ପ୍ରବେଶ କରାଇଛନ୍ତି। ପ୍ରମୁଖ ଗ୍ରାହକ କୌଶଳ ଆଧାରରେ ନୂଆ ଯାନକୁ ଶୁଭାରମ୍ଭ କରାଯାଇଥିବା ଏମ୍‌ଡି ସ୍ୱେଙ୍କ କହିଛନ୍ତି। ଚଳିତ ବର୍ଷ ୧୫ ପ୍ରଡକ୍ଟ ଆସିବାକୁ ଥିବା ବେଳେ ଇ-କ୍ଲାସ୍ ଏହାର ନୂଆ ଅନ୍ଦାଜ ସହ ବଜାରକୁ ପ୍ରବେଶ କରିଛି। ଯାନଟିର ପ୍ରାରମ୍ଭିକ ମୂଲ୍ୟ ୬୩.୬ ଲକ୍ଷ ଟଙ୍କା ରହିଛି। ଏଥିରେ ଗ୍ରାହକ ଡାଇନାମିକ ଏବଂ ଟେକ୍ନୋଲେଜିପର ମିଶ୍ରଣ ଗ୍ରାହକ ପାଇପାରିବେ। ସଫଳତମ ପ୍ରଡକ୍ଟ ପୋର୍ଟଫୋଲିଓ ମଧ୍ୟରେ ଇ-କ୍ଲାସ୍ ସାମିଲ ରହିଛି। ଭାରତରେ ଲିମୋଜିନ ପୋର୍ଟଫୋଲିଓକୁ ବଢାଇବା ଦିଗରେ ଏହା ସହାୟତା କରିବ ବୋଲି କମ୍ପାନୀ ଆଶାବାଦୀ ରହିଛି।

# ଦେଶ ମଧ୍ୟରେ ବିମାନଯାତ୍ରା ମହଙ୍ଗା ହେବ

**୫% ବଢ଼ିଲା ମିନିମମ୍ ଭଡ଼ା**

**ନୂଆଦିଲ୍ଲୀ,୧୯।୩**

ଦେଶ ମଧ୍ୟରେ ବିମାନଯାତ୍ରା ମହଙ୍ଗା ହେବ। କେନ୍ଦ୍ର ସରକାର ଘରୋଇ ବିମାନଯାତ୍ରା ଉପରେ ଭଡ଼ା ସ୍ତରକୁ ବୃଦ୍ଧି କରିଛନ୍ତି। ସର୍ବନିମ୍ନ ଭଡ଼ା କ୍ଷେତ୍ରରେ ୫% ବୃଦ୍ଧି ନେଇ ସରକାର ନିଷ୍ପତ୍ତି ନେଇଛନ୍ତି। ଏପ୍ରିଲ ଶେଷ ଯାଏ ଫେୟାର ବ୍ୟାଣ୍ଡକୁ ବୃଦ୍ଧି କରାଯାଇଛି। ଗୋଟିଏ ମାସରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ଦ୍ୱିତୀୟ ଥର ଲାଗି ଭଡ଼ାରେ ଏଭଳି ବୃଦ୍ଧି ହୋଇଛି। ବିମାନ ଇନ୍ଧନ ବୃଦ୍ଧି ହେବା ପରେ ଏପରି ପଦକ୍ଷେପ ନେବାକୁ ସରକାର ଅଗ୍ରସର ହୋଇଛନ୍ତି। ଅପରପକ୍ଷରେ ଏପ୍ରିଲ ଶେଷ ସୁଦ୍ଧା ବିମାନ କମ୍ପାନୀଗୁଡିକ ୮୦% କ୍ଷମତାରେ ଯାତ୍ରୀ ସେବା ଯୋଗାଇଦେବାର ନିୟମ ବଳବତ୍ତର ରଖାଯାଇଛି।

## ସଂକ୍ଷେପରେ

### ରେଳ ଭିତ୍ତିଭୂମି ଘରୋଇକରଣ ହେବନି

**ନୂଆଦିଲ୍ଲୀ,୧୯।୩ :**ରେଳ ଭିତ୍ତିଭୂମିର ଘରୋଇକରଣ ହେବ ନାହିଁ ବୋଲି କେନ୍ଦ୍ର ରେଳମନ୍ତ୍ରୀ ପୀୟୂଷ ଗୋଏଲ ଶୁକ୍ରବାର ରାଜ୍ୟ ସଭାକୁ ସ୍ପଷ୍ଟ କରିଛନ୍ତି। ଅପରପକ୍ଷରେ ରେଳପଥର ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ଏହାର ସମ୍ପତ୍ତିକୁ ପୁଞ୍ଜୀକରଣ କରିବା ଦିଗରେ ସରକାର ପଦକ୍ଷେପ ହାତକୁ ନେବେ ବୋଲି ସେ ମତ ରଖିଛନ୍ତି। ସରକାରୀ ଏବଂ ଘରୋଇ ସହଭାଗିତା(ପିପିପି)ରେ ଯାତ୍ରୀବାହୀ ଟ୍ରେନ ପରିଚାଳନା କରାଯିବ। ଏହାଦ୍ୱାରା ମୋଟ ୩୦ ହଜାର କୋଟି ଟଙ୍କା ନିବେଶ ହୋଇପାରେ।

### ଟାଟା କମ୍ୟୁନିକେଶନ ଛାଡ଼ିବେ ସରକାର

**ନୂଆଦିଲ୍ଲୀ,୧୯।୩:** ଟାଟା କମ୍ୟୁନିକେଶନ ଯୌଥ ଉଦ୍ୟୋଗରୁ କେନ୍ଦ୍ର ସରକାର ଓହରି ଆସିବେ। ଏହି କମ୍ପାନୀରେ ରହିଥିବା ୧୦% ଅଂଶଧନ ବିକ୍ରି କରିବାକୁ ସରକାର ଯୋଜନା ରଖିଛନ୍ତି। ଅଫ୍ ମାର୍କେଟ ଟ୍ରେଡ୍‌ରେ ଟାଟା ସନ୍ସର ପାନାଟୋନ ଫିନ୍‌ଭେଷ୍ଟକୁ ଏହି ଅଂଶଧନ ବିକିଦେବା ଲାଗି ସରକାର ଅଗ୍ରସର ହେଉଛନ୍ତି। ସରକାରଙ୍କ ନିକଟରେ ୨୬.୧୨% ଅଂଶଧନ ରହିଥିବା ବେଳେ ପାନାଟୋନ ଫିନ୍‌ଭେଷ୍ଟର ୩୪.୮୦%, ଟାଟା ସନ୍ସ ନିକଟରେ ୧୪.୦୭% ଏବଂ ବଳକା ୨୫.୦୧% ଅଂଶ ଧନ ଲୋକଙ୍କ ନିକଟରେ ରହିଛି। ଏହି କମ୍ପାନୀରେ ୨.୮୫ କୋଟି ଇକ୍ୱିଟି ଶେୟାର ଯାହା ମୋଟ ୧୦% ଅଂଶଧନ ବୋଲି ଟେଲିକମ ବିଭାଗ ପକ୍ଷରୁ ସୂଚନା ମିଳିଛି। ପାନାଟୋନ ଫିନ୍‌ଭେଷ୍ଟ ଲିମିଟେଡ୍‌କୁ ୧୦% ଅଂଶଧନ ବିକ୍ରି କରିଥିବା ରେଗୋଲେଟୋରି ଫାଇଲିଂରେ ସୂଚନା ଦିଆଯାଇଛି। ଅଫର ଫର୍ ସେଲ୍ ଦ୍ୱାରା ସରକାର ଖୁଚୁରା ନିବେଶକଙ୍କୁ ୧୬.୧୨% ଅଂଶଧନ ବିକ୍ରି କରିଦେଇଛନ୍ତି।

### ୬୪୨ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ

**ନୂଆଦିଲ୍ଲୀ,୧୯।୩:** ଗତ ୫ ଦିନ ଧରି ଭାରତୀୟ ଶେୟାର ବଜାରରେ କାରବାର ପ୍ରଭାବିତ ରହିବା ପରେ ଶୁକ୍ରବାର ଉନ୍ନତ ସ୍ଥିତି ଦେଖାଯାଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ସେନ୍‌ସେକ୍ସ ୬୪୨ ପଏଣ୍ଟ ବଢ଼ିଥିବା ନଜରକୁ ଆସିଛି। ଏଫ୍‌ଏମ୍‌ସିଜି ଏବଂ ମେଟାଲ ଷ୍ଟକ୍ କାରବାର ଉନ୍ନତ ରହିବା ଫଳରେ ଷ୍ଟକ୍ ବଜାରର ସୂଚକାଙ୍କ ବଢ଼ିଥିବା ଜଣାପଡିଛି। ସେନ୍‌ସେକ୍ସ ୧.୩୦% ବଢ଼ିବା ଯୋଗୁ ୪୯,୮୫୮ ପଏଣ୍ଟ ସ୍ତରରେ ରହିଛି। ସେହିଭଳି ନିଫ୍ଟି କାରବାର ୧୮୬ ପଏଣ୍ଟ ବଢ଼ିବା ଯୋଗୁ ୧୪,୭୭୪ ପଏଣ୍ଟରେ ବନ୍ଦ ହୋଇଛି। ସେନ୍‌ସେକ୍ସରେ ଭଲ କାରବାର କରିଥିବା କମ୍ପାନୀଗୁଡିକ ମଧ୍ୟରେ ହିନ୍ଦୁସ୍ଥାନ ୟୁନିଲିଭର, ଏନ୍‌ଟିପିସି, ରିଲାଏନ୍ସ, ପାୱାରଗ୍ରୀଡ୍, ଅଲଟ୍ରା ସେମ୍‌କୋ ଏବଂ ଆଇଟିସି ଶେୟାର ୪.୪୭% ବଢ଼ିଛି।

**The Odisha State Co-operative Milk Producers' Federation Limited**
omfed www.omfed.com
D-2, Sahidnagar, Bhubaneswar - 751007
Ph. No. 0674-2546030, 2540273, 2540417
Fax No. 0674-2540974, Email ID: omfed@yahoo.com

Adv. No. OMFED:HRD:RECRUIT:03:2021 Date: 19.03.2021

**ADVERTISEMENT NOTICE**

No. CAD-1591: OMFED, the apex Cooperative Body of Milk Producing Farmers at the State Level invites Applications from dynamic and experienced professionals for the following contractual vacancies:

| Sl. No. | Name of the Post | No. of Post | Remarks |
|---|---|---|---|
| 01 | General Manager (Finance) | 01 | Contractual |

The details of the Qualification, Experience, Terms of Reference and Application forms for the above post may be downloaded from OMFED website **www.omfed.com**
OMFED Management reserves the right to cancel, effect changes or alteration in the above advertisement without assigning any reason thereof and corrigendum, if any, will be published in above said website.
**OIPR-06063/11/0038/2021** **Managing Director**

**SHREE JAGANNATH TEMPLE ADMINISTRATION, PURI**
**ADVERTISEMENT**

No.2616 Dt.18.3.21
Applications are invited from eligible retired O.A.S./ O.R.S. Officers, Amins & Naib-Tahasildar to work in the land related matters of Shree Jagannath Mahaprabhu Bije-Puri on or before dt.15.04.2021.
**For details please visit:** https://www.shreejagannatha.in/tender-advertisement/
**Sd./- Administrator**
**Shree Jagannath Temple, Puri**

**ତହସିଲଦାରଙ୍କ କାର୍ଯ୍ୟାଳୟ, ଶେରଗଡ଼**
ବିଜ୍ଞାପନ ସଂଖ୍ୟା: ୧୦୨୩ ତା: ୧୬।୩।୨୧

**ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଶେରଗଡ଼ ତହସିଲ ଇଲାକାରେ ଥିବା ଗୋବିନ୍ଦପୁର ପଥର ସୈରାତ ଉତ୍ସ (ନିମ୍ନରେ ପ୍ରଦତ୍ତ ବିବରଣୀ) ଗୁଡ଼ିକର ଆଗାମୀ ପାଞ୍ଚବର୍ଷ ନିମନ୍ତେ ଅର୍ଥାତ୍ ୨୦୨୧-୨୨ଠାରୁ ୨୦୨୫-୨୬ (ଦୀର୍ଘ ମିଆଦି) ଲିଜ୍ ପାଇଁ ଜଉମୁଦ ଦିଆ ଟେଣ୍ଡର ମାଧ୍ୟମରେ ସର୍ବସାଧାରଣରେ ନିଲାମ କରାଯିବ। ସୈରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଆବେଦନର ବିବରଣୀ ଓ ନିୟମାବଳୀ ଗଞ୍ଜାମ ଜିଲ୍ଲା ୱେବ୍‌ସାଇଟ୍ **www.ganjam.nic.in**ରେ ଉପଲବ୍ଧ ଅଛି। ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି ଶେରଗଡ଼ ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି।
ଦରଖାସ୍ତ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର ଶେରଗଡ଼ଙ୍କ କାର୍ଯ୍ୟାଳୟରେ ଥିବା Tender Boxରେ ପକାଇପାରିବେ। ଦରଖାସ୍ତ ଗ୍ରହଣ ତାରିଖ ଆସନ୍ତା ତା୦୬।୦୪।୨୦୨୧ରିଖଠାରୁ ତା୧୨।୦୪।୨୦୨୧ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ଧାର୍ଯ୍ୟ ସମୟ ଗତେ ଦରଖାସ୍ତ ଗ୍ରହଣୀୟ ହେବନାହିଁ।
ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତା୧୩।୦୪।୨୦୨୧ରିଖ ୧୧.୦୦ଘଟିକାରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୂଡ଼ାନ୍ତ କରାଯିବ। କୌଣସି କାରଣରୁ ପ୍ରଥମ ଧାର୍ଯ୍ୟ ତାରିଖରେ ନିଲାମ ନ ହୋଇ ପାରିଲେ ଦ୍ୱିତୀୟ ତା୧୫।୦୪।୨୦୨୧ରିଖଠାରୁ ୧୬।୦୪।୨୦୨୧ରିଖ ଏବଂ କୌଣସି କାରଣରୁ ଦ୍ୱିତୀୟ ଧାର୍ଯ୍ୟ ତାରିଖରେ ନିଲାମ ନ ହୋଇ ପାରିଲେ ପୁନର୍ବାର ତା୨୦।୦୪।୨୦୨୧ଠାରୁ ୨୧।୦୪।୨୦୨୧ରିଖରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ନିଲାମକୁ ରଦ୍ଦ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀ ଏବଂ ଜିଲ୍ଲାପାଳ, ଗଞ୍ଜାମଙ୍କର କ୍ଷମତା ପରିସରଭୁକ୍ତ ଅଟେ।
ସ୍ୱା./- ତହସିଲଦାର, ଶେରଗଡ଼

**AUCTION SALE NOTIFICATION**

This is for information to all concerned that inspite of our repeated Legal Notices and reminders of the Registered Owners.
1) Mr. Swadhin Panda, Vehicle-Polo, Regn. No. - OR 15 S 1947, Engine No. - CFW 170031, VIN No. - WVWG11605BT084116.
2) M/S. Jashipur Bombay Roadways,Vehicle-Jetta, Regn. No. - OR 09 N 0019, Engine No. - BXEC65324, VIN No. -WVWM091K1AA550566.
3) M/S. All India Airsen Technical , Vehicle – Jetta, Regn. No. - DL 2CQ 5899, VIN No. - WVWE101K8AA551968.
4).Mr. Satya Prakash Nayak, Vehicle-Polo, Regn. No. - TN 66 Q 9047 VIN No.-MEXK15609GT040085.
5).Mr. Sadananda Barisal, Vehicle-Polo, Regn. No. - OD 02 2233, VIN No. -WVWJ11603CT009762 are not come to take delivery. The Vehicles are ready for Auction Sale to be hold on Dt. 25.03.2021. between 10 AM to 4 PM at
**M/S. Bharat Motors Ltd., NH-5, Pahal, Bhubaneswar – 752101.**

**DISTRICT EDUCATION OFFICE, GANJAM**
GIRI ROAD, BRAHMAPUR - 760005, e-mail: deoganjam11@gmail.com, Ph.: 0680-2233350 (L)
Letter No. 4585 Date: 19.03.2021

**ADVERTISEMENT FOR ENGAGEMENT OF JUNIOR CLERK-CUM-ACCOUNTANT IN ODISHA ADRASHA VIDYALAYAS (OAVs)**

Application forms from willing candidates are invited to fill up the Posts of Junior Clerk-cum-Accountant in Odisha Adrasha Vidyalayas under Ganjam District. The number of vacant posts and eligibility for the post are given below.

| Name of the Post | Scale of Pay | No. of Posts | Nature of Post | Eligibility |
|---|---|---|---|---|
| Junior Clerk-cum-Accountant | Rs.8880/- (Consolidated) | 2 (Ur - 1) (SC - 1) | Contractual | (i) Bachelors Degree and knowledge in Computer with Tally. (ii) Proficiency in Odia & English |

The candidates in the age Group of 21-32 years as on the date of advertisement (with relaxation of upper age limit for SC/ST, Women, SEBC, P.H. and ex-service men) are directed to apply for the post in the prescribed application format along with self attested copies of required documents and IPO/D.D. for Rs.200/- (Rupees two hundred) only payable to DEO, Ganjam by **Registered Post/Speed Post only**. The detailed information regarding eligibility, mode of selection and vacancy is published in the district website of Ganjam at **www.ganjam.nic.in**.
The last date of receipt of application forms in the Office of the District Education Officer, Ganjam, Giri Road, Berhampur is 06.04.2021.
**Sd./- Collector & District Magistrate, Ganjam**

**BHUBANESWAR MUNICIPAL CORPORATION**
No. C-734: e-Mail: ee1@bmc.gov.in

**e-Procurement Notice**

1. Bid Reference No. : BMC-DIV-1/14-2020-21 Dt.18.03.2021
2. Tender Call Notice No. : 20455 Dt.18.03.2021
3. No. of Works : 13 (Thirteen)
4. Bid Value : Rs.5,11,354/- to Rs.86,69,392/-
5. Period of Completion : 30 days to 90 days

Date and time Schedule

| Start | End | Opening |
|---|---|---|
| 11.00 A.M. of 20.03.2021 | 5.00 P.M. of 30.03.2021 | 4.30 P.M. of 31.03.2021 |

5. Tender details can be seen for the e-Procurement portal **https://www.tendersodisha.gov.in &** BMC Website **https://www.bmc.gov.in**.
**Sd./- Executive Engineer**
**BMC Division - 1**
**OIPR-13002/11/0126/2021**

**ତହସିଲଦାରଙ୍କ କାର୍ଯ୍ୟାଳୟ, ଘୁମୁସର, ଭଞ୍ଜନଗର**
ବିଜ୍ଞାପନ ସଂଖ୍ୟା: ୧୩୧୧/ସଇରାତ ତା୧୭।୦୩।୨୦୨୧

**ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗଞ୍ଜାମ ଜିଲ୍ଲା ଭଞ୍ଜନଗର ତହସିଲ ଅନ୍ତର୍ଗତ କୁଲାଡ ଡାମଣାଝୋଳି ପଥର ଖାଦାନ ଆଗାମୀ ପାଞ୍ଚବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ପ୍ରଦାନ ନିମନ୍ତେ ଜଉମୁଦ ଦିଆ ଟେଣ୍ଡର ମାଧ୍ୟମରେ ଆବେଦନ ଗ୍ରହଣ କରାଯିବ। ସଇରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ, ଆବେଦନର ବିବରଣୀ ଓ ନିୟମାବଳୀ ଗଞ୍ଜାମ ଜିଲ୍ଲା ୱେବ୍‌ସାଇଟ **www.ganjam.nic.in**ରେ ଉପଲବ୍ଧ ଅଛି। ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି ଭଞ୍ଜନଗର ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି।
ସ୍ୱା./- ତହସିଲଦାର
ଘୁମୁସର, ଭଞ୍ଜନଗର

**OFFICE OF THE PROJECT ENGINEER** No. A-698
**PROJECT MANAGEMENT UNIT (DRAINAGE), OISIP, JICA**
**ORISSA WATER SUPPLY & SEWERAGE BOARD**
**At: Mahanadivihar, P.O.- Nayabazar, Cuttack - 753004, Phone: 0671-2440381, email: pe_cd@owssb.in**
**1st Corrigendum to Drain Cleaning During Monsoon 2021 - Desilting of Drain inclduing disposal of desilted material and Maintenance of Free Flow during Rainy season, from Revenue Colony to Goshala at Main Drain - 1 and Link Drain (From Seminary Chowk to Rouspatana and From Matrubhawan to Kathjodi River).**
Vide Bid Identification No. OISIP-JICA-Drainage-01/2020-21
The following amendments have been made to change the critical dates of the above mentioned tender in order to facilitate participation of more bidders.

| S.N. | Item/Clause | Description | Existing | Revised/Amended |
|---|---|---|---|---|
| 1 | DTCN Section - 1 Notice Inviting Tender (NIT) - Clause 5, Critical Dates (Page - 4) | (iii) Last date & time of bidding Online | 17.00 hrs. of 15.03.2021 | 17.00 hrs. of 26.03.2021 |
| | | (iv) Date & time of submission of hard copies of uploaded documents | From 11.00 hrs. of 16.03.2021 to 17.00 hrs. of 18.03.2021 | From 10.30 hrs. of 30.03.2021 to 17.00 hrs. of 30.03.2021 |
| | | (v) Date & time of opening of Technical Bid | 11.00 hrs. of 19.03.2021 | 11.00 hrs. of 31.03.2021 |

All other terms and conditions under DTCN are remain Unaltered.
**Sd./- Project Engineer, PMU, Drainage, OISIP**
**OWSSB, Cuttack**
**OIPR-13007/11/0005/2021**

**OFFICE OF THE NOTIFIED AREA COUNCIL**
**KASHINAGAR, GAJAPATI**
**Ph. & Fax No. 06815-284215, e-Mail: kasinagarn.hud@nic.in**
Notice No.578/NAC Date: 18.03.2021

**e-procurement Notice**
**BID REFERENCE NO.: KNGR/NAC/03/2020-21**

No.C-728:- Bid documents consists of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in.

1. Nature of work : Civil
2. No. of works : 34 Nos.
3. Bid value : Rs.1,01,849/- to Rs.17,92,282/-
4. Period of completion : As per DTCN
5. Date and time of availability of the documents in portal : 20.03.2021 from 10.00 A.M. to 31.03.2021 upto 6.00 P.M.
6. Last date/time for receipt of bids in the portal : 31.03.2021 upto 6.00 P.M.
7. Time & period of documents required to be sumitted : As per DTCN
8. Bids received online shall be opened on : 09.04.2021 at 11.00 A.M.
9. Name & address of the officer inviting tender : Executive Officer, Kashinagar NAC, Gajapati

**Sd./- Executive Officer, N.A.C., Kashinagar, Gajapati**
**OIPR-13116/11/0003/2021**

**INSTITUTE OF MATHEMATICS & APPLICATIONS**
**(Established by the Govt. of Odisha)**
**Bhubaneswar-751029**
**Website: iomaorissa.ac.in**
**Under Science and Technology Department**

**CORRIGENDUM**

**No. IMA/79/ 221 /2021** **Date: 19.03.2021**
No. CAD-1589: The last date for submission of filled in application forms for P.G. Meritorious Scholarship for 2020-22 academic session in appendix I and the date of written test was fixed on 10.3.2021 and 25.4.2021 from 9 A.M. to 11 A.M. respectively vide advertisement no. IMA/79/70/2021, dated. 25.1.2021. Due to Covid-19 pandemic situation, the last date of submission of application form is extended upto 30.4.2021 and the date of written test is rescheduled to be held on 23.5.2021(9 A.M. to 11 A.M.).
**Sd./- DIRECTOR**
**OIPR-28006/11/0013/2021**

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮**
**ଭୁବନେଶ୍ୱର-୭୫୧୦୧୨**
ସଂଖ୍ୟା ୪୨୧୧/IND-II-PH-864 ତାରିଖ ୧୯।୦୩।୨୦୨୧
CAD-1597

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଶିବା ସିମେଣ୍ଟ ଲିମିଟେଡ, ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା, କୁଟ୍ରା ତହସିଲ ଅନ୍ତର୍ଗତ ଖାତକୁରବାହାଲ ଏବଂ ଫାଲସାକାନି ଗ୍ରାମରେ ୧୫୬.୪୩ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ଅବସ୍ଥିତ ଖାତକୁରବାହାଲ (ଉତ୍ତର) ବ୍ଲକ ଚୂନପଥର ଖଣିରୁ ବାର୍ଷିକ ୧.୬ ନିୟୁତ ଟନ୍ (ଆର.ଓ.ଏମ୍.) ଚୂନପଥର ଉତ୍ତୋଳନ, ବାର୍ଷିକ ୦.୦୩୫ ନିୟୁତ ଟନ୍ ମିନେରାଲ ପ୍ରତ୍ୟାଖ୍ୟାନ, ବାର୍ଷିକ ୦.୦୩୩ ନିୟୁତ ଟନ୍ ଟପ୍ ମୃତ୍ତିକା ଏବଂ ବାର୍ଷିକ ୩.୮୭୫ ନିୟୁତ ଟନ୍ ଆବର୍ଜନା (ମୋଟ ଖନନ - ବାର୍ଷିକ ୫.୫୪୩ ନିୟୁତ ଟନ୍) ସହିତ ୮୦୦ ଟି.ପି.ଏଚ୍. କ୍ଷମତା ବିଶିଷ୍ଟ କ୍ରସର ଏବଂ ସ୍କ୍ରିନ ପ୍ରତିଷ୍ଠା କରିବା** ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୨୩।୦୪।୨୦୨୧ରିଖ ଦିବା ୧୦.୦୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା, କୁଟ୍ରା ବ୍ଲକ, ଖାତକୁରବାହାଲ ଗ୍ରାମ ସ୍ଥିତ ଜଗନ୍ନାଥ ମନ୍ଦିର ପଛରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୧୪।୦୯।୨୦୨୦ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ସୁନ୍ଦରଗଡ଼** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ସୁନ୍ଦରଗଡ଼**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ସୁନ୍ଦରଗଡ଼**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶା ରାଉରକେଲା** ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ରାଉରକେଲାସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।
**ସ୍ୱା./-ସଦସ୍ୟ ସଚିବ**
OIPR-08012/11/0033/2021

**BHUBANESWAR MUNICIPAL CORPORATION**
*Progress through Partnership for better Bhubaneswar*
**No. 20518** **Date: 18.03.2021**

**NOTICE INVITING REQUEST FOR PROPOSAL**

No. C-735: Sealed proposals are invited for **"Selection of Buyer for disposal of Recyclable and Non-recyclable Waste in Bhubaneswar Municipal Corporation Material Recovery Facilities"** and in conformity with the terms & conditions of the detailed RFP from intending bidders fulfilling the terms of eligibility laid down in the RFP document. Please refer to website: **www.tendersodisha.gov.in** for complete details and downloading the document. The RFP document is available from 20.03.2021 from 15.00 hours with last date of submission being 31.03.2021 till 14.00 hours. For any queries please contact: **dc-sanitation@bmc.gov.in**.
**Sd./- Deputy Commissioner (Sanitation)**
**OIPR-13002/11/0127/2021**

**OFFICE OF THE DEPUTY DIRECTOR OF HORTICULTURE, SUNDARGARH**

**EXPRESSION OF INTEREST (EOI)**

No. L-95: Office of the Deputy Director of Horticulture, Sundargarh invites applications from interested NGOs/ TRUSTs towards Expression of Interest (EOI) to involve in the programme of Promotion of Agriculture Production Cluster (APC) in selective 7 Nos. of blocks of Sundargarh district i.e. Balisankara, Subdega, Kutra, Kuarmunda, Bisra, Lahunipada & Bonai from the year 2021-22 to 2026-27 (5 years) under DMF, Sundargarh. The EOI of the NGOs/TRUSTs should be submitted to the **OFFICE OF THE DEPUTY DIRECTOR OF HORTICULTURE, RANIBAGICHHA, Sundargarh - 770001 in prescribed form with necessary enclosures** on or before date 2nd April 2021 by 5 P.M. through Registered Post/Speed Post and by no other means.
For application form & details please visit **www.sundargarh.nic.in, www.apcodisha.net.**
**Sd./- Deputy Director of Horticulture, Sundargarh**
**OIPR-01381/11/0002/2021**

**NOTICE INVITING TENDER**
**OFFICE OF THE MUNICIPAL COUNCIL, NAYAGARH**
**NAYAGARH (ODISHA), PIN - 752069**
**No. C-740 e-Mail: nacnayagarh@yahoo.co.in**
**Tender Call Notice No. 1261 Dt.19.03.2021**
**E-Procurement Notice No. MUNLNGR-7/2020-21**

| | | | |
|---|---|---|---|
| 1 | Name of the Work | : | Civil Works |
| 2 | No. of Works | : | 01 No. |
| 3 | Value of Work | : | Rs.2,84,32,852/- |
| 4 | Class of Contractor | : | B & A |
| 5 | Period of Completion | : | 330 days |
| 6 | Date of Publication | : | 23.03.2021 |
| 7 | Date and time of availability of document in the portal | : | From Dt.23.03.2021 at 10.00 A.M. to Dt.05.04.2021 upto 5.00 P.M. |
| 8 | Last date/time for receipt of bids in portal | : | Dt.05.04.2021 upto 5.00 P.M. |
| 9 | Last date of submission of original documents in this office | : | From 11.00 A.M. of 05.04.2021 to 5.00 P.M. of 07.04.2021 by Registered Post/Speed Post/ Drop Box available at Municipal Office |
| 10 | Date and time of opening of Technical Bid | : | Dt.08.04.2021 at 11.00 A.M. at Municipality Office, Nayagarh |
| 11 | Date and time of opening of Financial Bid | : | Dt.13.04.2021 at 11.00 A.M. at Municipality Office, Nayagarh |
| 12 | Name and address of the Officer Inviting Bid | : | Sd./- Executive Officer, Nayagarh Municipality |

Further details can be seen from e-Procurement portal **https://tendersodisha.gov.in**.
**Sd./- Executive Officer**
**Nayagarh Municipality**
**OIPR-13134/11/0006/2021**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର**
**(ଅବକାରୀ ବିଭାଗ)**
**ନବରଙ୍ଗପୁର ଜିଲ୍ଲାର ଠିପି ବନ୍ଦ ବିଦେଶୀ ମଦ ଦୋକାନର ୨୦୨୧-୨୨ ବର୍ଷ ପାଇଁ ବନ୍ଦୋବସ୍ତ ନିମନ୍ତେ ବିଜ୍ଞପ୍ତି**

ପତ୍ର ସଂଖ୍ୟା ୩୩୨/ଅ, ତା୧୯।୦୩।୨୦୨୧
ନବରଙ୍ଗପୁର ଜିଲ୍ଲାରେ ୨୦୨୧-୨୨ ବର୍ଷ ପାଇଁ ୧୩ (ତେର) ଗୋଟି ଠିପି ବନ୍ଦ ବିଦେଶୀ ମଦ ଦୋକାନଗୁଡିକ ଲଟେରି ମାଧ୍ୟମରେ ବନ୍ଦୋବସ୍ତ ନିମନ୍ତେ ଆବେଦନପତ୍ର ଆହ୍ୱାନ କରାଯାଉଅଛି। ଲଟେରିରେ ଭାଗନେବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି http://stateexcise.odisha.gov.in ୱେବ୍‌ସାଇଟରେ ଉପଲବ୍ଧ FORM-"B"ରେ ଅନ୍‌ଲାଇନ ମାଧ୍ୟମରେ ତା୨୦।୦୩।୨୦୨୧ରୁ ୦୨।୦୪।୨୦୨୧ରିଖ ମଧ୍ୟରେ ଆବେଦନ କରିପାରିବେ। ଉପରୋକ୍ତ ଦୋକାନଗୁଡିକ ତା୦୯।୦୪।୨୦୨୧ରିଖ ପୂର୍ବାହ୍ନ ୧୧.୦୦ ଘ. ପରଠାରୁ Mission Sakti Conference Hall, ନବରଙ୍ଗପୁରଠାରେ ଜିଲ୍ଲାପାଳଙ୍କ ଦ୍ୱାରା ଲଟେରି ଉଠାଣ କରାଯିବ।
ଦୋକାନଗୁଡିକର ସମ୍ପୂର୍ଣ୍ଣ ବିବରଣୀ ତଥା ଲଟେରିର ନିୟମ ଓ ସର୍ତ୍ତାବଳୀ ଉପରୋକ୍ତ ୱେବ୍‌ସାଇଟରେ ଏବଂ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ଓ ଜିଲ୍ଲାପାଳ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଉପଲବ୍ଧ ଅଟେ। TOLL FREE NO.-18003456770 & 155335.
**ସ୍ୱା./- ଜିଲ୍ଲାପାଳ, ନବରଙ୍ଗପୁର**

# ୧୨ ବିପର୍ଯ୍ୟୟକୁ କେନ୍ଦ୍ର, ୮ ବିପର୍ଯ୍ୟୟକୁ ରାଜ୍ୟର ସ୍ୱୀକୃତି

ଭୁବନେଶ୍ୱର, ୧୯।୩(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ରାଜ୍ୟ ବିପର୍ଯ୍ୟୟ/କେନ୍ଦ୍ର ବିପର୍ଯ୍ୟୟ ପାଣ୍ଠିର ସର୍ତ୍ତ ଓ ନିୟମାବଳୀ ଅନୁଯାୟୀ ୧୨ଟି ପ୍ରାକୃତିକ ବିପର୍ଯ୍ୟୟକୁ ଅନୁମୋଦିତ ବିପର୍ଯ୍ୟୟ ଭାବେ ସ୍ୱୀକୃତି ଦିଆଯାଇଛି। ସେଗୁଡ଼ିକ ହେଲା ବାତ୍ୟା, ବନ୍ୟା, ମରୁଡ଼ି, ଭୂକମ୍ପ, ଘରପୋଡ଼ି/ଅଗ୍ନିକାଣ୍ଡ, କରକାପାତ, ଭୂସ୍ଖଳନ, ହିମଖଣ୍ଡ ସ୍ଖଳନ, ବାଦଲଫଟା ବର୍ଷା, କୀଟ ଉପଦ୍ରବ, ସୁନାମି ଓ ଶୀତ ଲହରି। ଏହାଛଡ଼ା ରାଜ୍ୟ ସରକାର ଘୂର୍ଣ୍ଣିବାତ୍ୟା, ଅଂଶୁଘାତ, ବଜ୍ରପାତ, ଘୂର୍ଣ୍ଣିଝଡ଼, ପ୍ରବଳ ବୃଷ୍ଟିପାତ, ନୌକା ଦୁର୍ଘଟଣା, ପାଣିରେ ବୁଡ଼ି ମୃତ୍ୟୁ, ସର୍ପାଘାତ ଆଦି ବିପର୍ଯ୍ୟୟ ଭାବେ ଘୋଷଣା କରିଛନ୍ତି। ଅଂଶୁଘାତ ବ୍ୟତୀତ ଅନ୍ୟ ସମସ୍ତ ବିପର୍ଯ୍ୟୟରେ ମୃତ ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏ ଏବଂ ଅଂଶୁଘାତରେ ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କୁ ୫୦ ହଜାର ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ରାଜ୍ୟ ସରକାର ୨୦୧୫ ଏପ୍ରିଲ ପହିଲାରୁ ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ପ୍ରଦାନ କରୁଛନ୍ତି। ବିଜେଡି ସଭ୍ୟ ଅଙ୍ଗଦ କହଁରଙ୍କ ମୂଳ ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ଶୁକ୍ରବାର ପ୍ରଶ୍ନ କାଳରେ ଏହି ସୂଚନା ଦେଇଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ବଲାଙ୍ଗୀରରେ ହୋଇଥିବା ପ୍ରବଳ ବର୍ଷାର କ୍ଷତିପୂରଣ ଲୋକମାନଙ୍କୁ ଦିଆଯାଇ ନ ଥିବା ବିଷୟ ଉଠାଇଥିଲେ। ବିଜେଡି ସଭ୍ୟ ପ୍ରଦୀପ ଅମାତ ପ୍ରତ୍ୟେକ ବର୍ଷ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିକୁ ପୂର୍ବରୁ କେନ୍ଦ୍ର ଓ ରାଜ୍ୟ ସରକାର ୯୦:୧୦ ପ୍ରତିଶତ ଅର୍ଥ ଦେବାକୁ ବ୍ୟବସ୍ଥା ଥିବାବେଳେ ଏବେ ଏହାକୁ ୭୫:୨୫ ପ୍ରତିଶତ କରିଥିବା ସରକାର ଜାଣନ୍ତି କି । କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ, ବିଜେଡି ସଭ୍ୟ ଅମର ଶତପଥୀ, ଅଶୋକ ବଳ ପ୍ରମୁଖ ବିପର୍ଯ୍ୟୟ କ୍ଷତିପୂରଣ ପାଉ ନ ଥିବା ନେଇ ପ୍ରଶ୍ନ କରିଥିଲେ। ମନ୍ତ୍ରୀ କହିଥିଲେ, ବଲାଙ୍ଗୀର ଜିଲାରେ ପ୍ରବଳ ବର୍ଷା ଯୋଗୁ ହୋଇଥିବା କ୍ଷୟକ୍ଷତି ପାଇଁ ୭୩.୨୯ କୋଟି ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିକୁ କେନ୍ଦ୍ର ଓ ରାଜ୍ୟ ସରକାର ଯଥାକ୍ରମେ ୭୫:୨୫ ପ୍ରତିଶତ ଅଂଶଧନ ଯୋଗାଇ ଦେଉଛନ୍ତି।

# 'କୋଟିଆ ଭଳି ୧୦୦ ଗାଁ ଓଡ଼ିଶାରୁ ହଜିଯିବ'

## ରାଜସ୍ୱ, ଅବକାରୀ ବିଭାଗ ଖର୍ଚ୍ଚଦାବି ବିଧାନସଭାରେ ଗୃହୀତ

ଭୁବନେଶ୍ୱର, ୧୯।୩(ବ୍ୟୁରୋ)

୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମୋଟ ୧୨୭୮ କୋଟି ୫୧ଲକ୍ଷ ୩୧ ହଜାର ଟଙ୍କା ଏବଂ ଅବକାରୀ ବିଭାଗର ୧୨୮କୋଟି ୬୦ ଲକ୍ଷ ୭୮ ହଜାର ଟଙ୍କା ଖର୍ଚ୍ଚଦାବି ଶୁକ୍ରବାର ବିଧାନସଭାରେ ଗୃହୀତ ହୋଇଛି। ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଗୃହରେ ଖର୍ଚ୍ଚଦାବି ଆଗତ କରିବା ପରେ ଏହାକୁ ଭାଜପା ଓ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଥିବାବେଳେ ଶାସକ ବିଜେଡି ପକ୍ଷରୁ ସମର୍ଥନ କରାଯିବା ସହ କିଛି ପ୍ରସ୍ତାବ ରଖାଯାଇଥିଲା। ବିଭାଗୀୟ ମନ୍ତ୍ରୀଙ୍କ ଉତ୍ତର ପରିପ୍ରେକ୍ଷୀରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଦୁଇଟି ବିଭାଗର ଖର୍ଚ୍ଚଦାବିକୁ ଗୃହର ମତାମତ ନେଇ ଗୃହୀତ କରାଇଛନ୍ତି।

ଅପରାହ୍ନରେ ସର୍ବଦଳୀୟ ବୈଠକ ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ଏହା ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଏବଂ ଅବକାରୀ ବିଭାଗର ଖର୍ଚ୍ଚଦାବି ଉପରେ ଆଲୋଚନା ହୋଇଥିଲା। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଆଲୋଚନା ଆରମ୍ଭ କରି କହିଥିଲେ ଯେ ସରକାର ଓ ରାଜ୍ୟ ପାଇଁ ରାଜସ୍ୱ ବିଭାଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହେଲେ ରାଜସ୍ୱ ବିଭାଗରେ ସବୁବେଳେ ଅପାରଗତା ଦେଖାଯାଉଛି। ସୀମାନ୍ତବର୍ତ୍ତୀ ଅଞ୍ଚଳରେ ସମସ୍ୟା ସମାଧାନ କରିବା ଦିଗରେ ବିଭାଗ ଗୁରୁତ୍ୱ ଦେଉନାହିଁ। ଏହି ସମସ୍ୟାର ସମାଧାନ ହେବା ପରିବର୍ତ୍ତେ ଜଟିଳତା ସୃଷ୍ଟି ହେଉଛି। ଓଡ଼ିଶାର କୋଟିଆରେ ଆନ୍ଧ୍ର ପଞ୍ଚାୟତ ନିର୍ବାଚନ କଲା, ହେଲେ ତାହା ଆମେ ଜାଣିପାରିଲୁ ନାହିଁ। ଏହା ବିଭାଗର ବଡ଼ ଅପାରଗତା। ରାଜସ୍ୱ ବିଭାଗର ଅପାରଗତା ଅକ୍ଷମଣୀୟ। ଆଗୁଆ ପଦକ୍ଷେପ ନ ନେଲେ କୋଟିଆ ଭଳି ୧୦୦ଟି ଗାଁ ଓଡ଼ିଶାର ଭୌଗୋଳିକ ମାନଚିତ୍ରରୁ ଅପସରି ଯିବ। ସେହିପରି ଲଘୁଖଣିଜ ପଦାର୍ଥରେ ୨୦୦ କୋଟି ଟଙ୍କାର ରାଜସ୍ୱ ମିଳୁଥିବାବେଳେ ୧୦ହଜାର କୋଟି ଟଙ୍କା ହରାଇବାକୁ ପଡୁଛି। ହେଲେ ଏହାକୁ ବିଚାର କରାଯାଉନାହିଁ। ଓଡ଼ିଶାରୁ ବିଭିନ୍ନ ରାଜ୍ୟକୁ ବାଲି ଓ ଲଘୁଖଣିଜ ଦ୍ରବ୍ୟ ଚୋରାଚାଲାଣ ହେଉଛି। ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ।

ଶାସକ ଦଳ ସଦସ୍ୟ ଅମର ପ୍ରସାଦ ଶତପଥୀ ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ, ଆଧୁନିକ ଜ୍ଞାନକୌଶଳର ବ୍ୟବହାର କରାଯାଇ ବ୍ୟବସ୍ଥାରେ ସୁଦୃଢ଼ୀକରଣ କରାଯାଉଛି। ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ପ୍ରଶଂସିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ମହାମାରୀର ସଫଳ ମୁକାବିଲା କରାଯାଇପାରିଛି। ତେବେ ସୀମା ସୁରକ୍ଷା ଆମର ମୁଖ୍ୟ କାମ ବୋଲି ସେ କହିଥିଲେ। ଏହାସହ ଶିଳ୍ପାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ବହୁ ପରିମାଣର ଜମି ନେଇଥିବାବେଳେ ବ୍ୟବହାର ନ କରି ତାହା ପକାଇ ରଖିଛନ୍ତି। ଅବ୍ୟବହୃତ ଜମିର ଆକଳନ କରାଯାଇ ଜବରଦଖଲମୁକ୍ତ କରି ବିଭାଗ ଅଧୀନକୁ ଏହାକୁ ଅଣାଯାଇପାରିବ ବୋଲି ଶତପଥୀ ମତ ଦେଇଥିଲେ। ସେହିପରି ଅବକାରୀ ବିଭାଗ ଆର୍ଥିକ ବ୍ୟବସ୍ଥାରେ ସହାୟକ ହୋଇଛି। ହେଲେ ବେଆଇନ କାରବାରକୁ ରୋକିବା ପାଇଁ ଚଢ଼ଉ କରାଯାଉନି। ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି। ଏହା ଉପରେ ଦୃଷ୍ଟି ଦିଆଯିବାର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ହସ୍ପିଟାଲ୍, ସ୍କୁଲ୍, ରାସ୍ତାକଡ଼ରେ ମଦ ଦୋକାନ ହେବାନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। ରାଜସ୍ୱ ବଢ଼ାଇବା ସହ ନ୍ୟାୟ ପ୍ରଦାନ ଦିଗରେ ଏହି ଦୁଇଟି ବିଭାଗ ସାହାଯ୍ୟ କରିବ ବୋଲି ସେ କହିଥିଲେ। ବିଜେଡି ସଭ୍ୟ ମନୋହର ରନ୍ଧାରୀ ଏହି ଦୁଇଟି ବିଭାଗର ଖର୍ଚ୍ଚଦାବିକୁ ସମର୍ଥନ କରିଥିଲେ। କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ଖୋର୍ଦ୍ଧା ଜିଲା ଏବଂ ଭୁବନେଶ୍ୱର ଆଖପାଖରେ ଇଡ୍‌କୋ ୧୦ହଜାର ଏକର ଜମି ବିକ୍ରି କରିଥିବାର ଅଭିଯୋଗ କରିଥିଲେ। ଏହା ବିରୋଧରେ ସିବିଆଇ କିମ୍ବା ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ସେ ଦାବି କରିଥିଲେ। ଏହାଛଡ଼ା ସ୍ଥିତିବାନ ସମ୍ପତ୍ତିକୁ ଜଗନ୍ନାଥଙ୍କ ନାଁରେ କରାଯାଇଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ତୁରନ୍ତ ବୈଠକ କରି ଜମି ଫେରାଇବାକୁ ତୁରାନ୍ତ ନିଷ୍ପତ୍ତି ନିଆଯାଉ ବୋଲି ସେ ଦାବି କରିଥିଲେ। ଲିଙ୍ଗରାଜ ଓ ଜଗନ୍ନାଥଙ୍କ ସମ୍ପତ୍ତି କିଏ ହାତେଇଛି, ତାହାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିବା ସହ ବାଲି, ପଥର ଆଦି ଚୋରା ଚାଲାଣ ରୋକିବାକୁ ନିୟମ କଡ଼ାକଡ଼ି କରାଯିବା ଦରକାର ବୋଲି ସେ ମତ ରଖିଥିଲେ। ସେହିଭଳି ଅବକାରୀ ବିଭାଗର ଖର୍ଚ୍ଚଦାବିକୁ ବିରୋଧ କରିବା ସହ ଚାରିଆଡ଼େ ମଦ, ବ୍ରାଉନ୍‌ସୁଗାରର ଅବାଧ କାରବାର ରୋକିବା ପାଇଁ ସ୍କ୍ୱାଡ୍ ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ। ଶାସକ ଦଳ ସଦସ୍ୟ ଲତିକା ପ୍ରଧାନ, ଧ୍ରୁବଚରଣ ସାହୁ ଦୁଇଟି ଯାକ ବିଭାଗର ଖର୍ଚ୍ଚଦାବିକୁ ସମର୍ଥନ କରିଥିବାବେଳେ ଭାଜପା ସଦସ୍ୟ ବିଷ୍ଣୁଚରଣ ସେଠୀ ଓ କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ବିରୋଧ କରିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ଉତ୍ତରରେ କହିଥିଲେ ଯେ ବିଭାଗ ତରଫରୁ ଚଳିତବର୍ଷ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।




କଟକ ଏସ୍‌ସିବି ପବ୍ଲିକ ସ୍କୁଲ୍‌କୁ ଡିଏଭି ସହ ମିଶ୍ରଣକୁ ବିରୋଧ କରି ଓଡ଼ିଶା ଅଭିଭାବକ ମହାସଂଘ ଓ ଉକ୍ତ ସ୍କୁଲ୍‌ର ଅଭିଭାବକମାନେ ଶୁକ୍ରବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ କରୁଛନ୍ତି।

# ଓପିଜିସି ୪ ୟୁନିଟ୍ କାର୍ଯ୍ୟକ୍ଷମ ରହିଛି: ଶକ୍ତି ମନ୍ତ୍ରୀ

ଭୁବନେଶ୍ୱର, ୧୯।୩(ବ୍ୟୁରୋ)

ଓପିଜିସିର ୧୭୪୦ ମେଗାୱାଟ କ୍ଷମତା ବିଶିଷ୍ଟ ୪ଟି ୟୁନିଟ୍ କାର୍ଯ୍ୟକ୍ଷମ ଅଛି। ୧ ଓ ୨ ୟୁନିଟ୍‌ର କ୍ଷମତା ୪୨୦ ମେଗାୱାଟ ଥିବା ବେଳେ ସେଥିରୁ ହାରାହାରି ୩୫୦ ମେଗାୱାଟ ଉତ୍ପାଦନ ହେଉଛି। ସେହିପରି ୩ ଓ ୪ ୟୁନିଟ୍‌ର କ୍ଷମତା ୧୩୨୦ ମେଗାୱାଟ ଥିବାବେଳେ ସେଥିରୁ ହାରାହାରି ୧୦୦୦ ୟୁନିଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେଉଛି। ଓପିଜିସି ଅଧୀନ ସମସ୍ତ ତାପଜ ବିଦ୍ୟୁତ୍ ୟୁନିଟ୍ ଉତ୍ପାଦନକ୍ଷମ ରହିଛି। ନିମ୍ନମାନର କୋଇଲା ଯୋଗୁ ପାଉଁଶ ୟୁନିଟ୍- ୩ର ହପର ମଧ୍ୟରେ ଜମିଯାଇଥିଲା। ପାଉଁଶ ନିଷ୍କାସନ ପ୍ରଣାଳୀରେ ବାଧାପ୍ରାପ୍ତ ହେବା ଦ୍ୱାରା ହପର ମଧ୍ୟରେ ପାଉଁଶର ସ୍ତର ବଢ଼ିଯିବାରୁ ଇଏସ୍‌ପିର ପାସ୍-ସି'ର ଷ୍ଟ୍ରକ୍ଚର ଭାଙ୍ଗିଯାଇଥିଲା। ଆଖପାଖ କିଛି ଷ୍ଟ୍ରକ୍ଚର ବଙ୍କା ହୋଇଯାଇଥିଲା। ଏହାକୁ ବାଦ୍ ଦେଇ ୟୁନିଟ୍ ୩ରୁ ସର୍ବାଧିକ ୪୦୦ରୁ ୫୦୦ ୟୁନିଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେଉଛି। ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଶୁକ୍ରବାର କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜାଙ୍କ ମୂଳ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ସାଲୁଜା ଅଭିଯୋଗ କଲେ ଯେ ଓପିଜିସିରେ ଦୁର୍ନୀତି ହୋଇଛି। ୟୁନିଟ୍-୩ ଦୁର୍ଘଟଣାରେ ୨ରୁ ୩ ଜଣ ଶ୍ରମିକ ମରିଛନ୍ତି। ଉକ୍ତ ୟୁନିଟ୍ ନିର୍ମାଣ ପାଇଁ ବିଆରଜି କମ୍ପାନୀକୁ ଟେଣ୍ଡର ଦିଆଯାଇଥିଲା। ମାତ୍ର ୩ ମାସ ପରେ ଦୁର୍ଘଟଣା ହେଲା। ଏହାର ମରାମତି ପାଇଁ ଓପିଜିସି ରାଜ୍ୟ ସରକାରଙ୍କୁ ୫୦୦ କୋଟି ଟଙ୍କା ମାଗିଥିବା ମନ୍ତ୍ରୀ ଜାଣନ୍ତି କି ବୋଲି ପ୍ରଶ୍ନ କରିଛନ୍ତି। ମନ୍ତ୍ରୀ କହିଛନ୍ତି, ନିମ୍ନମାନର କାର୍ଯ୍ୟ ଓ ବହୁ ପରିମାଣର ଦୁର୍ନୀତି ହେବା ସରକାରଙ୍କ ଦୃଷ୍ଟିକୁ ଆସି ନାହିଁ।

# ୮ ଜାତୀୟ, ଅନ୍ତର୍ଜାତୀୟ ଖେଳ ପାଇଁ ଖର୍ଚ୍ଚ ୧୮୨ କୋଟି

ଭୁବନେଶ୍ୱର, ୧୯।୩(ବ୍ୟୁରୋ)

ରାଜ୍ୟ ସରକାର ୨୦୧୭ରୁ ୨୦୨୦ ମଧ୍ୟରେ ୮ଟି ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କରି ୧୮୨ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଏକ ଲିଖିତ ପ୍ରଶ୍ନର ଉତ୍ତରରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଶୁକ୍ରବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ୨୦୧୮ ହକି ବିଶ୍ୱକପ ପାଇଁ ୬୬.୯୮ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ୨୦୧୭ରେ ହୋଇଥିବା ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ ପାଇଁ ୫୪.୯୮ କୋଟି, ଖେଲୋ ଇଣ୍ଡିଆ ୟୁନିଭରସିଟି ଗେମ୍ସ-୨୦୨୦ ପାଇଁ ୨୮.୨୨ କୋଟି, ଓଡ଼ିଶା ପୁରୁଷ ହକି ୱାର୍ଲଡ ଲିଗ୍-୨୦୧୭ ପାଇଁ ୧୦.୪୩ କୋଟି, ଏଫ୍‌ଆଇଏଚ ହକି ପ୍ରୋ ଲିଗ୍-୨୦୨୦ ପାଇଁ ୯.୩୦ କୋଟି, ଏଫ୍‌ଆଇଏଚ ହକି ଅଲିମ୍ପିକ କ୍ୱାଲିଫାୟର (ମହିଳା ଓ ପୁରୁଷ)-୨୦୧୯ ପାଇଁ ୭.୮୩ କୋଟି ଏବଂ କମନୱେଲଥ ଟେବୁଲ ଟେନିସ ଚାମ୍ପିୟନଶିପ-୨୦୧୯ ପାଇଁ ୪.୧୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ରାଜ୍ୟ ସରକାର ଏଥିପାଇଁ ବିଜ୍ଞାପନ ବାବଦରେ ୧୧.୮୩ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ବିଶ୍ୱକପ ଆୟୋଜନ ପାଇଁ ରାଜ୍ୟ ସରକାର ୬୬.୯୮ କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ ଆୟୋଜକ ଅଂଶୀଦାର ଭାବେ ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ ଓ ହକି ଇଣ୍ଡିଆକୁ ୨୫ କୋଟି ଟଙ୍କା ପ୍ରଦାନ କରିଛନ୍ତି। ବିଶ୍ୱକପ ପାଇଁ ୮୨.୫୦ କୋଟି ଟଙ୍କା ବଜେଟରେ ବ୍ୟୟବରାଦ କରାଯାଇଥିଲା। ୨୨ତମ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ ପାଇଁ କଳିଙ୍ଗ ଷ୍ଟାଡିୟମ୍‌ରେ ଭିତ୍ତିଭୂମି ନିର୍ମାଣ ସକାଶେ ୨୩.୩୯ କୋଟି ବ୍ୟୟ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଫଳ ବାହାରିଲେ ୯୮୧ କନିଷ୍ଠ ରାଜସ୍ୱ ସହାୟକ ନିଯୁକ୍ତି

ଭୁବନେଶ୍ୱର, ୧୯।୩(ବ୍ୟୁରୋ)

ରାଜ୍ୟରେ ୨୨୭୯ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) କାର୍ଯ୍ୟାଳୟ ଥିବାବେଳେ ବହୁ ଆର୍‌ଆଇ, ଅମିନ ଓ ଅନ୍ୟାନ୍ୟ ପଦବୀ ଖାଲିପଡିଛି। ତହସିଲଦାର, ଅତିରିକ୍ତ ତହସିଲଦାର, ଆର୍‌ଆଇ, ଏଆର୍‌ଆଇ ଓ ଅମିନ ପଦବୀଗୁଡ଼ିକୁ ଚୟନ ଓ ପଦୋନ୍ନତି ଭିତ୍ତିରେ ପୂରଣ ଲାଗି ପ୍ରକ୍ରିୟା ଚାଲିଥିବା ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି। ବିଧାୟକ ଶଙ୍କର ଓରାମଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜସ୍ୱ ମନ୍ତ୍ରୀ କହିଛନ୍ତି, ପଦବୀଗୁଡ଼ିକ ପୂରଣ ନିମନ୍ତେ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଅନୁମୋଦନ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ୯୮୧ କନିଷ୍ଠ ଆର୍‌ଆଇ ପଦବୀ ପୂରଣ ନିମନ୍ତେ କର୍ମଚାରୀ ଚୟନ ଆୟୋଗ, ଭୁବନେଶ୍ୱର ତରଫରୁ ୨୦୧୯ ଡିସେମ୍ବର ୨୨ରେ ଲିଖିତ ପରୀକ୍ଷା କରାଯାଇଥିଲା। ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ କନିଷ୍ଠ ଆର୍‌ଆଇ ପଦବୀରେ ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ପାୱାର ବ୍ୟାଙ୍କିଙ୍ଗରେ ବଳକା ବିଦ୍ୟୁତ୍ ବିନିଯୋଗ ସମ୍ଭାବନା କମ୍

ଭୁବନେଶ୍ୱର, ୧୯।୩(ବ୍ୟୁରୋ)

ଗ୍ରୀଡ୍‌କୋ ଠାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ୨୦୨୧-୨୨ ଆର୍ଥିକ ବର୍ଷରେ ବିଭିନ୍ନ ସୂତ୍ରରୁ ପିକ୍ ସମୟରେ ସର୍ବୋଚ୍ଚ ୪୪୯୭ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯିବାର ଆକଳନ କରାଯାଇଛି। ସେଥିମଧ୍ୟରୁ ୨୫୬୨ ମେଗାୱାଟ୍ ତାପଜ ବିଦ୍ୟୁତ୍, ୧୭୬୮ ମେଗାୱାଟ୍ ଜଳ ବିଦ୍ୟୁତ୍ ଓ ୧୬୭ ମେଗାୱାଟ୍ ସବୁଜ ଏବଂ ଅଣ ପାରମ୍ପରିକ ଉତ୍ସରୁ ଉପଲବ୍ଧ ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ବିଧାୟକ ମୋହନ ଚରଣ ମାଝି ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି, ପିକ୍ ସମୟକୁ ବାଦ୍ ଦେଇ ଅନ୍ୟ ସମୟରେ ଉପଲବ୍ଧ ହେଉଥିବା ବଳକା ବିଦ୍ୟୁତ୍‌କୁ ପାୱାର ଏକ୍ସଚେଞ୍ଜ ଓ ଦ୍ୱି-ପାକ୍ଷିକ ବ୍ୟବସ୍ଥାରେ ବିକ୍ରୟ କରିବା ନିମନ୍ତେ ଗ୍ରୀଡ୍‌କୋ ପଦକ୍ଷେପ ନେଇଥାଏ। ତେବେ ପାୱାର ବ୍ୟାଙ୍କିଙ୍ଗରେ ବଳକା ବିଦ୍ୟୁତ୍ ଶକ୍ତିର ବିନିଯୋଗ କରିବାର ସମ୍ଭାବନା କମ୍ ଅଛି। ବଳକା ବିଦ୍ୟୁତ୍ ବିକ୍ରି ଦ୍ୱାରା ଉପଲବ୍ଧ ହେଉଥିବା ଅର୍ଥ ଗ୍ରୀଡ୍‌କୋର ଆର୍ଥିକ ଭାର୍ ଲାଘବ କରିବାରେ ବିନିଯୋଗ ହୋଇଥାଏ ବୋଲି ମନ୍ତ୍ରୀ କହିଛନ୍ତି।

# ବଜ୍ରପାତ: ୩ ବର୍ଷରେ ଗଲାଣି ୯୭୧ ଜୀବନ

## ମୟୂରଭଞ୍ଜରେ ସର୍ବାଧିକ

ଭୁବନେଶ୍ୱର, ୧୯।୩(ବ୍ୟୁରୋ)



ରାଜ୍ୟରେ ଗତ ୩ ବର୍ଷରେ ବଜ୍ରପାତ ୯୭୧ ଜଣଙ୍କ ଜୀବନ ନେଇଛି। ବିଜେଡି ସଭ୍ୟ ସୌଭିକ ବିଶ୍ୱାଳଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁଦାମ ମାରାଣ୍ଡି ଶୁକ୍ରବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ୨୦୧୮-୧୯ରୁ ୨୦୨୦-୨୧ ମଧ୍ୟରେ ରାଜ୍ୟରେ ବଜ୍ରପାତ ଯୋଗୁ ୯୭୧ ଜଣଙ୍କର ମୃତ୍ୟୁ ହୋଇଛି। ୨୦୧୮ରେ ୩୪୦, ୨୦୧୯-୨୦ରେ ୩୫୭ ଏବଂ ୨୦୨୦-୨୧ରେ ଏ ପର୍ଯ୍ୟନ୍ତ ୨୭୪ ଜଣଙ୍କର ମୃତ୍ୟୁ ହୋଇଛି। ମୟୂରଭଞ୍ଜ ଜିଲାରେ ସର୍ବାଧିକ ୯୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଗଞ୍ଜାମ ୭୫, କେନ୍ଦୁଝର ୭୧, ବାଲେଶ୍ୱର ୬୩, ସୁନ୍ଦରଗଡ଼ ୫୨, ନବରଙ୍ଗପୁର ୪୭, ଢେଙ୍କାନାଳ ୪୬ ଏବଂ କଟକ ଜିଲାରେ ୪୪ ଜଣଙ୍କର ମୃତ୍ୟୁ ହୋଇଛି। ଗଜପତି ଜିଲାରେ ସର୍ବନିମ୍ନ ୬ଜଣଙ୍କର ବଜ୍ରପାତ ଯୋଗୁ ମୃତ୍ୟୁ ହୋଇଛି। ସେହିପରି ଗତ ୩ ବର୍ଷରେ ଅନୁଗୋଳ ଜିଲାରେ ୩୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନୁଗୋଳ ୨୭, ଭଦ୍ରକ ୨୧, ବୌଦ୍ଧ ୭, ଦେବଗଡ଼ ୧୦, ଜଗତ୍‌ସିଂହପୁର ୧୩, ଯାଜପୁର ୩୪, ଝାରସୁଗୁଡ଼ା ୧୪, କଳାହାଣ୍ଡି ୨୬, କନ୍ଧମାଳ ୧୧, କେନ୍ଦ୍ରାପଡ଼ା ୩୬, ଖୋର୍ଦ୍ଧା ୩୨, କୋରାପୁଟ ୪୧ ଏବଂ ମାଲକାନଗିରିରେ ୧୪, ନୟାଗଡ଼ ୧୬, ନୂଆପଡ଼ା ୧୨, ପୁରୀ ୨୨, ରାୟଗଡ଼ା ୨୦, ସମ୍ବଲପୁର ୨୧ ଏବଂ ସୋନପୁର ଜିଲାରେ ୧୪ ଜଣଙ୍କର ପ୍ରାଣହାନି ହୋଇଛି। କେବଳ ମୃତ୍ୟୁ ନୁହେଁ ବଜ୍ରପାତରେ ୧୬ ଜିଲାରେ ୫୦ ଜଣ ଆହତ ହୋଇଛନ୍ତି। ବଜ୍ରପାତରୁ ରକ୍ଷା ପାଇବା ପାଇଁ ରାଜ୍ୟ ସରକାର ଆନ୍ତର୍ଜାତିକ ସଂସ୍ଥା ଆର୍ଥ ନେଟ୍‌ୱର୍କ ସହ ବୁଝାମଣାପତ୍ର କରିଛନ୍ତି। ଏହି ସଂସ୍ଥା ଦ୍ୱାରା ରାଜ୍ୟର ୮ଟି ସ୍ଥାନରେ ବଜ୍ରପାତ ପ୍ରାକ୍ ସୂଚନା ସେନ୍‌ସର ସ୍ଥାପନ କରାଯାଇଛି। ସେହି ସ୍ଥାନଗୁଡ଼ିକ ହେଲା କେନ୍ଦୁଝର, ବଲାଙ୍ଗୀର, ବ୍ରହ୍ମପୁର, ଜୟପୁର, ରାଉରକେଲା, ଭୁବନେଶ୍ୱର, କଟକ ଓ ପାଣିକୋଇଲି। ଏହାଦ୍ୱାରା ୨୦୦ରୁ ୨୫୦ କି.ମି. ଦୂରରୁ ବଜ୍ରପାତକୁ ଠାବ କରି ସୂଚନା ପ୍ରଦାନ କରାଯାଇ ପାରିବ। ଏହି ସୂଚନା ପାଇବା ପରେ ତୁରନ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ବାର୍ତ୍ତା ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଧାନ କିଣାକୁ ନେଇ ...

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଭାଜପା ବିଧାୟକଙ୍କ ନବୀନ ନିବାସରେ ଆଲୋଚନା ପରେ ଗୃହ ସ୍ୱାଭାବିକ ହେବ ବୋଲି ଅନୁମାନ କରାଯାଉଥିଲା। ସର୍ବଦଳୀୟ ବୈଠକ ନିଷ୍ପତ୍ତି ଘୋଷଣା ପରେ ଶୁକ୍ରବାର ପ୍ରଶ୍ନକାଳ ମଧ୍ୟ ଠିକ୍‌ଠାକ ଚାଲିଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଧାନ ଉଠାଣ ସମ୍ପର୍କରେ ନିଆଯାଇଥିବା ପଦକ୍ଷେପ ଉପରେ ବିବୃତି ଦେଇଥିଲେ। ପୁରୁଣା କଥାକୁ ଦୋହରାଯାଇଥିବା ଅଭିଯୋଗ କରି ବିରୋଧୀ ଦଳ ଭାଜପା ଓ କଂଗ୍ରେସର ସଦସ୍ୟମାନେ ପୁଣି ତାତିଲେ। ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲିଯାଇଥିଲେ। ବିରୋଧୀ ଦଳ ସଦସ୍ୟମାନଙ୍କୁ ଗୃହକୁ ଡାକି ଆଣିବାକୁ ବାଚସ୍ପତି ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଓ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କୁ ନିର୍ଦ୍ଦେଶ ଦେଇଥିଲେ। କଂଗ୍ରେସ ଓ ଭାଜପା ସଦସ୍ୟମାନେ ଗୃହକୁ ଫେରିଥିଲେ।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଭାଜପାର ନବୀନ ନିବାସ ଗସ୍ତକୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ଧାନକିଣା ହେଉଛି ଗୋଟିଏ ବିଷୟ। ଯେଉଁଥିପାଇଁ ଗତ ୬ ଦିନ ଧରି ବିଧାନସଭା ଅଚଳ ରହିଥିଲା। ଗୃହରେ ମନ୍ତ୍ରୀ ଆଜି ଯେଉଁ ଉତ୍ତର ଦେଇଛନ୍ତି ତାହା ପୂର୍ବରୁ ଦେଇଥିବା ବିବୃତି ସହ ସମାନ। ସମସ୍ତ ଚାଷୀଙ୍କ ଧାନ କିଣା ନେଇ ମନ୍ତ୍ରୀ ଗୃହରେ କିଛି ନୂଆ କଥା କହିନାହାନ୍ତି। ଗୃହର ଅଚଳାବସ୍ଥା ଦୂର ହେବ କେମିତି। ଗୁରୁବାର ସର୍ବଦଳୀୟ ବୈଠକରେ ଯାହା ନିଷ୍ପତ୍ତି ହେଲା ତାହା ପାଳନ କରାଗଲା ନାହିଁ। ଏ ପବିତ୍ର ଗୃହକୁ ଧୋକା ଦିଆଯାଇଛି। ଗୁରୁବାର ଏଠାରେ ଏକ ଡ୍ରାମା ଦେଖିବାକୁ ମିଳିଲା। ଗଣମାଧ୍ୟମରୁ ଜାଣିବାକୁ ପାଇଲୁ ବିରୋଧୀ ଦଳ ନେତା ଗୃହର ନେତାଙ୍କୁ ଖୋଜିବାକୁ ସଚିବାଳୟଠାରୁ ଆରମ୍ଭ କରି ବାହାଘର ବରାତ ନେଇ ଗଲାଭଳି ନବୀନ ନିବାସ ଯାଇଥିଲେ। ସେମାନଙ୍କୁ ସୁରକ୍ଷା ଦେବା ଲାଗି ବିଜେଡି ସଦସ୍ୟମାନେ ତାଙ୍କ ପଛରେ ଯାଇଥିଲେ। ବିରୋଧୀ ଦଳ ନେତା ଓ ତାଙ୍କ ଦଳର ସଦସ୍ୟମାନଙ୍କୁ ବିଜେଡିର ମହିଳା ସଦସ୍ୟମାନେ ବରଯାତ୍ରୀଙ୍କୁ ସ୍ୱାଗତ କରାଗଲା ଭଳି ଫୁଲ, ଚନ୍ଦନ ଦେଇ ସ୍ୱାଗତ କଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କୁ ପାଛୋଟି ନେଇଥିଲେ। ସେଠାରେ ଆପ୍ୟାୟିତ କରାଯାଇଥିଲା। ପୂର୍ବରୁ ଏ ନେଇ ସମସ୍ତ ଯୋଜନା କରାଯାଇଥିଲା। ସେଠାରୁ ଫେରି ବିରୋଧୀ ଦଳ ନେତା ଗଣମାଧ୍ୟମକୁ କହିଲେ, ସମସ୍ତ ଚାଷୀଙ୍କଠାରୁ ଧାନ କିଣିବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଗୁରୁବାରର ଘଟଣା ସତେଯେମିତି ସିରିଏଲ ଦେଖିବା ଭଳି ଲାଗିଲା। ଲୋକମାନଙ୍କ ପାଇଁ ମଧ୍ୟ ଏହା ଆମୋଦପ୍ରମୋଦର ଖୋରାକ ଯୋଗାଇଥିଲା। ଚାଷୀଙ୍କ ପାଇଁ ଦରଦ ନୁହେଁ ଭାଜପାର ଏହା ଏକ ପ୍ରହସନ ଥିଲା। ବଲାଙ୍ଗୀରରେ ୪୦୦ ଭୂତଚାଷୀ ଧାନ ବିକିଥିବା କଥା କହୁଛନ୍ତି। ସେମାନଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ମୁଖ୍ୟମନ୍ତ୍ରୀ ସର୍ବଦଳୀୟ ବୈଠକ ଡାକିଲେ, ନିଜେ ଆସିଲେ ନାହିଁ। ବୈଠକରେ ଯାହା ନିଷ୍ପତ୍ତି ହେଲା ତାହା ପାଳନ ହେଲା ନାହିଁ ବୋଲି ନରସିଂହ ଅଭିଯୋଗ କଲେ। ଏହି ସମୟରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା, ରମେଶ ଚନ୍ଦ୍ର ଜେନାଙ୍କ ସମେତ ଅନ୍ୟ ସଦସ୍ୟମାନେ ହୋହଲ୍ଲା କରିଥିଲେ। ଚାଷୀ ଧାନ କିଣି ପାରୁନ। ଭାଜପାବାଲାଙ୍କୁ ଫୁଲ, ଚନ୍ଦନ ଦେଇ ସଜେଇ ହଉଛ ବୋଲି ସୁରେଶ ରାଉତରାୟ ଶାସକ ଦଳକୁ କଟାକ୍ଷ କରିଥିଲେ। ବାଚସ୍ପତି ଶୂନ୍ୟକାଳର ୯୦% ସମୟ ନେଇଥିବାରୁ ନରସିଂହଙ୍କୁ ବସିଯିବାକୁ କହିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ନରସିଂହ ଗୃହର ମଧ୍ୟଭାଗକୁ ଆସି ଚେୟାରରେ ବସିଲେ। ଅନ୍ୟ ସଦସ୍ୟମାନେ ତାଙ୍କ ନିକଟରେ ଛିଡ଼ା ହୋଇ ହୋହଲ୍ଲା କଲେ।

ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଲେ, ଗୁରୁବାର ମୁଖ୍ୟମନ୍ତ୍ରୀ ବିରୋଧୀ ଦଳ ନେତା ଓ ଭାଜପାର ଅନ୍ୟ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ସମସ୍ୟାର ସମାଧାନ ପାଇଁ ସର୍ବଦଳୀୟ ବୈଠକ ଡାକିବାକୁ ବାଚସ୍ପତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ନିଜେ ବୈଠକରେ ଯୋଗଦେବେ ବୋଲି କହି ନ ଥିଲେ। ଏହାପରେ ବାଚସ୍ପତି ବିରୋଧୀ ଦଳ ନେତାଙ୍କୁ କହିବାକୁ ସୁଯୋଗ ଦେଲେ। ପ୍ରଦୀପ୍ତ କହିଲେ, ଗତ ୬ ଦିନ ଧରି ଗୃହ ଚାଲିପାରିଲା ନାହିଁ। ଅଚଳ ରହିବା ପଛରେ ଶାସକ ଦଳ ଦାୟୀ। ମୁଖ୍ୟମନ୍ତ୍ରୀ ବରମୁଣ୍ଡା ବସ୍‌ଷ୍ଟାଣ୍ଡର ନକ୍ସା ଦେଖିବାକୁ ଯାଇପାରୁଛନ୍ତି। ରାଉରକେଲା, ସୁନ୍ଦରଗଡ଼, କଳାହାଣ୍ଡି, ନୂଆପଡ଼ା ଯାଇ ପାରୁଛନ୍ତି, ବିଧାନସଭାକୁ ଆସିପାରୁ ନାହାନ୍ତି। ଯେଉଁଭଳି ଭାବେ ଆମକୁ ପ୍ରତାରଣା କରାଯାଇଛି, ତାହାକୁ ମୁଁ ନିନ୍ଦା କରୁଛି। ନବୀନବାବୁ କହିଥିଲେ ସବୁ ଚାଷୀଙ୍କର ଧାନ ଉଠିବ। ଆମେ ଚାଷୀଙ୍କ ପାଇଁ ଯାଇଥିଲୁ। ସମ୍ମାନିତ ହେବାକୁ ଯାଇ ନ ଥିଲୁ। ସରକାରଙ୍କ ଜଣେ ମନ୍ତ୍ରୀ କହିଲେ, ଯିଏ ନବୀନ ନିବାସ ଆସିବେ ସେମାନେ ପାପ ଧୋଇବେ। ଆମେ ନବୀନ ନିବାସ ପ୍ରବେଶ କରିବା କଥା ନୁହେଁ। ଚାଷୀଙ୍କ ପାଇଁ ଆମେ ଯାଇଥିଲୁ। ନବୀନବାବୁଙ୍କୁ ସମ୍ମାନ ଜଣାଇ ଯାଇଥିଲୁ। ଏହି ସମୟରେ କଂଗ୍ରେସ ସଦସ୍ୟମାନେ ଭାଜପାର ଦୋମୁହାଁ ନୀତି ଚଳିବ ନାହିଁ ଚଳିବ ନାହିଁ... ସ୍ଲୋଗାନ ଦେଇଥିଲେ। ବିରୋଧୀ ଦଳ ନେତା କହିଥିଲେ, ଭାଜପା ନୁହେଁ, ବିଜେଡି ଓ କଂଗ୍ରେସ ଦୋମୁହାଁ ନୀତି ଦେଖାଉଛନ୍ତି। ପରିସ୍ଥିତି ବିଗୁଡୁଥିବା ଦେଖି ବାଚସ୍ପତି ପୁଣି ଥରେ ସର୍ବଦଳୀୟ ବୈଠକ ଡାକି ଗୃହକୁ ୧୨ଟା ୭ ମିନିଟ୍‌ରୁ ବିଭିନ୍ନ ପର୍ଯ୍ୟାୟରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ସର୍ବଦଳୀୟ ବୈଠକ ସଫଳ ହେବା ପରେ ଅପରାହ୍ନରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଖର୍ଚ୍ଚଦାବି ଆଲୋଚନା ହୋଇଥିଲା।

### ପଞ୍ଜୀକୃତ ଚାଷୀ ଧାନକିଣାରୁ ...

୫୧.୭୩ ଲକ୍ଷ ମେଟ୍ରିକ ଟନ୍ ଧାନ କ୍ରୟ କରାଯାଇଥିଲା। ଗତ ଖରିଫଠାରୁ ବର୍ତ୍ତମାନର ଧାନ କ୍ରୟ ୧୮ ପ୍ରତିଶତ ଅଧିକ ରହିଛି। ଚଳିତ ଖରିଫ୍‌ରେ ରାଜ୍ୟର ୧୧.୫୦ ଲକ୍ଷ ଚାଷୀ ସରକାରଙ୍କୁ ଧାନ ବିକ୍ରି କରିଛନ୍ତି। ଗତବର୍ଷ ଏହି ସମୟ ସୁଦ୍ଧା ୯.୩୦ ଲକ୍ଷ ଚାଷୀ ଧାନ ବିକ୍ରି କରିଥିଲେ। ୨୦୧୭-୧୮ରେ ୫୧.୫୬ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଥିବା ବେଳେ ୨୦୧୮-୧୯ରେ ୫୧.୫୬ ଏବଂ ୨୦୧୯-୨୦ରେ ୫୩.୩୧ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଥିଲା।

ବଲାଙ୍ଗୀର ଜିଲାର ୪ ପ୍ରାଥମିକ କୃଷି ସମବାୟ ସମିତି ଏବଂ ଗୋଟିଏ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଜରିଆରେ ଧାନ କ୍ରୟ କେନ୍ଦ୍ର ଚାଲୁ କରାଯାଇ ୫୦ ଜଣ ଚାଷୀଙ୍କଠାରୁ ୨୬୩୬.୦୬ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ଟୋକନ ଅବଧି ସରିଯାଇଥିବା ୪୫୦ ଚାଷୀଙ୍କ ଅନୁସନ୍ଧାନ ଚାଲୁରହିଛି। ବଲାଙ୍ଗୀରର ପ୍ରାୟ ୪୦୦ ନକଲି ଚାଷୀଙ୍କ ସମ୍ପର୍କରେ ଅନୁସନ୍ଧାନ ଜାରିରହିଛି। କାର୍ଯ୍ୟରେ ଅବହେଳା ପାଇଁ ୧୦୦ ଜଣ ପ୍ୟାକ୍ସ ସମ୍ପାଦକ ଓ ଅନ୍ୟ ଜଣେ କର୍ମକର୍ତ୍ତାଙ୍କୁ ନିଲମ୍ବିତ କରାଯାଇଛି। ଏହାଛଡ଼ା ୭ ଜଣ କର୍ମଚାରୀଙ୍କୁ ବହିଷ୍କାର କରାଯାଇଛି। ପଦମପୁର ଆରଏମ୍‌ସି ସମ୍ପାଦକଙ୍କୁ ନିଲମ୍ବିତ କରାଯାଇଥିବାବେଳେ ତାଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରାଯାଇଛି। ସେହିପରି ଚାନ୍ଦବାଲି ଆରଏମ୍‌ସି ସମ୍ପାଦକଙ୍କୁ ନିଲମ୍ବିତ କରାଯିବା ସହ ତାଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରାଯାଇଛି। ଗଜପତି ଓ ଭଦ୍ରକ ଜିଲାରେ ଦୁଇଜଣ ନକଲି ଚାଷୀଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରାଯାଇଛି। ଯଦି କୌଣସି ପଞ୍ଜୀକୃତ ଚାଷୀ ଧାନ ବିକ୍ରୟ କରିବାର ସୁଯୋଗରୁ ବଞ୍ଚିତ ହୋଇଥିବା ସଦସ୍ୟଙ୍କ ଦୃଷ୍ଟିକୁ ଆସନ୍ତି ତା'ର ତାଲିକା ଦେଲେ ସେ ବାବଦରେ ତଦନ୍ତ କରି ଧାନ ଉଠାଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ମନ୍ତ୍ରୀଙ୍କ ଉତ୍ତରକୁ ବିରୋଧ କରି ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲିଯାଇଥିଲେ।

**ବିଜୁ ପଟ୍ଟନାୟକ ବିଦ୍ୟାଳୟରେ କେନ୍ଦ୍ରୀୟ ଟିମ୍**

ବାଳକାଟୀ, (ଡି.ଏନ୍.ଏ.)- ବାଳକାଟୀସ୍ଥିତ ବିଜୁ ପଟ୍ଟନାୟକ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ କେନ୍ଦ୍ରୀୟ ଟିମ୍ ପରିଦର୍ଶନ କରିଛନ୍ତି। ପ୍ରଥମେ ବିଦ୍ୟାଳୟ ପରିସରରେ ଥିବା ପୋଷଣ ଉଦ୍ୟାନକୁ ଦେଖିଥିଲେ। କେନ୍ଦ୍ରୀୟ ଟିମ୍‌କୁ ପ୍ରଧାନ ଶିକ୍ଷକ ବଂଶୀଧର ମଲ୍ଲିକ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣକୁ ନେଇ ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷକମାନଙ୍କୁ ଟିମ୍ ସାଧୁବାଦ ଜଣାଇଥିଲେ। ଟିମ୍‌ରେ ଏମ୍‌ଡିଏମ୍‌ର ରାଷ୍ଟ୍ରୀୟ ନିର୍ଦ୍ଦେଶକ ବିଶୋ ପାରାକୁଲି, ଅତିରିକ୍ତ ସଚିବ ତଥା ଏମଡିଏମ୍‌ର ରାଜ୍ୟ ପ୍ରକଳ୍ପ ଅଧିକାରୀ ଗଙ୍ଗାଧର ସାହୁ ପ୍ରମୁଖ ଥିଲେ। ଏଥିସହ ବ୍ଲକ ଶିକ୍ଷାଧିକାରୀ ସ୍ୱିସ୍ତା ମିଶ୍ର, ସିଆର୍‌ସିସି ତପନ ମହାନ୍ତି, ସହକାରୀ ଶିକ୍ଷୟିତ୍ରୀ ମୀନା ସାମଲ, କଳ୍ପନା ପରିଡ଼ା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅନ୍ତର୍ଜାତୀୟ ସମ୍ମିଳନୀରେ ସମ୍ମାନିତ ହେବେ ଓଡ଼ିଶାର ପୂର୍ବତନ ବିଧାୟକ

ଭୁବନେଶ୍ୱର,୧୯।୩(ବ୍ୟୁରୋ)- ଗୋଆ ମୁକ୍ତି ସଂଗ୍ରାମର ପ୍ରମୁଖ ବିପ୍ଳବୀ ଡ. ରାମ ମନୋହର ଲୋହିଆଙ୍କ ସ୍ମୃତିରେ ଗଠିତ ହୋଇଥିବା ସର୍ବଭାରତୀୟ ସଂଗଠନ ଲୋହିଆ ରିସର୍ଚ୍ଚ ଫାଉଣ୍ଡେଶନ ପକ୍ଷରୁ ଗୋଆ ମୁକ୍ତି ସଂଗ୍ରାମର ୭୫ତମ ବାର୍ଷିକୀ ଉପଲକ୍ଷେ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜିତ ହେଉଛି। ଗୋଆର ମାଡ଼ଗାଓଁରେ ଜୁନ୍ ୧୮ ଓ ୧୯ ତାରିଖ ଦୁଇଦିନ ଧରି ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ଭାରତ ସମେତ ନେପାଳ ଓ ବାଂଲାଦେଶର ବହୁ ବରିଷ୍ଠ ସମାଜବାଦୀ ନେତା ଯୋଗଦେବେ। ଏଥିସହ ଗୋଆ ମୁକ୍ତି ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ସ୍ୱର୍ଗତ ସଂଗ୍ରାମୀ ମାନଙ୍କ ଉତ୍ତରାଧିକାରୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯିବ। ଏହି ସମାରୋହରେ ଓଡ଼ିଶାର ପୂର୍ବତନ ସମାଜବାଦୀ ନେତା ତଥା ବିଧାୟକ ସ୍ୱର୍ଗତ ନାରାୟଣ ସାହୁଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯିବ ବୋଲି ଫାଉଣ୍ଡେଶନ ଅଧକ୍ଷ ଅଭିଷେକ ରଞ୍ଜନ ସିଂ ସୂଚନା ଦେଇଛନ୍ତି। ଶୁକ୍ରବାର ଲୋହିଆ ଏକାଡେମୀରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ସମ୍ମିଳନୀରେ ଲୋହିଆ ଏକାଡେମୀର ସମ୍ପାଦକ ଦେବ ପ୍ରସାଦ ରାୟ ମହାପାତ୍ର ଉପସ୍ଥିତ ଥିଲେ।

### ରାଷ୍ଟ୍ରୀୟ ଏକତା ଶିବିରରେ ଓଡ଼ିଶାର ସ୍ୱୟଂସେବକ

ଭୁବନେଶ୍ୱର, ୧୯।୩ (ବ୍ୟୁରୋ)- ଜାତୀୟ ସେବା ଯୋଜନା ପକ୍ଷରୁ ଉତ୍ତରପ୍ରଦେଶର ବରେଲିରେ ଆୟୋଜିତ ରାଷ୍ଟ୍ରୀୟ ଏକତା ଶିବିର ଗତ ୧୦ ତାରିଖରୁ ଆରମ୍ଭ ହୋଇ ୧୬ରେ ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶା ସମେତ ୧୨ ରାଜ୍ୟର ସ୍ୱୟଂସେବକମାନେ ଅଂଶ ଗ୍ରହଣ କରିଥିଲେ। କେନ୍ଦ୍ରପଡା ଜିଲା ଜାତୀୟ ସେବା ଯୋଜନା ଅଧିକାରୀ ଡ. ପଦ୍ମଜା କବି ଶତପଥୀଙ୍କ ନେତୃତ୍ୱରେ ଯାଇଥିବା ଓଡ଼ିଶା ଦଳରେ କିଟ୍ ବିଶ୍ୱବିଦ୍ୟାଳୟର ଆକାଂକ୍ଷା କବି, ତୁଳସୀ ମହିଳା ମହାବିଦ୍ୟାଳୟ କେନ୍ଦ୍ରପଡାର ପୂର୍ଣ୍ଣିମା ପତି ଓ ସଙ୍ଗୀତା ସାହୁ, କମଳା ନେହରୁ ମହିଳା ମହାବିଦ୍ୟାଳୟର ପୂଜା ଡାକୁଆ, ସଙ୍ଗୀତା ପ୍ରଧାନ, ସନାତନ ହରିଚନ୍ଦନ ଡିଗ୍ରୀ ମହାବିଦ୍ୟାଳୟରୁ ଅଶ୍ୱିନୀ କୁମାର ମିଶ୍ର, ଲୋକନାଥ ମହାବିଦ୍ୟାଳୟରୁ ଶଶାଙ୍କ ଶେଖର ପତି ଓ ଶ୍ରୀକାନ୍ତ ପଣ୍ଡା, ବିଜୁ ପଟ୍ଟନାୟକ ମହାବିଦ୍ୟାଳୟରୁ ଅଭିଜିତ କୁମାର ଏବଂ ଅଜିତ୍ କୁମାର ଯୋଗଦେଇଥିଲେ। ପ୍ରତିଦିନ ସେମାନେ ବିଭିନ୍ନ ପ୍ରତିଯୋଗିତା, ସଫେଇ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଆକାଂକ୍ଷା କବି ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

# ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା

ଭୁବନେଶ୍ୱର, ୧୯।୩ (ବ୍ୟୁରୋ)

ବିଜେବି ନଗରରେ ଶୁକ୍ରବାର ବିଡିଏ ପକ୍ଷରୁ ଜବରଦଖଲ ଉଚ୍ଛେଦ ବେଳେ ୩୦ ଜଣ ମହିଳାଙ୍କ ବିରୋଧ ଯୋଗୁ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପୋଲିସ ସହାୟତାରେ ଏହି ସରକାରୀ ଜମିରେ ଥିବା ଘର ଓ ମଣ୍ଡପକୁ ଭାଙ୍ଗିଦିଆଯାଇଛି। ସେଠାରେ ପ୍ରବେଶ ନିଷେଧ ବୋଲି ଫଳକ ଲଗାଯିବା ସହ ସରକାରୀ ଜମିକୁ ସିଲ କରାଯାଇଛି।

ସୂଚନା ମୁତାବକ, ବିଜେବି ନଗର ମୌଜାରେ ସାଧାରଣ ପ୍ରଶାସନ (ଜିଏ) ବିଭାଗର ସରକାରୀ ଜମି ୭୦୮ ପ୍ଲଟରେ ୭୦୦ ଡେସିମିଲ ଜାଗା ରହିଛି। ୧୯୯୮ ମସିହାରୁ ସେଠାରେ ଜଣେ ବ୍ୟକ୍ତି ଜବରଦଖଲ କରି ରହିଥିଲେ। ସେ ୨୫ଟି ଆଜବେଷ୍ଟସ୍ ଘର, ଦୁଇମହଲା କୋଠା ଓ ମଣ୍ଡପ କରି ବ୍ୟବସାୟ କରୁଥିଲେ। ଏ ନେଇ ଜିଏ ବିଭାଗ ତରଫରୁ ଜବରଦଖଲକାରୀଙ୍କ ନାମରେ କୋର୍ଟରେ ମାମଲା ରୁଜୁ ହୋଇଥିଲା। ପରେ ଗତ ୧୦ ତାରିଖରେ କୋର୍ଟଙ୍କ ଆଦେଶକ୍ରମେ ଶୁକ୍ରବାର ଉଚ୍ଛେଦ କାର୍ଯ୍ୟ ହୋଇଥିବା ବିଡିଏ ଏନଫୋର୍ସମେଣ୍ଟ ଅଧିକାରୀ ପ୍ରମୋଦ କୁମାର ପାତ୍ର କହିଛନ୍ତି। ଶୁକ୍ରବାର



ଜେସିବି ଦ୍ୱାରା ଜବରଦଖଲ ଉଚ୍ଛେଦ କରାଯାଉଛି।



ଜଣେ ମହିଳାଙ୍କୁ ପୋଲିସ ଅଟକାଉଛି।

## ଭଙ୍ଗାଗଲା ଦୁଇମହଲା କୋଠା ସମେତ ୬ ଘର

୪ଟି ଆଜବେଷ୍ଟସ ଘର, ୨ଟି ଘର, ଗୋଟିଏ ଦୁଇମହଲା କୋଠା ଉଚ୍ଛେଦ କରାଯାଇଥିବାବେଳେ ବେଆଇନ ଭାବେ ନିର୍ମିତ ଅବଶିଷ୍ଟ ଘରଗୁଡ଼ିକୁ ଶନିବାର ଭଙ୍ଗାଯିବ ବୋଲି ବିଡିଏ ସୂତ୍ରରୁ ଜଣାପଡ଼ିଛି।

### ମହିଳାଙ୍କ ହାଇଡ୍ରାମା

ଜବରଦଖଲକାରୀ ବ୍ୟକ୍ତିଜଣକ ବିଡିଏ ଉଚ୍ଛେଦକାରୀ ଟିମ୍‌କୁ ପ୍ରତିରୋଧ କରିବା ପାଇଁ ସାଲିଆ ସାହିରୁ ୩୦ଜଣ ମହିଳାଙ୍କୁ ଭଡ଼ାରେ ଡାକିଥିଲେ। ସେମାନେ ସାଥିରେ କିରୋସିନ ନେଇ ଆସିଥିଲେ। ଉଚ୍ଛେଦ ଆରମ୍ଭ ହେବାମାତ୍ରେ ସେମାନେ ନିଜ ନିଜ ଦେହରେ କିରୋସିନ ଢାଳିବାକୁ ଉଦ୍ୟତ ହୋଇଥିଲେ। ତେବେ ପୋଲିସ ସେମାନଙ୍କୁ ଏଥିରୁ ନିବୃତ୍ତ କରିଥିଲା। ଏ ନେଇ ପୋଲିସ ଓ ମହିଳାଙ୍କ ମଧ୍ୟରେ କିଛି ସମୟ ଧରି ଧସ୍ତାଧସ୍ତି ହୋଇଥିଲା।

### ଜେସିବି ଉପରେ ପଡ଼ିଲା ଛାତ

ଦୁଇମହଲା କୋଠାକୁ ଭାଙ୍ଗିବାବେଳେ ହଠାତ ସିମେଣ୍ଟ ଖଣ୍ଡ ଜେସିବି ଉପରକୁ ଛିଟିକି ପଡ଼ିଥିଲା। ତେବେ ସୌଭାଗ୍ୟବଶତଃ ଜେସିବି ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଥିଲେ। ଡ୍ରାଇଭର ଜଣକ ଜେସିବିରୁ ତଳକୁ ଡେଇଁ ପଡ଼ିବାରୁ ତାଙ୍କର କିଛି କ୍ଷତି ହୋଇ ନ ଥିଲା।

# ଏଥର ଦୋଳ ମେଳଣରେ ହେବନି ଶୋଭାଯାତ୍ରା

କଟକ ଅଫିସ, ୧୯।୩

- ଜାରି ହେଲା ଗାଇଡ୍ ଲାଇନ
- ହୋଲିରେ ଡିଜେ, ନାଚଗୀତକୁ ବାରଣ

ଆଗକୁ ଆସୁଛି ଦୋଳ ଓ ହୋଲି ପର୍ବ। ଏବେ କଟକରେ ପୁଣି କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଦୋଳ ଓ ହୋଲି ପର୍ବ ପାଳନ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଶୁକ୍ରବାର ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଏ ନେଇ କଟକ ଡିସିପି ପ୍ରତୀକ୍ ସିଂ ସହରର ପ୍ରତ୍ୟକ ଥାନାଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇ ଦେଇଛନ୍ତି। କୋଭିଡ୍ କଟକଣା ଅନୁଯାୟୀ, ଦୋଳ ମେଳଣ ପଡିଆରେ ୨୦୦ରୁ ଅଧିକ ଲୋକେ ଏକାଠି ହୋଇପାରିବେ ନାହିଁ। ସେହିପରି ପ୍ରତି ବିମାନରେ ବିମାନଧାରୀ, ଘଣ୍ଟୁଆ ଓ ବ୍ରାହ୍ମଣଙ୍କୁ ମିଶାଇ ୧୦ ଜଣଙ୍କୁ ରହିବାକୁ ଅନୁମତି ମିଳିବ। ମେଳଣବେଳେ ଲାଇଟ୍, ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ହେବନି ଓ ମିନାବଜାର ଷ୍ଟଲ ପଡିବନାହିଁ। ଏପରି କି ମେଳଣବେଳେ ଜନଗହଳି ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟକବର୍ଷ ପରି ଚଳିତବର୍ଷ ସାରା ରାତି ଦୋଳ ମେଳଣ ନ କରି ସିମିତ ସମୟ ପାଇଁ କରିବାକୁ ଏହି ଗାଇଡ୍‌ଲାଇନ୍‌ରେ ସ୍ପଷ୍ଟ କରାଯାଇଛି। ସେହିପରି ହୋଲି ପାଇଁ ଗାଇଡ୍‌ଲାଇନ୍ ଜାରି ହୋଇଛି। ଏକାସଙ୍ଗରେ ବହୁସଂଖ୍ୟକ ଲୋକଙ୍କୁ ହୋଲି ଖେଳିବାକୁ ବାରଣ କରାଯାଇଛି। ଲୋକମାନେ ବାହାରକୁ ନ ଆସି ଘରେ ରହି ହୋଲି ଖେଳିବେ। ହୋଲିରେ ଡିଜେ ନ ବଜାଇବା ଓ ନାଚଗୀତ ନ କରିବାକୁ ଗାଇଡ୍‌ଲାଇନ୍‌ରେ ଡିସିପି ସ୍ପଷ୍ଟ କରିଛନ୍ତି। ସୂଚନାଯୋଗ୍ୟ, କଟକ ମହାନଗର ନିଗମ ଅଞ୍ଚଳ ସମେତ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ନୂଆ ଆକ୍ରାନ୍ତ ଚିହ୍ନଟ ହେବା ପରେ ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି।

# 'ପାଗଲ୍ ହେଇଯିବ' ନାଟକରୁ ଉତ୍ସବ ଆରମ୍ଭ

ଭୁବନେଶ୍ୱର, ୧୯।୩ (ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ଶୁକ୍ରବାର ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ'। ଭଞ୍ଜକଳା ମଣ୍ଡପରେ ଆୟୋଜିତ ଏହି ଉତ୍ସବର ପ୍ରଥମ ସନ୍ଧ୍ୟାରେ ପରିବେଷିତ ହୋଇଥିଲା ନାଟକ 'ପାଗଲ୍ ହେଇଯିବ'। ମଣିଷ ମାତ୍ରକେ ଲୋଭ, ମୋହ, ମାୟାରେ ଗ୍ରସ୍ତ। ପରିବାର ପରିଜନ ଏବଂ ବନ୍ଧୁବାନ୍ଧବଙ୍କ ମେଳରେ, ସ୍ନେହ ଶ୍ରଦ୍ଧାର ବନ୍ଧନରେ ବାନ୍ଧି ହୋଇଥିଲେ ବି ସେ ସାଧାରଣତଃ ଆତ୍ମକେନ୍ଦ୍ରିକ। ନିଜ କଥା ହିଁ ସେ ବେଶୀ ଚିନ୍ତା କରେ। ନିଜ ସ୍ୱାର୍ଥରେ ବାଧା ଆସିଲେ ତାହାର ମୁଖା ଖୋଲିଯାଏ ଏବଂ ଅସଲ ଚେହେରା ବାହାରକୁ ଆସେ।

କେବଳ ମୃତ୍ୟୁର ଭୟ ହିଁ ତାକୁ ବେଳେବେଳେ ଉଦାର ଓ ଦୟାବାନ ବନାଇଥାଏ। ମାତ୍ର ତାହା ଯେ ଅସ୍ଥାୟୀ। ଏଭଳି ଏକ ଆତ୍ମକେନ୍ଦ୍ରିକ ସ୍ୱାର୍ଥପର ବ୍ୟକ୍ତିର କାହାଣୀକୁ ନେଇ ଗତିଶୀଳ ହୋଇଥିଲା ନାଟକ। ରଚନା ଓ ନିର୍ଦ୍ଦେଶନା ବଜେନ୍ଦ୍ର ନାୟକ ଦେଇଥିବା ବେଳେ ସମ୍ବଲପୁରର 'କଖଗ'ର କଳାକାରମାନେ ଏହାକୁ ପରିବେଷଣ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ଏକାଡେମୀ ସଚିବ ପ୍ରବୋଧ ରଥ, ନାଟ୍ୟକାର ମିହିର ମେହେର ଯୋଗ ଦେଇଥିଲେ। ଏହି ଅବସରରେ ୫ଜଣ ନାଟ୍ୟବିତ୍‌ଙ୍କୁ ସମ୍ମାନିତ କରାଯାଇଥିଲା।



ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ 'ପାଗଲ୍ ହେଇଯିବ' ନାଟକର ଏକ ଦୃଶ୍ୟ।

## ଚାରି ଥାକିଆ ରାସ୍ତା, ଆଲୋକୀକରଣ ଉଦ୍‌ଘାଟିତ

ପୁରୁଣା ଭୁବନେଶ୍ୱର, ୧୯।୩ (ଡି.ଏନ୍.ଏ.)

କଳ୍ପନା ଛକରୁ ବଡ଼ଗଡ଼ ଛକ ପର୍ଯ୍ୟନ୍ତ ଚାରିଥାକିଆ ରାସ୍ତା ଏବଂ ଆଲୋକୀକରଣର ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ପ୍ରମୁଖ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ପାଇଁ ପ୍ରାୟ ୩ କୋଟି ୩୦ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ଜଣାପଡ଼ିଛି। ଏହା ଫଳରେ ଜନସାଧାରଣଙ୍କ ଦାବି ପୂରଣ ହେବା ସହିତ ଗମନାଗମନ ସୁବିଧା ହୋଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଡେପୁଟି ମେୟର କେ. ଶାନ୍ତି, ପ୍ରତାପ ଜେନା, ଅବନୀକାନ୍ତ ପାଟଶାଣି, ଅମରେଶ ଜେନା, ଅଶୋକ ସିଂହ, ବନ୍ଦନା ସାହୁ, ଅଜିତ୍ ବେହେରା, ସମରେଶ ବେଉରା, କୃଷ୍ଣ ଚନ୍ଦ୍ର ପାତ୍ର, ସନ୍ତୋଷ ସିଂହ, ସନ୍ତୋଷ ବେଜ୍, ବୁଢ଼ା ପରିଡ଼ା, ସସ୍ମିତା ମଙ୍ଗରାଜ, ସତ୍ୟବ୍ରତ ଶ୍ରୀଚନ୍ଦନ, ପୁପୁ ମଙ୍ଗରାଜ, କୃଷ୍ଣ ଜେନା, କିଶୋର ମହାନ୍ତଙ୍କ ସମେତ ସ୍ଥାନୀୟ ବାସିନ୍ଦା, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ୧ହଜାର ଛାତ୍ରୀଙ୍କୁ ଶିକ୍ଷା ଯୋଗାଇବ 'ଅନିର୍ସ କିଡ୍ସ ଫ୍ୟାଶନ୍ ଶୋ'




ଭୁବନେଶ୍ୱର,୧୯।୩ (ବ୍ୟୁରୋ)

ଅନିର୍ସ ଗ୍ରୁପ୍ ଅଫ୍ କମ୍ପାନୀ ଏବଂ ରେଡ୍ ସ୍ୱସ୍ତିକ ଓଡ଼ିଶା ଶାଖାର ମିଳିତ ସହଯୋଗରେ 'ଅନିର୍ସ କିଡ୍ସ ଫ୍ୟାଶନ୍ ଶୋ' ନାମକ ଏକ ଅନ୍‌ଲାଇନ୍ ପାଣ୍ଠି ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅନିର୍ସ କିଡ୍ସ ଫ୍ୟାଶନ ଶୋ କ୍ଲବ୍‌ର ଏହା ଦ୍ୱିତୀୟ ସଂସ୍କରଣ। ଏହି ପାଣ୍ଠି ଦେଶର ୧ହଜାର ଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କ୍ଷେତ୍ରରେ ସାହାଯ୍ୟ କରିବ। ମିସ୍ ଏସିଆ ପାସିଫିକ୍ ସୋନିକା ରାୟ ଏହି କାର୍ଯ୍ୟକ୍ରମକୁ ସାରା ଦେଶରେ ଅଗ୍ରଣୀ ହେବାରେ ସହାୟକ ହୋଇଥିବାରୁ ଏହାକୁ ସୋନିକାଙ୍କ ବିଶେଷ ସଂସ୍କରଣ ବୋଲି ଅଭିହିତ କରାଯାଇଛି। ଏହି ଶୋ ସାମାଜିକ ଗଣମାଧମ ଫେସବୁକ୍ ଏବଂ ଇନ୍‌ଷ୍ଟାଗ୍ରାମ୍ ଲାଇଭ୍ ମାଧମରେ ହେଉଥିବା ଏକ ଅନ୍‌ଲାଇନ ଅନୁଷ୍ଠାନ। ଏଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ପିଲାମାନେ www.akfs.club ମାଧମରେ ପଞ୍ଜୀକରଣ କରିପାରିବେ। ଓଡ଼ିଶାରେ ଏହି ଅନୁଷ୍ଠାନର ଆମ୍ବାସାଡର ଭାବେ ବଲିଉଡ୍ ପୁରସ୍କାରପ୍ରାପ୍ତ ଓଲିଉଡ୍ ଶିଶୁ କଳାକାର ଲୋହିତକ୍ଷୟ ପଟ୍ଟନାୟକ କାର୍ଯ୍ୟ କରିବେ। ତାଙ୍କ ବ୍ୟକ୍ତିତ୍ୱ ଓଡ଼ିଶାର ଶିଶୁମାନଙ୍କୁ ଏନେଇ ଆକୃଷ୍ଟ କରିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏଥିସହ ପ୍ରତିଯୋଗୀମାନେ ଡୋଗ୍ୟୁ ଏଣ୍ଟରଟେନମେଣ୍ଟ ଦ୍ୱାରା ମାଗଣା ଅଭିନୟ ସହ ଡୋଗ୍ୟୁ ଏଣ୍ଟରଟେନମେଣ୍ଟର ଆଗାମୀ ସିନେମାରେ ଅଭିନୟ କରିବାର ସୁଯୋଗ ପାଇବେ ବୋଲି ସୂଚନା ଦିଆଯାଇଛି।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ କ୍ଷେତ୍ର ପରିଦର୍ଶନ



ଭୁବନେଶ୍ୱର,୧୯।୩

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣ ଗୁରୁବାର ଖୋର୍ଦ୍ଧାରୋଡ଼ଠାରୁ ପଲାସା ସେକ୍ସନ ପର୍ଯ୍ୟନ୍ତ ପରିଦର୍ଶନ କରିଥିଲେ। ବାର୍ଷିକ ଯାଞ୍ଚ କାର୍ଯ୍ୟକ୍ରମ ଅଧୀନରେ ମହାପ୍ରବନ୍ଧକ ଏଭଳି ଗସ୍ତ କରିଥିବା ଜଣାପଡିଛି। ତାଙ୍କର ଏହି ଗସ୍ତ ସମୟରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ପ୍ରବନ୍ଧକ ଶଶିକାନ୍ତ ସିଂଙ୍କ ସହିତ ମୁଖ୍ୟାଳୟ ତଥା ମଣ୍ଡଳର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ମହାପ୍ରବନ୍ଧକ ବିଭିନ୍ନ ଷ୍ଟେଶନ, ରେଲୱେ କଲୋନି, ବ୍ରିଜ୍, ଲେଭଲ କ୍ରସିଂ ଗେଟ୍, ରନିଂ ରୁମ୍, ଦୁର୍ଘଟଣା ରିଲିଫ ଟ୍ରେନ୍, ଦୁର୍ଘଟଣା ରିଲିଫ୍ ମେଡିକାଲ ଉପକରଣ, ରେଲୱେ ହସ୍ପିଟାଲ ଆଦି ସ୍ଥାନରେ ଆବଶ୍ୟକ ଯାଞ୍ଚ କରିଥିଲେ। ଏହି ଅବସରରେ ସେ ସମସ୍ତ ରେଳ ଭିତ୍ତିଭୂମି ତଦାରଖ କରିଥିଲେ। ରେଳ ସେବାରେ ଉନ୍ନତି ଆଣିବା ପାଇଁ ଆବଶ୍ୟକ ଥିବା ବିଭିନ୍ନ ବିଷୟ ଉପରେ ଧ୍ୟାନଦେବା ପାଇଁ ରେଳ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଏହି ଗସ୍ତ ଅବସରରେ ଖୋର୍ଦ୍ଧାରୋଡ୍ ରେଳ ଷ୍ଟେଶନଠାରେ ଏକ ଲିଫ୍ଟର ସେ ଉଦ୍‌ଘାଟନ କରିଥିଲେ। ପରିଶେଷରେ ସେ ବିଭିନ୍ନ ଷ୍ଟେଶନରେ ଲୋକମାନଙ୍କୁ ଭେଟି ରେଳ ସେବାରେ ଉନ୍ନତି ଆଣିବା ପାଇଁ ଯାତ୍ରୀମାନଙ୍କର ଅଭିଯୋଗ ଏବଂ ପରାମର୍ଶକୁ ଗ୍ରହଣ କରିଥିଲେ।

# ପୁରାତନ ଛାତ୍ର ସଂଗଠନର ବୈଠକ

ଭୁବନେଶ୍ୱର, ୧୯।୩ (ବ୍ୟୁରୋ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ସଂଗଠନ କେନ୍ଦ୍ରୀୟ କମିଟିର ବୈଠକ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଜଗନ୍ନାଥ କୁଅଁର ଏଥିରେ ସଭାପତିତ୍ୱ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଯୋଗଦେଇ, କଳା ଓ ସଂସ୍କୃତି କ୍ଷେତ୍ରରେ ପ୍ରତିଷ୍ଠିତ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଦେବା ଆଦି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ ବୋଲି ସୂଚନା ଦେଇଥିଲେ। ବୈଠକର ଆବାହକ ଡ. ଆଶିଷ ମହାପାତ୍ର ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରସ୍ତାବ ଆଗତ କରିଥିଲେ। ଅଧାପକ ପ୍ରବୀର ଦଳେଇ ଧନ୍ୟବାଦ ଦେଇଥିଲେ।

# ହୋମିଓପାଥ୍ ଡାକ୍ତରଙ୍କ ଚୋରି ର୍‍ୟାକେଟ, ୩ ଗିରଫ

ଭୁବନେଶ୍ୱର,୧୯।୩ (ବ୍ୟୁରୋ)

ଡାକ୍ତର ଚଳାଉଥିଲେ ଚୋରି ର୍‍ୟାକେଟ। ଦିନରେ ଡାକ୍ତର ହୋଇ ସହଯୋଗୀଙ୍କ ସହ ମିଶି ଘୁରି ବୁଲୁଥିଲେ। କେଉଁଠି ଘର ବନ୍ଦ ଅଛି, କେଉଁଠି ମାଲିକ ନାହାନ୍ତି ସବୁକିଛି ମାର୍କ କରୁଥିଲେ। ରାତିରେ ତାଲା ଭାଙ୍ଗି ଚୋରି କରୁଥିଲେ। ବାଟରେ ଯିଏ ହାବୁଡ଼ରେ ପଡୁଥିଲେ ତାଙ୍କୁ ବି ଲୁଟୁ ଥିଲେ। ଗୋଟିଏ ସ୍ଥାନରୁ ଚୋରି ଓ ଲୁଟ୍ ପରେ ସ୍ଥାନ ବଦଳାଉଥିଲେ। ଏମିତି ଏକ ଗ୍ୟାଙ୍ଗକୁ ଶୁକ୍ରବାର ଖଣ୍ଡଗିରି ଥାନା ପୋଲିସ୍ ଗିରଫ କରିଛି। ମୁଖ୍ୟ କାର୍ପଟଦାର କୁହାଯାଉଥିବା ଜଣେ ହୋମିଓପାଥିକ ଡାକ୍ତରଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭଦ୍ରକ ଜିଲା ଧାମନଗର ଥାନା ଦକ୍ଷିଣବାଡର ସୂର୍ଯ୍ୟକାନ୍ତ ପଲାଇ ଓରଫ ପାକୁଆ(୫୭), ଖଣ୍ଡଗିରି ଥାନା ସରକାନ୍ତରାର ସନିଆ ଓରଫ ସୁନିଲ ପରିଡା(୨୨) ଓ ଖଣ୍ଡଗିରି ଅଞ୍ଚଳରେ ରହୁଥିବା ଗଞ୍ଜାମ ଦିଗପହଣ୍ଡି ଅଞ୍ଚଳର ମିଥୁନ ରେଡ୍ଡୀ(୧୯)। ପୋଲିସ ସେମାଙ୍କ ନିକଟରୁ ୩ ହଳ ସୁନା କାନଫୁଲ, ସୁନା ହାର, ୯ ସୁନା ମୁଦି, ୫୦୦ ଗ୍ରାମ ରୁପା ଅଳଙ୍କାର, ୨ ମୋବାଇଲ୍ ଫୋନ ଓ ନଗଦ ୩୭ ହଜାର ଟଙ୍କା ଜବତ କରିଛି। ଗ୍ୟାଙ୍ଗ୍‌ର ଅନ୍ୟଜଣେ ସହଯୋଗୀ ଫେରାର ଅଛନ୍ତି। ତାଙ୍କୁ ଗିରଫ କରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି। ତେବେ ଗିରଫ ଅଭିଯୁକ୍ତଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ରହିଥିବା ନେଇ ପୋଲିସ ସୂଚନା ଦେଇଛି।



ଗିରଫ ୩ ଅଭିଯୁକ୍ତ ଓ ଜବତ ସୁନା, ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ।

### ମୋବାଇଲ୍ ଚୋରିରୁ ମିଳିଲା ସୁରାକ

କିଛିଦିନ ତଳେ ଜଣେ ଟାଇଲ୍ ମିସ୍ତ୍ରୀ ଏମ୍ସ ମେଡିକାଲରେ କାର୍ଯ୍ୟ ସାରି ରାତିରେ ଫେରୁଥିଲେ। ସରକନ୍ତରା ଅଞ୍ଚଳରେ ଅଭିଯୁକ୍ତ ସନିଆ ଓ ମିଥୁନ ଏକ ବାଇକରେ ଆସି ତାଙ୍କଠାରୁ ମୋବାଇଲ୍ ଫୋନ ଛଡ଼ାଇ ନେଇ ଚମ୍ପଟ ମାରିଥିଲେ। ତାଙ୍କ ଅଭିଯୋଗକ୍ରମେ ଖଣ୍ଡଗିରି ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ସିସିଟିଭି ଫୁଟେଜ୍‌ରୁ ପ୍ରଥମେ ସନିଆଙ୍କୁ ଚିହ୍ନଟ କରିଥିଲା। ପରେ ତାଙ୍କ ସହ ମିଥୁନଙ୍କୁ ଗିରଫ କରିଥିଲା। ପଚରାଉଚରାବେଳେ ଉଭୟ ର୍‍ୟାକେଟ ସମ୍ପର୍କରେ ସବୁ କଥା କହିଥିଲେ। ସୂର୍ଯ୍ୟକାନ୍ତଙ୍କ ସହ ମିଶି ଚୋରି ଓ ଲୁଟ୍ କରୁଥିବା ସ୍ୱୀକାର କରିଥିଲେ। ସୂର୍ଯ୍ୟକାନ୍ତ ପୁରୀ ବଳଙ୍ଗାରେ ରହି ର୍‍ୟାକେଟକୁ କଣ୍ଟ୍ରୋଲ କରୁଥିବା ନେଇ ପୋଲିସ ଜାଣିବାକୁ ପାଇଥିଲା। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ମୋବାଇଲ ଚୋରିରୁ ଏକ ବଡ଼ ଚୋରି ର୍‍ୟାକେଟ୍ ପୋଲିସ ହାତରେ ଲାଗିଥିଲା। ଏହା ପରେ କମିଶନରେଟ ପୋଲିସର ଏକ

- ଲକ୍ଷାଧିକ ଟଙ୍କାର ଅଳଙ୍କାର, ନଗଦ ୩୭ହଜାର ଟଙ୍କା ଜବତ
- ଦିନରେ ଘର ଚିହ୍ନଟ, ରାତିରେ ଘରେ ପଶି ଚୋରି
- ରାଜ୍ୟର ବିଭିନ୍ନ ଥାନାରେ ରହିଛି ବହୁ ଆପରାଧିକ ମାମଲା

ଟିମ୍ ବଳଙ୍ଗା ଅଞ୍ଚଳରେ ଚଢ଼ାଉ କରି ସୂର୍ଯ୍ୟକାନ୍ତଙ୍କୁ ଗିରଫ କରିଥିଲା। ସେ ଭୁବନେଶ୍ୱର ଅଞ୍ଚଳରେ ଚୋରି କରିଥିବା ଘର ସମ୍ପର୍କରେ ସୂଚନା ଦେବା ସହ ଚୋରି ସାମଗ୍ରୀ କେଉଁଠି ରଖିଥିବା କହିଥିଲେ। ଏହାପରେ ପୋଲିସ ସେସବୁ ସ୍ଥାନରୁ ଅଳଙ୍କାର ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲା।

### କେମିତି ଗ୍ୟାଙ୍ଗ ଗଢ଼ିଥିଲେ ସୂର୍ଯ୍ୟକାନ୍ତ

ସୂର୍ଯ୍ୟକାନ୍ତ କିଛିମାସ ତଳେ ଖଣ୍ଡଗିରି ଥାନା ଅଞ୍ଚଳରେ ହୋମିଓପାଥି କ୍ଲିନିକ୍ ଖୋଲିଥିଲେ। ଏହି ସମୟରେ ସେ ସନିଆ ଓ ମିଥୁନଙ୍କ ସଂସ୍ପର୍ଶରେ ଆସିଥିଲେ। ଶନିଆ ଓ ମିଥୁନ ପୂର୍ବରୁ ରାଜଧାନୀରେ ଲୁଟ୍ ଛିନତାଇ ଭଳି ଅପରାଧରେ ଜଡିତ ଥିଲେ। ଏହାପରେ ସୂର୍ଯ୍ୟକାନ୍ତ ସେମାନଙ୍କୁ ନେଇ ଏକ ଗ୍ୟାଙ୍ଗ ଗଠନ କରିଥିଲା। ଦିନ ସମୟରେ ସହରର ବିଭିନ୍ନ ଅଞ୍ଚଳରେ ବୁଲି ଘର ମାର୍କ କରୁଥିଲେ। ରାତି ଅଧିକ ହେବା ପରେ ଯୋଜନା ମୁତାବକ ଉକ୍ତ ଘରର ତାଲା ଭାଙ୍ଗି କଳାକନା ବୁଲାଉଥିଲେ। ପୂର୍ବରୁ ରାଜଧାନୀରେ ଏକ ଚୋରି ଘଟଣାରେ ଧରାପଡିବା ପରେ ଲୋକଙ୍କଠାରୁ ଛେଚା ଖାଇ ଗିରଫ ହୋଇ ଜେଲ୍ ଯାଇଥିଲେ। ଜେଲ୍‌ରୁ ଫେରିବା ପରେ ସେ ପୁରୀ ବଳଙ୍ଗା ଅଞ୍ଚଳକୁ ଯାଇ ସେଠାରେ କ୍ଲିନିକ୍ ଖୋଲିଥିଲେ। ଏଥିସହିତ ନିଜ ସହଯୋଗୀଙ୍କ ସହାୟତାରେ ଲୁଟ୍ , ଚୋରି ଭଳି ଅପରାଧ ଘଟାଉଥିଲେ।

### ଦିନରେ ହରି, ରାତିରେ ଚୋରି

ଅଭିଯୁକ୍ତ ସୂର୍ଯ୍ୟକାନ୍ତ ଯେଉଁ ଅଞ୍ଚଳରେ ରହୁଥିଲେ ନିଜକୁ ହେମିଓପାଥିକ ଡାକ୍ତର କହି ଲୋକଙ୍କୁ ଚିକିତ୍ସା କରୁଥିଲେ। ଏଥିସହିତ ସେ ଈଶ୍ୱର ବିଶ୍ୱାସୀ ଥିବାର ଅଭିନୟ କରୁଥିଲେ। ପ୍ରତିଦିନ ସତ୍‌ଶଙ୍ଗ କେନ୍ଦ୍ର ଯାଇ ହରିନାମ ଜପ କରୁଥିଲେ। ହେଲେ ରାତି ବଢିବା ମାତ୍ରେ ଅସଲ କଳାକାର୍‌ନାମା ଦେଖାଉଥିଲେ।

### ଚୋରି ଟଙ୍କା ଯୁବତୀଙ୍କ ପଛରେ ଉଡାଉଥିଲେ

ସୂର୍ଯ୍ୟକାନ୍ତ ଦୁଇଜଣଙ୍କୁ ବିବାହ କରିଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି। ସେ ବିବାହ ସତ୍ତ୍ୱେ ବହୁ ଯୁବତୀଙ୍କ ସହ ସମ୍ପର୍କ ରଖିଥିଲେ। ୫୭ ବର୍ଷ ବୟସରେ ରଙ୍ଗିନ୍ ଜୀବନ ବିତାଉଥିଲେ। ଲୁଟ୍ ଟଙ୍କାରେ ବଡ଼ବଡ଼ ହୋଟେଲକୁ ଯାଇ ସୁନ୍ଦରୀ ଝିଅଙ୍କ ପଛରେ ଟଙ୍କା ଉଡାଉଥିଲେ।

# ନିର୍ଣ୍ଣାୟକ ଟି୨୦ ମୁକାବିଲା ଆଜି

ଅହମଦାବାଦ,୧୯।୩ (ପି.ଟି.)

ଭାରତ ଓ ଭ୍ରମଣକାରୀ ଇଂଲଣ୍ଡ ଟି୨୦ ସିରିଜ ବିଜୟୀ ହେବା ଲକ୍ଷ୍ୟରେ ରହିଛନ୍ତି। ଉଭୟ ଦଳ ୨ଟି ଲେଖାଏ ମ୍ୟାଚ୍‌ରେ ବିଜୟୀ ହୋଇଥିବାରୁ ସିରିଜ ଏବେ ୨-୨ ବରାବର ସ୍ଥିତିରେ ରହିଛି। ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଶନିବାର ପଞ୍ଚମ ତଥା ଅନ୍ତିମ ଦିନିକିଆରେ ଉଭୟ ଦଳ ପରସ୍ପରକୁ ଭେଟିବେ। ପ୍ରତିକୂଳ ପରସ୍ଥିତିରେ ଦମ୍‌ଦାର ପ୍ରଦର୍ଶନ କରି ଚତୁର୍ଥ ଟି୨୦ରେ ଇଂଲଣ୍ଡକୁ ପରାସ୍ତ କରି ଭାରତ ତା'ର ଆତ୍ମବିଶ୍ୱାସକୁ ଆହୁରି ଦୃଢ଼ କରିଛି। ସିରିଜରେ ଏପର୍ଯ୍ୟନ୍ତ ଟସ୍ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଆସିଛି। ଟସ୍ ହାରିଥିଲେ ମଧ୍ୟ ଭାରତ ବିଜୟୀ ହୋଇଛି। ଅନ୍ତିମ ମୁକାବିଲା ଜିତି ଉଭୟ ଦଳ ସିରିଜ ହାତେଇବା ଲକ୍ଷ୍ୟରେ ରହିଛନ୍ତି।

ସିରିଜରେ ଭାରତ ଏପର୍ଯ୍ୟନ୍ତ ନୂତନ ତଥା ନିର୍ଭୀକ ଖେଳ ଉପରେ ଅଧିକ ଧ୍ୟାନ ଦେଇଛି। ଅନ୍ତିମ ମୁକାବିଲାର ଫଳାଫଳ ଯାହା ହେଉନା କାହିଁକି ଭାରତ ଆଗକୁ ଘରୋଇ ପରିବେଶରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ପ୍ରସ୍ତୁତି ଆରମ୍ଭ କରିଛି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ସବୁ ପ୍ରକାର ସ୍ଥିତିରେ ଆକ୍ରମଣ କରିବାର କ୍ଷମତା ରଖୁ ନ ଥିଲା। ତେବେ ଇଶାନ କିଷନ ଓ ସୂର୍ଯ୍ୟକୁମାର ଯାଦବଙ୍କ ଆବିଷ୍କାର ପରେ ଭାରତୀୟ ଟିମ୍ ମାନେଜମେଣ୍ଟର ଚିନ୍ତା ନିଶ୍ଚିତ ଭାବେ କମ୍ ହୋଇଥିବ। ଏହି ଦୁଇ ଖେଳାଳି ପଦାର୍ପଣରେ ଅର୍ଦ୍ଧଶତକ ହାସଲ କରି ନିଜ ପ୍ରତିଭା ଓ ଦକ୍ଷତାର ପ୍ରମାଣ ଦେଇଛନ୍ତି। ୩ ନମ୍ବରରେ ବ୍ୟାଟିଂ କରି ସୂର୍ଯ୍ୟକୁମାର ୩୧ ବଲରୁ ୬ ଚୌକା ଓ ୩ ଛକା ସହ ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏହା କୋହଲିଙ୍କୁ ମଧ୍ୟ ପ୍ରଭାବିତ କରିଛି। ଦିନିକିଆ ସିରିଜ ପାଇଁ ଘୋଷିତ ଦଳରେ ମଧ୍ୟ ସୂର୍ଯ୍ୟକୁମାରଙ୍କୁ ସ୍ଥାନ ମିଳିଛି। ସୂର୍ଯ୍ୟକୁମାରଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି କୋହଲି। ଦଳରେ ସ୍ଥାନ ପାଇଥିବା ହରିୟାଣା ଅଲରାଉଣ୍ଡର ରାହୁଲ ଟେୱାଟିଆ ଏପର୍ଯ୍ୟନ୍ତ ସୁଯୋଗ ପାଇନାହାନ୍ତି। ଅନ୍ତିମ ମ୍ୟାଚ୍‌ରେ ତାଙ୍କୁ ପଦାର୍ପଣ କରିବାର ସୁଯୋଗ ଦିଆଯିବ ବୋଲି ଆଶା କରାଯାଉଛି। ପୁଣି ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ବୋଲିଂରେ ପ୍ରଭାବୀ ସାବ୍ୟସ୍ତ ହେବା ମଧ୍ୟ ଭାରତ ପାଇଁ ଏକ ବଡ଼ କଥା। ଗତ ମ୍ୟାଚ୍‌ରେ ସେ ୪ ଓଭର ବୋଲିଂ କରି ୧୬ ରନ ଦେବା ସହ ୨ଟି ମୂଲ୍ୟବାନ ଉଇକେଟ ଅକ୍ତିଆର କରିଥିଲେ। ରିଷ୍ଟ ସ୍ପିନର ୟୁଜବେନ୍ଦ୍ର ଚହଲଙ୍କ ସ୍ଥାନରେ ସୁଯୋଗ ପାଇଥିବା ରାହୁଲ ଚହର ମଧ୍ୟ ଭଲ ପ୍ରଦର୍ଶନ କରିଥିଲେ। ତେବେ ୱାଶିଂଟନ ସୁନ୍ଦର ଆଶାନୁରୂପ ସଫଳତା ହାସଲ କରି ନ ଥିଲେ। କ୍ରମାଗତ ଭାବେ ବିଫଳ ହେଉଥିବା ଲୋକେଶ ରାହୁଲ ଚମକ ଦେଖାଇବେ ବୋଲି ଆଶା କରାଯାଉଛି। କାକର ସମସ୍ୟା ସତ୍ତ୍ୱେ ଭାରତ ପ୍ରଥମେ ବ୍ୟାଟିଂ କରି ବଡ଼ ସ୍କୋର ହାସଲ କରିବା କୋହଲିଙ୍କୁ ସନ୍ତୁଷ୍ଟ କରିଥିବ।

ଅପରପକ୍ଷରେ ଇଂଲଣ୍ଡ ଜୋଶ ବଟଲର ଓ ୧ ନମ୍ବର ବ୍ୟାଟ୍ସମ୍ୟାନ ଡାୱିଡ ମଲାନ ପୂର୍ବପରି ଧୂଆଁଧାର ବ୍ୟାଟିଂ କରିବେ ବୋଲି ଆଶା କରୁଛି। ଦୁଇ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଓ ମାର୍କ ଉଡ ଏପର୍ଯ୍ୟନ୍ତ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। କ୍ରିସ୍ ଜୋର୍ଡାନ ମଧ୍ୟ ଆବଶ୍ୟକ ସହାୟତା ପ୍ରଦାନ କରୁଛନ୍ତି। ତେବେ ଚତୁର୍ଥ ଟି୨୦ରେ ସେ ବ୍ୟୟ ବହୁଳ ସାବ୍ୟସ୍ତ ହୋଇଥିଲେ। ଟି୨୦ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଆମେ ଖେଳ ଜାରି ରଖିଛୁ ଓ ଅଧିକରୁ ଅଧିକ ଶିକ୍ଷା କରିବାକୁ ପ୍ରୟାସ କରୁଛି। ତେବେ ମ୍ୟାଚ୍ ସହ ସିରିଜ ଜିତିବା ପାଇଁ ଆମେ ଚେଷ୍ଟା କରିବୁ ବୋଲି ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ କହିଛନ୍ତି। କଳା ଓ କଠିନ ଏହି ଉଇକେଟ ସିରିଜର ଶ୍ରେଷ୍ଠ ବ୍ୟାଟିଂ ପିଚ୍ ସାବ୍ୟସ୍ତ ହେବ। ମ୍ୟାଚ୍‌ର ଶେଷ ଆଡକୁ କାକର ସମସ୍ୟା ଟସ୍ ହାରିବା ଦଳକୁ ଚିନ୍ତାର ନିଶ୍ଚିତ ଭାବେ ପକାଇବ।

ପ୍ରଥମ ଟି୨୦ରେ ଇଂଲଣ୍ଡ ୮ ଉଇକେଟରେ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ୭ ଉଇକେଟରେ ବିଜୟ ହାସଲ କରିଥିଲା। ସେହିପରି ତୃତୀୟ ଟି୨୦ରେ ଇଂଲଣ୍ଡ ୮ ଉଇକେଟରେ ବିଜୟୀ ହୋଇଥିଲା। ଚତୁର୍ଥ ଟି୨୦ରେ ଭାରତ ଟସ୍ ହାରିଥିଲେ ମଧ୍ୟ ୮ ରନରେ ବିଜୟୀ ହୋଇ ସିରିଜକୁ ବରାବର ସ୍ଥିତିକୁ ଆଣିଥିଲା।



ଶୁକ୍ରବାର ଅଭ୍ୟାସ ଅବସରରେ ଶିଖର ଧାୱାନ୍ ଓ ଟି. ନଟରାଜନ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପଅଧିନାୟକ), ଲୋକେଶ ରାହୁଲ, ଶିଖର ଧାୱନ, ଶ୍ରେୟାସ ଆୟାର, ସୂର୍ଯ୍ୟକୁମାର ଯାଦବ, ରିଷଭ ପନ୍ତ (ଉଇକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ୟୁଜବେନ୍ଦ୍ର ଚହଲ, ଭୁବନେଶ୍ୱର କୁମାର, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ଶାର୍ଦ୍ଦୁଳ ଠାକୁର, ନବଦୀପ ସଇନି, ଦୀପକ ଚହର, ରାହୁଲ ଟେୱାଟିଆ ଓ ଇଶାନ କିଷନ।
**ଇଂଲଣ୍ଡ ଦଳ:** ଇଅନ ମୋର୍ଗାନ (ଅଧିନାୟକ), ଜୋଶ ବଟଲର, ଜାସନ ରଏ, ଲିଆମ ଲିଭିଂଷ୍ଟୋନ, ଡାୱିଡ ମଲାନ, ବେନ୍‌ଷ୍ଟୋକ୍ସ, ମୋଇନ ଅଲି, ଅଦିଲ ରସିଦ, ରିସି ଟୋପ୍ଲେ, କ୍ରିସ ଜୋର୍ଡାନ, ମାର୍କ ଉଡ, ସାମ୍ କୁରାନ, ଟମ୍ କୁରାନ, ସାମ ବିଲିଙ୍ଗ୍ସ, ଜନି ବେୟାରଷ୍ଟୋ ଓ ଜୋଫ୍ରା ଆର୍ଚର।
**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା**
**ଟସ୍: ସନ୍ଧ୍ୟା ୬.୩୦**
**ସ୍ଥାନ: ନରେନ୍ଦ୍ର ମୋଦି ଷ୍ଟାଡିୟମ, ଅହମଦାବାଦ**
**ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**

# ଓଡ଼ିଶାର ବୃହତ୍ ବିଜୟ


ବିଜୟୀ ଓଡ଼ିଶା ହକି ଦଳର ଖେଳାଳିମାନେ।

ଭୁବନେଶ୍ୱର,୧୯।୩ (ସ୍ପୋର୍ଟ୍ସବ୍ୟୁରୋ)

**ସବ୍-ଜୁନିୟର ପୁରୁଷ ଜାତୀୟ ହକି ଚାମ୍ପିୟନଶିପ୍**

ହରିୟାଣାର ଜିନ୍ଦଠାରେ ଚାଲିଥିବା ଏକାଦଶ ହକି ଇଣ୍ଡିଆ ସବ୍- ଜୁନିୟର ପୁରୁଷ ଜାତୀୟ ଚାମ୍ପିୟନଶିପ୍‌ରେ ଓଡ଼ିଶା ଏକ ବୃହତ୍ ବିଜୟ ହାସଲ କରିଛି। ଶୁକ୍ରବାର ପୁଲ୍-ଏ'ରେ ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୮-୦ ଗୋଲରେ ଛତିଶଗଡ଼କୁ ପରାସ୍ତ କରିଛି। ଓଡ଼ିଶା ତରଫରୁ ସତୀଶ ମିନ୍ଦା ୧୯ତମ , ବିଲକାନ ଓରାମ ୭ ଓ ୪୦ତମ, ଅଜିତ ମାହାତୋ ୨୪ ଓ ୫୩ତମ, ଅଭିଷେକ ଟପ୍ପୋ ୨୧ତମ, ମେନ୍‌ଷାସ ଏକ୍କା ୫୨, ୫୪ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଓଡ଼ିଶା ୨୨ ତାରିଖ ସୋମବାର କ୍ୱାର୍ଟର ଫାଇନାଲରେ ମଣିପୁରକୁ ଭେଟିବ। ଓଡ଼ିଶା, ଛତିଶଗଡ଼ ସମେତ ଉତ୍ତରାଖଣ୍ଡ ପୁଲ୍-ଏ'ରେ ସ୍ଥାନ ହାସଲ କରିଛନ୍ତି।

# ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତା ୨୩ରେ

ଭୁବନେଶ୍ୱର, ୧୯।୩(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ବାହୁକୁସ୍ତି ଆସୋସିଏଶନ ଆନୁକୂଲ୍ୟରେ ୪୧ତମ ରାଜ୍ୟ ବାହୁକୁସ୍ତି ପ୍ରତିଯୋଗିତା ଚଳିତ ମାସ ୨୩ ତାରିଖରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ପ୍ରତିଯୋଗିତା ଜୁନିୟର, ବାଳକ, ୬୦ ଓ ୭୦ କେଜି, ମାଷ୍ଟର ୬୫ କେଜି ଓ ୭୦ କେଜି ବିଭାଗରେ ଅନୁଷ୍ଠିତ ହେବ। ସେହିପରି ସିନିୟର ମହିଳା ବିଭାଗରେ ୫୫, ୬୦, ୬୫, ୭୦ କେଜି ଓ ୭୦ କେଜିରୁ ଊର୍ଦ୍ଧ୍ୱ ବିଭାଗରେ ଆୟୋଜିତ ହେବ। ପୁରୁଷ ବିଭାଗରେ ୫୫, ୬୦, ୬୫, ୭୦, ୭୫, ୮୦, ୮୫, ୯୦, ୧୦୦, ୧୧୦ କେଜି ଓ ଏହାଠାରୁ ଊର୍ଦ୍ଧ୍ୱ ବର୍ଗରେ ପ୍ରତିଯୋଗିତା ହେବ। କୃତୀ ପ୍ରତିଯୋଗୀଙ୍କୁ ପଦକ ଏବଂ ମହିଳା ଓ ପୁରୁଷ ବିଭାଗର ଚାମ୍ପିୟନ ଅଫ୍ ଚାମ୍ପିୟନ୍ସଙ୍କୁ ଟ୍ରଫି ପ୍ରଦାନ କରାଯିବ। ଆଗ୍ରହୀ ପ୍ରତିଯୋଗୀମାନେ ପୂର୍ବାହ୍ନ ୯ଟା ସୁଦ୍ଧା ପ୍ରତିଯୋଗିତା ସ୍ଥଳରେ ପହଞ୍ଚି ନିଜ ନାମ ପଞ୍ଜୀକୃତ କରିପାରିବେ। ରାଜ୍ୟ ପ୍ରତିଯୋଗିତାରୁ ଆଗାମୀ ଜାତୀୟ ପ୍ରତିଯୋଗିତା ପାଇଁ ପ୍ରତିଯୋଗୀ ଚୟନ ହେବ। ଖୋର୍ଦ୍ଧା ଜିଲାର ପ୍ରତିଯୋଗୀମାନେ ରାଜା ପଟ୍ଟନାୟକ ଏବଂ ଅନ୍ୟ ଜିଲା ପ୍ରତିଯୋଗୀମାନେ ସାଗର ନାୟକଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

# ସେମିଫାଇନାଲରେ ଜରିନ, ସୋଲାଙ୍କି

**ବୋସ୍‌ଫୋରସ ବକ୍ସିଂ ଟୁର୍ଣ୍ଣାମେଣ୍ଟ**

**ନୂଆଦିଲ୍ଲୀ,୧୯।୩(ପି.ଟି.):** ଭାରତୀୟ ମହିଳା ବକ୍ସର ନିଖାତ ଜରିନ ଆଉ ଏକ ବିପର୍ଯ୍ୟୟ ଘଟାଇ ତୁର୍କୀର ଇସ୍ତାନବୁଲ୍‌ରେ ଚାଲିଥିବା ବୋସଫୋରସ ବକ୍ସିଂ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ୫୧ କେ.ଜି. ବର୍ଗରେ ଜରିନ ଶୁକ୍ରବାର ଦୁଇଥର ବିଶ୍ୱ ଚାମ୍ପିୟନଶିପ୍ ହାସଲ କରିଥିବା କାଜାଖସ୍ତାନର ନାଜିମ କିଜାଇବେଙ୍କୁ କ୍ୱାର୍ଟର ଫାଇନାଲରେ ହରାଇ ସେମିରେ ପ୍ରବେଶ କରିଛନ୍ତି। ଏହାପୂର୍ବରୁ ଜରିନ ପ୍ରି-କ୍ୱାର୍ଟରରେ ୨୦୧୯ ବିଶ୍ୱ ଚାମ୍ପିୟନ ରୁଷିଆର ପାଲ୍ଟସେଭା ଏକାଟେରିନାଙ୍କୁ ହରାଇଥିଲେ। ସେ ୪-୧ରେ କିଜାଇବେଙ୍କୁ ହରାଇଛନ୍ତି। କିଜାଇବେ ପୂର୍ବରୁ ୨୦୧୪ ଓ ୨୦୧୬ ବିଶ୍ୱ ଚାମ୍ପିୟନଶିପ୍ ହାସଲ କରିଥିଲେ। ସେମିକୁ ଉଠିଥିବାରୁ ଜରିନ ଅତିକମ୍‌ରେ ବ୍ରୋଞ୍ଜ୍ ପଦକ ହାସଲ କରିବା ନିଶ୍ଚିତ ହୋଇଛି। ସେହିପରି ପୁରୁଷ ୫୭ କେ.ଜି. ବର୍ଗରେ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ଗୌରବ ସୋଲାଙ୍କି ମଧ୍ୟ ସେମିରେ ପ୍ରବେଶ କରି ପଦକ ନିଶ୍ଚିତ କରିଛନ୍ତି। ସେ ୪-୧ରେ ସ୍ଥାନୀୟ ଖେଳାଳି ଅଇକୋଲ ମିଜାନଙ୍କୁ ହରାଇ ସେମିକୁ ଉଠିଛନ୍ତି। ଅନ୍ୟପଟେ ମହିଳା ବର୍ଗରେ ସୋନିଆ ଲାଥର (୫୭ କେ.ଜି.), ପରବୀନ (୬୦ କେ.ଜି.) ଓ ଜ୍ୟୋତି (୬୯ କେ.ଜି.) କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ସେହିପରି ପୁରୁଷ ୬୩ କେ.ଜି. ବର୍ଗରେ ଶିବ ଥାପା ୧-୪ରେ ତୁର୍କୀର ହକନ ଡୋଗାନଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସରେ ମହିଳା ଓ ପୁରୁଷ ବର୍ଗରେ ଦୁଇ ଭାରତୀୟ ଖେଳାଳି ସେମିରେ ଅବତୀର୍ଣ୍ଣ ହେବେ। ଜରିନ ସେମିରେ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜୟିନୀ ତୁର୍କୀର ବୁସେନାଜ କାକିରୋଗ୍ଲୁଙ୍କୁ ଓ ସୋଲାଙ୍କି ସେମିରେ ଆର୍ଜେଣ୍ଟିନାର ନିର୍କୋ କୁଏଲୋଙ୍କୁ ଭେଟିବେ।



ଖାରପଡ଼ା ଶାନ୍ତିନଗର କ୍ରିକେଟ ପଡ଼ିଆରେ ଶୁକ୍ରବାର ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

# ତାମିଲନାଡୁକୁ ୪୨-୦ରେ ହରାଇଲା ମଧ୍ୟପ୍ରଦେଶ

**ଜାତୀୟ ଏକାଡେମୀ ମହିଳା ହକି**
■ କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଗୋଲ୍ ବର୍ଷା

ଭୁବନେଶ୍ୱର, ୧୯।୩(କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବପ୍ରଥମ ହକି ଇଣ୍ଡିଆ ଜାତୀୟ ଏକାଡେମୀ ମହିଳା ହକି ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ସବ୍‌ଜୁନିୟର ବିଭାଗର ଏକ ମ୍ୟାଚରେ ମଧ୍ୟପ୍ରଦେଶ ହକି ଏକାଡେମୀ ଗୋଲ ବର୍ଷା କରି ୪୨-୦ରେ ତାମିଲନାଡୁ ହକି ଏକାଡେମୀକୁ ପରାସ୍ତ କରିଛି। ମ୍ୟାଚ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରାଧାନ୍ୟ ବିସ୍ତାର କରି ଗୋଲ ବର୍ଷା କରି ଚାଲିଥିଲା ମଧ୍ୟପ୍ରଦେଶ। ଦଳ ପକ୍ଷରୁ ସ୍ୱାତୀ ଏକାକୀ ୧୦ ଗୋଲ ଦେଇଥିବାବେଳେ ଅଧିନାୟିକା ଭୂମିକ୍ଷା ସାହୁ ୯ଟି, କ୍ରିଷ୍ଣା ଶର୍ମା ୭ଟି, ହୁଦା ଖାଁ ୫ଟି, ସ୍ନେହା ପଟେଲ ୪ଟି, ପଲକ ଗୁପ୍ତା ୩ଟି ଏବଂ ଶିଳେଇମା ଖାଇଦେମ ଚାନୁ ଓ ରିତିକା ଅହିର୍ୱାର ୨ଟି ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ଏକ ମ୍ୟାଚରେ ସାଇ ଏକଡେମୀ ୯-୦ ଗୋଲରେ ମାର୍କଣ୍ଡେଶ୍ୱର ହକି ଏକାଡେମୀକୁ ପରାସ୍ତ କରିଛି। ପ୍ରତିଯୋଗିତାର ଜୁନିୟର ବିଭାଗରେ ମୁମ୍ବାଇ ସ୍କୁଲ୍ସ ସ୍ପୋର୍ଟ୍ସ ଆସୋସିଏଶନ ୧୦-୨ ଗୋଲରେ ଭାଇ ବେହଲୋ ହକି ଏକାଡେମୀ ଭାଗଟାକୁ ଏବଂ ମଧ୍ୟପ୍ରଦେଶ ହକି ଏକାଡେମୀ ୬-୨ ଗୋଲରେ ହର୍ ହକି ଏକାଡେମୀକୁ ହରାଇଛି।


କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ମଧ୍ୟପ୍ରଦେଶ ଓ ତାମିଲନାଡୁ ହକି ଏକାଡେମୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# କେସିସି କ୍ରିକେଟ ଉଦ୍‌ଘାଟିତ

ଭୁବନେଶ୍ୱର, ୧୯।୩ (କ୍ରୀଡ଼ା ପ୍ରତିନିଧି)

କ୍ରିଷ୍ଣା କ୍ରିକେଟ କ୍ଲବ୍ (କେସିସି) ଆନୁକୂଲ୍ୟରେ ସ୍ଥାନୀୟ ଖାରପଡ଼ା ଶାନ୍ତିନଗର ପଡ଼ିଆରେ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଶେଷ ହୋଇଥିବା ୨ଟି ମ୍ୟାଚରେ ଲାଇଫ୍ ଲାଇନ ୯ ଉଇକେଟରେ ଭୋଡାଫୋନ ଏବଂ ପଲକ ଫାଇଟର ୨୭ ରନରେ କଟକ ଏମ୍‌ସିସିକୁ ପରାସ୍ତ କରିଛି। ଗୁଞ୍ଜନ ଅଗ୍ରୱାଲ, କୃଷ୍ଣ ସାହୁ, ନିବାସ ଜେନା, କ୍ରିଷ୍ଣା ଅଗ୍ରୱାଲ, ତ୍ରିନାଥ ମୁଦୁଲି, ଶିବ ପ୍ରସାଦ ମହାନ୍ତି, ଦେବଦତ୍ତ ସାହୁ ଓ ପଦ୍ମିନୀ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜକ କ୍ରିଷ୍ଣା କ୍ରିକେଟ କ୍ଲବର ସଭାପତି ପ୍ରକାଶ ଜେନା, ଉପସଭାପତି ଅଭିଷେକ ମହାନ୍ତି, ସମ୍ପାଦକ ଅଭିଷେକ ବେହେରା, ସଦସ୍ୟ ଗୌରୀ ଶଙ୍କର, ବିକାଶ ସାହୁ ଏବଂ କ୍ରୀଡ଼ାପ୍ରେମୀମାନେ ଉପସ୍ଥିତ ଥିଲେ।

# ପୂର୍ବତନ ଫୁଟ୍‌ବଲରଙ୍କ ପରଲୋକ


ବିଷ୍ଣୁ ଚରଣ ବୋଷ

**ଭୁବନେଶ୍ୱର, ୧୯।୩ (କ୍ରୀଡ଼ା ପ୍ରତିନିଧି):** ରାଜ୍ୟର ପୂର୍ବତନ ଫୁଟବଲ ଖେଳାଳି ବିଷ୍ଣୁ ଚରଣ ବୋଷ (ଚେନୁ ଦା')ଙ୍କର ଶୁକ୍ରବାର ଭୋର ୪ଟା ୩୦ରେ କଟକ ବାଲୁବଜାର ଚୁନଭାଟିସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୭ ବର୍ଷ ହୋଇଥିଲା। ସେ ରାଜ୍ୟରୁ ବିଭିନ୍ନ ନାମୀ କ୍ଲବ ଏବଂ ଜାତୀୟ ସ୍ତରରେ ସନ୍ତୋଷ ଟ୍ରଫି ସମେତ ଅନେକ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ତାଙ୍କ ପରଲୋକରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

# ଯୋଜନାବଦ୍ଧ ପ୍ରୟାସ

**ଭିଭିଏସ୍ ଲକ୍ଷ୍ମଣ**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଟି୨୦ ସିରିଜ ସଂଘର୍ଷପୂର୍ଣ୍ଣ ଦେଖିବାକୁ ମିଳିଛି। ଚତୁର୍ଥ ମ୍ୟାଚ ପାଇଁ ଭାରତ ପ୍ରସ୍ତୁତ କରିଥିବା ଏହାର ବ୍ଲୁ ପ୍ରିଣ୍ଟକୁ ଠିକଣା ରୂପେ କାର୍ଯ୍ୟକାରୀ କରିପାରିଥିଲା। ଦଳ ପ୍ରଥମେ ଏକ ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିଥିଲା। ପରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଶାର୍ଦ୍ଦୁଳ ଠାକୁର ଚମତ୍କାର ବୋଲିଂ କରି ଇଂଲଣ୍ଡ ବ୍ୟାଟିଂରେ ଅଙ୍କୁଶ ଲଗାଇଥିଲେ। ମ୍ୟାଚରେ ବିଜୟ ଲାଭ କରିବା ଦ୍ୱାରା ଦଳ ର୍‌ୟାଙ୍କିଙ୍ଗ୍ ତାଲିକାର ଦ୍ୱିତୀୟ ସ୍ଥାନକୁ ପୁଣି ଫେରିଛି। ଶନିବାର ଦୁଇ ଦଳ ମଧ୍ୟରେ ୫ମ ତଥା ନିର୍ଣ୍ଣାୟକ ମ୍ୟାଚ ଖେଳାଯିବ। ପ୍ରଥମ ଓ ତୃତୀୟ ମ୍ୟାଚରେ ପରାଜୟ ବରଣ କରିବା ମୁଖ୍ୟ କାରଣ ହେଲା ପ୍ରଥମ ୬ ଓଭରରେ ୩ ଉଇକେଟ ହରାଇ ବସିବା। ଇଂଲଣ୍ଡର ହାଇକ୍ୱାଲିଟି ବୋଲିଂ ଆକ୍ରମଣକୁ ମୁକାବିଲା କରିବା ଲାଗି ବ୍ୟାଟ୍ସମ୍ୟାନମାନଙ୍କ ତରଫରୁ କୌଣସି ଯୋଜନାବଦ୍ଧ ପ୍ରୟାସ ନ ହେବା। ଚତୁର୍ଥ ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବ ନିର୍ବିବାଦୀୟ ଷ୍ଟାର ଖେଳାଳି। ପଦାର୍ପଣ ମ୍ୟାଚରେ ଜୋଫ୍ରା ଆର୍ଚରଙ୍କ ବୋଲିଂରେ ଛକା ସହ ସେ ତାଙ୍କ ଇନିଂସ ଆରମ୍ଭ କରିଥିଲେ। ବହୁଦିନ ହେଲା ସୁଯୋଗ ଅପେକ୍ଷାରେ ଥିବା ସୂର୍ଯ୍ୟକୁମାର ପରେ ଆଦିଲ ରସିଦଙ୍କ ଏକ ଗୁଗଲିଙ୍କୁ ଏକ୍ସଟ୍ରା କଭର ଅଞ୍ଚଳରେ ବାଉଣ୍ଡାରି ପାର କରିଦେଇଥିଲେ। ଏହାଦ୍ୱାରା ସେ ତାଙ୍କ ନିକଟରେ ରହିଥିବା ଶକ୍ତି ଓ ଦୃଢ଼ ଆତ୍ମବିଶ୍ୱାସର ପରିଚୟ ଦେଇଛନ୍ତି। ଗତ କିଛି ମାସ ହେଲା ନବାଗତଙ୍କଠାରୁ ପ୍ରଭାବୀ ପ୍ରଦର୍ଶନ ଦେଖିବାକୁ ମିଳୁଛି। ଏହି ତାଲିକାରେ ସୂର୍ଯ୍ୟକୁମାର ସାମିଲ ହୋଇଛନ୍ତି। ଡାଉନ ଅର୍ଡରରେ ଶ୍ରେୟାସ ଆୟାର ଏକ ସ୍ୱତନ୍ତ୍ର ଇନିଂସ ଖେଳିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଜାତୀୟ ଦଳରେ ସବୁ ସମୟରେ ନିଜ ପସନ୍ଦ ସ୍ଥାନରେ ବ୍ୟାଟିଂ କରିବା ଲାଗି ସୁଯୋଗ ପାଇ ନ ଥାନ୍ତି। ଏହି ମ୍ୟାଚରେ ସେ ଭାରତର ସ୍କୋର ଆଗେଇ ନେବାରେ ତାଙ୍କର କିଛି ଭୂମିକା ରହିଥିଲା।

ବୋଲିଂ ବେଳେ ଭୁବନେଶ୍ୱର କୁମାର ଭାରତକୁ ଭଲ ଆରମ୍ଭ ଦେଇଥିଲେ। ସେ ତାଙ୍କ ଦ୍ୱିତୀୟ ଓଭରରେ ଜୋସ୍ ବଟଲରଙ୍କ ଉଇକେଟ ଖସାଇ ଦେଇଥିଲେ। କିନ୍ତୁ ଇଂଲଣ୍ଡ ଏଥିରେ ଦବିଯାଇ ନ ଥିଲା। ଜାସନ ରୟ ଏବଂ ପରେ ଜନି ବ୍ଲେୟାର ଷ୍ଟୋ ଓ ବେନ୍ ଷ୍ଟୋକ୍ସ ଚମତ୍କାର ବ୍ୟାଟିଂ କରି ଦଳର ସ୍ଥିତିରେ ଉନ୍ନତି ଆଣିଥିଲେ। ଯେକୌଣସି ଫର୍ମାଟରେ ଡଟ୍ ବଲ ଉଇକେଟ ପତନ ଘଟାଇବା ପାଇଁ ପଥ ଉନ୍ମୁକ୍ତ କରିଥାଏ। ଶାର୍ଦ୍ଦୁଳ ଠାକୁର ତାଙ୍କର କ୍ରମାଗତ ଦୁଇଟି ବଲ୍‌ରେ ଷ୍ଟୋକ୍ସ ଏବଂ ଅଭିଜ୍ଞ ଇଅନ ମୋର୍ଗାନଙ୍କ ଉଇକେଟ ହାସଲ କରିଥିଲେ, ଯାହାଫଳରେ ଭାରତ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିବାରେ ସଫଳ ରହିଥିଲା। ଶାର୍ଦ୍ଦୁଳ ଠାକୁରଙ୍କ ବୋଲିଂ ଖୁବ୍ ପ୍ରଶଂସନୀୟ ଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ୪ ଓଭର ବୋଲିଂରେ ମାତ୍ର ୧୬ ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ, ଯେତେବେଳେ ଇଂଲଣ୍ଡର ସ୍କୋରିଂ ରେଟ୍ ୯ରନରୁ ଅଧିକ ଥିଲା। ମୁଁ ଏବେ ମଧ୍ୟ ଅନୁଭବ କରୁଛି ଯେ, ଭାରତ ଦଳରେ ଜଣେ ଅତିରିକ୍ତ ବିକଳ୍ପ ବୋଲରର ପୁନର୍ବିଚାର କରିବା ଉଚିତ। (**ଗେମ୍‌ପ୍ଲାନ**)

SEAGRAM'S
ROYAL STAG
PACKAGED DRINKING WATER

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୦ ମାର୍ଚ୍ଚ, ୨୦୨୧

**ଜଳୁଛି ଜଙ୍ଗଲ**

**ପାଟଣା,(ସ୍ୱ.ପ୍ର.):** କେନ୍ଦୁଝର ଜଲା ପାଟଣା ରେଞ୍ଜର ବିଭିନ୍ନ ଜଙ୍ଗଲ ଓ କାଜୁ ବଗିଚାରେ ଶୁକ୍ରବାର ନିଆଁ ଲାଗି ଯିବାରୁ ଶହଶହ କାଜୁ, ଆକାଶିଆ ଓ ଶାଳ ଭଳି ମୂଲ୍ୟବାନ ଗଛ ଜଳିପୋଡି ନଷ୍ଟ ହୋଇଯାଇଛି। ଏହି ରେଞ୍ଜ୍‌ର ତଣ୍ଡ ଗ୍ରାମର କାଜୁ ଜଙ୍ଗଲ ଓ ଡୁମୁରିଆ ପଞ୍ଚାୟତ ବଡ଼ନୂଆଗାଁ ସ୍ଥିତ ବୈତରଣୀ ନଦୀ କୂଳରେ ୫ଏକର ପରିମିତ ଜଙ୍ଗଲରେ ନିଆଁ ଲାଗି ଅନେକ ଗଛ ଜଳିପୋଡିଯାଇଛି। ସେହିପରି ପୋଇପାଣି ଓ ପୁରୁଣାପାଣି ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗି ଅନେକ ମୂଲ୍ୟବାନ ଗଛ ଜଳିପୋଡି ନଷ୍ଟ ହୋଇଯାଇଛି। ବନ ବିଭାଗ ଓ ଅଗ୍ନିଶମବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ରହିଛନ୍ତି।



# ‘ଚାଷରେ ବିବିଧତା ପାଇଁ ପ୍ରୋତ୍ସାହିତ କରାଯାଉ’

**ସରିଲା ‘କୃଷି ଓଡ଼ିଶା’**

ଭୁବନେଶ୍ୱର, ୧୯।୩(ବ୍ୟୁରୋ)

କୃଷି, ଗୋପାଳନ ଓ କୁଟୀରଶିଳ୍ପ ହେଉଛି ଭାରତୀୟ ଅର୍ଥନୀତିର ଆଧାର। ଏହାର ପ୍ରତୀକ ହେଉଛନ୍ତି ହଳଧର, ଗୋପାଳ ଓ ସୁଭଦ୍ରା। ତେଣୁ ଏସବୁର ଅଭିବୃଦ୍ଧି ହେବା ଦରକାର। ଗ୍ରାମ୍ୟ ଅର୍ଥନୀତିର ସୁଦୃଢ଼ୀକରଣ ଓ କୃଷିର ଉନ୍ନତି ଦେଶର ଅର୍ଥନୈତିକ ବିକାଶଧାରାରେ ପ୍ରାଥମିକତା ପାଇବା ଦରକାର। କୃଷକଙ୍କ ପ୍ରତ୍ୟେକ ଉତ୍ପାଦ ଜାତୀୟ ଉତ୍ପାଦ ଭାବରେ ଗ୍ରହଣ କରିବା ଉଚିତ। ଗ୍ରାମ୍ୟ ସ୍ୱରାଜ୍ୟର ସ୍ୱପ୍ନକୁ ସଂକଳ୍ପରେ ପରିଣତ କରି ଆଗେଇବା ଆବଶ୍ୟକ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଶୁକ୍ରବାର ‘କୃଷି ଓଡ଼ିଶା’ର ଉଦ୍‌ଯାପନୀ ସମାରୋହରେ ରାଜ୍ୟପାଳ ମୁଖ୍ୟ



‘କୃଷି ଓଡ଼ିଶା’ର ଉଦ୍‌ଯାପନୀ ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କୃଷିମନ୍ତ୍ରୀ ଅରୁଣ ସାହୁ, ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଅଛନ୍ତି।

ଅତିଥି ଭାବେ ଯୋଗଦେଇ କହିଲେ, କୃଷକଙ୍କ ପାଇଁ ସହଜ ଋଣ ବ୍ୟବସ୍ଥା, ନିୟନ୍ତ୍ରଣମୁକ୍ତ ପରିବେଶ, ବଜାର ସୁବିଧା ଓ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଉ। ଚାଷରେ ବିବିଧତା ଆଣିବା ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

ସମାରୋହରେ କୃଷି ଓ କୃଷକ ସଶକ୍ତୀକରଣ, ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ ଅଧ୍ୟକ୍ଷତା କରି କହିଛନ୍ତି, ରାଜ୍ୟ ସମ୍ମୁଖୀନ ହେଉଥିବା ସବୁ ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ଚାଷୀ ତା’ର କର୍ତ୍ତବ୍ୟରୁ ବିରତ ନ ହୋଇ ବର୍ଦ୍ଧିତ ଜନସଂଖ୍ୟାର ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିପାରିଛି। କୋଭିଡ୍‌-୧୯ ସଂକ୍ରମଣ ସମୟରେ ଚାଷୀଭାଇମାନେ ଭାଙ୍ଗି ନ ପଡ଼ି ରେକର୍ଡ ପରିମାଣର ଶସ୍ୟ ଉତ୍ପାଦନ କରିବାକୁ ସକ୍ଷମ ହୋଇଛନ୍ତି। ରାଜ୍ୟ ସରକାରଙ୍କ ସମୟୋପଯୋଗୀ କୃଷିନୀତି ଓ ଯୋଜନା ଯୋଗୁ ରାଜ୍ୟ ଚାଉଳ ଉତ୍ପାଦନରେ ବଳକା ରାଜ୍ୟ ହେବା ସହିତ ଅନେକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଛି। କୃଷିର ସାମଗ୍ରିକ ବିକାଶ ନିମନ୍ତେ ପାରମ୍ପରିକ ଚାଷ ବଦଳରେ ସମନ୍ୱିତ ଚାଷକୁ ଆପଣାଇବାକୁ ପଡ଼ିବ ବୋଲି ମନ୍ତ୍ରୀ କହିଛନ୍ତି। ସମ୍ମାନିତ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଯୋଗଦେଇ କହିଛନ୍ତି, ରାଜ୍ୟରେ କୃଷି ସହିତ ଆନୁଷଙ୍ଗିକ କୃଷିର ବିକାଶ ଦିଗରେ ବ୍ୟାପକ ସୁଯୋଗ ରହିଛି। ଏହାର ସୁବିନିଯୋଗ ହେବା ଆବଶ୍ୟକ। ଫଳ ଓ ପନିପରିବା ଚାଷ ସହିତ କୁକୁଡ଼ା ପାଳନ, ଗୋପାଳନ ଏବଂ ମାଛଚାଷ କ୍ଷେତ୍ରରେ ଉନ୍ନତି ଆଣି ରାଜ୍ୟକୁ ସବୁ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ କହିଲେ, ତୃଣମୂଳ ସ୍ତରରେ ଚାଷୀଙ୍କ ସମସ୍ୟାର ସମାଧାନ ନିମନ୍ତେ ନିୟମିତ ପଞ୍ଚାୟତ ଓ ବ୍ଲକ୍ ସ୍ତରରେ ବୈଠକ ଆୟୋଜନ କରାଯାଉଛି। ଏଥି ସହିତ ‘ଆମ କୃଷି’ ଟୋଲ୍‌ଫ୍ରି ମୋବାଇଲ୍ ସେବା ମାଧ୍ୟମରେ କୃଷକଙ୍କୁ ଆବଶ୍ୟକ ପରାମର୍ଶ ଦିଆଯାଇପାରୁଛି। ଫିକିର ଓଡ଼ିଶା ଷ୍ଟେଟ୍ କାଉନ୍‌ସିଲର ଅଧ୍ୟକ୍ଷା ମୋନିକା ନାୟାର ପଟ୍ଟନାୟକ କୃଷି ଓ କୃଷକଙ୍କ ଉପରେ କହିଥିବାବେଳେ ‘ଇମେଜ୍’ର ମୁଖ୍ୟ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପଣା ହାତ ଜଗନ୍ନାଥ**
**ପର ହାତ ମଇଳା ଖତ।**

ଯେତେ କଷ୍ଟ ପଡୁ ପଛେ ନିଜେ ଯାଇ ନିଜ କାର୍ଯ୍ୟ ସମ୍ପାଦନା କରିବା ଉଚିତ। ପରକୁ ଅପେକ୍ଷା କଲେ ହେବା କାର୍ଯ୍ୟ ହୋଇପାରି ନ ଥାଏ ଓ ବିଗିଡି ମଧ୍ୟ ଯାଇଥାଏ। ଅନ୍ୟ କେହି ନିଜ କର୍ମଫଳର ଅଂଶୀଦାର ହୋଇ ନ ଥାନ୍ତି। ତେଣୁ ପରକୁ ଅପେକ୍ଷା ନ କରି ନିଜ କଥା ବୁଝି ବିଚାରି ନିଜେ କରିବା ଶ୍ରେୟସ୍କର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆସିଛ ଯଦି ଖା,**
**ନ ହେଲେ ଯୋଉ ବାଟେ ବାଟେ ଆସିଚ**
**ବନ୍ଧୁ ସେଇ ବାଟେ ବାଟେ ଯା।**

କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ବନ୍ଧୁକୁ ବନ୍ଧୁ ଭଳି ନୁହେଁ ବରଂ ତାଙ୍କ ପ୍ରତିପତ୍ତି ଦେଖି ବନ୍ଧୁ ହେବା ଯୋଗ୍ୟ କି ନୁହେଁ ତାହା ସ୍ଥିର କରିଥାନ୍ତି। ଏ ପରିସ୍ଥିତିରେ ବନ୍ଧୁ ଯଦି ଅପେକ୍ଷାକୃତ ଗରିବ ହୋଇଥାଏ ତା ପ୍ରତି ହେୟଜ୍ଞାନ କରିବାକୁ ପଛାଇ ନ ଥାନ୍ତି। ଗରିବ ବନ୍ଧୁ ପ୍ରତି ଚର୍ଚ୍ଚା କରିବା ନେଇ କୁଣ୍ଠିତ ମନୋଭାବ ପ୍ରକାଶ ପାଇବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ୨୫ରେ ଭିଜିଲାନ୍ସ ଅଫିସ୍ ଘେରାଉ ଚେତାବନୀ

**କୃଷି ଯନ୍ତ୍ରାଂଶ ବିକ୍ରୟ ଦୁର୍ନୀତି ଘଟଣା**

ବାଲେଶ୍ୱର ଅଫିସ,୧୯।୩

ବାଲେଶ୍ୱର ଜିଲା ରେମୁଣା ନିର୍ବାଚନମଣ୍ଡଳୀର ବିଧାୟକ ତଥା ନିଗମାନନ୍ଦ ଆସୋସିଏଟ୍ ନାମକ ଏକ ଏଜେନ୍ସିର ମାଲିକ ସୁଧାଂଶୁ ଶେଖର ପରିଡ଼ା ଜାଲିଆତି କରି କୃଷି ଯନ୍ତ୍ରାଂଶ ବିକ୍ରୟ ଏବଂ ଅନୁସୂଚିତ ଜାତି (ଏସ୍‌ସି) ଓ ଜନଜାତି (ଏସ୍‌ଟି) ଚାଷୀଙ୍କ ସବ୍‌ସିଡିକୁ ଚଞ୍ଚକତା ପୂର୍ବକ ହଡ଼ପ କରିଥିବା ଅଭିଯୋଗ କରିଛି ରେମୁଣା ଭାଜପା। ଏସମ୍ପର୍କରେ ଦୀର୍ଘଦିନ ହେଲା ମୁଖ୍ୟମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କ ସମେତ ଭିଜିଲାନ୍ସ ଏସ୍‌ପିଙ୍କୁ ଲିଖିତ ଅଭିଯୋଗପତ୍ର ଦିଆଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଏନେଇ ଶୁକ୍ରବାର ରେମୁଣା ଗୋଲେଇ ଛକରେ ଭାଜପା ପକ୍ଷରୁ ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ ଓ ବିଧାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ପରେ ଭାଜପାର ଏକ ପ୍ରତିନିଧି ଦଳ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଜିଲା ଭିଜିଲାନ୍ସ ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ସପ୍ତାହକ ମଧ୍ୟରେ ବିଧାୟକଙ୍କ ସମେତ ସମ୍ପୃକ୍ତ କଳାବଜାରୀମାନଙ୍କୁ ଗିରଫ କରା ନ ଗଲେ ଆସନ୍ତା ୨୫ ତାରିଖରେ ଭିଜିଲାନ୍ସ ଅଫିସ୍ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ରାଜ୍ୟ କୃଷକ ମୋର୍ଚ୍ଚା ଉପ-ସଭାପତି ବିପିନ ବିହାରୀ ଦାସ, ରାଜ୍ୟ ସମ୍ପାଦିକା ଶୋଭନା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଭାତ ଏମ୍‌ଏସ୍‌ଏମ୍‌ଇ ଜାତୀୟ ବୋର୍ଡ ସଦସ୍ୟ

କଟକ ଅଫିସ, ୧୯।୩: କେନ୍ଦ୍ର ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମ୍‌ଏସ୍‌ଏମ୍‌ଇ) ମନ୍ତ୍ରଣାଳୟର ଜାତୀୟ ବୋର୍ଡରେ ସଦସ୍ୟଭାବେ ଉଦ୍ୟୋଗପତି ପ୍ରଭାତ କେଶରୀ ମିଶ୍ର ଶୁକ୍ରବାର ମନୋନୀତ ହୋଇଛନ୍ତି। କେନ୍ଦ୍ର ସଡ଼କ ପରିବହନ ଓ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ନୀତିନ ଗଡ଼କରୀ ମିଶ୍ରଙ୍କୁ ନୂତନ ସଦସ୍ୟ ଭାବେ ସ୍ୱାଗତ କରିଥିଲେ। ତାଙ୍କର ଅଭିଜ୍ଞତାକୁ ଆଧାରକରି ଏମ୍‌ଏସ୍‌ଏମ୍‌ଇରେ ଉପଯୁକ୍ତ ବଜାର ସୃଷ୍ଟି କରିବା ପାଇଁ ଗୁରୁଦାୟିତ୍ୱ ଅର୍ପଣ କରିଥିଲେ। ମିଶ୍ର ଏହା ପୂର୍ବରୁ ଓଡ଼ିଶା କ୍ଷୁଦ୍ର ଶିଳ୍ପ ଉଦ୍ୟୋଗ ସଂଘ ସଭାପତି ଓ ଲଘୁ ଉଦ୍ୟୋଗ ଭାରତୀର ପ୍ରାନ୍ତୀୟ ଅଧ୍ୟକ୍ଷଭାବେ ସଫଳତାର ସହିତ ଦାୟିତ୍ୱ ତୁଲାଇଛନ୍ତି। କଟକସ୍ଥିତ ଖପୁରିଆଠାରେ ଥିବା କାର୍ଯ୍ୟାଳୟରେ ଖବରଦାତାଙ୍କୁ ସୂଚନାଦେଇ ତାଙ୍କ ଉପରେ ଏହି ଦାୟିତ୍ୱ ଅର୍ପଣ କରିଥିବା ହେତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଏବଂ ପ୍ରତାପ ଷଡ଼ଙ୍ଗୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଶାସକ-ବିରୋଧୀ କାଦୁଅଫିଙ୍ଗା

ଭୁବନେଶ୍ୱର, ୧୯।୩(ବ୍ୟୁରୋ)

ମାହାଙ୍ଗା ଡବଲ ମର୍ଡର ଘଟଣାକୁ ନେଇ ଶାସକ-ବିରୋଧୀଙ୍କ ମଧ୍ୟରେ ଚାଲିଥିବା କାଦୁଅଫିଙ୍ଗା ରାଜନୀତି ଥମିବାର ନାଁ ଧରୁନାହିଁ। ଏହି ଘଟଣାରେ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ବହିଷ୍କାର ଏବଂ ଗିରଫ ଦାବିରେ ଶୁକ୍ରବାର ରାଜଧାନୀରେ ଗର୍ଜିଛନ୍ତି ଯୁବ କଂଗ୍ରେସ କର୍ମୀ। ଅନ୍ୟପଟେ ଏହି ଘଟଣାର ଅଭିଯୁକ୍ତଙ୍କୁ ଗିରଫ ଏବଂ କେନ୍ଦ୍ରୀୟ ଯୋଜନାର ଠିକ୍ କାର୍ଯ୍ୟାନ୍ୱୟନ ଦାବିରେ ଶନିବାର ବିଧାନସଭା ଘେରାଉ କରାଯିବ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ସେହିପରି ବିରୋଧୀଙ୍କୁ ଜବାବ ଦେବାକୁ ଯାଇ ଭାଜପା ନେତା ସାରଦା ପ୍ରଧାନଙ୍କୁ ସିଧାସଳଖ ଟାର୍ଗେଟ କରିଛି ବିଜେଡି। ଏସବୁ ଆରୋପ ପ୍ରତ୍ୟାରୋପକୁ ନେଇ ରାଜ୍ୟ ରାଜନୀତି ଉଷ୍ମ ହୋଇଛି।

**ମାହାଙ୍ଗା ଡବଲ ମର୍ଡର ଘଟଣା**
- ପ୍ରତାପଙ୍କ ଗିରଫ ଦାବିରେ ଗର୍ଜିଲା ଯୁବ କଂଗ୍ରେସ
- ଆଜି ବିଧାନସଭା ଘେରିବ ଭାଜପା
- ସାରଦା ପ୍ରଧାନଙ୍କୁ ବିଜେଡିର ଟାର୍ଗେଟ

ମନ୍ତ୍ରୀ ଜେନାଙ୍କ ସରକାରୀ ବାସଭବନ ଘେରାଉ କରିବାକୁ ଶୁକ୍ରବାର ଯୁବ କଂଗ୍ରେସ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଦଳୀୟ କାର୍ଯ୍ୟକର୍ତ୍ତାମାନେ କଂଗ୍ରେସ ଭବନ ପରିସରରୁ ଏକ ବିଶାଳ ବାଇକ୍ ରାଲି ଏବଂ ପଦଯାତ୍ରାରେ ମନ୍ତ୍ରୀଙ୍କ ବାସଭବନକୁ ଯିବା ବେଳେ ଶିଶୁଭବନ ଛକଠାରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ପୋଲିସ-କଂଗ୍ରେସ କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଘଟଣାସ୍ଥଳରୁ କେତେଜଣ କର୍ମୀଙ୍କୁ ପୋଲିସ ଉଠାଇନେଇ ପରେ ଛାଡ଼ି ଦେଇଛି। କର୍ମୀମାନେ ଆଇନ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଦଳୀୟ ଯୁବନେତା ରାଜୀବ ପଟ୍ଟନାୟକ କହିଛନ୍ତି, ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କୁ ଗାଡ଼ି ଚଢ଼ାଇ ହତ୍ୟା କରାଗଲା। ମାହାଙ୍ଗା ଡବଲ ମର୍ଡର ଘଟଣାରେ ମନ୍ତ୍ରୀଙ୍କ ନାମ ଏତଲାରେ ରହିଛି। ତେଣୁ ତାଙ୍କୁ ତୁରନ୍ତ ଗିରଫ କରାଯାଉ। ନଚେତ୍ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ରାସ୍ତା ଅବରୋଧ କରାଯିବ ବୋଲି ରାଜୀବ ଚେତାବନୀ ଦେଇଛନ୍ତି। ଏ ନେଇ ବାରମ୍ବାର ମନ୍ତ୍ରୀ ଜେନାଙ୍କୁ ଟେଲିଫୋନରେ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

ଅନ୍ୟପଟେ ମାହାଙ୍ଗା ଡବଲ ମର୍ଡର ଘଟଣାର ଅଭିଯୁକ୍ତଙ୍କୁ ଗିରଫ ଏବଂ କେନ୍ଦ୍ରୀୟ ଯୋଜନାର ଠିକ୍ କ୍ରିୟାନ୍ୱୟନ ଦାବିରେ ଶନିବାର ବିଧାନସଭା ଘେରାଉ କରାଯିବ ବୋଲି ଭୁବନେଶ୍ୱର ଜିଲା ଭାଜପା ସଭାପତି ବାବୁ ସିଂ ସୂଚନା ଦେଇଛନ୍ତି। ଶାସକଦଳ ଚାପରେ ଘଟଣାରେ ଅଭିଯୁକ୍ତ ଥିବା ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ନ ଥିବା ସେ ଅଭିଯୋଗ ଆଣିଛନ୍ତି। ଅପରପକ୍ଷେ ମନ୍ତ୍ରୀଙ୍କ ଉପରେ ଉଠିଥିବା ଅଭିଯୋଗକୁ ନେଇ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି ଭାଜପା ଉପରେ ପ୍ରବଳ ବର୍ଷିଛନ୍ତି। ସେ କହିଛନ୍ତି, ମାହାଙ୍ଗା ଏବଂ ମନ୍ତ୍ରୀ ଜେନାଙ୍କୁ ବଦନାମ କରିବାକୁ ଅପଚେଷ୍ଟା କରାଯାଉଛି। ଏହା ପଛରେ ଭାଜପା ନେତା ସାରଦା ପ୍ରଧାନଙ୍କ ପ୍ରଚ୍ଛନ୍ନ ହାତ ରହିଛି।

## ଶିକ୍ଷା ସଚେତନତା, ସମ୍ବର୍ଦ୍ଧନା ଶିବିର

ଚଣ୍ଡିଖୋଲ,୧୯।୩(ଡି.ଏନ.ଏ.)

ବିଶ୍ୱ ସାମାଜିକ କାର୍ଯ୍ୟ ଦିବସରେ ଚଣ୍ଡିଖୋଲସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ନୂତନ ପରିସର(ଗ୍ରାମୀଣ)ର ସାମାଜିକ କାର୍ଯ୍ୟ ବିଭାଗ ପକ୍ଷରୁ ଏକ ଶିକ୍ଷା ସଚେତନତା ଓ ସମ୍ବର୍ଦ୍ଧନା ଶିବିର ଅନୁଷ୍ଠିତ ହୋଇଯାଇଛି। ଦର୍ପଣ ପଞ୍ଚାୟତ ଅଧୀନ ସଞ୍ଜୟନଗର ଗ୍ରାମର ବିଡିସାହି ଓ ଝରଣା ସାହିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜିକ କାର୍ଯ୍ୟ ବିଭାଗର କୋର୍ସ କୋଅର୍ଡିନେଟର ଡ. ହିମାଂଶୁ ଶେଖର ରାଉତ ଯୋଗଦେଇ ସଞ୍ଜୟନଗର ଅଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଶିକ୍ଷା ପାଇଁ ସମସ୍ତେ ଆଗଭର ହେବାକୁ କହିଥିଲେ। ମୁଖ୍ୟବକ୍ତା ଭାବେ କୋଅର୍ଡିନେଟର ଡ. ତନୟା ମହାନ୍ତି ଯୋଗଦେଇ ଶିକ୍ଷାର ପ୍ରସାର ସହିତ ଆଞ୍ଚଳିକ ଭାଷାର ଉନ୍ନତି ଦିଗରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ସଞ୍ଜୟନଗରସ୍ଥିତ ବିଦ୍ୟାଳୟ ପ୍ରଧାନଶିକ୍ଷକ ସାରବେଦୁ କୁମାର ଓତା, ବିଶ୍ୱବିଦ୍ୟାଳୟ ସାମାଜିକ କାର୍ଯ୍ୟ ବିଭାଗ ଅଧ୍ୟାପକ ଡ. ବିଜୟଲକ୍ଷ୍ମୀ ସାହୁ ଓ ପ୍ରଦୀପ କୁମାର ସାହୁ ପ୍ରମୁଖ ଶିକ୍ଷା ଦିଗରେ ସରକାରୀ ସହାୟତା, ନିଯୁକ୍ତି, ବୃତ୍ତି ନିମନ୍ତେ ଶିକ୍ଷାର ଆବଶ୍ୟକତା, ଆଦିବାସୀ ଶିକ୍ଷିତ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି କ୍ଷେତ୍ର ସୁବିଧା ଉପରେ ଆଲୋକପାତ କରିଥିଲେ। ଶେଷରେ ଶିକ୍ଷା ସମ୍ବନ୍ଧୀୟ ଆୟୋଜିତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରାଯିବା ସହ ଶିକ୍ଷା କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଥିବା ପିଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଞ୍ଜୟନଗର ଗ୍ରାମ ସମେତ ଅଞ୍ଚଳର ଶତାଧିକ ମହିଳାପୁରୁଷ ଓ ଛୋଟ ପିଲା ଉପସ୍ଥିତ ଥିଲେ।



ଶିବିରରେ ଉପସ୍ଥିତ ଅତିଥି ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣ।

## ଓଏମ୍‌ସି ଦେଲା ହଜାରେ କୋଟିର ଲାଭାଂଶ



**ଭୁବନେଶ୍ୱର,୧୯। ୩:** ଆର୍ଥିକ ବର୍ଷ ୨୦୨୦-୨୧ ପାଇଁ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନ୍ତରୀଣ ଲାଭାଂଶ ଭାବେ ହଜାରେ କୋଟି ଟଙ୍କା ପ୍ରଦାନ କରାଯାଇଛି। ଗୁରୁବାର ଲୋକସେବା ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହି ଚେକ୍ ହସ୍ତାନ୍ତର କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଉକ୍ତ ଚେକ୍ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇସ୍ପାତ ଏବଂ ଖଣି ବିଭାଗର ପ୍ରମୁଖ ସଚିବ ତଥା ଓଏମ୍‌ସି ଅଧ୍ୟକ୍ଷ ସୁରେନ୍ଦ୍ର କୁମାର, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ କୁମାର ମୀନା, ୫-ଟି ସଚିବ ଭି.କେ. ପାଣ୍ଡିଆନ, ଓଏମ୍‌ସି ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂହ ଏବଂ ଓଏମ୍‌ସିର ବରିଷ୍ଠ ପଦାଧିକାରୀଗଣ ଉପସ୍ଥିତ ଥିଲେ।

## ମୁଦୁଲିପଡ଼ା କ୍ୟାମ୍ପରେ ବିଏସ୍‌ଏଫ୍ ଏଡିଜି

ମାଲକାନଗିରି,୧୯।୩ (ଡି.ଏନ୍.ଏ.)

ମାଲକାନଗିରି ଜିଲା ବଣ୍ଡାଘାଟିର ଅଣ୍ଡ୍ରାହାଲ ଓ ମୁଦୁଲିପଡା ବିଏସ୍‌ଏଫ କ୍ୟାମ୍ପ ପରିଦର୍ଶନ କରି ବିଏସ୍‌ଏଫ୍ ଏଡିଜି ଡ. ଏସ୍.ଏଲ. ଥାଓସେନ୍ ମୁଦୁଲିପଡାରେ ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ବିଏସ୍‌ଏଫ କ୍ୟାମ୍ପର କାର୍ଯ୍ୟ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ମୁଦୁଲିପଡା ଓ ଅଣ୍ଡ୍ରାହାଲ ବିଏସ୍‌ଏଫ କ୍ୟାମ୍ପ ପରିଦର୍ଶନ କରି ବରିଷ୍ଠ ଅଧିକାରୀଙ୍କ ସହ ବୈଠକ କରିଛନ୍ତି। ବଣ୍ଡାଘାଟିକୁ ମାଓବାଦୀମାନେ ଏବେ ନିଜର ନୂଆ ଆଶ୍ରୟସ୍ଥଳୀ କରିଛନ୍ତି। ଏଠାରେ ମାଓବାଦୀ ହିଂସା ବଢୁଥିବାରୁ ଏହାକୁ ରୋକିବା ପାଇଁ ଏଡିଜି ଡ. ଥାଓସେନ୍ ଦୀର୍ଘ ସମୟ ଧରି ବିଏସ୍‌ଏଫ ଅଧିକାରୀ ଓ ଜିଲା ପୋଲିସ ସହ ବିଭିନ୍ନ ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ। ଗତ କିଛିଦିନ ତଳେ ବଣ୍ଡାଘାଟିର ମୁଦୁଲିପଡା ଓ ଅଣ୍ଡ୍ରାହାଲରେ ଦୁଇଟି ବିଏସ୍‌ଏଫ କ୍ୟାମ୍ପ ପ୍ରତିଷ୍ଠା ହୋଇଥିଲା। ମାଓବାଦୀମାନେ ବିକାଶ ବିରୋଧୀ ନ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ ବୋଲି ଥାଓସେନ୍ ପ୍ରକାଶ କରିଥିଲେ। ଏହି ଗସ୍ତ ଅବସରରେ କୋରାପୁଟ ଦକ୍ଷିଣାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ, ବିଏସ୍‌ଏଫ ଡିଆଇଜି ଅପରେଶନ ଅଖିଳେଶ୍ୱର ସିଂ, କୋରାପୁଟ ବିଏସ୍‌ଏଫ୍ ଡିଆଇଜି ପି.କେ. ମିଶ୍ର, ମାଲକାନଗିରି ଏସ୍‌ପି ରିଶିକେଷ ଡି. ଖିଲାରି ପ୍ରମୁଖ ଉସ୍ଥିତ ଥିଲେ।

## ଗହୀରମଥାରେ ୮୨୫ କଇଁଛଙ୍କୁ ଟ୍ୟାଗିଂ

ରାଜନଗର, ୧୯।୩(ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ଗହୀରମଥା ଅଞ୍ଚଳରେ ଲକ୍ଷାଧିକ ଅଲିଭରିଡ୍‌ଲେ ମାଆ କଇଁଛ ଗଭୀର ସମୁଦ୍ରରୁ ଉଠି ଆସି ବେଳାଭୂମିରେ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଜାରି ରଖିଛନ୍ତି। ଏମାନଙ୍କୁ ଚିହ୍ନଟ, ଗତିବିଧି ଓ ଜୀବନଶୈଳୀ ଲାଗି ଗୋଡରେ ଧାତବ ଫଳକ ଟ୍ୟାଗିଂ କରାଯାଉଛି। ଏହି କ୍ରମରେ ୮୨୫ ଅଲିଭରିଡ୍‌ଲେଙ୍କ ଗୋଡରେ ଟ୍ୟାଗିଂ ଶୁକ୍ରବାର ସୁଦ୍ଧା କରାଯାଇଛି। ୨୦୧୧ ଧାତବ ଫଳକ ଲାଗିଥିବା ମାଆ କଇଁଛ ପୁଣି ଗହୀରମଥାର ନାସୀ-୨ରେ ଅଣ୍ଡାଦେବା ବେଳେ ଚିହ୍ନଟ ହୋଇଛି। ଏହାକୁ ନେଇ କଇଁଛ ବିଶାରଦଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି। ମାର୍ଚ୍ଚ ୮ଠାରୁ ଅଲିଭରିଡ୍‌ଲେ କଇଁଛ ଅଣ୍ଡାଦାନ ପ୍ରକ୍ରିୟା ଜାରି ରଖିଛନ୍ତି। ଶୁକ୍ରବାର ସୁଦ୍ଧା ୨,୫୯,୬୬୫ କଇଁଛ ଅଣ୍ଡା ଦେଇ ସାରିଲେଣି।

## ଅସୁସ୍ଥ ଦନ୍ତାହାତୀର ମୃତ୍ୟୁ

ଦେବଗଡ଼,୧୯।୩(ଡି.ଏନ୍.ଏ.): ଦେବଗଡ଼ ବନଖଣ୍ଡ ବାରକୋଟ ବନାଞ୍ଚଳ ଅନ୍ତର୍ଗତ ବଡତଇଳା ସଂରକ୍ଷିତ ଜଙ୍ଗଲରେ ଶୁକ୍ରବାର ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ଗୁରୁବାର ସକାଳେ ଏହି ଦନ୍ତାହାତୀ ବ୍ରାହ୍ମଣୀ ନଦୀ ପାରହୋଇ ମରଡଙ୍ଗ ଗ୍ରାମ ନିକଟସ୍ଥ ବଡତଇଳା ସଂରକ୍ଷିତ ଜଙ୍ଗଲକୁ ଚାଲିଆସିଥିଲା। ଏ ସମ୍ପର୍କରେ ସୂଚନାପାଇ ବନବିଭାଗ କର୍ମଚାରୀମାନେ ହାତୀ ଉପରେ ନଜର ରଖିଥିଲେ। ଦୁର୍ବଳ ହୋଇପଡିଥିବା, ଭଲଭାବେ ଚାଲିପାରୁ ନ ଥିବା ଓ ପାଟିରୁ ଲାଳ ବାହାରୁଥିବାରୁ ହାତୀ କୌଣସି ରୋଗରେ ପୀଡ଼ିତ ହୋଇଥିବା ବନ ବିଭାଗ ପକ୍ଷରୁ ଆଶଙ୍କା କରାଯାଇଥିଲା। ଦେବଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀ ଭୁବନେଶ୍ୱର ଓୟୁଏଟିର ପ୍ରାଣୀ ଚିକିତ୍ସା ବିଭାଗ ପ୍ରଫେସରଙ୍କ ସହ ପରାମର୍ଶ କରିବା ପରେ ତାଙ୍କ ପରାମର୍ଶ କ୍ରମେ ଶୁକ୍ରବାର ସକାଳେ ହାତୀର ଚିକିତ୍ସା ଆରମ୍ଭ କରାଯାଇଥିଲା। ତେବେ ମଧ୍ୟାହ୍ନ ପ୍ରାୟ ୧୨ ଟାରେ ଚିକିତ୍ସାଧୀନ ଅବସ୍ଥାରେ ହାତୀର ମୃତ୍ୟୁ ଘଟିଥିଲା। ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ହାତୀର ମୃତଦେହ ବ୍ୟବଚ୍ଛେଦ କରାଯିବା ସହ ଦାନ୍ତ ଦୁଇଟିକୁ ବାହାର କରାଯାଇଥିଲା। ପରେ ମାଟି ଖୋଳି ମୃତଦେହକୁ ପୋତି ଦିଆଯାଇଥିଲା।

## ଗୁଡ଼ାରିରେ ମାଓବାଦୀ ପୋଷ୍ଟର: ୨୭ ଜଣଙ୍କୁ ପ୍ରଜାକୋର୍ଟରେ ହାଜର ନିର୍ଦ୍ଦେଶ

ଗୁଡ଼ାରି/ରାୟଗଡ଼ା ଅଫିସ,୧୯।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଡ଼ାରିରେ ଶୁକ୍ରବାର ମାଓବାଦୀ ନାମରେ ୨ଟି ପୋଷ୍ଟର ଦେଖିବାକୁ ମିଳିଛି। ପୋଷ୍ଟରଟି ସ୍ଥାନୀୟ ବଂଶଧାରା ନଦୀ ବ୍ରିଜ୍(ବାଇନାଗୁଡ଼ା ଛକ)ନିକଟରେ ଲଗାଯାଇଛି। ଏଥିରେ ଅଞ୍ଚଳର ୨୭ ଜଣ ରାଜନେତା, ସରକାରୀ କର୍ମଚାରୀ, ପୂର୍ବତନ ସରପଞ୍ଚଙ୍କ ନାମ ଉଲ୍ଲେଖ କରାଯାଇ ସେମାନଙ୍କୁ ମାର୍ଚ୍ଚ ୨୦ରେ ପ୍ରଜାକୋର୍ଟରେ ହାଜର ନିମନ୍ତେ କୁହାଯାଇଛି। ସିପିଆଇ(ମାଓବାଦୀ) ବା. ଘୁ. ନା. ଡିଭିଜନାଲ କମିଟି ନାମରେ ପୋଷ୍ଟରଟି ଲାଗିଛି। ଉପରୋକ୍ତ ୨୭ ଜଣଙ୍କୁ ପୋଲିସ ସୂଚନାଦାତା ସନ୍ଦେହ କରାଯାଇ ପ୍ରଜାକୋର୍ଟରେ ହାଜର ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଖବର ପାଇ ଗୁଡ଼ାରି ପୋଲିସ ଦୁଇ ପୋଷ୍ଟର ଜବତ କରିଛି। ତେବେ ଏଭଳି ପୋଷ୍ଟରକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏହା ପଛରେ ମାଓବାଦୀ କିମ୍ବା ଆଉ କାହାର ହାତ ରହିଛି, ସେ ବିଷୟରେ ପୋଲିସ ତଦନ୍ତ ଚଳାଇଥିବା ସୂଚନା ମିଳିଛି।

## ଆଇଆଇଏମ୍‌ରେ ଖୋଲିଲା ଏକ୍‌ଜିକ୍ୟୁଟିଭ ଏମ୍‌ବିଏ

**ସମ୍ବଲପୁର,୧୯।୩ (ବ୍ୟୁରୋ):** ସମ୍ବଲପୁର ଆଇଆଇଏମ୍‌ରେ ଶୁକ୍ରବାର ପ୍ରଫେଶନାଲଙ୍କ ପାଇଁ ଏକ୍‌ଜିକ୍ୟୁଟିଭ ଏମ୍‌ବିଏ ଡିଗ୍ରୀ ପାଠ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏଥିରେ ଏସ୍‌ଇସିଏଲ୍‌ର ସିଏମ୍‌ଡି ଏ. ପି. ପଣ୍ଡା ମୁଖଅତିଥି ଭାବେ ଯୋଗଦେଇଥିଲେ। ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ, ପୁରାତନ ଛାତ୍ରୀଛାତ୍ର, ଅଧ୍ୟାପକ ମଣ୍ଡଳୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଡେଲଏଟର ଆସୋସିଏଟ ଡାଇରେକ୍ଟର ସନ୍ଦୀପ ଚାଟାର୍ଜୀ, ୱେଷ୍ଟର୍ନ ଡିଜିଟାଲ ଇଣ୍ଡିଆର ଏଚ୍ଆର ମୁଖ୍ୟ ଡ. କିରନମୟଦ ପେଣ୍ଡାଲା, ଅଶୋକ ଲିଲାଣ୍ଡ କମ୍ପାନୀର ମାନବସମ୍ବଳ ଉପସଭାପତି ଉମା ରାଓ, ୟଶ ବ୍ୟାଙ୍କର ଏକ୍‌ଜିକ୍ୟୁଟିଭ ଭି. ପି. ରାମଚନ୍ଦ୍ର ରାଓ ଅଂଶଗ୍ରହଣ କରିଥିଲେ। ଏହି ଦୁଇବର୍ଷିଆ ଡିଗ୍ରୀ ପାଠ୍ୟକ୍ରମରେ ଅନ୍‌ଲାଇନ ଓ ଅଫ୍‌ଲାଇନ ମାଧ୍ୟମରେ ଶିକ୍ଷାଦାନ କରାଯିବ। ସର୍ବନିମ୍ନ ୫୦ ପ୍ରତିଶତ ମାର୍କ ରଖିଥିବ ସ୍ନାତକ ଡିଗ୍ରୀ, ସର୍ବନିମ୍ନ ୩ବର୍ଷ ମ୍ୟାନେଜରିଆଲ/ଔଦ୍ୟୋଗିକ/ପ୍ରଫେଶନାଲ ଅଭିଜ୍ଞତା ରହିଥିବା ଆବଶ୍ୟକ। ଏକ ବୈଧ ସିଏଟି/ଜିଏମଏଟି/ଗେଟ/ଜିଆରଇ ସ୍କୋର (୩୦।୫।୨୦୨୧ ସୁଦ୍ଧା ତିନିବର୍ଷରୁ ଅଧିକ ପୁରୁଣା ହୋଇ ନ ଥିବ) ମଧ୍ୟ ଆବଶ୍ୟକ ହେବ। ଉପରୋକ୍ତ ବୈଧ ଟେଷ୍ଟ ସ୍କୋର ନ ଥିବା ପ୍ରାର୍ଥୀଙ୍କୁ ଆଇଆଇଏମ୍‌ଏସ୍‌ଏଟି ଦେବାକୁ ପଡିବ।

# କେନ୍ଦ୍ର ସରକାରଙ୍କ ଅବହେଳାରୁ ସରୁନି ୬ ଲକ୍ଷ ଘର ନିର୍ମାଣ

**ପକ୍କାଘରକୁ ନେଇ କେନ୍ଦ୍ର ଉପରେ ବର୍ଷିଲା ବିଜେଡି**

ଭୁବନେଶ୍ୱର, ୧୯।୩(ବ୍ୟୁରୋ):

ଓଡ଼ିଶା ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମଏୱାଇ)ରେ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ସାମାଜିକ ଅର୍ଥନୈତିକ ଜାତିଭିତ୍ତିକ ଗଣନା (ଏସ୍‌ଇସିସି) ତାଲିକାରୁ ପକ୍କାଘର ଦେଇଥାନ୍ତି। ବର୍ତ୍ତମାନ ଏହି ଏସ୍‌ଇସିସିରେ ଥିବା ପ୍ରତୀକ୍ଷା ତାଲିକା (ୱେଟିଂ ଲିଷ୍ଟ) ସମ୍ପୂର୍ଣ୍ଣ ହୋଇଯାଇଛି। କିନ୍ତୁ କେନ୍ଦ୍ର ସରକାରଙ୍କ ଅବହେଳା ପାଇଁ ଓଡ଼ିଶାକୁ ଦିଆଯାଇଥିବା ୬ ଲକ୍ଷ ଘର ନିର୍ମାଣର ଲକ୍ଷ୍ୟ ପୂରଣ ହୋଇପାରୁ ନାହିଁ ବୋଲି ବିଜେଡି ଅଭିଯୋଗ ଆଣିଛି।

ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ଯୁବ ବିଜେଡି ସଭାପତି ବ୍ୟୋମକେଶ ରାୟ ଏବଂ ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର କହିଛନ୍ତି, ଫନୀ ଦ୍ୱାରା ରାଜ୍ୟର ୧୪ ଜିଲା ପ୍ରଭାବିତ ହୋଇଥିଲା। ସେତେବେଳେ ଗୋଟିଏ ମାସ ପାଇଁ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ୱେବପୋର୍ଟାଲ ଖୋଲାଥିଲା। ପାଖାପାଖି ୮ ଲକ୍ଷ ଘରକୁ ଆବାସ ଯୁକ୍ତ ଯୋଜନାରେ ତାଲିକାଭୁକ୍ତ କରାଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ସ୍ଥାୟୀ ପ୍ରତୀକ୍ଷା ତାଲିକା ଅନ୍ତର୍ଭୁକ୍ତ କରାଯାଇନାହିଁ। ଫନୀ ହୋଇ ନ ଥିବା ୧୬ ଜିଲାରେ ପାଖାପାଖି ୬ ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୁକ୍ତ ଯୋଜନାରେ ମଧ୍ୟ ସାମିଲ କରାଯାଇ ନାହିଁ। କିନ୍ତୁ ରାଜ୍ୟ ସରକାର ସେହି ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ ସହିତ ତାଲିକା ପ୍ରସ୍ତୁତ କରିଛନ୍ତି। ଏଭଳି ଭାବେ ମୋଟ ୧୪ ଲକ୍ଷ ଯୋଗ୍ୟ ହିତାଧିକାରୀ କେନ୍ଦ୍ର ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ଘର ପାଇବାରୁ ବଞ୍ଚିତ ହୋଇଛନ୍ତି। ୨୦୧୯ ମାର୍ଚ୍ଚ ୧୭ ତାରିଖରେ କେନ୍ଦ୍ର ସରକାର ତାଲିକା ପ୍ରସ୍ତୁତ ପାଇଁ ସମସ୍ତ ରାଜ୍ୟକୁ କହିଛନ୍ତି। କିନ୍ତୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇ ସାରିଥିବାରୁ ଏନେଇ ଚୟନ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ କେନ୍ଦ୍ର ନୂଆ ସ୍ଥାୟୀ ପ୍ରତୀକ୍ଷା ତାଲିକା ସଂଯୋଗ କରିବା ପାଇଁ ଅନୁମତି ଦେଇନାହାନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ବାରମ୍ବାର କେନ୍ଦ୍ରକୁ ଚିଠି ଲେଖିବା ସତ୍ତ୍ୱେ କିଛି ସୁଫଳ ମିଳୁନାହିଁ। ଭାଜପା ଶାସିତ ରାଜ୍ୟରେ ଆବାସ ଯୁକ୍ତ ଯୋଜନାରେ ନୂତନ ହିତାଧିକାରୀଙ୍କୁ କେନ୍ଦ୍ର ସରକାର ସାମିଲ କରିସାରିଥିବା ବେଳେ ଓଡ଼ିଶାକୁ କିନ୍ତୁ ବାଦ୍ ଦିଆଯାଇଛି। ଗ୍ରାମାଞ୍ଚଳ ଗୃହ ନିର୍ମାଣ କ୍ଷେତ୍ରରେ ୨୦୧୬-୧୭ରେ ଓଡ଼ିଶା ସମଗ୍ର ଦେଶରେ ୨ୟ ଏବଂ ୨୦୧୭-୧୮ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଡ଼ିଶା ପ୍ରତି ଏଭଳି ବୈମାତୃକ ମନୋଭାବକୁ ରାୟ ଏବଂ ମିଶ୍ର ନିନ୍ଦା କରିଛନ୍ତି।



ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟ ରଣବୀର କପୁରଙ୍କ ସହ ସମ୍ପର୍କକୁ ନେଇ ଚର୍ଚ୍ଚାରେ। କିଛିଦିନ ପୂର୍ବରୁ ଆଲିଆ-ରଣବୀରଙ୍କ ବିବାହ ଖବର ମଧ୍ୟ ଚର୍ଚ୍ଚାକୁ ଆସିଥିଲା। ମାତ୍ର ଆଲିଆଙ୍କ ବାପା ମହେଶ ଭଟ୍ଟ ତାଙ୍କୁ ବିବାହ ଦେବାକୁ ଚାହୁଁନାହାଁନ୍ତି। ମହେଶ ଆଲିଆଙ୍କୁ ବହୁତ ଭଲପାଆନ୍ତି। ଏଣୁ ସେ ସବୁବେଳେ ଆଲିଆଙ୍କୁ ତାଙ୍କ ଆଖି ଆଗରେ ଦେଖିବାକୁ ଚାହାନ୍ତି। ମହେଶ ତାଙ୍କର ଦୁଇ ଝିଅଙ୍କୁ ନେଇ ବହୁତ ଯତ୍ନବାନ। ପୂଜା ତ ଦୂରର କଥା ସେ ଆଲିଆଙ୍କୁ ବିଭା ଦେବାକୁ ଚାହାନ୍ତି ନାହିଁ। ଏପରିହେଲେ ସେ ସମସ୍ତଙ୍କୁ କୋଠରୀରେ ବନ୍ଦ କରିଦେବେ ବୋଲି ମଧ୍ୟ କହିଥାନ୍ତି। ସେ ପ୍ରକୃତରେ ତାହା ମଧ୍ୟ କରିବେ ବୋଲି ଅଭିନେତ୍ରୀ କହିଛନ୍ତି।



# ମଙ୍ଗଳ ଖଣିଜରେ ପାଣି

**ଏକଦା ମଙ୍ଗଳ ଗ୍ରହରେ ବିଶାଳ ଜଳଭଣ୍ଡାର ରହିଥିଲା। ଭୂମିରୂପ ଏବଂ ଜଳବାୟୁଗତ ପରିବର୍ତ୍ତନ ଫଳରେ ଏବେ ଏହାର ପୃଷ୍ଠଭାଗ ମାତ୍ରାଧିକ ଶୁଷ୍କ ପାଲଟିଯାଇଛି। ତେବେ ଏବେ ବି ଲାଲ୍‌ଗ୍ରହର ସେହି ପାଣି ମହଜୁଦ୍ ରହିଥିବା ଆମେରିକୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ନାସା) ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ଗବେଷଣା ମଙ୍ଗଳରେ ମାନବ ବସତି ପାଇଁ ଶୁଭସଙ୍କେତ ବୋଲି କୁହାଯାଉଛି।**



**ୱାଶିଂଟନ:** ସମ୍ପ୍ରତି ପୃଥିବୀର ନିକଟତମ ଗ୍ରହ ମଙ୍ଗଳ ଉପରେ ସବୁଠାରୁ ଅଧିକ ଗବେଷଣା ଜାରି ରହିଛି। ଏଠାରେ ଜୀବନ ଅନୁକୂଳ ପରିବେଶ ରହିଛି ଏବଂ ଏହାକୁ ବିକଶିତ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଏ କ୍ଷେତ୍ରରେ ଅହରହ ଉଦ୍ୟମ ଚଳାଇଛନ୍ତି ବୈଜ୍ଞାନିକ। ପୁରାତନ ଏବଂ ଆଧୁନିକ ମଙ୍ଗଳ ଗ୍ରହ ଭିତରେ ତୁଳନାତ୍ମକ ଅଧ୍ୟୟନ ମଧ୍ୟ ଜାରି ରହିଛି। ପୂର୍ବରୁ ଏଠାରେ ବିପୁଳ ମାତ୍ରାରେ ପାଣି ରହିଥିଲା। ତେବେ ଏଭଳି କ'ଣ ଘଟିଲା ଯେ, ହଠାତ୍ ଲାଲ୍ ଗ୍ରହ ମଙ୍ଗଳ ଶୁଷ୍କ ପାଲଟିଗଲା? ଏହାର ଉତ୍ତର ଜାଣିବା ଲାଗି ମହାକାଶ ବିଜ୍ଞାନରେ ମାଇଲଖୁଣ୍ଟ ସ୍ଥାପନ କରିଥିବା ରାଷ୍ଟ୍ରସମୂହ ଗବେଷଣା ଜାରି ରଖିଛନ୍ତି। ତେବେ ନିକଟରେ ନାସା ପକ୍ଷରୁ ଏକ ତଥ୍ୟରେ କୁହାଯାଇଛି ଯେ, ମଙ୍ଗଳରେ ଏବେ ବି ବିପୁଳ ପରିମାଣର ପାଣି ଅଛି। ହେଲେ ତାହା ଭିନ୍ନ ରୂପରେ ରହିଛି।

ଲକ୍ଷାଧିକ ବର୍ଷ ତଳେ ମଙ୍ଗଳରେ ପୃଥିବୀ ଭଳି ହ୍ରଦ, ସମୁଦ୍ର ଭରପୂର ହୋଇ ରହିଥିଲା। ହେଲେ ଏବେ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ମଙ୍ଗଳରେ ପାଣି ଦେଖିବାକୁ ସ୍ୱପ୍ନ। ପଥୁରିଆ ଭୂଭାଗ ଛଡ଼ା ଜୀବନର ଚିହ୍ନବର୍ଣ୍ଣ ନାହିଁ। ସବୁଠାରୁ ବଡ଼ ଆଶ୍ଚର୍ଯ୍ୟ କଥା, ପାଣି ନିଶ୍ଚିହ୍ନ ହୋଇଯିବା। ଏହାକୁ ନେଇ ବୈଜ୍ଞାନିକମାନଙ୍କ ମଧ୍ୟରେ ଦ୍ୱିମତ ରହିଛି। ଏହି ବିପୁଳ ପାଣି ମହାକାଶରେ ବିଲୀନ ହୋଇଯାଇଥିବା କେତେଜଣ କହୁଥିବାବେଳେ ନାସା ଭିନ୍ନ ମତ ରଖିଛି। ନାସାର ବିଶେଷଜ୍ଞ ଦଳ କହିଛନ୍ତି, ମଙ୍ଗଳରେ ଥିବା ପାଣି ଏବେ ବି ବିପୁଳ ପରିମାଣରେ ପାଣି ରହିଛି। ତେବେ ଖଣିଜ ଭିତରେ ଏହା ରହିଛି। ଏ ସମ୍ପର୍କିତ ଗବେଷଣାର ପ୍ରମୁଖ ଲେଖକ ଇଭା ସିଲର କୁହନ୍ତି, ଲାଲ୍ ଗ୍ରହରେ ବିପୁଳ ପରିମାଣର ହାଇଡ୍ରେଟେଡ୍ ଖଣିଜ ରହିଛି। ଏହାର ଅର୍ଥ ଏହି ଖଣିଜର କ୍ରିଷ୍ଟାଲ ସଂରଚନାରେ ପାଣି ମହଜୁଦ ଅଛି। ମଙ୍ଗଳରେ ଥିବା ମୋଟ ପାଣିର ୩୦ରୁ ୯୯% ଭାଗ ଏଭଳି ରହିଥିବା ସିଲର ନିଜ ମଡେଲରେ ଦର୍ଶାଇଛନ୍ତି। ମଙ୍ଗଳରେ ବିଶାଳକାୟ ମହାସାଗର ଥିଲା। ଏହାର ଗଭୀରତା ୧୦୦ରୁ ୧୫୦୦ ମିଟର ଯାଏ ରହିଥିବା ପୂର୍ବ ଗବେଷଣାରୁ ସ୍ପଷ୍ଟ ହୋଇସାରିଛି।

ଲକ୍ଷାଧିକ ବର୍ଷ ପୂର୍ବରୁ ମଙ୍ଗଳ ଗ୍ରହ ଚୁମ୍ବକୀୟ କ୍ଷେତ୍ର ହରାଇସାରିଛି। ଫଳସ୍ୱରୂପ ଏହାର ବାୟୁମଣ୍ଡଳ ମଧ୍ୟ ନଷ୍ଟ ହୋଇଯାଇଛି। ଏଠାରେ ଥିବା ଜଳମଣ୍ଡଳ ମଧ୍ୟ ଏହିପରି ଭାବେ ଶେଷ ହୋଇଯାଇଥିବା ଅନୁମାନ କରାଯାଉଛି। ତେବେ ଏହି ପ୍ରକ୍ରିୟାରେ ମଙ୍ଗଳ ପାଣିର ସ୍ୱଳ୍ପ ଅଂଶ ହରାଇଥାଇପାରେ। ଏବେ ବି ଅଧିକାଂଶ ଜଳ ବିଭିନ୍ନ ଯୌଗିକ ଆକାରରେ ରହିଥିବା ସମ୍ଭାବନା ବେଶି। ସେଲର କହିଛନ୍ତି, ପୃଥିବୀର ମାଟିରେ ଦୃଷ୍ଟିଗୋଚର ହେଉଥିବା ପ୍ରତିକ୍ରିୟା ମଙ୍ଗଳରେ ମଧ୍ୟ ହେଉଛି। ମଙ୍ଗଳରେ ଟେକ୍‌ଟୋନିକ୍ ପ୍ଲେଟ୍ ନାହିଁ। ପୃଥିବୀରେ ଆଗ୍ନେୟ ଉଦ୍‌ଗୀରଣ ହେଲେ ପାଣି ବାୟୁମଣ୍ଡଳରେ ପହଞ୍ଚିଥାଏ। ହେଲେ ମଙ୍ଗଳରେ ଏହାର ସମ୍ଭାବନା ନାହିଁ। ଏହାକୁ ଦେଖିଲେ ପାଖାପାଖି ୪ ବିଲିୟନରୁ ୩.୭ ବିଲିୟନ ବର୍ଷ ପୂର୍ବରୁ ମଙ୍ଗଳ ଗ୍ରହ ପାଣି ହରାଇଥିବା ଜଣାପଡେ। ନାସାର ପର୍ସିଭିୟରାନ୍ସ ରୋଭର ଏବେ ଏସବୁ ପ୍ରକ୍ରିୟାର ଅଧ୍ୟୟନ କରୁଛି। ତେବେ ମଡେଲର କେଉଁ ଦିଗ ଠିକ୍ ଏବଂ କେଉଁ ଦିଗ ଭୁଲ୍ ତାହା ଏବେଠାରୁ ଆକଳନ କରାଯାଇପାରିବ ନାହିଁ। ଏଥିଲାଗି ସଂଗୃହୀତ ତଥ୍ୟ ଉପରେ ଅଧିକ ଗବେଷଣା ଆବଶ୍ୟକ।



ହୀନା ଖାନ୍

# ମାଳଦ୍ୱୀପରେ ହୀନା

**ମୁମ୍ବାଇ:** ବଲିଉଡ୍ ତଥା ଟେଲି ଅଭିନେତ୍ରୀ ହୀନା ଖାନ୍ ବେଶ୍ ସଫଳ। ଦେଖିବାକୁ ସୁନ୍ଦରୀ ଯେମିତି ଫିଗର୍ ମଧ୍ୟ ସେମିତି। ୨୦୦୯ ମହସିହାରୁ ଷ୍ଟାର ପ୍ଲସ ଧାରାବାହିକ 'ୟେ ରିସ୍ତା କ୍ୟା କେହଲାତା ହୈ'ରୁ ସେ ଘରେ ଘରେ ପରିଚିତ। ଏହାପରଠୁ ସେ ଆଉ ପଛକୁ ଅନେଇନାହାନ୍ତି। ହୀନା ଆଜିକାଲି ଛୁଟିଦିନର ମଜା ନେଉଛନ୍ତି। ସେ ପୁଣି ଥରେ ମାଳଦ୍ୱୀପରେ ପହଞ୍ଚିଛନ୍ତି। ତେବେ ହୀନା ଏକୁଟିଆ ମାଳଦ୍ୱୀପକୁ ଯାଇ ନାହାନ୍ତି। ପ୍ରେମିକ ରକି ଜୟସ୍ୱାଲ ମଧ୍ୟ ତାଙ୍କ ସହ ଯାଇଛନ୍ତି। ଏନେଇ ସେ ସୋସିଆଲ ମିଡିଆରେ ଅନେକ ଫଟୋ ଶେୟାର କରିଛନ୍ତି। ଯେଉଁଥିରେ ତାଙ୍କୁ ମଜା କରୁଥିବା ଦେଖିବାକୁ ମିଳୁଛି। ହୀନା ବାହାରେ ଛୁଟି କାଟିବାକୁ ବହୁତ ଭଲ ପାଆନ୍ତି। ସେ ନିଜର ବହୁତ ଗୁଡ଼ିଏ ଫଟୋ ଶେୟାର କରି ପ୍ରଶଂସକଙ୍କୁ ନିଜ ଛୁଟି ବିଷୟରେ ଜଣାଇଛନ୍ତି। ଏହାପୂର୍ବରୁ ସେ କିଛି ରିଲ ଭିଡିଓ ଶେୟାର କରିଥିଲେ। ଯେଉଁଥିରେ ସେ ରାତିରେ ଏକ ରେଷ୍ଟୁରାଣ୍ଟରେ ରକିଙ୍କ ହାତ ଧରିଥିଲେ। ତାଙ୍କ ପାଇଁ ରକି କେତେ ସ୍ୱତନ୍ତ୍ର ତାହା ସେ ପ୍ରଶଂସକମାନଙ୍କୁ ମଧ୍ୟ କହିଥିଲେ।

# ସତ ହେଲା ୨୫ ବର୍ଷ ତଳର ପୂର୍ବାନୁମାନ

## ୨୦୨୧ରେ ପାଠପଢ଼ା ଅନ୍‌ଲାଇନରେ ହେବ


## ପୂର୍ବାନୁମାନ କରିଥିଲା ଆର୍ଚି କମିକ୍

**ନୂଆଦିଲ୍ଲୀ:** ଏବର୍ଷ ବି ସ୍କୁଲ ଖୋଲିବାର ସମ୍ଭାବନା ଦେଖାଯାଉ ନାହିଁ। ପିଲାମାନେ ପୂର୍ବ ବର୍ଷପରି ଅନଲାଇନ୍‌ରେ ଘରେ ବସି କ୍ଲାସ କରିବେ। ବର୍ତ୍ତମାନର ପରିସ୍ଥିତିକୁ ଦେଖି ଏବେ ସରକାର ଏହି ନିୟମ ଲାଗୁ କରୁଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ୨୦୨୧ରେ ସ୍କୁଲିଂ ଏପରି ହେବ ବୋଲି ୧୯୯୭ରେ ପୂର୍ବାନୁମାନ କରିଥିଲା ଆର୍ଚି କମିକ୍, ଯାହା ଏବେ ଭାଇରାଲ ହେବାରେ ଲାଗିଛି। ବ୍ୟଙ୍ଗାତ୍ମକ ଶୈଳୀରେ କମିକ୍ ଏତେ ବର୍ଷ ତଳୁ କିଭଳି କଳ୍ପନା କରିଥିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପିଲାଙ୍କ ପାଇଁ ବ୍ୟଙ୍ଗାତ୍ମକ ଶୈଳୀରେ ପ୍ରକାଶ ପାଉଥିବା 'ଆର୍ଚି କମିକ୍'ର ଏକ ବ୍ୟଙ୍ଗ ବିଷୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କମିକରେ ପ୍ରକାଶ ପାଇଥିବା ବିଷୟବସ୍ତୁଟି ଆଶ୍ଚର୍ଯ୍ୟଜନକଭାବେ ଏବେ ସତ ହୋଇଛି। ୨୦୨୧ ମସିହାରେ ସ୍କୁଲର କ୍ଲାସ ସବୁ କିଭଳି ହେବ ତାକୁ ନେଇ କମିକରେ ବିଷୟବସ୍ତୁ ସ୍ଥାନ ପାଇଥିଲା। ୨୫ ବର୍ଷ ତଳୁ କମିକ୍ କିଭଳି ଏପରି ନିର୍ଭୁଲଭାବେ ପୂର୍ବାନୁମାନ କରିଥିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କମିକର ବିଷୟ ଅନୁସାରେ ଝିଅଟିଏ କମ୍ପ୍ୟୁଟର ଆଗରେ ବସି ତା'ର କ୍ଲାସ କରୁଛି। ସେହି ସମୟରେ ଝିଅର ପିତାମାତା କଥା ହେଉଛନ୍ତି କି ତାଙ୍କ ଝିଅ ସମୟର ପିଲାମାନେ କେତେ ଭାଗ୍ୟବାନ, ଯେଉଁମାନଙ୍କୁ ସାଙ୍ଗରେ ବହୁତଗୁଡିଏ ବହି ନେଇ ଯିବାକୁ ପଡୁନାହିଁ, ବରଂ ସେମାନେ ଘରେ ଆରାମରେ ବସି କ୍ଲାସ କରି ପାରୁଛନ୍ତି। ତେଣୁ ଅନଲାଇନ୍ କ୍ଲାସ କରିବା ପାଇଁ ପିଲାଙ୍କ ପାଇଁ ଭିଡିଓ ମନିଟର ସବୁବେଳେ ଖୋଲା ରହୁଛି। କମିକର ଏହି ପ୍ରସଙ୍ଗଟି ବର୍ତ୍ତମାନ ପିଲାଙ୍କ କ୍ଷେତ୍ରରେ ସମ୍ପୂର୍ଣ୍ଣ ସତ୍ୟ ହୋଇପାରିଛି। ଏବେ ସବୁ ପିଲା କେବଳ ଅନଲାଇନରେ ହିଁ କ୍ଲାସ କରୁନ୍ତି। ତେଣୁ ୧୯୯୭ ମସିହାରେ କମିକର ଏହି କଳ୍ପନା ଏବେ ସତ୍ୟ ହୋଇଥିବାରୁ ଏହାକୁ ନେଇ ଏବେ ଚର୍ଚ୍ଚା ହେଉଛି। ଆର୍ଚି କମିକ୍ ତାର ଟୁଇଟର ଆକାଉଣ୍ଟରେ ପ୍ରଥମେ ଏହି ବିଷୟକୁ ପୋଷ୍ଟ କରିଥିଲା। ତେବେ ଏହି ପୋଷ୍ଟ ହେବାର ମାତ୍ର ଗୋଟିଏ ଦିନ ପରେ ଏହାକୁ ନେଇ ହଜାର ହଜାର କମେଣ୍ଟ ମିଳିଛି। ଅନେକ ଏହାକୁ ରିଟୁଇଟ କରିବାରେ ବି ଲାଗିଛନ୍ତି। ତେବେ ନେଟିଜେନ୍‌ମାନେ ଏଭଳି ନିର୍ଭୁଲ ପୂର୍ବାନୁମାନ ଦେଖି ଆଶ୍ଚର୍ଯ୍ୟ ହୋଇଥିବା କମେଣ୍ଟ ବକ୍ସରେ କହିଛନ୍ତି।

# କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ, ଢେଙ୍କାନାଳ, କନ୍ଧମାଳ, ରାୟଗଡା, କୋରାପୁଟ, କେନ୍ଦୁଝର, ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ହାଲକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ବାକି ଜିଲାଗୁଡ଼ିକରେ ପାଗ ଶୁଖିଲା ରହିବ। ଦିନର ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବନାହିଁ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘାଚ୍ଛନ୍ନ ରହିପାରେ। ଶନିବାର ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୦ | ୨୩.୦ |
| ଚାନ୍ଦବାଲି | ୩୭.୦ | ୨୨.୭ |
| କଟକ | ୩୮.୮ | ୨୨.୦ |
| ପାରାଦୀପ | ୩୨.୦ | ୨୫.୪ |
| ଭୁବନେଶ୍ୱର | ୩୯.୨ | ୨୪.୦ |
| ଗୋପାଳପୁର | ୩୧.୮ | ୨୩.୦ |
| ପୁରୀ | ୩୨.୪ | ୨୬.୨ |
| ଅନୁଗୋଳ | ୩୭.୭ | ୨୨.୦ |
| ବାରିପଦା | ୩୯.୨ | ୨୧.୫ |
| ଝାରସୁଗୁଡ଼ା | ୩୬.୮ | ୨୦.୬ |
| କେନ୍ଦୁଝର | ୩୬.୦ | ୨୦.୦ |
| ସମ୍ବଲପୁର | ୩୭.୩ | ୨୧.୦ |
| ସୁନ୍ଦରଗଡ଼ | ୩୬.୦ | ୧୯.୦ |
| ହୀରାକୁଦ | ୩୬.୬ | ୨୧.୧ |
| ତାଲଚେର | ୩୮.୦ | ୨୧.୮ |
| ଭବାନୀପାଟଣା | ୩୬.୦ | ୨୧.୮ |
| ବଲାଙ୍ଗୀର | --- | ୨୨.୭ |
| କୋରାପୁଟ | ୩୩.୮ | ୧୯.୪ |
| ଫୁଲବାଣୀ | ୩୫.୦ | ୧୬.୫ |
| ଟିଟିଲାଗଡ଼ | ୩୭.୦ | ୨୪.୦ |
| ମାଲକାନଗିରି | ୩୮.୦ | ୨୨.୦ |
| ସୋନପୁର | ୩୭.୦ | ୨୧.୦ |
| ଦାରିଙ୍ଗିବାଡ଼ି | ୩୪.୦ | ୧୯.୫ |
| ନୟାଗଡ଼ | ୩୯.୦ | ୨୧.୩ |
| ବୌଦ୍ଧ | ୩୮.୦ | ୧୮.୦ |
| ଛତ୍ରପୁର | ୩୪.୩ | ୨୨.୫ |
| ପାରଳାଖେମୁଣ୍ଡି | ୩୩.୮ | ୨୩.୫ |
| ରାୟଗଡ଼ା | --- | ୨୦.୧ |

ଡିଗ୍ରୀ ସେଲ୍‌ସିୟସ୍

# ବଜ୍ରପାତର ଲାଇଭ ଭିଡିଓ

**ୱାଶିଂଟନ:** ଆମେରିକାର ଜଣେ ଯୁବକ ବଜ୍ରପାତର ଲାଇଭ ଭିଡିଓ କରି ଚର୍ଚ୍ଚାକୁ ଆସିଛନ୍ତି। ୨୮ ବର୍ଷୀୟ ଫିଲ ଗାର୍ସିଆ ନ୍ୟୁ ମେକ୍ସିକୋରେ ଏହି ଫଟୋ କ୍ଲିକ୍ କରିଥିଲେ। ଯେଉଁଠି ବିଜୁଳି ପଡ଼ିଥିଲା, ସେଠାରେ ଏକ ବଡ଼ ଗଛ ଥିଲା। ଫଳରେ ତାହା ସମ୍ପୂର୍ଣ୍ଣ ଜଳିଯାଇଥିଲା। ଫିଲ ଏହି ସମୟରେ ଫଟୋ ଉଠାଇବା ସହ ଲାଇଭ କରିଥିଲେ। ଏବେ ତାଙ୍କର ଏହି ଫଟୋ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି। ଫିଲ ଆମେରିକାର ଏକ ସ୍କି ରିସର୍ଟରେ କାମ କରୁଛନ୍ତି। ସେ ତାଙ୍କ ବନ୍ଧୁଙ୍କ ସହିତ ନ୍ୟୁ ମେକ୍ସିକୋରେ ହାଇକିଙ୍ଗ ପାଇଁ ଯାଇଥିଲେ। ସେଠାରେ ପାଗ ବହୁତ ଖରାପ ଥିଲା। ବିଜୁଳି ଘଡ଼ଘଡ଼ି ଶବ୍ଦରେ କାନ ଫାଟି ପଡୁଥିଲା। ଏହି ସମୟରେ ଫିଲ ତାଙ୍କ କ୍ୟାମେରା କାଢ଼ି ଫଟୋ ଉଠାଇବାରେ ଲାଗିଲେ। ଯେତେବେଳେ ବଜ୍ରପାତ ହେଲା ସେ ସଙ୍ଗେ ସଙ୍ଗେ ଫଟୋ ଉଠାଇନେଲେ। ବର୍ତ୍ତମାନ ଏହି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ୟୁଜରମାନେ ଫିଲଙ୍କ ଏପରି ଫଟୋଗ୍ରାଫିକୁ ଖୁବ ପ୍ରଶଂସା କରିଛନ୍ତି।

ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ମେହେକ୍
ବୁର୍ଡା, ଲୋଇସିଂହା, ଜି- ବଲାଙ୍ଗିର
ଆଜି ତୋର ଜନ୍ମଦିନର ଶୁଭ ଅବସରରେ ଦୀର୍ଘ ନିରାମୟ ଜୀବନ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ।
-: ଶୁଭେଚ୍ଛା ସହ :-
ମାଆ, ବାପା, ଡାଡା, ବଡବାପା, ବଡମାଆ, ସାହୁ ପରିବାର ଓ ବନ୍ଧୁବର୍ଗ।
ଧ-୨୦୨୮୧

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

# ମନେ ପଡ଼ନ୍ତି

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ଁ ବଦ୍ରିନାରାୟଣ ହୋତା
ଜନ୍ମ- ୨୨ ଅଗଷ୍ଟ ୧୯୮୦
ତିରୋଧାନ- ୨୦.୦୩.୨୦୧୩
ତୁ ଆମ ଜୀବନ ଥିଲୁ। ଆମକୁ ଶୋକ ସାଗରରେ ଭସାଇ ଏକା ଚାଲି ଗଲୁ। ପ୍ରତି ମୁହୂର୍ତ୍ତରେ ତୋର ପ୍ରତିଛବି ଆଖି ଆଗରେ ଦେଖା ଯାଉଛି। ତୋର ଅଷ୍ଟମ ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ବାପା, ମା, ସ୍ତ୍ରୀ, ପୁଅ, ବନ୍ଧୁ ଓ ହୋତା ପରିବାର ବର୍ଗ।
ଧ-୨୦୨୮୦

**ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଁମୁକ୍ତି ପରିଡ଼ା
ଭୁବନେଶ୍ୱର
ଆବିର୍ଭାବ : ୧୪.୦୮.୧୯୪୮
ତିରୋଧାନ : ୦୨.୦୩.୨୦୨୦
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ:
ପୁତ୍ର : ସମିତ୍-ଶକ୍ତି,
ପୁତ୍ରବଧୂ: ରଶ୍ମି-ରେଶ୍ମୀ
ଝିଅ: ସମିତା, ଜ୍ୱାଇଁ: ମନୋରଞ୍ଜନ,
ନାତି, ନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୭୦୯୦୩


**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଁ ବ୍ରଜ କିଶୋର ମହାନ୍ତି
ପ୍ଲଟ୍ ନଂ.୧୦୧, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର
ତିରୋଧାନ: ୨୦.୦୩.୨୦୧୫
ଜନ୍ମ ଓ ମୃତ୍ୟୁ ଚିରନ୍ତନ ସତ୍ୟ। କିନ୍ତୁ ଏ ସମସ୍ତ ପ୍ରକ୍ରିୟା ମଧ୍ୟରେ ଜୀବନର ସମସ୍ତ ମୁହୂର୍ତ୍ତକୁ ଆପଣ ନିଷ୍ଠାପର ଭାବେ ସମ୍ଭାଳି ନେବା ଆମ ପାଇଁ ସବୁବେଳେ ପ୍ରେରଣା ଯୋଗାଉଛି। ଆପଣଙ୍କ ଅନୁପସ୍ଥିତିକୁ ଆମେ ପ୍ରତ୍ୟେକ ସମୟରେ ଅନୁଭବ କରୁଛୁ। ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପ୍ରଦାନ କରନ୍ତୁ, ଏହା ହିଁ ପ୍ରାର୍ଥନା।
ଶୋକସନ୍ତପ୍ତ
ପୁଅ-ଲୁଲୁ, ବୋହୂ-ମଧୁମିତା
ଧ-୭୦୯୦୪

# ଫାଶୀ ପାଇଥିବା ଟେଷ୍ଟ କ୍ରିକେଟର

**କିଙ୍ଗ୍‌ଷ୍ଟନ:** କ୍ରିକେଟ ଇତିହାସରେ ଜଣେ ଏଭଳି ଖେଳାଳି ଥିଲେ, ଯାହାଙ୍କୁ ଫାଶୀ ଦିଆଯାଇଥିଲା। ସେ ହେଲେ ୱେଷ୍ଟଇଣ୍ଡିଜ ପକ୍ଷରୁ ୧୯୩୪ରୁ ୧୯୩୯ ପର୍ଯ୍ୟନ୍ତ ଖେଳିଥିବା ଲେସଲି ହିଲଟନ। ଜାମାଇକାରେ ଜନ୍ମିତ ଏହି ପେସର ଅନ୍ତର୍ଜାତୀୟ ସ୍ତରରେ ମାତ୍ର ୬ଟି ଟେଷ୍ଟ ମ୍ୟାଚ୍ ଖେଳି ହାତେଇଥିଲେ ୧୬ ଉଇକେଟ। ସେଥିରେ ସେତେଟା ସଫଳତା ପାଇ ନ ଥିବା ଏହି କ୍ରିକେଟରଙ୍କୁ ୧୯୫୫ରେ ଦିଆଯାଇଥିଲା ଫାଶୀ। ହିଲଟନ ୧୯୫୪ରେ ତାଙ୍କ ପତ୍ନୀଙ୍କୁ ହତ୍ୟା କରିଥିଲେ।



୧୯୩୯ରେ କ୍ରିକେଟରୁ ଦୂରେଇବା ପରେ ହିଲଟନ ୧୯୪୨ରେ ଲୁରଲାଇନ ରୋଜଙ୍କୁ ପ୍ରେମ ବିବାହ କରିଥିଲେ। ଏହାର ୫ ବର୍ଷ ପରେ ସେମାନଙ୍କର ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। କିନ୍ତୁ ୧୯୫୪ରେ ତାଙ୍କ ସ୍ତ୍ରୀ ବ୍ୟକ୍ତିଗତ ବ୍ୟବସାୟ ପାଇଁ ବାରମ୍ବାର ନ୍ୟୁୟର୍କ ଯାଉଥିଲେ। ସେହି ବର୍ଷ ଏପ୍ରିଲରେ ରୟ ଫ୍ରାଙ୍କସିସ୍ ନାମକ ବ୍ୟକ୍ତିଙ୍କ ସହ ଲୁରଲାଇନଙ୍କ ଅବୈଧ ସମ୍ପର୍କ ଥିବା ଏକ ଅଜ୍ଞାତ ଚିଠି ହିଲଟନଙ୍କୁ ମିଳିଥିଲା। ଏହାପରେ ଲୁରଲାଇନ୍‌ଙ୍କୁ ତୁରନ୍ତ ଜାମାଇକା ଡକାଇ ଏ ସମ୍ପର୍କରେ ପଚାରିଥିଲେ। ସବୁ ଅଭିଯୋଗ ସ୍ୱୀକାର କରିବା ସହ ହିଲଟନଙ୍କ ସହ ଖୁସିରେ ନ ଥିବା କହିଥିଲେ ଲୁରଲାଇନ୍। ଏଥିରେ ରାଗି ଯାଇ ପତ୍ନୀଙ୍କୁ ଗୁଳି କରି ହତ୍ୟା କରିଥିଲେ ହିଲଟନ। କୋର୍ଟରେ ନିଜକୁ ବଞ୍ଚାଇବା ପାଇଁ ଆତ୍ମହତ୍ୟା କରିବାକୁ ଚେଷ୍ଟା କରୁଥିବାବେଳେ ଭୁଲବଶତଃ ପତ୍ନୀଙ୍କୁ ଗୁଳି ଲାଗିଥିବା କହିଥିଲେ। ହେଲେ ଲୁରଲାଇନଙ୍କ ମୃତଦେହରୁ ଜବତ ହୋଇଥିଲା ୭ଟି ଗୁଳି। ଶେଷରେ ୧୯୫୫ ମେ' ୧୭ରେ ହିଲଟନଙ୍କୁ ଫାଶୀ ଦିଆଯାଇଥିଲା।

NOW IN BBSR!!! 30 Years Experience
TODAY & TOMORROW
Full Refund on Failure
PERMANENT SOLUTION WITHOUT STONE
BUSINESS? SERVICE? EDUCATION? MARRIAGE? Any problem in life / VASTU?
only one reliable name in Astrological World
SRABANI DEBNATH
Please Contact 9830040240
Bring this paper cutting & get spl. offer!

ରାହୁଲ କର୍ପୋରେଶନ
4G ଏବଂ 5G ମୋବାଇଲ ଟାୱାର ସ୍ଥାପନ ପାଇଁ ଗ୍ରାମ ଓ ସହରରେ ଜମି/ଛାତ/କ୍ଷେତ ଆବଶ୍ୟକ, ଅଗ୍ରିମ-65 ଲକ୍ଷ, ଭଡ଼ା 45000/-
କଲ୍ କିମ୍ବା ହ୍ୱାଟ୍ସଆପ୍ କରନ୍ତୁ
#9451882120

BINODAYA FINANCE
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହରଣ, ଗାଇପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଖିଲିଖିଲି ହସ

**୧**

ସାଣ୍ଟା– ବର୍ଷରେ କେତୋଟି ରାତ୍ରି ଥାଏ ?
ବାଣ୍ଟା– ଦଶଟି
ସାଣ୍ଟା– କ'ଣ, ବର୍ଷକରେ ମାତ୍ର ୧୦ଟି ରାତ୍ରି, କେମିତି ?
ବାଣ୍ଟା– ନବରାତ୍ରିର ନଅ ରାତି ଏବଂ ଶିବରାତ୍ରିର ଗୋଟିଏ ରାତି।

**୨**

ସାଣ୍ଟା– ଶ୍ରେଣୀରେ କ୍ଲାସମେଟ୍ ମିନୁକୁ ଦେଖି କହିଲା ଆରେ ତୋ ମୁହଁ ଆମ ଘର ପାଖରେ ଥିବା ପାଗେଳି ଷ୍ଟୁକୁଟି ଭଳି ଦେଖାଯାଉଛି।
ମିନୁ– ସାନ୍ତା ମୁହଁରେ ଏକ ଶକ୍ତ ଚାପୁଡା ମାରିଲା।
ସାଣ୍ଟା– ଆରେ, ଅଭ୍ୟାସ ବି ତ ପୂରା ସମାନ, ସେଇ ପାଗେଳି ଭଳି।

**୩**

ଶିକ୍ଷକ– ବୁଲଟୁ, ତମେ କୁହ ଭାରତରେ ଝିଅମାନେ କାହିଁକି ଓଢ଼ଣି ପିନ୍ଧନ୍ତି ?
ବୁଲଟୁ– ବିଜ୍ଞାନ ଅନୁସାରେ
ଶିକ୍ଷକ– ବିଜ୍ଞାନ ଅନୁସାରେ କିପରି ?
ବୁଲଟୁ– ବିଜ୍ଞାନ ଅନୁସାରେ ସମସ୍ତ ଖାଦ୍ୟପଦାର୍ଥ ଓ ପାନୀୟକୁ ଘୋଡ଼ାଇ ରଖିବା ଉଚିତ।

## ଆଇନା



ଗୁଞ୍ଜନ
୬ ବର୍ଷ

## କବିତା



### ଜଳୁଛି ଜଙ୍ଗଲ...

ହୁତୁ ହୁତୁ ହୋଇ ଜଳୁଛି ଜଙ୍ଗଲ
ସବୁଠି ଅନଳ ଧାସ
ବାଘ ଭାଲୁ ହାତୀ ହରିଣ ଠେକୁଆ
ହରାଇଲେ ତାଙ୍କ ବାସ
ସଭିଏଁ ଦେଖନ୍ତି ଚାହିଁ
ଲିଭାଇବା ପାଠ ଯଦି ଜାଣିନାହଁ
ନିଆଁ ଲଗାଇଲ କାହିଁ ?
ନିଜ ସ୍ୱାର୍ଥ ପାଇଁ ନିଆଁ ଲଗାଇଲ
ସବୁ ଯାଉଅଛି ଜଳି
ବଡଠାରୁ ଛୋଟ ପତଳାରୁ ମୋଟ
ବୃକ୍ଷ ପଡୁଅଛି ଟଳି।
ଅଙ୍ଗାରକାମ୍ଳରେ ଧରା
ଜୈବମଣ୍ଡଳରେ ସନ୍ତୁଳନ ନାହିଁ
ବଢ଼ଇ ଉତ୍ତାପ ଖରା।
ଜୀବନ ବିକଳେ ହିଂସ୍ର ବନ୍ୟ ଜନ୍ତୁ
ଗାଆଁ ଓ ସହର ମୁହାଁ
ନିଃଶ୍ୱାସ ପ୍ରଶ୍ୱାସ ନେଇ ହଉ ନାହିଁ
ଚାରିଆଡ଼େ ଖାଲି ଧୂଆଁ
ଚିନ୍ତା କରନ୍ତିନି କେହି
ପରିବେଶ ରକ୍ଷାକାରୀ ବୃକ୍ଷ ଲତା
ପାଉଁଶ ଯାଉଛି ହୋଇ।

–ଅମୂଲ୍ୟ କୁମାର ପଣ୍ଡା,
ଅରଙ୍ଗାବାଦ, ବରୀ, ଯାଜପୁର

### ପାଠ ପଢ଼ିବା ଦେଶ ଗଢ଼ିବା

ଆଲୁଅ ପଛେ ଆସେ ଅନ୍ଧାର
ଦିଶଇ କେଡ଼େ କି ମନୋହର।
ପଢ଼ିଲେ ପାଠ ଦେଶର ଚାଟ
ଶିକ୍ଷାର ନଭେ ବସିବ ହାଟ।
ଦୁଃଖ ଯାତନା ଯିବ ଦୂରେଇ
ନବ ଚେତନା ନିଶ୍ଚେ ଖେଳଇ।
ଜ୍ଞାନୀଟି ଯେବେ ଅଜ୍ଞାନୀ ହୁଏ
ମୂର୍ଖତା ଦୂର କରିବ କିଏ ?
ମଣିବା ସଭି ଭଉଣୀ ଭାଇ
ଛୁଆଁ ଅଛୁଆଁ ପଡ଼ିବ ନଇଁ।
ପାଠ ପଢ଼ିବା ଦେଶ ଗଢ଼ିବା
ଶାନ୍ତି କପୋତ ଉଡ଼ାଇ ଦେବା।

–ଜଗନ୍ନାଥ ସାମଲ,
ତୁଳସୀପୁର, ଭଣ୍ଡାରୀପୋଖରୀ

### ବଣ ରାଇଜ

ଖରା ଆସିଲାଣି ମାଡ଼ି
ନଈ, ନାଳ ସବୁ ଶୁଖି ପଡ଼ିଅଛି
ଶୀତଟା ଗଲାଣି ଛାଡ଼ି।
ଗଛରୁ ପତର ଝଡ଼ି
କେମିତି କେଜାଣି ନିଆଁ ଲାଗିଯାଇ
ବଣଟା ଗଲାଣି ପୋଡ଼ି।
ଦମକଳ ଗାଡ଼ି ଆଣି
ଲିଭେଇବା ଆସ ବଣର ନିଆଁକୁ
ଢାଳି ଚାରିଆଡ଼ ପାଣି।
କେତେ ଜୀବଜନ୍ତୁ, କୀଟ
ପୋଡ଼ି ଜଳିଗଲେ ହଜାର ହଜାର
ଆଉକି ମିଳିବ ଭେଟ।
ଆସ ଭାଇମାନେ ମିଳି
ବଣ ରାଇଜର ସୁରକ୍ଷା କରିବା
ନ ଯିବା ଆଗରୁ ଜଳି।

–ତପନ କୁମାର ସ୍ୱାଇଁ,
ଅଇବିଲି,ତିର୍ତ୍ତୋଲ, ଜଗତ୍‌ସିଂହପୁର

### କିଏ ତୁମର ପ୍ରିୟ

କୁହ ହେ କୃଷ୍ଣ କାହାର ତୁମେ
କିଏ ତୁମର ପ୍ରିୟ
ତୁମରି ନାମ ତୁଣ୍ଡରେ ଥିଲେ
ନ ଥାଏ ଯମ ଭୟ।
ଦେବକୀ ଅବା ପ୍ରିୟ ତୁମରି
ତେଣୁ ହୋଇଲା ବନ୍ଦୀ
ଯଶୋଦା ଭାବେ ନିଜକୁ ପ୍ରିୟ
ତେଣୁ ହୋଇଲା ଛନ୍ଦି।
ଅର୍ଜୁନ ଥିଲା ଅଧିକ ପ୍ରିୟ
ହରାଇ ଥିଲା ପୁତ୍ର
ଏତେ ବିଶାଳ ରଣ କ୍ଷେତ୍ରରେ
ଥିଲା ନିମିତ୍ତ ମାତ୍ର।
ସୁଦାମାକୁ ତ କୁହ ନିଜର
ପାଉ ନ ଥିଲା କନା
କିନ୍ତୁ ସେ ତୁମ ଅତି ନିଜର
ଉଡ଼ଇ ଯଶ ବାନା।
ଗୋପରେ ଥିଲେ ଯେତେକ ଗୋପୀ
ସବୁ ତୁମରି ପ୍ରିୟ
ସେଥି ପାଇଁ କି ଟେକିଲେ ହାତ
ନ କରି କିଛି ଭୟ।

କିନ୍ତୁ ମୁଁ ଭାବେ ଅତି ନିଜର
ଭାବିବ ମୋତେ ପ୍ରିୟ
ତୁମରି ପ୍ରିୟ ହୋଇ ମୋ
ଅପଯଶକୁ ନାହିଁ ଭୟ।

–ଅରୁଣ କୁମାର ମହାପାତ୍ର,
ବୈଜ୍ଞାନିକ ଅଧିକାରୀ,
ଅଶ୍ୱପୁରମ, ତେଲଙ୍ଗାନା

## ମତାମତ

- ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ପ୍ରକାଶିତ ଏଥର ଗପ 'ଖୋଲା ଆକାଶର ଖୁସି' ପଢି ବହୁତ ଭଲ ଲାଗିଲା। ବନ୍ଦୀ ଜୀବନ କେତେ ଭୟଙ୍କର ଗପ ପଢିଲେ ତାହା ବୁଝି ହେଉଛି।
  *–ମିନତୀ ରାଉତ, ଭୁବନେଶ୍ୱର*
- କବିତାଗୁଡିକ ଛୋଟ ଏବଂ ପଢିବା ପାଇଁ ବେଶ୍ ମଧୁର ଲାଗିଲା।
  *–ପ୍ରକାଶ ଜେନା, କେନ୍ଦୁଝର*
- ପ୍ରତିଥର ପରି ଏଥର ବି ଆଇନା ସ୍ତମ୍ଭରେ ଚିତ୍ରଟି ଭାରି କ୍ୟୁଟ ହୋଇଥିଲା।
  *–ଶାନ୍ତନୁ ନାୟକ, ଜଗତସିଂହପୁର*
- କହିଲ ଦେଖି ସ୍ତମ୍ଭରେ ଖରାଦିନକୁ ଦେଖି ସମସ୍ତ ପଂକ୍ତିଗୁଡ଼ିକ ଲେଖା ହୋଇଥିବାରୁ ଭଲ ଲାଗିଲା।
  *–ମନସ୍ୱିନୀ ମାହାନ୍ତି, କୋରାପୁଟ*
- ଗିନିଜ ସ୍ତମ୍ଭରେ ଫୁଟବଲକୁ ମୁଣ୍ଡରେ ଏତେ ସମୟ ରଖି ଚାଲିବା ଦେଖି ଆଶ୍ଚର୍ଯ୍ୟ ଲାଗିଲା।
  *–ଶିବାନୀ ମହାପାତ୍ର, ପୁରୀ*
- ପିଲାମାନେ ତିଆରି କରିଥିବା ଚିତ୍ରଗୁଡ଼ିକ ବି ବେଶ୍ ସୁନ୍ଦର ହୋଇଥିଲା
  *ରାଧାମୋହନ ବାରିକ, କଟକ*

## ଗପ

# ସଫଳତାର ରହସ୍ୟ

ଜୀବନରେ ଏମିତି ଅନେକ ପ୍ରସଙ୍ଗ ଅଛି, ଯେଉଁଥିରେ ସୁଖ ଆଉ ସଫଳତା ଜୀବନ ବିଷୟରେ କୁହାଯାଇଛି। ଏମିତି ଗୋଟିଏ ପ୍ରସଙ୍ଗ ଅଛି କେମିତି ନିଜର ଲକ୍ଷ୍ୟ ପ୍ରାପ୍ତି କରିବାରେ ସଫଳ ହେବେ ? ଦିନେ ରାମକୃଷ୍ଣ ପରମହଂସ ନିଜର ଜଣେ ଶିଷ୍ୟ ସହିତ ନଦୀ କୂଳରେ ବୁଲୁଥିଲେ । ସେତିକି ବେଳେ ସେ ଦେଖିଲେ କେତେକ ଧୀବର ମାଛ ମାରୁଛନ୍ତି । ପରମହଂସ ନିଜ ଶିଷ୍ୟକୁ ପଚାରିଲେ,ଜାଲ ଭିତରେ ଥିବା ମାଛଙ୍କୁ ଟିକିଏ ଧ୍ୟାନରେ ଦେଖ। ଶିଷ୍ୟ ଦେଖିଲା ଜାଲ ଭିତରେ ବହୁତ ମାଛ ଅଛନ୍ତି ଆଉ ଛଟପଟ ହେଉଛନ୍ତି। ଗୁରୁ କହିଲେ ଏହି ଜାଲରେ ତିନି ପ୍ରକାରର ମାଛ ଅଛନ୍ତି। ପ୍ରଥମ ପ୍ରକାରର ମାଛ ଯିଏ ମାନି ନେଇଥିଲା କି ତା'ର ଜୀବନ ଏହି କ୍ଷଣି ପଳେଇବ। ଏହି କାରଣରୁ ସେ ଜମାରୁ ନିଜକୁ ବଞ୍ଚେଇବାକୁ ଚେଷ୍ଟା କରୁନାହିଁ। ଦ୍ୱିତୀୟ ପ୍ରକାରର ମାଛ ନିଜର ଜୀବନକୁ ବଞ୍ଚେଇବାକୁ ଚେଷ୍ଟା କରୁଛନ୍ତି ହେଲେ ଜାଲର ବାହାରକୁ ବାହାରି ପାରୁ ନ ଥିଲେ। ତୃତୀୟ ପ୍ରକାର ମାଛ ସବୁଠୁ ଭଲ ଅଟନ୍ତି। ସେମାନେ ଜାଲ ବାହାରକୁ ବାହାରିବା ପାଇଁ ଚେଷ୍ଟା କରୁଛନ୍ତି ଆଉ ନିଜର ସମସ୍ତ ବଳ ଲଗେଇ ଦେଉଥାନ୍ତି। କେବଳ ଏହି ମାଛମାନେ ନିଜ ଜୀବନକୁ ବଞ୍ଚେଇ ପାରିବେ ଏହି ଜାଲରୁ।



ଏହା ପରେ ପରମହଂସ କହିଲେ ଠିକ୍ ସେହି ପରି ମନୁଷ୍ୟ ମଧ୍ୟ ତିନି ପ୍ରକାର ଅଟନ୍ତି। ପ୍ରଥମେ ଯେଉଁ ଲୋକ ନିଜର ଦୁଃଖକୁ ନିଜର ଭାଗ୍ୟ ବୋଲି ମାନି ନିଅନ୍ତି ଆଉ ତାକୁ ବଦଳେଇବା ପାଇଁ ଜମାରୁ ଚେଷ୍ଟା କରନ୍ତି ନାହିଁ। ଦ୍ୱିତୀୟ ଲୋକ ଯିଏ,ସେମାନେ ଦୁଃଖକୁ ଦୂର କରିବା ପାଇଁ ଚେଷ୍ଟା କରନ୍ତି କିନ୍ତୁ କିଛି ସମୟ ମଧ୍ୟରେ ସେମାନେ ନିଜର ହାର୍ ମାନି ନିଅନ୍ତି। ତୃତୀୟ ଲୋକ ସେମାନେ, ଯେଉଁମାନେ ଲଗାତର ଭାବରେ ନିଜ ଲକ୍ଷ୍ୟରେ ପହଞ୍ଚିବା ପାଇଁ ସବୁବେଳେ ଚେଷ୍ଟା କରନ୍ତି ଆଉ ଜିତନ୍ତି। ଯଦି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ହେବ ତାହାଲେ ସର୍ବଦା ଚେଷ୍ଟା କରିବା ଦରକାର। ଚେଷ୍ଟା କରୁଥାଅ, ଯେପର୍ଯ୍ୟନ୍ତ ସଫଳତା ତୁମକୁ ମିଳି ନାହିଁ। ଯଦି ଚେଷ୍ଟାରେ ଅବହେଳା କରିବ ତା'ହେଲେ ସଫଳତା ମିଳିବ ନାହିଁ।

**–ମନୋଜ କୁମାର ବେହେରା**
ଭୁବନେଶ୍ୱର,
ମୋ : ୭୯୭୮୮୩୦୬୧୧

## ଗିନିଜ୍ ୱାର୍ଲ୍ଡରେକର୍ଡ

### ସବୁଠୁ ବଡ଼ କାର୍ପେଟ୍

ପିଲାମାନେ ତୁମେ ତ କାର୍ପେଟ ଦେଖିଥିବ। ଘରକୁ ସୁନ୍ଦର କରିବା ପାଇଁ କିମ୍ବା କୌଣସି ଉତ୍ସବ ସମୟରେ ତଳେ କାର୍ପେଟ ପକାଇ ସଜ୍ଜା ଯାଇଥାଏ। ହେଲେ ଘରେ ହେଉ କି ବାହାରେ ତୁମେ ଦେଖିଥିବା କାର୍ପେଟ ଅତିବେଶିରେ ଏକ ମିଟର, ଦୁଇ ମିଟର କି ଅତିବେଶିରେ ୧୦ କି ୧୫ ମିଟର ହୋଇ ଥାଇପାରେ। ମାତ୍ର ୧୪,୨୦୦ ସ୍କୋୟାର ଫୁଟରେ ହୋଇଥିବା ଏକ କାର୍ପେଟ ତୁମେ କେବେ ଦେଖିଛ କି! ଏତେ ବଡ଼ କାର୍ପେଟ ବୋଧହୁଏ କେହି ଦେଖି ନ ଥିବେ। କିନ୍ତୁ ଏଭଳି ଏକ କାର୍ପେଟ ତିଆରି ହୋଇଥିଲା ମେକ୍ସିକୋରେ। ଭିନ୍ନ କଥା ହେଉଛି ଏହି କାର୍ପେଟଟି ତିଆରି ହୋଇଥିଲା କେବଳ ବିଭିନ୍ନ ପ୍ରକାରର ଫୁଲ ଏବଂ ଗଛରେ। ମୋଟ ୧୨୬,୦୦୦ ଫଉଲ ଗଛ ବ୍ୟବହାର କରି ଏହି କାର୍ପେଟ ତିଆରି କରାଯାଇଥିଲା। ଏଥିରେ ଥିଲା ମୋଟ ୧୧ ପ୍ରକାରର ଗଛ।



## କହିଲ ଦେଖି




**କହିଲ ଦେଖି**
ହୁକେ ହୁ ହୁକେ ହୁ
ବନ କମ୍ପିତ କରେ
ଭୋଜନ ପାଇଁ ସେ
ବନରେ ଘୂରେ
ଚତୁର ପଣରେ
କେହି ହେବେନି ସରି
କିଏ କହିବ
ନାମ ତାହାରି।

ଉତ୍ତର– **ବିଲୁଆ।**



ଗଛରୁ ଗଛ
ଡେଇଁ ଡେଇଁକା
ଫଳ ଖାଏ ସେ
ବାଛି ବାଛିକା
ମନୋହର ଲାଗେ
ଲାଞ୍ଜ ତାହାର
କିଏ କହିବ
ନାମ ତାହାର।

ଉତ୍ତର– **ମାଙ୍କଡ଼**



ଘର ଜଗିଥାଏ
ଦୁଆରେ ବସି
କଥା ଶୁଣେ ସେ
ପାଖକୁ ଆସି
ପୋଷା ଅଟେ
ସେ ଜୀବ
ମାଲିକର ସେ ବିଶ୍ୱସ୍ତ
କିଏ କହିବ ଉଠାଅ ହସ୍ତ।

ଉତ୍ତର– **କୁକୁର**

–ରୋହିତ କୁମାର ମଲିକ,
ଅଣ୍ଡରାଇ, ଭଦ୍ରକ

## ଟଗଲା ଭୀମୁ




## ତୁମ ତୁଳୀରୁ






**ଅନନ୍ୟା ରୁପାଲି ତ୍ରିପାଠୀ**
କ୍ଲାସ–୬, ସରକାରୀ ମାଧ୍ୟମିକ ବିଦ୍ୟାଳୟ,
ଗୋବିନ୍ଦପାଲ୍ଲୀ, ମାଲକାନଗିରି





**ଶୁଭସ୍ମିତା ବରାଡ଼**
କ୍ଲାସ–୪, କଳିଙ୍ଗ ଭାରତୀ ବିଦ୍ୟା ନିକେତନ
କନ୍ଧନୟାଗଡ, ନୟାଗଡ଼





**ଗାର୍ଗୀ ଦାସ**
କ୍ଲାସ– ୫, ଲୟୋଲା ସ୍କୁଲ,
ଭୁବନେଶ୍ୱର

# ଦିନିକିଆ ଦଳରେ ସୂର୍ଯ୍ୟକୁମାର, କ୍ରୁନାଲ, କ୍ରିଷ୍ଣା


**ନୂଆଦିଲ୍ଲୀ,୧୯।୩(ପି.ଟି.)**

ଆଗକୁ ଆୟୋଜନ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ପାଇଁ ଏକ ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଶୁକ୍ରବାର ଘୋଷିତ ହୋଇଥିବା ଏହି ଦଳରେ କର୍ନାଟକ ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣା, ୟର୍କର ସ୍ପେଶାଲିଷ୍ଟ ଟି. ନଟରାଜନ, ଅଲରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ଓ ସୂର୍ଯ୍ୟକୁମାର ଯାଦବ ସ୍ଥାନ ପାଇଛନ୍ତି।

କିଛିଦିନ ତଳେ ଅନୁଷ୍ଠିତ ହୋଇଥିବା ବିଜୟ ହଜାରେ ଟ୍ରଫିରେ ଉଲ୍ଲେଖନୀୟ ପ୍ରଦର୍ଶନ କରି କ୍ରିଷ୍ଣା ଓ କ୍ରୁନାଲ ପାଣ୍ଡ୍ୟା ଦଳରେ ସ୍ଥାନ ପାଇଛନ୍ତି। ସେହିପରି ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟି୨୦ ମ୍ୟାଚ୍‌ରେ ପଦାର୍ପଣ କରି ସୂର୍ଯ୍ୟକୁମାର ଦମ୍‌ଦାର ଅର୍ଦ୍ଧଶତକ ହାସଲ କରି ଚୟନକର୍ତ୍ତାଙ୍କୁ ପ୍ରଭାବିତ କରିଛନ୍ତି। ଘରୋଇ ଦିନିକିଆ ଟୁର୍ନାମେଣ୍ଟ ବିଜୟ ହଜାରେ ଟ୍ରଫିରେ କ୍ରିଷ୍ଣା ୧୪ଟି ଉଇକେଟ ହାସଲ କରି କୋହଲିଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଥିଲେ। ସେହିପରି ଏ ପର୍ଯ୍ୟନ୍ତ ୧୮ଟି ଟି୨୦ ଖେଳିସାରିଥିବା କ୍ରୁନାଲ ପ୍ରଥମଥର ପାଇଁ ଦିନିକିଆ ଦଳରେ ସାମିଲ ହୋଇଛନ୍ତି। ବରୋଦା ପକ୍ଷରୁ ୫ଟି ମ୍ୟାଚ୍ ଖେଳି କ୍ରୁନାଲ ୨ଟି ଲେଖାଏ ଶତକ ଓ ଅର୍ଦ୍ଧଶତକ ହାସଲ କରି ଦଳରେ ସ୍ଥାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୩ଟି ଯାକ ଦିନିକିଆ ପୁଣେରେ ଖେଳାଯିବ। ପ୍ରଥମ ଦିନିକିଆ ୨୩, ଦ୍ୱିତୀୟ ଦିନିକିଆ ୨୬ ଓ ତୃତୀୟ ଦିନିକିଆ ୨୮ ତାରିଖରେ ଅନୁଷ୍ଠିତ ହେବ।

ସେହିପରି ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଓ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୨୦୧୭ରେ କ୍ୟାରିୟରର ଏକମାତ୍ର ଦିନିକିଆ ଖେଳିଥିବା ୱାଶିଂଟନ ସୁନ୍ଦରଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ଚଳିତ ଟି୨୦ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଅଭିଜ୍ଞ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ୨୦୧୯ ଅଗଷ୍ଟ ପରେ ତାଙ୍କର ପ୍ରଥମ ଦିନିକିଆ ମ୍ୟାଚ୍ ଖେଳିବେ। ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସାମିଙ୍କ ଅନୁପସ୍ଥିତିରେ ଭୁବନେଶ୍ୱର କୁମାର ବୋଲିଂ ବିଭାଗର ନେତୃତ୍ୱ ନେବେ। ବୁମ୍‌ରା ବିବାହ କରିଥିବାରୁ ଓ ଇଞ୍ଜୁରି କାରଣରୁ ସାମିଙ୍କୁ ଦଳରେ ସାମିଲ କରାଯାଇ ନାହିଁ। ସେହିପରି ଅଷ୍ଟ୍ରେଲିଆ ଗସ୍ତରେ ଭଲ ପ୍ରଦର୍ଶନ କରିଥିବା ବାମହାତୀ ସ୍ପିନର ଟି. ନଟରାଜନ ଫିଟ୍‌ନେସ୍ ଫେରିପାଇଥିବାରୁ ଦଳରେ ସ୍ଥାନ ହାସଲ କରିଛନ୍ତି।

ଆଗକୁ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପ୍ରସ୍ତୁତିକୁ ଦୃଷ୍ଟିରେ ରଖି ଦଳ ଚୟନ କରାଯାଇଛି। ଦଳରେ ରିଷଭ ପନ୍ତ ଓ ଲୋକେଶ ରାହୁଲଙ୍କ ପରି ଉଇକେଟକିପର ବ୍ୟାଟ୍ସମ୍ୟାନ ଥିବାରୁ ଟି୨୦ରେ ଭଲ ପ୍ରଦର୍ଶନ କରିବା ସତ୍ତ୍ୱେ ଇଶାନ କିଷନଙ୍କୁ ଏହି ଦଳରେ ସ୍ଥାନ ମିଳିନାହିଁ। ଟି୨୦ ଇନିଂସ ଓପନ କରୁଥିବା ରାହୁଲ ଦିନିକିଆରେ ମିଡ୍‌ଲ ଅର୍ଡରରେ ବ୍ୟାଟିଂ କରିବେ। ଦିନିକିଆରେ ଶିଖର ଧାୱନ ଓ ରୋହିତ ଶର୍ମା ଇନିଂସ ଓପନ୍ କରିବେ। ପନ୍ତ ଉଇକେଟକିପିଂ କରିବେ ଓ ମିଡଲଅର୍ଡରରେ ବ୍ୟାଟିଂ କରିବେ। ଅଷ୍ଟ୍ରେଲିଆ ଗସ୍ତରେ ଆଶାନୁରୂପ ପ୍ରଦର୍ଶନ କରି ନ ଥିବା ଆଉଟ୍ ଅଫ୍ ଫର୍ମ ମୟଙ୍କ ଅଗ୍ରୱାଲ, ନବଦୀପ ସଇନି ଓ ମନୀଷ ପାଣ୍ଡେ ଦଳରେ ସ୍ଥାନ ପାଇନାହାନ୍ତି। ଲୋକେଶ ରାହୁଲ ଓ ଶୁବମନ ଗିଲ୍ ଖେଳିବା ପାଇଁ ପ୍ରସ୍ତୁତ ଥିବାରୁ ଧାୱନଙ୍କ ଉପରେ ନିଶ୍ଚିତ ଭାବେ ଚାପ ରହିବ। ସେହିପରି ଟେଷ୍ଟରେ ଭଲ ପ୍ରଦର୍ଶନ କରିଥିବାରୁ ଯୁବ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ସେହିପରି ଫିଟ୍‌ନେସ ହାସଲ କରି ନ ଥିବାର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ଦଳରେ ସାମିଲ କରାଯାଇ ନାହିଁ। ସବୁ ୩ଟି ଯାକ ମ୍ୟାଚ୍ ଫାଙ୍କା ଷ୍ଟାଡିୟମରେ ଖେଳାଯିବ।


ସୂର୍ଯ୍ୟକୁମାର ଯାଦବ



କ୍ରୁନାଲ ପାଣ୍ଡ୍ୟା



ପ୍ରସିଦ୍ଧ କ୍ରିଷ୍ଣା

### ଭାରତ ବନାମ ଇଂଲଣ୍ଡ

**ଭାରତ ଦିନିକିଆ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ- ଅଧିନାୟକ), ଶିଖର ଧାୱନ, ଶୁବମନ ଗିଲ, ଶ୍ରେୟାସ ଆୟାର, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ରିଷଭ ପନ୍ତ (ଉଇକେଟକିପର), ଲୋକେଶ ରାହୁଲ (ଉଇକେଟକିପର), ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, କ୍ରୁନାଲ ପାଣ୍ଡ୍ୟା, ୱାଶିଂଟନ ସୁନ୍ଦର, ଟି. ନଟରାଜନ, ଭୁବନେଶ୍ୱର କୁମାର, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର।

# ଗ୍ରୀନ୍ସ ଏକାଡେମୀ କ୍ୱାର୍ଟର ଫାଇନାଲରେ



ରାଜଦୀପ ରୋହନ ଦାସଙ୍କୁ ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୧୯।୩(କ୍ରୀଡ଼ା ପ୍ରତିନିଧି)**

ନହରକଣ୍ଟାର ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ (ଏସ୍‌ଜେଏସ୍‌ଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ପ୍ରାଚୀ ଭୂଷଣ ତ୍ରିପାଠୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚରେ ବିଜୟୀ ହୋଇ ଗ୍ରୀନ୍ସ କ୍ରିକେଟ ଏକାଡେମୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶ୍ରୀ ଜୟଦେବ କଲେଜ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଗ୍ରୀନ୍ସ ୮୧ ରନରେ ରେଡ୍ ଷ୍ଟାରକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୀନ୍ସ ନିର୍ଦ୍ଧାରିତ ୩୦ ଓଭରରେ ୯ ଉଇକେଟ ହରାଇ ୧୯୫ ରନ କରିଥିଲା। ଦଳ ପକ୍ଷରୁ ଭବ୍ୟଜ୍ୟୋତି ବିଶୋୟୀ ଓ ଦେବେନ୍ଦ୍ର ପ୍ରଧାନ ୨୯ ରନ ଲେଖାଏ କରିଥିଲେ। ବିପକ୍ଷ ଦଳର ସମ୍ବିତ ପ୍ରଧାନ ୩ଟି ଉଇକେଟ ନେଇଥିଲେ। ଜବାବରେ ରେଡ୍‌ଷ୍ଟାର ସମ୍ପୂର୍ଣ୍ଣ ୩୦ ଓଭର ଖେଳିଥିଲେ ହେଁ ୯ ଉଇକେଟ ହରାଇ ୧୧୪ ରନ କରିବାକୁ ସକ୍ଷମ ହୋଇଥିଲା। ସୁବ୍ରତ ବିଷୋୟେ ସର୍ବାଧିକ ୩୨ ରନ କରିଥିଲେ। ବିଜୟୀ ଦଳର ରାଜଦୀପ ରୋହନ ଦାସ ଓ ଆଦିତ୍ୟ କୁମାର ୩ଟି ଲେଖାଏ ଉଇକେଟ ନେଇଥିଲେ। ବ୍ୟାଟିଂରେ ୧୬ ରନ ଏବଂ ବୋଲିଂରେ ୬ ଓଭରରେ ୨୮ ରନ ଦେଇ ୩ଟି ଉଇକେଟ ନେଇଥିବା ରାଜଦୀପ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମ୍ପାୟର ରଣଜିତ ମହାରଣା ଓ ତପନ ବେହେରା ମ୍ୟାଚ ପରିଚାଳନା କରିଥିଲେ। ମାନସ ନାୟକ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ପୂର୍ବତନ ରଣଜୀ ଖେଳାଳି ତଥା ବର୍ତ୍ତମାନର ଜୁନିୟର ଚୟନକର୍ତ୍ତା ବିବିସିସି ମହାପାତ୍ର ଓ ବାରଙ୍ଗ ବ୍ଲକ ଚେୟାରମ୍ୟାନ ସରୋଜ କୁମାର ସାହୁ ଅତିଥିଭାବେ ଯୋଗ ଦେଇଥିଲେ।

# ଡିସ୍‌କସ୍ ଥ୍ରୋରେ କମଲପ୍ରୀତ୍‌ଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା

**ପଟିଆଲା,୧୯।୩ (ପି.ଟି.)**

ଜାତୀୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ଡିସ୍‌କସ୍ ଥ୍ରୋରେ କମଲପ୍ରୀତ୍ କୌର (୬୫.୦୬ ମିଟର) ଜାତୀୟ ରେକର୍ଡ ପ୍ରତିଷ୍ଠା ସହ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ପୂର୍ବ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନଠାରୁ ୪ ମିଟର ଆଗେଇ ପାରିଛନ୍ତି। ଚାମ୍ପିୟନଶିପର ୨୦୧୯ ସଂସ୍କରଣରେ ସ୍ୱର୍ଣ୍ଣ ଜିତିଥିବା ୨୫ ବର୍ଷୀୟ କୌର ପ୍ରଥମ ପ୍ରଚେଷ୍ଟାରେ ଡିସ୍‌କସ୍‌କୁ ୬୫.୦୬ ମିଟର ଥ୍ରୋ କରି ସ୍ଥାନୀୟ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ (ଏନ୍‌ଆଇଏସ୍)ରେ ଉପସ୍ଥିତ ଦର୍ଶକଙ୍କୁ ଚମତ୍କୃତ କରିଦେଇଥିଲେ। ପରେ ପଞ୍ଜାବର ଏହି ଆଥଲେଟ୍ ତାଙ୍କର ଅବଶିଷ୍ଟ ୫ଟି ପ୍ରଚେଷ୍ଟାରେ ଏହି ଅଙ୍କକୁ ଅତିକ୍ରମ କରିବାରେ ଅସଫଳ ରହିଥିଲେ। ଟୋକିଓ ଅଲିମ୍ପିକ୍ସ ମହିଳା ଡିସ୍‌କସ୍ ଥ୍ରୋ ପାଇଁ ଯୋଗ୍ୟତା ଅଙ୍କ ୬୩. ୫୦ମିଟର ରହିଛି। କୌରଙ୍କ ପୂର୍ବ ବ୍ୟକ୍ତିଗତ ଶ୍ରେଷ୍ଠ ୬୧.୦୪ ମିଟର ରହିଥିଲା, ଯାହାକୁ ୨୦୧୮ରେ ରେକର୍ଡ କରାଯାଇଥିଲା। ସେ ୯ବର୍ଷ ତଳର ଜାତୀୟ ରେକର୍ଡ (୬୪.୭୬ମିଟର)କୁ ଅତିକ୍ରମ କରିଯାଇଛନ୍ତି। ଏହା ଅଲିମ୍ପିଆନ ତଥା ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜୟିନୀ କ୍ରିଷ୍ଣା ପୁନିଆଙ୍କ ନାମରେ ରହିଥିଲା। ୨୦୧୮ ଏସିଆନ ଗେମ୍ସରେ ବ୍ରୋଞ୍ଜ ବିଜୟିନୀ ଭେଟେରାନ ସୀମା ପୁନିଆ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଚେଷ୍ଟା ୬୨. ୬୪ ମିଟର ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ୩୭ ବର୍ଷୀୟା ପୁନିଆ ୨୦୧୪ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଜିତିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୦୦୬, ୨୦୧୦, ୨୦୧୪ ଓ ୨୦୧୮ ସଂସ୍କରଣରେ ଗୋଟିଏ ଲେଖାଏ ପଦକ ଜିତିବାରେ ସଫଳ ରହିଥିଲେ। ଏକ ମିଟରରୁ କମ୍ ବ୍ୟବଧାନରେ ସେ ଯୋଗ୍ୟତା ଅଙ୍କ ହାସଲ କରିବାରେ ବିଫଳ ରହିଥିଲେ। ଦିଲ୍ଲୀର ସୋନାଲ ଗୋୟଲ ତାଙ୍କ ଶ୍ରେଷ୍ଠ ଥ୍ରୋ ୫୨. ୧୧ ମିଟର ସହ ବ୍ରୋଞ୍ଜ ପଦକ ହାସଲ କରିଥିଲେ।



କମଲପ୍ରୀତ୍ କୌର

# ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ ୨୪ରୁ

**ଭୁବନେଶ୍ୱର, ୧୯।୩ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ରାଜ୍ୟ ଫେନସିଂ ଆସୋସିଏଶନ ଓ ୟୁନିୟନ କ୍ଲବ ଆନୁକୂଲ୍ୟରେ ୨୨ତମ ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ (ବାଳିକା ଓ ବାଳକ) ଚାମ୍ପିୟନଶିପ୍ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ୨୬ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ୨୫ ରାଜ୍ୟର ସ୍ୱିକୃତିପ୍ରାପ୍ତ ୟୁନିଟରୁ ୪୫୦ରୁ ଊର୍ଦ୍ଧ୍ୱ ଖେଳାଳି, ମ୍ୟାନେଜର, କୋଚ୍ ଓ ଅଫିସିଆଲ୍ସ ଭାଗନେବା ସମ୍ଭାବନା ରହିଛି। କୋଭିଡ-୧୯ ଗାଇଡଲାଇନ ଅନୁସାରେ ହେବାକୁଥିବା ଏହି ପ୍ରତିଯୋଗିତା ପାଇଁ ୨୦ ଲକ୍ଷ ଟଙ୍କାର ବଜେଟ ରହିଛି। ପ୍ରତିଯୋଗିତାର ସଫଳ ଆୟୋଜନ ପାଇଁ କମିଟିମାନ ଗଠନ କରାଯାଇଛି ବୋଲି ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ଫେନ୍‌ସିଂ ଆସୋସିଏଶନ ସମ୍ପାଦକ ଦେବେନ୍ଦ୍ର ସାହୁ ପ୍ରକାଶ କରିଛନ୍ତି। ଏହି ଅବସରରେ ରମେଶ ମଲିକ, ହରି ପ୍ରସାଦ ପଟ୍ଟନାୟକ, ଜିତେନ୍ଦର ଗୋଉଲ, ରଶ୍ମିରଞ୍ଜନ ସ୍ୱାଇଁ, ଶଶି କାନ୍ତ ନାୟକ, ବିଭୁଦତ୍ତ ରଥ ଓ ତପନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ଲୋ ଓଭର ରେଟ୍ ପାଇଁ ଇଂଲଣ୍ଡକୁ ଜରିମାନା

**ଅହମଦାବାଦ, ୧୯।୩ (ପି.ଟି.):** ଭାରତ ବିପକ୍ଷ ଚତୁର୍ଥ ଅନ୍ତର୍ଜାତୀୟ ଟି୨୦ରେ ସ୍ଲୋ ଓଭର ରେଟ୍ ବୋଲିଂ ପାଇଁ ଇଂଲଣ୍ଡ ଖେଳାଳିଙ୍କୁ ସେମାନଙ୍କ ମ୍ୟାଚ ଫି'ର ୨୦ ପ୍ରତିଶତ ଜରିମାନା ହୋଇଛି। ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଇଅନ ମୋର୍ଗାନଙ୍କ ଦଳ ଟାର୍ଗେଟଠାରୁ ଗୋଟିଏ ଓଭର ପଛୁଆ ରହିବାରୁ ଆଇସିସି ଏଲିଟ ପ୍ୟାନେଲ ମ୍ୟାଚ ରେଫରି ଜାଭାଗଲ ଶ୍ରୀନାଥ ଏହି ଦଣ୍ଡ ବିଧାନ କରିଛନ୍ତି। ଭ୍ରମଣକାରୀ ଦଳର ସ୍ଲୋ ଓଭର ରେଟ୍ ପାଇଁ ଅନ୍ ଫିଲ୍ଡ ଅମ୍ପାୟର କେ.ଏନ୍. ଅନନ୍ତପଦ୍ମନାଭନ, ନୀତିନ ମେନନ ଓ ତୃତୀୟ ଅମ୍ପାୟର ବୀରେନ୍ଦ୍ର ଶର୍ମା ପ୍ରମୁଖଙ୍କ ତରଫରୁ ଅଭିଯୋଗ ଅଣାଯାଇଥିଲା।

## ଅମିୟ ୬ଷ୍ଠ

**ଭୁବନେଶ୍ୱର, ୧୯।୩ (କ୍ରୀଡ଼ା ପ୍ରତିନିଧି):** ପଟିଆଲାର ଏନ୍‌ଏସ ଏନ୍‌ଆଇଏସ୍‌ରେ ଅନୁଷ୍ଠିତ ୨୪ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥଲେଟିକ୍ ଚାମ୍ପିୟନଶିପ୍‌ର ପୁରୁଷ ୨୦୦ ମିଟର ରେସ୍‌ରେ ଓଡ଼ିଶାର ଅମିୟ କୁମାର ମଲିକ ଦକ୍ଷତା ଅନୁସାରେ ପ୍ରଦର୍ଶନ କରି ନ ପାରି ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ସେ ୨୧.୯୯ ସେକେଣ୍ଡ ସମୟ ନେଇଛନ୍ତି। ପୂର୍ବରୁ ହିଟ୍‌ରେ ଅମିୟ ୨୧.୮୮ ଓ ସେମିଫାଇନାଲରେ ୨୧.୭୫ ସେକେଣ୍ଡ ସମୟ ନେଇଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**କର୍ମଜୀବୀ ମହିଳାଙ୍କ ପାଇଁ କର୍ମଶାଳା**

**କଟକ ଅଫିସ:** କଟକ ମିଶନ୍‌ରୋଡସ୍ଥିତ ନ୍ୟୁଷ୍ଟିୱାର୍ଟ ସ୍କୁଲରେ ଶୁକ୍ରବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳାମାନେ କର୍ମକ୍ଷେତ୍ରରେ କିଭଳି ଭାବେ ସେକ୍ସୁଆଲ ହାରାସମେଣ୍ଟର ଶିକାର ହେଉଛନ୍ତି ଓ ଏ ନେଇ କ'ଣ ଆଇନ ବ୍ୟବସ୍ଥା ରହିଛି ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍କୁଲ ଅଧ୍ୟକ୍ଷା ଏମ. ତୃପ୍ତିରାଣୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ଆଇନଜୀବୀ ସୁନୀଲ ପଟ୍ଟନାୟକ, ସୁନିତା ନର୍ଥଙ୍କ ସମେତ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସାହିତ୍ୟିକ ଦେବଦାସ ଛୋଟରାୟ୍ ପାଇବେ ସାହିତ୍ୟ ଭାରତୀ ସମ୍ମାନ



କଟକ ଅଫିସ, ୧୯।୩: ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସହରର ବିଶିଷ୍ଟ ବ୍ୟକ୍ତିଙ୍କୁ ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ସମ୍ମାନିତ କରାଯିବ। କଟକ କଳାବିକାଶ କେନ୍ଦ୍ରଠାରେ ଆସନ୍ତା ଏପ୍ରିଲ ୪ ତାରିଖରେ ଅନୁଷ୍ଠିତ ସମାରୋହରେ ସାହିତ୍ୟିକ ଦେବଦାସ ଛୋଟରାୟଙ୍କୁ ସାହିତ୍ୟ ଭାରତୀ ସମ୍ମାନରେ ସମ୍ମାନିତ କରାଯିବ। ସେହିପରି ଚିତ୍ରଶିଳ୍ପୀ ଡ. ଯଦୁନାଥ ପ୍ରସାଦ ଦାସଙ୍କୁ ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ, କବି ସଦାଶିବ ଦାଶଙ୍କୁ ଭାନୁଜୀ ରାଓ ସ୍ମାରକୀ ପୁରସ୍କାର, ସରୋଜିନୀ ସାହୁଙ୍କୁ ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର, ଚିତ୍ତରଞ୍ଜନ ଚିରଞ୍ଜିତ ଓ କବି ମନୋଜ ମେହେରଙ୍କୁ ସୁବ୍ରତ ରଥ ସ୍ମାରକୀ ପୁରସ୍କାର ପ୍ରଦାନ କରାଯିବ ବୋଲି ଶୁକ୍ରବାର ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ଦରଘାବଜାରସ୍ଥିତ ଗଙ୍ଗାଧର ରଥଙ୍କ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

### ସ୍କ୍ରାପ୍ ଜବତ: ୨ ଗିରଫ

**ଚୌଦ୍ୱାର, ୧୯।୩( ଡି.ଏନ.ଏ.):** ଚୋରା ସ୍କ୍ରାପ ବୋଝେଇ ନେଇ ଯାଉଥିବା ଏକ ଟାଟା ଏସି ଗାଡିକୁ ଚୌଦ୍ୱାର ପୋଲିସ ଜବତ କରିବା ସହିତ ଏହି ଘଟଣାରେ ୨ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ଗାଡ଼ି ଡ୍ରାଇଭର କରଞ୍ଜି ଗ୍ରାମର ସୁମନ ସ୍ୱାଇଁ ଓ କଲିକତା ଅଞ୍ଚଳର ଇବ୍ରାହିମ୍ ସେଖ୍ । ସେମାନଙ୍କ ନିକଟରୁ ୨କୁଇଣ୍ଟାଲ ଚୋରା ସ୍କ୍ରାପ ଜବତ ହୋଇଛି । ପୋଲିସ ସୂଚନା ଅନୁଯାୟୀ ଗୁରୁବାର ବିଳମ୍ବିତ ରାତିରେ ଚୌଦ୍ୱାର ପୌରପାଳିକା ସୁଲତାନ ନଗର ପଛପଟ ରାସ୍ତାରେ ଚୋରା ସ୍କ୍ରାପ ଚାଲାଣ ହେଉଥିବା କୌଣସି ସୂତ୍ରରୁ ପୋଲିସ ଖବରପାଇ ଚଢ଼ାଉ କରି ଗାଡ଼ିକୁ ଥାନାକୁ ଆଣି ପଚରାଉଚରା କରିବାରେ ଏହା ଚୋରି ସ୍କ୍ରାପ ଥିବା ସେମାନେ ସ୍ୱୀକାର କରିଥିଲେ । ଏନେଇ ଥାନାରେ ୧୧୪/୨୧ରେ ଏକ ମାମଲା ରୁଜୁ ହୋଇଛି ।

### ପିକ୍‌ଅପ୍ ଭ୍ୟାନ ଧକ୍କାରେ ବାପପୁଅ ଗୁରୁତର

ଆଠଗଡ଼,୧୯।୩ (ସ୍ୱ.ପ୍ର.): ଆଠଗଡ଼ ରଥଗଡା ଛକ ନିକଟରେ କାଠ ବୋଝେଇ ପିକ୍ ଅପ୍ ଭ୍ୟାନ ଧକ୍କାରେ ବାଇକ୍‌ରେ ଆସୁଥିବା ବାପ ଓ ପୁଅ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଆଠଗଡ଼ ଥାନା ଅନ୍ତର୍ଗତ କୁଲାଇଲୋ ଗ୍ରାମର ବିଚିତ୍ରାନନ୍ଦ ବେହେରା(୫୫) ଏବଂ ତାଙ୍କ ସାନ ପୁଅ ବିଧୁଭୂଷଣ ବେହେରା (୨୪)। ଉଭୟ ବାଇକ୍‌ରେ ଆଠଗଡ଼ ଆସୁଥିବାବେଳେ ଖୁଣ୍ଟୁଣୀ ପଟୁ ଆସୁଥିବା ପିକ୍ ଅପ୍ ଭ୍ୟାନଟି ପଛ ପଟୁ ଧକ୍କା ଦେଇଥିଲେ। ଫଳରେ ଉଭୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ଦୁର୍ଘଟଣା ପରେ ଭ୍ୟାନ ଚାଳକ ଫେରାର ହୋଇଯାଇଛନ୍ତି। ଆଠଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପିକ୍ ଅପ୍ ଭ୍ୟାନକୁ ଜବତ କରି ପରିବାର ଲୋକଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ କରିଛି।

### ଚକ୍ଷୁ ଚିକିତ୍ସା ଶିବିର

**ଟାଙ୍ଗୀ(କଟକ),୧୯।୩(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ରସଂଘ ପାଠାଗାର ପରିସରରେ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ କଟକ ଓ ସାଲେପୁର ବିକଳାନନ୍ଦ କର ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ଏବଂ କଟକସ୍ଥିତ ଜେପିଏମ୍ ରୋଟାରିୟାନ ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ଅନୁଷ୍ଠିତ ଶିବିରରେ ୧୯୨ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୬୧ଜଣଙ୍କ ଅସ୍ତ୍ରୋପଚାର ନିମନ୍ତେ ଜେପିଏମ୍ ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଥିଲା। ପାଠାଗାର ଅଧକ୍ଷ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ବିକଳାନନ୍ଦ କର ଟ୍ରଷ୍ଟ ଅଧକ୍ଷ ପ୍ରଶାନ୍ତ କୁମାର ଓ ରୋଟାରୀ କ୍ଲବ ସଭାପତି ବିନ୍ଦୁସାଗର ଦାସ ଶିବିରକୁ ଉଦ୍‌ଘାଟନ କରିଥିଲେ।

# ଏଥର ଦୋଳ ମେଳଣରେ ହେବନି ଶୋଭାଯାତ୍ରା

- ଜାରି ହେଲା ଗାଇଡ୍ ଲାଇନ
- ହୋଲିରେ ଡିଜେ, ନାଚଗୀତକୁ ବାରଣ

**କଟକ ଅଫିସ, ୧୯।୩**

ଆଗକୁ ଆସୁଛି ଦୋଳ ଓ ହୋଲି ପର୍ବ। ଏବେ କଟକରେ ପୁଣି କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଦୋଳ ଓ ହୋଲି ପର୍ବ ପାଳନ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଶୁକ୍ରବାର ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଏ ନେଇ କଟକ ଡିସିପି ପ୍ରତୀକ୍ ସିଂ ସହରର ପ୍ରତ୍ୟେକ ଥାନାଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇ ଦେଇଛନ୍ତି। କୋଭିଡ୍ କଟକଣା ଅନୁଯାୟୀ, ଦୋଳ ମେଳଣ ପଡିଆରେ ୨୦୦ରୁ ଅଧିକ ଲୋକେ ଏକାଠି ହୋଇପାରିବେ ନାହିଁ। ସେହିପରି ପ୍ରତି ବିମାନରେ ବିମାନଧାରୀ, ଘଣ୍ଟୁଆ ଓ ବ୍ରାହ୍ମଣଙ୍କୁ ମିଶାଇ ୧୦ ଜଣଙ୍କୁ ରହିବାକୁ ଅନୁମତି ମିଳିବ। ମେଳଣବେଳେ ଲାଇଟ୍, ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ହେବନି ଓ ମିନାବଜାର ଷ୍ଟଲ ପଡିବନାହିଁ। ଏପରି କି ମେଳଣବେଳେ ଜନଗହଳି ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ସାରା ରାତି ଦୋଳ ମେଳଣ ନ କରି ସୀମିତ ସମୟ ପାଇଁ କରିବାକୁ ଏହି ଗାଇଡ୍‌ଲାଇନ୍‌ରେ ସ୍ପଷ୍ଟ କରାଯାଇଛି। ସେହିପରି ହୋଲି ପାଇଁ ଗାଇଡ୍‌ଲାଇନ୍ ଜାରି ହୋଇଛି। ଏକାସଙ୍ଗରେ ବହୁସଂଖ୍ୟକ ଲୋକଙ୍କୁ ହୋଲି ଖେଳିବାକୁ ବାରଣ କରାଯାଇଛି। ଲୋକମାନେ ବାହାରକୁ ନ ଆସି ଘରେ ରହି ହୋଲି ଖେଳିବେ। ହୋଲିରେ ଡିଜେ ନ ବଜାଇବା ଓ ନାଚଗୀତ ନ କରିବାକୁ ଗାଇଡ୍‌ଲାଇନ୍‌ରେ ଡିସିପି ସ୍ପଷ୍ଟ କରିଛନ୍ତି। ସୂଚନାଯୋଗ୍ୟ, କଟକ ମହାନଗର ନିଗମ ଅଞ୍ଚଳ ସମେତ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ନୂଆ ଆକ୍ରାନ୍ତ ଚିହ୍ନଟ ହେବା ପରେ ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି।



# ରାସ୍ତାରେ ଭାରିଯାନ ଚଳାଚଳ, ଜୀବନ ପ୍ରତି ବିପଦ

- ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶକୁ ଅବମାନନା
- ଜିଲାପାଳ, ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିକଟରେ ଅଭିଯୋଗ
- ସ୍ଥାୟୀ ସମାଧାନ ପାଇଁ ଦାବି

**ଟାଙ୍ଗୀ(କଟକ),୧୯।୩(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଟାଙ୍ଗୀ ମହାବିଦ୍ୟାଳୟ ନିକଟରେ ଗତ ଜାନୁୟାରୀ ୨୫ରେ ସଡ଼କ ଦୁର୍ଘଟଣାରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ମୃତା ଛାତ୍ରୀଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଓ ଉକ୍ତ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ କରିବା ଦାବିରେ ଲୋକମାନେ ରାସ୍ତାରୋକୋ କରିଥିଲେ। ଖବରପାଇ ମାଜିଷ୍ଟ୍ରେଟ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ବାବଦରେ ଆଲୋଚନା କରିବା ସହ ଉକ୍ତ ରାସ୍ତାରେ ଭାରିଯାନ ଚଳାଚଳ କରିବ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ପରେ ରାସ୍ତା ଅବରୋଧ ହଟିଥିଲା। ହେଲେ ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶକୁ ସ୍ଥାନୀୟ ପୋଲିସ ଅବମାନନା କରି ପୁଣି ଭାରିଯାନ ଚଳାଚଳକୁ ଅନୁମତି ଦେଇଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ଯାତାୟାତରେ ସମସ୍ୟା ଦେଖାଦେବା ସହ ଲୋକଙ୍କ ଜୀବନ ପ୍ରତି ବିପଦ ରହିଥିବା ନେଇ କଟକ ଜିଲା ସିପିଆଇ(ଏମ୍) ସମ୍ପାଦକ ବଦ୍ରି ନାରାୟଣ ଦାଶ ଜିଲାପାଳ ଓ ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ନେଇ ବିଡିଓଙ୍କ ମାଧ୍ୟମରେ ଏକ ଦାବିପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି। ଟାଙ୍ଗୀଠାରୁ ବହୁଗ୍ରାମ ପର୍ଯ୍ୟନ୍ତ ୧୨ କିମି ରାସ୍ତାରେ ଭାରିଯାନ ଚଳାଚଳକୁ ନିଷେଧ କରିବାକୁ ଦାବି ହୋଇଛି। ଟାଙ୍ଗୀଠାରୁ ଭଜିମୁଣ୍ଡାସ୍ଥିତ ମଧୁସେତୁ ପର୍ଯ୍ୟନ୍ତ ୬କିମି ରାସ୍ତା ଅତ୍ୟନ୍ତ ଅଣଓସାରିଆ। ଏହାର ଉଭୟ ପାର୍ଶ୍ୱରେ ଟାଙ୍ଗୀ ମହାବିଦ୍ୟାଳୟ, ଦୁଇଟି ଘରୋଇ ଇଞ୍ଜିନିୟରିଂ କଲେଜ, ୪ଟି ସ୍କୁଲ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ତେଣୁ ପ୍ରତିଦିନ ଉକ୍ତ ସ୍ଥାନଗୁଡ଼ିକୁ ଶତାଧିକ ଛାତ୍ରୀଛାତ୍ର ଓ ରୋଗୀ ଯାତାୟାତ କରିଥାନ୍ତି। ଉକ୍ତ ରାସ୍ତାରେ ଭାରିଯାନ ଚଳାଚଳ କରୁଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି। ତେଣୁ ଏହାର ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନେବାକୁ ବଦ୍ରି ଅନୁରୋଧ କରିଛନ୍ତି।



କଟକ ଦୋଳମୁଣ୍ଡାଇ ରାସ୍ତା ପାର୍ଶ୍ୱରେ ଜଣେ ବ୍ୟବସାୟୀ ଟୋପିଗୁଡିକ ବିକ୍ରି ପାଇଁ ସଜ୍ଜିତ କରି ରଖିଛନ୍ତି।

# ଜଳୁଛି ବେଆଇନ ଇଟାଭାଟି, ପରିବେଶ ଦୂଷିତ

**ଫୁଲନଖରା,୧୯।୩(ଡି.ଏନ୍.ଏ.)**

କଟକ ସଦର ଓ ବାରଙ୍ଗ ତହସିଲ ଅଧୀନ ଫୁଲନଖରା ଅଞ୍ଚଳର ବିଭିନ୍ନ ଗ୍ରାମାଞ୍ଚଳରେ ମାଳମାଳ ବେଆଇନ ଇଟାଭାଟି ଚାଲିଛି। ଗ୍ରୀଷ୍ମ ପ୍ରବାହ ହେଉଥିବାରୁ ଏବେ ଇଟାଭାଟି ଧୂଆଁର ତାପମାତ୍ରା ଆହୁରି ବଢ଼ିଯାଉଛି। ସ୍ଥାନୀୟ ଅଞ୍ଚଳର ପରିବେଶ ପ୍ରତି ଏହା ଗଭୀର ପ୍ରଭାବ ପକାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବେଆଇନ ଭାବେ ଇଟା ବ୍ୟବସାୟ କରୁଥିବା ଇଟା ମାଫିଆଙ୍କ ଲୋଲୁପ ଦୃଷ୍ଟି ଏବେ ଫୁଲନଖରା ଅଞ୍ଚଳର ପୁରୁଣାକାଚରାମାଳ ନଦୀ ପଠା, ଖରିପଡିଆ, କୁରାଙ୍ଗ ଶାସନ, କୁରାଙ୍ଗ ପ୍ରଧାନ, ଗବବସ୍ତ, ସାଇଁସୋ, ଉରାଳି, ଖଲର୍ଦା ଓ କୋରକରା ଉପରେ ପଡ଼ିଛି। ଇଟା ମାଫିଆମାନେ ବିଭିନ୍ନ ସରକାରୀ ସ୍ଥାନରୁ ଚୋରାରେ ମାଟି ଉଠାଇ ଭାଟିରେ ଇଟା ତିଆରି କରୁଛନ୍ତି। ସେଥିପାଇଁ ମାଟି ଉଠାଯାଉଥିବା ସ୍ଥାନ ଖାଲଖମାରେ ପରିପୂର୍ଣ୍ଣ ହୋଇଗଲାଣି। ମାଫିଆମାନେ ସରକାରୀ ସ୍ଥାନରୁ ବେଆଇନ ଭାବେ ମାଟି ଉଠାଉଥିବା ବେଳେ ବିଭାଗୀୟ ଅଧିକାରୀ ନୀରବଦ୍ରଷ୍ଟା ସାଜିଛନ୍ତି। ସେପଟେ ସରକାରୀ ସ୍ଥାନରେ ନୂତନ ଜଙ୍ଗଲ ସୃଷ୍ଟି ଓ ଜଙ୍ଗଲ ସୁରକ୍ଷା ଦେବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ବିଭାଗୀୟ କର୍ମଚାରୀ ଓ ଇଟା ମାଫିଆଙ୍କ ମଧୁଚନ୍ଦ୍ରିକା ଯୋଗୁ ଏଭଳି ସବୁ ବେଆଇନ କାମ ଚାଲିଛି। ବେଆଇନ ଇଟାଭାଟିର ତାଲିକା ପ୍ରସ୍ତୁତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣେ ବିଭାଗୀୟ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି। ତାଲିକା ମିଳିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯିବ ବୋଲି ସେ କହିଛନ୍ତି।

# ୧୫୦ କେଜି ଗଞ୍ଜେଇ ଜବତ: ୨ ଗିରଫ

**ଟାଙ୍ଗୀ(କଟକ),୧୯।୩(ଡି.ଏନ୍.ଏ.)**



ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗୁଳି ଛକରେ ଶୁକ୍ରବାର କଟକ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଏକ କାରରୁ ୧୫୦କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଏସ୍.କେ. ରାହୁଲ ଓ ଏସ୍.କେ. ରମଜାନଙ୍କୁ ଗିରଫ କରାଯାଇଛି। ଉକ୍ତ ଗଞ୍ଜେଇ କାରରେ ଫୁଲବାଣୀରୁ କୋଲକାତା ଚାଲାଣ ହେଉଥିବା ଖବର ପାଇବା ପରେ କଟକ ଅବକାରୀ ବିଭାଗ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସିଦ୍ଧେଶ୍ୱର ବେଶ୍ରା, ଇନ୍ସପେକ୍ଟର ଉମାକାନ୍ତ ସ୍ୱାଇଁ, ସରୋଜ ପରିଡା, ସଚିନ ବେହେରା ସଦଳବଳ ମଙ୍ଗୁଳି ଛକରେ ଜଗି ରହିଥିଲେ। ଭୋର ୫ଟା ୪୫ରେ କାର (ନଂ. ଡବ୍ଲ୍ୟୁବି୦୬-୧୩୪୦)ଟି ମଙ୍ଗୁଳି ଛକରେ ପହଞ୍ଚିବା ପରେ ଯାଞ୍ଚ କରାଯାଇଥିଲା। ପରେ ସେଥିରୁ ଉକ୍ତ ଗଞ୍ଜେଇ ଜବତ କରାଯାଇଥିଲା।

# ବନ୍ୟଜନ୍ତୁ ଶିକାର ପାଇଁ ବୁଲୁଥିଲେ

## ବନ୍ଧୁକ, ଗୁଳି ଜବତ: ୪ ଗିରଫ

**ଆଠଗଡ଼, ୧୯।୩(ସ୍ୱ.ପ୍ର.)**

ଆଠଗଡ ବନଖଣ୍ଡ ଅନ୍ତର୍ଗତ ରାଜନଗର ଗ୍ରାମ ସୁକାସନ ସଂରକ୍ଷିତ ଜଙ୍ଗଲରେ ଶିକାର କରିବା ଉଦ୍ଦେଶ୍ୟରେ ବୁଲୁଥିବା ୪ ଜଣ ଅଭିଯୁକ୍ତଙ୍କୁ ବନବିଭାଗ କର୍ମଚାରୀ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛନ୍ତି। ସେମାନେ ହେଲେ ବଡ଼ମ୍ବାର କୁନା ସାହୁ, ମେଘା ଗ୍ରାମର ନିବାସ ଚନ୍ଦ୍ର ସାହୁ , ବୌଦା ଗ୍ରାମର ପାପୁନ ବେହେରା ଓ ଲିପୁନ ବେହେରା। ତେବେ ଅନ୍ୟ ୨ ଜଣ ଫେରାର ହେବାକୁ ସକ୍ଷମ ହୋଇଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ପାଖରୁ ଗୋଟିଏ ବନ୍ଧୁକ ,୩୦ ଶିଶା ଗୁଳି, ୬ ଟର୍ଚ୍ଚ ଓ ୩ ମୋବାଇଲ ସମେତ ଶିକାରରେ ବ୍ୟବହୃତ ହେଉଥିବା ବିଭିନ୍ନ ସରଞ୍ଜାମ ଜବତ କରାଯାଇଛି। ବନବିଭାଗ କର୍ମଚାରୀମାନେ ଗୁରୁବାର ରାତିରେ ପାଟ୍ରୋଲିଂ କରୁଥିବାବେଳେ ଅଭିଯୁକ୍ତମାନଙ୍କୁ ସଂରକ୍ଷିତ ଜଙ୍ଗଲରେ ବୁଲୁଥିବା ଦେଖି ଚଢ଼ାଉ କରିଥିଲେ।

# ମହିଳାଙ୍କୁ ବଳାତ୍କାର

**କଟକ ଅଫିସ, ୧୯।୩**

ଶୁକ୍ରବାର ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ମାଲଗୋଦାମ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୫୭/୨୧) ରୁଜୁ କରି ତଦନ୍ତ ଚଳାଇଛି। ଏସିପି ଅମରେନ୍ଦ୍ର ପଣ୍ଡାଙ୍କ ସୂଚନା ଅନୁଯାୟୀ, କଟକ ତୁଳସୀପୁର ଅଞ୍ଚଳର ବସନ୍ତ ବଳ ପାରାଦୀପସ୍ଥିତ ଏକ ବେସରକାରୀ କାର୍ଯ୍ୟାଳୟରେ ଚାକିରି କରିଥିଲେ। ସେହି ସମୟରେ ସେଠାରେ ଜଣେ ମହିଳାଙ୍କ ସହ ତାଙ୍କର ପରିଚିତ ହୋଇଥିଲା। ପରେ ମହିଳାଙ୍କ ସହ ସେ ୫/୬ ବର୍ଷ ଧରି ଶାରୀରିକ ସମ୍ପର୍କ ରଖିଥିଲେ। ଏବେ ବସନ୍ତ ପାରାଦୀପରୁ କାର୍ଯ୍ୟ ଛାଡି କଟକରେ ରହୁଛନ୍ତି। ଶୁକ୍ରବାର ଉକ୍ତ ମହିଳାଙ୍କୁ ସେ କଟକ ଡକାଇଥିଲେ। ପରେ କଲେଜ ଛକସ୍ଥିତ ଏକ ନର୍ସିଂହୋମ୍‌କୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏହାପରେ ଏକ ଘରକୁ ନେଇ ବଳାତ୍କାର କରିଥିଲେ ବୋଲି ମହିଳା ଜଣକ ମାଲଗୋଦାମ ଥାନାରେ ଅଭିଯୋଗ କରିଛନ୍ତି।

# ଆଇନ ଅନୁଯାୟୀ ଥଇଥାନ କରିବାକୁ ଦାବି

**କଟକ ଅଫିସ, ୧୯।୩**

ରାସ୍ତା ସମ୍ପ୍ରସାରଣ ପାଇଁ ସହରର ବହୁ ପୁରାତନ ବସ୍ତିଗୁଡିକୁ ଉଚ୍ଛେଦ କରାଯାଇ ବାସିନ୍ଦାମାନଙ୍କୁ ତମ୍ବୁ ତଳେ ରଖାଯାଇଛି। ସେଠାରେ ବୃଦ୍ଧାବୃଦ୍ଧ, ଗର୍ଭବତୀ, ଛୋଟଛୁଆଙ୍କ ସମେତ ଅନେକ ରୋଗୀ ରହିଛନ୍ତି। ହେଲେ ଥଇଥାନ କରାଯାଇଥିବା ସ୍ଥାନରେ ପାଇଖାନା, ପାଣି ଭଳି ମୌଳିକ ସୁବିଧା ଯୋଗାଇ ଦିଆଯାଇନାହିଁ। ସହରର ବିକାଶ ଆଳରେ ବସ୍ତିବାସିନ୍ଦାଙ୍କ ପ୍ରତି ଜିଲା ପ୍ରଶାସନ ଅବହେଳା କରୁଛି। ଆଇନ ଅନୁଯାୟୀ ସରକାର ଓ ପ୍ରଶାସନ କାମ ନ କରି ଅସହାୟ ବସ୍ତିବାସିନ୍ଦାଙ୍କ ପ୍ରତି ଅତ୍ୟାଚାର କରୁଛନ୍ତି ବୋଲି ବସ୍ତିବାସିନ୍ଦା ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ ଶୁକ୍ରବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ବସ୍ତିବାସିନ୍ଦାଙ୍କୁ ଦିଆଯାଇଥିବା ସହାୟତା ରାଶି ପର୍ଯ୍ୟାପ୍ତ ନୁହେଁ । ଏଣୁ ସେମାନଙ୍କୁ ଆଇନ ଅନୁଯାୟୀ ସରକାର ଥଇଥାନ କରନ୍ତୁ ବୋଲି ମଞ୍ଚ ପକ୍ଷରୁ ଦାବି ହୋଇଛି ।

# ସ୍ୱଚ୍ଛତା, ଶୁଦ୍ଧ ପାନୀୟଜଳ ଉପରେ ଗୁରୁତ୍ୱ

## ଜିଲାପାଳଙ୍କ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ

**ବାଙ୍କୀ,୧୯।୩(ବି.ପ୍ର.)**

କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଶୁକ୍ରବାର ବାଙ୍କୀ ବ୍ଲକ ଖଜୁରିପଦା ନିକଟବର୍ତ୍ତୀ ଯୋକିଡୋଳା(ଯୋକିଲଦଳ) ଓଡିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। ଏହି ଅବସରରେ ସେ ବିଦ୍ୟାଳୟର ପରିବେଶ ଅନୁଧାନ କରିବା ସହ ଅଧ୍ୟକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ମଧ୍ୟରେ ଆଲୋଚନା କରିଥିଲେ। ସେ ବିଦ୍ୟାଳୟର ପରିଷ୍କାର ପରିଚ୍ଛନ୍ନତା, ପାନୀୟଜଳ ବ୍ୟବସ୍ଥା, ଶୌଚାଳୟ ଓ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ।ସେହିପରି ଆଦର୍ଶ ବିଦ୍ୟାଳୟର ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା ଏବଂ ଆଦର୍ଶ ବିଦ୍ୟାଳୟର ଉପଦେଷ୍ଟା ବିଜୟ କୁମାର ସାହୁ ମଧ୍ୟ ପରିଦର୍ଶନରେ ଆସି ଏକ ସମୟରେ ଆଦର୍ଶ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟ, ଶୈକ୍ଷିକ ବ୍ୟବସ୍ଥା, ଅନଲାଇନ ଓ ଅଫଲାଇନ ପାଠପଢ଼ା ସମ୍ପର୍କରେ ବୁଝିଥିଲେ। ଏହି ସମୟରେ କଟକ ଜିଲା ଶିକ୍ଷାଧିକାରୀ ସୁସ୍ମିତା ସାହୁ, ବାଙ୍କୀ ତହସିଲଦାର ସତ୍ୟରଞ୍ଜନ ପଣ୍ଡା, ବ୍ଲକ ଶିକ୍ଷାଧିକାରୀ ଦେବାଶିଷ ହାଜରା ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରସ୍ତାବିତ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ

**କଟକ ସଦର, ୧୯।୩(ଡି.ଏନ୍.ଏ.)**

୨୦୨୧-୨୨ ଶିକ୍ଷାବର୍ଷରୁ କଟକ ସଦର ବ୍ଲକ ଅଧୀନ ବ୍ରହ୍ମପୁରସ୍ଥିତ ଶ୍ରୀରାମ ଗ୍ରାମରେ ନିର୍ମିତ ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ ହେବ। ଏହାର ଭିତ୍ତିଭୂମି ବିକାଶ ସମ୍ପର୍କରେ ଅନୁଧ୍ୟାନ ପାଇଁ ଶୁକ୍ରବାର ଆଦର୍ଶ ବିଦ୍ୟାଳୟର ପରିଚାଳକ ବିଜୟ ସାହୁ ଶ୍ରୀରାମ ଗ୍ରାମକୁ ଆସିଥିଲେ। କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ସୁଦ୍ଧା ପାଚେରି ନିର୍ମାଣ କାମ ହୋଇନାହିଁ। ତେଣୁ କାମ ଶେଷ କରି ବିଦ୍ୟାଳୟକୁ କାର୍ଯ୍ୟକ୍ଷମ କରିବା ସମ୍ପର୍କରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଜିଲା ଶିକ୍ଷାଧିକାରୀ ସୁସ୍ମିତା ସାହୁ ଓ କଟକ ସଦର ବିଡିଓ ରାଜୀବ ଲୋଚନ ପରିଡାଙ୍କ ସହ ସେ ଆଲୋଚନା କରିଥିଲେ।

# ବିଦ୍ୟୁତ୍ କାଟ୍ ବନ୍ଦ ନ ହେଲେ ଆନ୍ଦୋଳନ

**କଟକ ଅଫିସ, ୧୯।୩**

ଜୋର୍ ଜୁଲମ କରି ବକେୟା ବିଦ୍ୟୁତ୍ ବିଲ୍ ଆଦାୟ ଓ ବିଦ୍ୟୁତ୍ କାଟ୍‌କୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ ବାଦାମବାଡିସ୍ଥିତ ବିଦ୍ୟୁତ୍ ବିଭାଗର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଶୁକ୍ରବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି, ଏକ କମ୍ପାନୀ ଜୁଲମ କରି ବକେୟା ବିଦ୍ୟୁତ୍ ବିଲ୍ ଆଦାୟ କରିବା ସହ ବିଦ୍ୟୁତ୍ କାଟ୍ କରୁଛି। ବିଭିନ୍ନ ସରକାରୀ ଅନୁଷ୍ଠାନ ଓ ଶିଳ୍ପସଂସ୍ଥାରେ ବିଦ୍ୟୁତ୍ ବିଲ୍ ବାବଦକୁ କୋଟି କୋଟି ଟଙ୍କା ବାକି ପଡିଥିବାବେଳେ ସେଠାରୁ ଲାଇନ କଟାଯାଉନାହିଁ। କିନ୍ତୁ ଜନସାଧାରଣଙ୍କ ଉପରେ ଥିବା ଅଳ୍ପ ପରିମାଣର ବାକି ପାଇଁ କମ୍ପାନୀ ପକ୍ଷରୁ ଜୁଲମ କରାଯାଉଛି। ବାକି ଥିବା ବିଲ୍ ଠିକ୍ ସମୟରେ ନ ଦେଇପାରିଲେ ସେମାନଙ୍କ ଲାଇନ୍ କାଟି ଦିଆଯାଉଛି। ଯଦି ସରକାର ଏଦିଗରେ ପଦକ୍ଷପ ନ ନିଅନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। କଂଗ୍ରେସ ନେତା ସୁରେଶ ମହାପାତ୍ରଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନବେଳେ ପିସିସି ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରା, ବିଶ୍ୱନାଥ ଶତପଥୀ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ବିପ୍ଳବ ଶିଳାଦିତ୍ୟ, ବିପନ ପଶାୟତ, ରାଜେନ୍ଦ୍ର ପଟ୍ଟନାୟକ, ପ୍ରଶାନ୍ତ ବେହେରା, ଶିଶିର ରଥ, ସୁକାନ୍ତ ରାଉତ, ଚନ୍ଦ୍ରଶେଖର ସାହୁ, ଉତ୍ତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସ ନେତା ସୁରେଶ ମହାପାତ୍ରଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଉଛି।

# ୯୦୭ ୟୁନିଟ୍ ରକ୍ତ ସଂଗୃହୀତ

**କଟକ ଅଫିସ, ୧୯।୩**

ଓଡ଼ିଶା ମୋ ପରିବାର ଓ ଜୀବନବିନ୍ଦୁ ପକ୍ଷରୁ ଓସିଏ କନ୍‌ଫରେନ୍ସ ହଲ୍‌ରେ ଗତ ୧୪ ତାରିଖରୁ ୮ ଦିନ ବ୍ୟାପୀ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ଶୁକ୍ରବାର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ମହାନ୍ତିଙ୍କ ନେତୃତ୍ୱରେ ୯୦୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏଥିରେ କଟକ ମହାନଗର ନିଗମ କମିଶନର ଅନନ୍ୟା ଦାଶ, ପୂର୍ବତନ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ଯୋଗଦେଇଥିଲେ।

# ଯୁବକଙ୍କୁ ପୋଡ଼ି ମାରିଦିଆଯାଇଥିବା ଅଭିଯୋଗ

- ଘରେ ପଡିଥିଲା ରକ୍ତଛିଟା, ଭଙ୍ଗାଚୁଡ଼ି, ଛୁରି
- ସନ୍ଦେହ ବଢ଼ାଇଲା ମହିଳାଙ୍କ ଫୋନ୍‌କଲ୍

**ନିଆଳି, ୧୯।୩(ଡି.ଏନ.ଏ.)**

ନିଆଳି ଥାନା ଅନ୍ତର୍ଗତ ବିନିଶପୁର ପଞ୍ଚାୟତ ମହତାପାରି ଗ୍ରାମର କାହ୍ନୁ ବେହେରାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। କାହ୍ନୁଙ୍କୁ ପୋଡ଼ି ମାରି ଦିଆଯାଇଥିବା ନେଇ ତାଙ୍କ ମାଆ ପ୍ରଫୁଲ୍ଲି ବେହେରା ଗୁରୁବାର ନିଆଳି ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଦଫା ୩୦୨ ଅନୁଯାୟୀ ହତ୍ୟା ମାମଲା(ନଂ.୭୪/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଗତ ୧୬ ତାରିଖ ରାତିରେ କାହ୍ନୁ ଘରେ ଶୋଇଥିଲେ। ଅନ୍ୟଏକ ଘରେ ପ୍ରଫୁଲ୍ଲିଙ୍କ ଶାଶୁ ଶୋଇଥିବାବେଳେ ପରିବାରର ଅନ୍ୟ ସଦସ୍ୟମାନେ ବନ୍ଧୁଘରକୁ ଯାଇଥିଲେ। ରାତି ପ୍ରାୟ ସାଢେ ୨ଟାରେ ପ୍ରଫୁଲ୍ଲିଙ୍କ ପଡୋସୀ କୃଷ୍ଣ ଭୋଇ ଓ ତାଙ୍କ ପୁଅ ନାଲୁଆ ଭୋଇ ପ୍ରଫୁଲ୍ଲିଙ୍କ ଭାଇ ସଞ୍ଜୟ ବେହେରାଙ୍କ ନିକଟରେ ପହଞ୍ଚିଥିଲେ। ଭଣଜା କାହ୍ନୁ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଛି, ଶୀଘ୍ର ଆସ ବୋଲି କହିଥିଲେ। ସଞ୍ଜୟ ଓ ତାଙ୍କ ଭାଇ ପହଞ୍ଚିବା ପରେ କାହ୍ନୁ ଘରଠାରୁ ମାତ୍ର ୫୦ ମିଟର ଦୂର ଏକ ପଡିଆରେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ଚିକିତ୍ସାଲାଗି ତାଙ୍କୁ କଟକ ବଡ ଡାକ୍ତରଖାନା ନେଇଥିଲେ। ୧୭ ତାରିଖ ସକାଳ ୯ଟା ୧୫ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ପୁରୀ ସ୍ୱର୍ଗଦ୍ୱାରରେ ସଂସ୍କାର କରି ପରିବାର ଲୋକେ ଘରକୁ ଫେରିଥିଲେ। କାହ୍ନୁଙ୍କ ମୋବାଇଲ୍ ଫୋନ୍‌କୁ ଘଟଣାଦିନ ବିଳମ୍ବିତ ରାତିରେ ଅନ୍ୟଏକ ମୋବାଇଲ୍ ଫୋନ୍‌ରୁ ୨ଟି କଲ୍ ଆସିଥିଲା ଓ ଏହାର ଭଏସ୍ ରେକର୍ଡିଂ ଥିବା ଜାଣିବାକୁ ପାଇଥିଲେ। ଉକ୍ତ ଭଏସ୍ କଲ୍ ଜନୈକ ମହିଳାଙ୍କର ହୋଇଥିବାବେଳେ, କାହ୍ନୁ ଶୋଇଥିବା ଘରେ ରକ୍ତଛିଟା, ଭଙ୍ଗାଚୁଡି ଓ ଏକ ଛୁରି ପଡିଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ପ୍ରଫୁଲ୍ଲି ଥାନାରେ ଅଭିଯୋଗ କରିଥିଲେ। ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ କହିଛନ୍ତି, ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ ପଦାକୁ ଆସିବ।

## ଝରକା ତାଡି ସୁନା ଅଳଙ୍କାର ଚୋରି

ଝାଁଳା,(ଡି.ଏନ୍.ଏ.): କଳିଙ୍ଗନଗର କେ-୪ ଅଞ୍ଚଳର ମହେଶ୍ୱର ସାହୁଙ୍କ ଝରକା ତାଡ଼ି କେହି ଦୁର୍ବୃତ୍ତ ୩ ହଜାର ଟଙ୍କା ଓ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି କରି ନେଇଯାଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ସୂଚନା ମୁତାବକ, ମହେଶ୍ୱର ଗୁରୁବାର ରାତିରେ ଘରେ ଶୋଇଥିବା ବେଳେ କେତେଜଣ ଦୁର୍ବୃତ୍ତ ଝରକା ଗ୍ରୀଲ ତାଡ଼ି ଘରେ ପଶିଥିଲେ। ଘରର ଆସବାବପତ୍ର ଫିଙ୍ଗିବା ସହ ଟଙ୍କା ଓ ସୁନା ଅଳଙ୍କାର ନେଇଯାଇଥିଲେ। ଏନେଇ ମହେଶ୍ୱର ତମାଣ୍ଡୋ ଥାନାରେ ଅଭିଯୋଗ କରଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଜଳଦାନ ଶିବିର

କୋଣାର୍କ,୧୯।୩(ଡି.ଏନ୍.ଏ.): କୋଣାର୍କ ସେବା ସଂଗଠନ ପକ୍ଷରୁ ଜଳଦାନ ଶିବିର କୋଣାର୍କ ମେଡିକାଲ ଛକଠାରେ ଖୋଲାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କୋଣାର୍କ ଆୟୁଷ ଡା. ବିଧୁଭୂଷଣ ନାୟକ, ତରକୋର ପଞ୍ଚାୟତ ସମିତିସଭ୍ୟ କାଶୀନାଥ ନାୟକ, ସାମ୍ବାଦିକ ସଂଘର ସଭାପତି ଜ୍ୟୋତିରାଜ ମହାନ୍ତି, ମିଡିଆ ଫୋରମ ସମ୍ପାଦକ ପ୍ରକାଶ କାଣ୍ଡି, ପୁରାତନ ଛାତ୍ର ସଂସଦ ସଭାପତି ହୃଦାନନ୍ଦ ସେଠୀ, ପୂର୍ବତନ କାଉନସିଲର ରଞ୍ଜିତ ରାଉତରାୟ, ଖବରଦାତା ଅଜିତ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ସେବା ସଂଗଠନ ଆବାହକ କୁନାଲ ପାତ୍ର, ମୁନା ମହାପାତ୍ର, ମିଲନ ମହାପାତ୍ର ଓ ତାପସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୧୯୭୧ ମାଟ୍ରିକ ବ୍ୟାଚର ସୁବର୍ଣ୍ଣ ଜୟନ୍ତୀ

ସାକ୍ଷୀଗୋପାଳ,୧୯।୩(ଡି.ଏନ୍.ଏ.): ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ୧୯୭୧ ମସିହା ମାଟ୍ରିକ ବ୍ୟାଚ ବନ୍ଧୁମାନଙ୍କର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ହରଚଣ୍ଡୀ କମ୍ପ୍ଲେକ୍ସ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ପୂର୍ବତନ ଛାତ୍ର ଭିକାରୀ ସେନାପତିଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ପ୍ରାରମ୍ଭରେ ପଞ୍ଚସଖାଙ୍କୁ ମାଲ୍ୟାର୍ପଣ କରାଯାଇ ଦିବଂଗତ ଶିକ୍ଷକ ଓ ସହପାଠୀମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସମସ୍ତେ ପରିବାର ସହ ଆସି ପରସ୍ପର ମଧ୍ୟରେ ପୁରୁଣା ସ୍ମୃତି ବାଣ୍ଟିଥିଲେ। କାର୍ଯ୍ୟକ୍ରମକୁ ଡ. ବିଚିତ୍ରାନନ୍ଦ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ। ପଚାଶ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ମରଣିକା ପ୍ରକାଶ କରିବା ସମ୍ପର୍କରେ ପ୍ରଫୁଲ୍ଲ ଚନ୍ଦ୍ର ମହାରଣା କହିଥିଲେ। ସମ୍ପାଦକ ହେମନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### ବିଜେଡିରେ ସାମିଲ ହେଲେ ୨୫ ପରିବାର

ବ୍ରହ୍ମଗିରି,୧୯।୩(ଡି.ଏନ୍.ଏ.): ବ୍ରହ୍ମଗିରି ବ୍ଲକର ଭୁବନପୁର ପଞ୍ଚାୟତର ବାଲିସାହି ଗ୍ରାମର ୨୫ ପରିବାର ବିଜେଡିରେ ସାମିଲ ହୋଇଛନ୍ତି। ଏ ନେଇ ଶୁକ୍ରବାର ଉକ୍ତ ଗାଁରେ ଏକ ସଭା କରି ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଓ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ନିଜ ଗାଁକୁ ସ୍ୱାଗତ ଜଣାଇ ଏହି ୨୫ ପରିବାର ବିଜେଡିରେ ସାମିଲ ହୋଇଛନ୍ତି। ବ୍ରହ୍ମଗିରିର ପୂର୍ବତନ ବିଧାୟକ ତଥା ସ୍ୱର୍ଗତ ଲୁଲୁ ମହାପାତ୍ରଙ୍କ ନେତୃତ୍ୱ ସମୟରେ ଏହି ଗାଁ କଂଗ୍ରେସ ଗଡ଼ ଭାବେ ପରିଚିତ ଥିଲା। ଲୁଲୁଙ୍କ ବିୟୋଗ ପରେ ବ୍ରହ୍ମଗିରି ରାଜନୀତିରେ ପରିବର୍ତ୍ତନ ହୋଇଥିଲା। ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର ଭାଜପାରୁ ବିଧାୟକ ପ୍ରାର୍ଥୀ ହେବା ପରେ ଏହି ପରିବାର ସବୁ ଭାଜପାକୁ ପରିବର୍ତ୍ତନ ହୋଇଥିଲେ। କିନ୍ତୁ ଏବେ ଏମାନେ ବିଜେଡିରେ ସାମିଲ ହୋଇଛନ୍ତି। ଏହି ପରିବାରର କହିବା ଅନୁଯାୟୀ, ଆମର ବର୍ତ୍ତମାନ ସ୍ଥାନୀୟ ନେତାଙ୍କ ଉପରେ ଆଉ ଭରସା ପାଉନାହିଁ। ଏ ପର୍ଯ୍ୟନ୍ତ ଆମ ଗାଁରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇ ନାହିଁ। ତେଣୁ ବାଧ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ଆସ୍ଥା ଭାଜନ କରିବା ସହିତ ସଞ୍ଜୟ ଦାସ ବର୍ମାଙ୍କ ନେତୃତ୍ୱକୁ ସମର୍ଥନ କରି ଦଳ ପରିବର୍ତ୍ତନ କରିଛୁ।

### ପୀଡ଼ିତାଙ୍କୁ ଭେଟିଲା ଭାଜପା ଟିମ୍

ପୁରୀ ଅଫିସ,୧୯।୩: ଗୋପ ଥାନା ଅଞ୍ଚଳର ବଳାତ୍କାର ଘଟଣାରେ ଶୁକ୍ରବାର ଭାଜପା ରାଜ୍ୟ ମହିଳା ଉପସଭାନେତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ପୀଡ଼ିତା ଓ ତାଙ୍କ ପରିବାରଙ୍କୁ ଭେଟିଛି। ପ୍ରଭାତୀ କହିଛନ୍ତି, ପୀଡ଼ିତାଙ୍କ ପରିସ୍ଥିତି ଏବେ ବି ସମ୍ବେଦନଶୀଳ ରହିଛି। ପଲିଥିନ ତଳେ ଜୀବନ ବିତାଉଥିବା ଏହି ପୀଡ଼ିତାଙ୍କ ପରିବାରର ଛାତଘର ଖଣ୍ଡେ ଥିଲେ ବୋଧହୁଏ ସେ ଏଭଳି ଘଟଣାରୁ ରକ୍ଷା ପାଇଯାଇଥାନ୍ତେ। ଏଣୁ ପୀଡ଼ିତାଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ପୀଡ଼ିତାଙ୍କ ଶିକ୍ଷା ଓ ସୁରକ୍ଷାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରନ୍ତୁ ବୋଲି ପ୍ରଭାତୀ ଦାବି କରିଛନ୍ତି। ଏହି ଅବସରରେ ପ୍ରଭଞ୍ଜନ ମହାପାତ୍ର, ରବି ମଲ୍ଲିକ, ଜ୍ୟୋତି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ଅତିରିକ୍ତ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ୩ ଟିମ୍ ଗଠନ ହୋଇ ତଦନ୍ତ ଚାଲିଥିଲା। ଅଭିଯୁକ୍ତଙ୍କୁ ଗିରଫ ପରେ ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ବର୍ତ୍ତମାନ ସୁଦ୍ଧା ବଳାତ୍କାରର କାରଣ ଜମି ବିବାଦ ବୋଲି ଜଣାପଡ଼ିଛି।

# ଅଧାପନ୍ତରିଆ ୨ ମେଗା ପ୍ରକଳ୍ପ

ସାକ୍ଷୀଗୋପାଳ,୧୯।୩(ସ୍ୱ.ପ୍ର.)



କାମରେ ଲାଗୁ ନ ଥିବା ପାନୀୟ ଜଳ ପ୍ରକଳ୍ପ।

ମାର୍ଚ୍ଚ ଆରମ୍ଭରୁ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଲୋକେ ଅସ୍ତବ୍ୟସ୍ତ ହୋଇପଡ଼ିଲେଣି। ରାଜ୍ୟ ଅଧିକାଂଶ ଜାଗାରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ନେଇଥିବାବେଳେ ପୁରୀ ଜିଲା ସାକ୍ଷୀଗୋପାଳରେ ଏବେଠାରୁ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ସରକାର ପାନୀୟ ଜଳ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଅବହେଳା ସହ ଠିକାଦାରଙ୍କ ମନମୁଖି କାର୍ଯ୍ୟ ପାଇଁ ଲୋକେ ହଇରାଣରେ ପଡୁଛନ୍ତି। ସରକାରଙ୍କ ପକ୍ଷରୁ ସତ୍ୟବାଦୀ ବ୍ଲକରେ ୬୦କୋଟି ଓ ୩୩କୋଟି ଟଙ୍କା ବ୍ୟୟରେ ୨ଟି ମେଗା ପ୍ରକଳ୍ପ ୨୦୧୯ମଧ୍ୟରେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆରେ ପଡ଼ିରହିଛି। ଖରାର ପ୍ରକୋପ ଦିନକୁ ଦିନ ବଢୁଥିବାରୁ ସତ୍ୟବାଦୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ଗାଡ଼ିଆ, ପୋଖରୀ, ପାଇପ, ନଳକୂପରେ ପାଣି ଠିକ ଭାବେ ନ ଆସୁଥିବା ନେଇ ଲୋକେ ଚିନ୍ତାରେ ଅଛନ୍ତି। ଏହି ପାନୀୟ ସମସ୍ୟା ଓ ଅଂଶୁଘାତକୁ ଆଖି ଆଗରେ ରଖି ବ୍ଲକରେ ବିଡିଓ କ୍ଷୀରୋଦ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଯାଇଛି। ଏଥିରେ ଜଳଛତ୍ର ଖୋଲିବା, ଶ୍ରମିକଙ୍କୁ ଖରାରେ କାମ ନ କରିବା, ଆବଶ୍ୟକ ନ ଥିଲେ ବୟସ୍କଙ୍କୁ ବାହାରକୁ ନ ଛାଡ଼ିବା ଆଦି ବିଷୟକୁ ନେଇ ଆଲୋଚନା ହୋଇଥିଲା। ବିଶେଷକରି ଯେଉଁ ଅଞ୍ଚଳରେ ନଳକୂପ ଅଚଳ ତଥା ପାଣି ଅସୁବିଧା ଦେଖାଗଲେ ବିଡିଓ କିମ୍ବା ଜିଲା ଯୋଗାଣ ବିଭାଗକୁ ଜଣାଇ ଶୀଘ୍ର ମରାମତି କରିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସମସ୍ତ ପଞ୍ଚାୟତର ସରପଞ୍ଚ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ସୁଜାତା ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ଅନିତାରାଜ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ତେବେ ଅଧା

### ପାନୀୟ ଜଳ ସମସ୍ୟା ଦୂର ଉପରେ ବିଡିଓଙ୍କ ଫୋକସ୍

କାର୍ଯ୍ୟ ହୋଇ ରହିଥିବା ପ୍ରକଳ୍ପ ସମ୍ପର୍କରେ ବିଡିଓ ବେହେରାଙ୍କୁ ପଚାରିବାରୁ ଏହା କାର୍ଯ୍ୟ ପୂରା ହୋଇଯାଇଥିବାବେଳେ ଏପ୍ରିଲ ସୁଦ୍ଧା ସରିଯିବ ବୋଲି କହିଛନ୍ତି। ଏହାସହ ଗ୍ରାମ୍ୟ ଜଳଯୋଗାଣ ବିଭାଗର ୨ କନିଷ୍ଠ ଯନ୍ତ୍ରୀଙ୍କୁ ୨୪ଟି ପଞ୍ଚାୟତରୁ ୧୨ଟି ପଞ୍ଚାୟତରେ କାର୍ଯ୍ୟ କରିବାକୁ ଦାୟିତ୍ୱ ଦିଆଯାଇଛି। ଅନ୍ୟପଟେ ବ୍ଲକର ସବୁଠାରୁ ଜଳକିଷ୍ଟ ପଞ୍ଚାୟତ ନରେନ୍ଦ୍ରପୁର ଓ ପେଣ୍ଠପଡ଼ାର ପାଣି ସମସ୍ୟା ପ୍ରଥମେ ଗୁରୁତ୍ୱ ଦେବା ସହ ସେବକ ସାହିରେ ଥିବା ପାଣି ଟାଙ୍କିକୁ ସଫା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ବ୍ଲକରେ ଥିବା ୧୨୧୦ଗୋଟି ନଳକୂପକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ସହ ଆବଶ୍ୟକ ହେଉଥିବା ଗ୍ରାମଗୁଡ଼ିକରେ ନୂଆ ନଳକୂପ ବ୍ୟବସ୍ଥା କରିବା ପାଇଁ କନିଷ୍ଠ ଯନ୍ତ୍ରୀ ପଣ୍ଡା କହିଛନ୍ତି।

# ଉପନିର୍ବାଚନରେ ଡେଲାଙ୍ଗରୁ ପ୍ରାର୍ଥୀ କରାଯାଉ

ଡେଲାଙ୍ଗ,୧୯।୩(ଡି.ଏନ୍.ଏ.)

ପିପିଲି ଉପନିର୍ବାଚନରେ ଡେଲାଙ୍ଗ ଅଞ୍ଚଳରୁ ପ୍ରାର୍ଥୀ କରିବାକୁ ଦାବି ହୋଇଛି। ଡେଲାଙ୍ଗ ବ୍ଲକର ବିଜେଡିର ପୁରାତନ କର୍ମୀମାନେ ଶୁକ୍ରବାର ଭୁବନେଶ୍ୱରଠାରେ ଦଳର ପର୍ଯ୍ୟବେକ୍ଷକ ପ୍ରତାପ କେଶରୀ ଦେବଙ୍କୁ ଭେଟି ଏହି ଦାବି କରିଛନ୍ତି। ଡେଲାଙ୍ଗ ବ୍ଲକର ବିଜେଡିର ପୁରୁଣା କର୍ମୀ ମହେନ୍ଦ୍ର ହରିଚନ୍ଦନଙ୍କ ନେତୃତ୍ୱରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଲଛମନ ଦଳାଇ, ଚଗଲା ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଶମା ସେଠୀଙ୍କ ସହ ମୁନିନ୍ଦା, ଅରିସଲ, ଗଡମୋଟରୀ ପ୍ରଭୃତି ପଞ୍ଚାୟତରୁ ଦଳର କର୍ମୀମାନେ ପର୍ଯ୍ୟବେକ୍ଷକଙ୍କୁ ଭେଟିଥିଲେ। ଏହାସହ ଗତ ନିର୍ବାଚନରେ ବିଜେଡି ମାତ୍ର ୧୬ ହଜାର ଭୋଟରେ ବିଜୟ ଲାଭ କରିଥିଲା। ନିକଟରେ ପିପିଲି ନୂଆଶସନ ପଞ୍ଚାୟତରେ ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ପରାଜୟ ହୋଇଛି। ତେଣୁ ଡେଲାଙ୍ଗରୁ ଜଣକୁ ବିଜେଡି ପକ୍ଷରୁ ନିର୍ବାଚନ ଲଢ଼ିବା ପାଇଁ ପ୍ରାର୍ଥୀ କରିବା ନିମନ୍ତେ ପର୍ଯ୍ୟବେକ୍ଷଙ୍କ ନିକଟରେ ଅନୁରୋଧ କରିଥିବା ମହେନ୍ଦ୍ର ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପିପିଲି ନିର୍ବାଚନ ମଣ୍ଡଳୀ ଥିଲା ବିଜେଡି ନେତା ପ୍ରଦୀପ ମହାରଥିଙ୍କ ଗଡ। ଏବେ ଏହି ଗଡରୁ ବିଜେଡି ପକ୍ଷରୁ କିଏ ପ୍ରାର୍ଥିତ୍ୱ କରିବା ନେଇ ଅଲୋଚନା ପର୍ଯ୍ଯାଲୋଚନା ଚାଲିଛି। ବିଜେଡି ପକ୍ଷରୁ ଡେଲାଙ୍ଗ ବ୍ଲକରୁ ଅନେକ ପ୍ରାର୍ଥୀ ଆଶାୟୀ ଅଛନ୍ତି।



ନୀଳାଦ୍ରି ବେଳାଭୂମିର ଉନ୍ନତୀକରଣ ପାଇଁ ପୁରୀ ସର୍କିଟ ହାଉସରେ ଶୁକ୍ରବାର ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ।

# କୋଭିଡ୍ ସଚେତନତା ଉପରେ ଗୁରୁତ୍ୱ



ବୈଠକରେ ଜିଲାପାଳ ସନତ ମହନ୍ତି ଓ ଅନ୍ୟ ଅଧିକାରୀମାନେ।

ଖୋର୍ଦ୍ଧା ଅଫିସ,୧୯।୩

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ପୁଣି ବୃଦ୍ଧି ପାଉଛି। ଏନେଇ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ କକ୍ଷରେ କୋଭିଡ୍ ସଚେତନତା ନେଇ ଭିଡିଓ କନଫରେନ୍ସରେ ଜିଲାପାଳ ସନତ ମହାନ୍ତି ସମସ୍ତ ବିଡିଓ, ତହସିଲଦାର ଏବଂ ସରପଞ୍ଚଙ୍କ ସହ ଆଲୋଚନା କରିଛନ୍ତି। କୋଭିଡ୍ ନିୟନ୍ତ୍ରଣ ନେଇ ବ୍ୟାପକ ସଚେତନତା, ମାସ୍କ ପରିଧାନ, ସାନିଟାଇଜର ଏବଂ ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସଭା, ସମିତି, ଜନସମାବେଶରେ କୋଭିଡ୍ ନିୟମକୁ କଡାକଡି ପାଳନ କରାଯିବ। ଏନେଇ ସ୍ଥାନୀୟ ପ୍ରଶାସନ ଠାରୁ ଅନୁମତି ନେବାକୁ ପଡିବ। ଜିଲାରେ ଦ୍ୱିତୀୟ ପର୍ଯ୍ୟାୟରେ ବରିଷ୍ଠ ନାଗରିକଙ୍କ ଟିକାକରଣ ଚାଲିଛି। ବହୁ ବରିଷ୍ଠ ନାଗରିକ ଯେପରି ନେଇପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ(ଏଡିଏମ)ମନୋଜ ପାତ୍ରୀ, ଏଡିଏମ(ରାଜସ୍ୱ) ଅନୁଜ ଦାସ ପଟ୍ଟନାୟକ, ପିଡି ଡିଆରଡିଏ ଦିଗନ୍ତ ରାଉତରାୟ, ସିଡିଏମ୍‌ଓ ବିଶ୍ୱମୋହନ ପତି, ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଶାନ୍ତ କୁମାର ଦାଶ, ଡେପୁଟି କଲେକ୍ଟର ବଳରାମ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଦ୍ୱିତୀୟ ଦିନରେ ଚାଷୀଙ୍କ ଅନଶନ

ବୋଲଗଡ଼,୧୯।୩(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ପିତୁକୁଳି ସେବା ସମବାୟ ସମିତି ଆଗରେ ଚାଲିଥିବା ଚାଷୀଙ୍କ ଆମରଣ ଅନଶନ ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ପଞ୍ଜୀକୃତ ଚାଷୀଙ୍କୁ ଟୋକନ ମିଳିଥିଲେ ମଧ୍ୟ ଟାର୍ଗେଟ ନ ଆସିବାରୁ ଧାନ ବିକ୍ରି କରିପାରୁ ନାହାନ୍ତି। ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ ଅନଶନରେ ବସିଛନ୍ତି। ଅନଶନ ଯୋଗୁ ଚାଷୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେଉଥିବା ବେଳେ ପିତୁକୁଳି ସ୍ୱାସ୍ଥ୍ୟକେନ୍ଦ୍ରର ଡା. ରିଙ୍କୁ ସାହୁ ଓ ସ୍ୱାସ୍ଥ୍ୟ କର୍ମୀ ବିନୋଦ ବିହାରୀ ପଟ୍ଟଯୋଶୀ ପହଞ୍ଚି ଚାଷୀଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିଛନ୍ତି। ମଣ୍ଡିରେ ଧାନ କିଣା ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଆନ୍ଦୋଳନକାରୀ କହିଛନ୍ତି। ପୂର୍ବରୁ ଏହି ମଣ୍ଡିରେ ୧୨୫ଟି ଟୋକନ ପାଇଁ ଅବଶ୍ୟକ ଥିବା ପ୍ରାୟ ୩ହଜାର କୁଇଣ୍ଟାଲ ଧାନର ଟାର୍ଗେଟ ନ ଆସିବାରୁ ଉକ୍ତ ଟୋକନମ୍‌ଗୁଡିକର ଅବଧି ସରିଯାଇଥିଲା। ବର୍ତ୍ତମାନ ସୁଦ୍ଧା ଦିଆଯାଇଥିବା ୮୫ଟି ଟୋକନ ପାଇଁ ପ୍ରାୟ ଅଢେଇ ହଜାର କୁଇଣ୍ଟାଲ ଧାନ ଟାର୍ଗେଟ ନ ଆସିବାରୁ ମଧ୍ୟ ଧାନ କ୍ରୟ ହୋଇପାରୁନାହିଁ।

## ଗ୍ରାମାଞ୍ଚଳ ମହିଳାଙ୍କ ପାଇଁ ପ୍ରଶିକ୍ଷଣ ଶିବିର

ଡେଲାଙ୍ଗ,୧୯।୩(ଡି.ଏନ୍.ଏ.)

ଗ୍ରାମାଞ୍ଚଳରେ ବାସ କରୁଥିବା ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ଆଞ୍ଚଳିକ କୁଶେଶ୍ୱରୀ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ନାବାର୍ଡ ଆର୍ଥିକ ସହାୟତାରେ ଏକ ପ୍ରଶିକ୍ଷଣ ଶିବିର ଡେଲାଙ୍ଗ ବ୍ଲକ କୋଠବାଡ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ସୁଜନପୁର ପଞ୍ଚାୟତର ପଟନପୁର ଗ୍ରାମର ସ୍ୱୟଂ ସହାୟକ ମହିଳା ମଣ୍ଡଳର ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ମହିଳା ଶିବିରରେ ଯୋଗଦେଇଥିଲେ। ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ପ୍ରକାରର ସାମଗ୍ରୀ ଯଥା ବଡ଼ି, ପାମ୍ପଡ଼, ଧୂପକାଠି, ଚାନ୍ଦୁଆ ତିଆରି ନେଇ ଟ୍ରେନର ଘନଶ୍ୟାମ ପ୍ରଧାନ, ରାଜ କିଶୋର ସ୍ୱାଇଁ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ନାବାର୍ଡର ଜିଲା ଉପ ପରିଚାଳକ ରାଜୁ ଯୋଗଦେଇଥିଲେ। ବ୍ଲକ ମହିଳା ଓ ଶିଶୁ ସୁରକ୍ଷା ଅଧିକାରିଣୀଙ୍କ ପ୍ରତିନିଧି ଭାବେ ନନ୍ଦିତା ସ୍ୱାଇଁ ଯୋଗ ଦେଇ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ସାମାଜିକ ଆଞ୍ଚଳିକ ଅନୁଷ୍ଠାନର ଉପସଭାପତି ରଜନିକାନ୍ତ ପାଢ଼ୀ ସମ୍ପାଦକ ସୁବର୍ଣ୍ଣ କେଶରୀ ବଳିଆରସିଂହ ଓ କୃପାସିନ୍ଧୁ ପାଇକରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବଡ଼ବେରଣାକୁ ହରାଇ ଫାଇନାଲରେ ଜଟଣୀ

ବେଗୁନିଆ,୧୯।୩(ଡି.ଏନ୍.ଏ.)

ବେଗୁନିଆ ଥାନା ଅଧୀନ ଗେଡ଼ିଆପଲ୍ଲି ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ମହାବୀର ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ବଡ଼ବେରଣାର ମା’ ଡମଣୀ କ୍ଲବକୁ ଟାଇବ୍ରେକରରେ ୪-୨ ଗୋଲରେ ହରାଇ ଜଟଣୀର ପି.କେ. କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଚିତ୍ତରଞ୍ଜନ ଦେହୁରି ମ୍ୟାଚ୍ ପରିଚାଳନା କରିଥିଲେ। ଦିଲୀପ ନାୟକ ଏବଂ ବିଶ୍ୱରଞ୍ଜନ ବେହେରା ଲାଇନ୍‌ସରେ ସହାୟତା କରିଥିଲେ। ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁ, ଏନ୍‌ସିସି ଶିକ୍ଷକ ଦିବାକର ସାହୁ, ସାମାଜିକ କର୍ମୀ ବାନାମ୍ବର ଧଳ ଏବଂ କୁଶପଲ୍ଲା ଆଥଲେଟିକ ଆସୋସିଏଶନ ସମ୍ପାଦକ ଅବଦୁଲ ଦୟାନ ଖାନ୍ ଅତିଥିଭାବେ ଯୋଗଦେଇଥିଲେ।

# ବିଜୁ ପ୍ରିମିୟର ଲିଗ୍: ଖୋର୍ଦ୍ଧା ଯୁବ, ଛାତ୍ର ଟିମ୍ ବିଜୟୀ



ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଅଫିସ,୧୯।୩

ଖୋର୍ଦ୍ଧା ବିଜେବି ହାଇସ୍କୁଲ ପଡ଼ିଆରେ ଚାଲିଥିବା ବିଜୁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଆୟୋଜକ ଖୋର୍ଦ୍ଧା ଯୁବ ଓ ଛାତ୍ର ବିଜେଡି ବିଜୟୀ ହୋଇଛି। ପ୍ରଥମ ମ୍ୟାଚ ଖୋର୍ଦ୍ଧା ଓ ପୁରୀ ଯୁବ ବିଜେଡି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପୁରୀ ନିର୍ଦ୍ଧାରିତ ୧୫ ଓଭରରେ ୪ ଉଇକେଟ ବିନିମୟରେ ୧୫୬ରନ ସଂଗ୍ରହ କରିଥିଲା। ଜବାବରେ ପୁରୀ ୧୪ଓଭର ସୁଦ୍ଧା ୧୫୭ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଖୋର୍ଦ୍ଧା ଓ ପୁରୀ ଛାତ୍ର ବିଜେଡି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ଟିମ୍ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୧୫୬ ରନ ସଂଗ୍ରହ କରିଥିଲା। ଜବାବରେ ପୁରୀ ଟିମ୍ ସମସ୍ତ ଉଇକେଟ ହରାଇ ୧୨୯ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଅଶୋକ ଛୋଟରାୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ଉତ୍ତମ ଖେଳ ପ୍ରଦର୍ଶନ ଲାଗି ଶଶିକାନ୍ତ ଦାସଙ୍କୁ ୪ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରକାଶ ପଟ୍ଟନାୟକ ଏବଂ ଅନିଲ ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ। ରାଜେଶ ପରିଡା, ବିଶ୍ୱଦୀପ ପ୍ରଧାନ, ଧ୍ରୁତି ରଞ୍ଜନ ମାର୍ଥା, ରାଜେଶ ରଥ, ଅଭିଷେକ ସିଂ ସାମନ୍ତ, ଚଣ୍ଡି ପ୍ରସାଦ ଆଚାର୍ଯ୍ୟ, ଅସିତ୍ ଶତପଥୀ, ବିରଞ୍ଚି ନାରାୟଣ ଜେନା ଉପସ୍ଥିତ ଥିଲେ।

## ବିଜୟ ଦାଶଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୀ ଅଫିସ,୧୯।୩

ଖୁଣ୍ଟିଆସାହିଠାରେ ଶୁକ୍ରବାର କବି ମଞ୍ଚଫଟା ବିଜୟ କୁମାର ଦାଶଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର ସଭାପତିତ୍ୱ କରିଥିବାବେଳେ ନାରାୟଣ ଚନ୍ଦ୍ର ସିହ୍ନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କବି ବିଜୟ ପାଠକ ଓ ସାହିତ୍ୟିକମାନଙ୍କ ଗହଣରେ ସର୍ବଦା ଅମର ହୋଇ ରହିବେ ବୋଲି ପୁରୁଷୋତ୍ତମ ହାସ୍ୟ ଆଖଡ଼ାର ସଭାପତି ଦେବୀ ପ୍ରସାଦ ନନ୍ଦ କହିଛନ୍ତି। ଏହି ସଭାରେ କ୍ରିଷ୍ଣା ମହାପାତ୍ର, ଆଶାଲତା ଦେବୀ, ଭୀମସେନ ପ୍ରଧାନ, କାଶୀନାଥ ଖୁଣ୍ଟିଆଙ୍କ ସମେତ ବହୁ ସାହିତ୍ୟିକ ଓ ଶିକ୍ଷାବିତ ଉପସ୍ଥିତ ଥିଲେ।

## ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଫି ଉଦ୍‌ଘାଟିତ

ବ୍ରହ୍ମଗିରି,୧୯।୩(ଡି.ଏନ୍.ଏ.)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପଣସପଦାଠାରେ ହରିଶ୍ୱର ଦେବ ସ୍ପୋର୍ଟିଂ ଆନୁକୂଲ୍ୟରେ ହରିଶ୍ୱରଦେବ କ୍ରିକେଟ ପଡ଼ିଆରେ ଶୁକ୍ରବାର ୨୨ତମ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖଅତିଥି ଭାବେ ଯୋଗଦେବା ସହ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସ ବର୍ମା ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଜାଗୃତି କ୍ରିକେଟ ଏକାଡେମୀ ଭୁବନେଶ୍ୱର ଓ ଖୋର୍ଦ୍ଧା କ୍ରିକେଟ କ୍ଲବ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଜାଗୃତୀ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୫ ଉଇକେଟ ବିନିମୟରେ ୧୩୦ ରନ କରିଥିଲା। ଜବାବରେ ଖୋର୍ଦ୍ଧା କ୍ଲବ ୧୪.୩ ଓଭରରେ ୬ ଉଇକେଟ ବିନିମୟରେ ୧୩୧ ରନ କରି ବିଜୟୀ ହୋଇଥିଲା। ଏହି ମ୍ୟାଚରେ ନିର୍ମଳ ମିଶ୍ର ଓ ସତ୍ୟବ୍ରତ ମହାପାତ୍ର ଅମ୍ପାୟର ଥିବାବେଳେ ସ୍କୋର୍ରରେ ଲଲାଟେନ୍ଦୁ ପାଲ, ଅମର ଦଳାଇ, ବିପ୍ଳବ ପ୍ରଧାନ ଥିଲେ। ଅନ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ କୈଳାସ ପରିଡା, ବନ୍ଦନା ପ୍ରଧାନ, ଚନ୍ଦ୍ରମଣି ପ୍ରଧାନ ପ୍ରମୁଖ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ଜେଲ ଗଲେ ମା’ ପୁଅ

ଗୋପ,୧୯।୩(ଡି.ଏନ୍.ଏ.)

### ଛାତ୍ରୀଙ୍କୁ ବଳାତ୍କାର ଘଟଣା

ଗୋପ ଥାନା ଅଞ୍ଚଳର ଜଣେ ଛାତ୍ରୀଙ୍କୁ ବଳାତ୍କାର କରିବା ସହ ହତ୍ୟା ଉଦ୍ୟମ କରିଥିବା ଘଟଣାର ଅଭିଯୁକ୍ତ ଅଭୟ ଭୂୟାଁଙ୍କୁ ପୋଲିସ ଗୁରୁବାର ଫୁଲବାଣୀ ଅଞ୍ଚଳରୁ ଗିରଫ କରିବା ପରେ ଶୁକ୍ରବାର ଗୋପ ମେଡିକାଲରେ ଡାକ୍ତରୀ ମାଇନା କରିଛି। ଅଭିଯୁକ୍ତଙ୍କୁ ପଚରାଉଚରା ବେଳେ ତାଙ୍କ ମାଆ ବାସନ୍ତୀ ଭୂୟାଁ ମଧ୍ୟ ଘଟଣାରେ ସମ୍ପୃକ୍ତ ଥିବା ଜଣାପଡ଼ିବାରୁ ଉଭୟଙ୍କୁ ଗିରଫ କରାଯାଇଛି। ଅପରାହ୍ନରେ ପୁରୀ ପୋକ୍ସୋ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ଅଭିଯୁକ୍ତ ମା ପୁଅଙ୍କ ଜାମିନ ନାମଞ୍ଜୁର କରି ପୁରୀ ଜେଲ ହାଜତକୁ ପଠାଇ ଦେଇଥିବା ଗୋପ ଥାନାଧିକାରୀ ଦାୟିତ୍ୱରେ ଥିବା ଇନ୍ସପେକ୍ଟର ଶକୁନ୍ତଳା ପତି କହିଛନ୍ତି। ସୂଚନାଯୋଗ୍ୟ, ସଂପୃକ୍ତ ଛାତ୍ରୀଙ୍କୁ ଅଭିଯୁକ୍ତ ବିଭିନ୍ନ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ। ଗତ ୧୪ ତାରିଖ ମଧ୍ୟାହ୍ନରେ ଅଭିଯୁକ୍ତ ଛାତ୍ରୀଙ୍କ ଘରକୁ ଯିବାବେଳେ କୌଣସି ଘଟଣାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଅଭିଯୁକ୍ତ ଉତ୍ତ୍ୟକ୍ତ ହୋଇ ଏକ ପିଢାପଟାରେ ଛାତ୍ରୀଙ୍କ ମୁଣ୍ଡକୁ ପ୍ରହାର କରି ଫେରାର ହୋଇଯାଇଥିଲେ। ପରିବାର ଲୋକେ ଝିଅକୁ ପୁରୀ ସଦର ଡାକ୍ତରଖାନାକୁ ନେଇଥିଲେ। ଏବେ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ପୋଲିସ ଡାକ୍ତରୀ ମାଇନା କରିପାରି ନାହିଁ। ଏ ନେଇ ଛାତ୍ରୀଙ୍କ ପରିବାର ଲୋକ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ଫେରାର ଥିବାରୁ ପୋଲିସ ତାଙ୍କ ପରିବାର ସମ୍ପର୍କୀୟଙ୍କୁ ଆଣି ତଦନ୍ତ କରିବା ସହ ଫୋନ ଟ୍ରାକିଂ କରି ଅଭିଯୁକ୍ତ ଫୁଲବାଣୀରେ ଥିବା ଜାଣିଥିଲା। ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଗୁରୁବାର ଫୁଲବାଣୀରେ ପହଞ୍ଚି ଅଭିଯୁକ୍ତଙ୍କୁ ଧରିଥିଲା।

# ‘ସେବା ଦ୍ୱାରା ସମାଜର କଲ୍ୟାଣ ହେବ’

ପୁରୀ ଅଫିସ,୧୯।୩




ଅଧିବେଶନରେ ମଞ୍ଚାସୀନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଅନ୍ୟ ଅତିଥି।

ପୁରୀସ୍ଥିତ ଏକ ଘରୋଇ ହୋଟେଲ ପରିସରରେ ଶୁକ୍ରବାର ଅଖିଳ ଭାରତୀୟ ମାରୱାଡି ଯୁବା ମଞ୍ଚର ତ୍ରୟୋଦଶ ରାଷ୍ଟ୍ରୀୟ ଅଧିବେଶନ ‘ଅଭ୍ୟୁଦୟ’ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ କହିଛନ୍ତି ଯେ, ସହାୟତା ବୋଲି କିଛି ଶବ୍ଦ ନ ଥାଏ। ଏହାକୁ ସେବା ବୋଲି କୁହାଯାଇପାରିବ। ସବୁଠାରୁ ଉତ୍ତମ ହେଉଛି ମାନବ ପୂଜା। ମାନବ ଜାତିର ଜନ୍ମ ହିଁ ମାନବ ସେବା କରିବା। ଏହାଦ୍ୱାରା ସମାଜର କଲ୍ୟାଣ ହେବା ସହ ମାନବ ଜାତି ବିକଶିତ ହୋଇଥାଏ। ସେହିପରି ସେବା ଶବ୍ଦରେ କେଉଁଠି ନା କେଉଁଠି ଅହଂ ଭାବ ଲୁଚି ରହିଥାଏ। ମାତ୍ର ପୂଜା ଶବ୍ଦରେ ଅହଂକାର ନ ଥାଏ। ମାରୱାଡ଼ି ଯୁବା ମଞ୍ଚ ଦ୍ୱାରା କରାଯାଇଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକୁ ରାଜ୍ୟପାଳ ପ୍ରଶଂସା କରିବା ସହ ଆଗକୁ ମଧ୍ୟ ଏହା ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ରାଜ୍ୟ ରୋଡ୍ ଟ୍ରାନ୍ସପୋର୍ଟ କର୍ପୋରେଶନ (ଓଏସ୍‌ଆର୍‌ଟିସି) ସିଏମ୍‌ଡି ଅରୁଣ ବୋଥ୍ରା ଯୋଗଦେଇ କହିଥିଲେ, ଓଡ଼ିଶା ଏକ ସୁନ୍ଦର ରାଜ୍ୟ। ତେବେ ପ୍ରାୟ ପ୍ରତିବର୍ଷ ଏଠାରେ ପ୍ରାକୃତିକ ବିପର୍ଯ୍ୟୟ ହେଉଛି। ଏଭଳି ଦୁର୍ଦ୍ଦିନ ସମୟରେ ମାରୱାଡ଼ି ସମ୍ପ୍ରଦାୟର ଲୋକେ ସର୍ବଦା ସହଯୋଗର ହାତ ବଢ଼ାଇଥାଆନ୍ତି। ଯୁବା ମଞ୍ଚର ସଦସ୍ୟମାନେ ଓଡ଼ିଶାର ସେବା କରିବାରେ କୌଣସି ସୁଯୋଗ ହାତଛଡ଼ା କରିନାହାନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମାରୱାଡ଼ି ଯୁବା ମଞ୍ଚର ରାଷ୍ଟ୍ରୀୟ ସଭାପତି ଅମିତ ଅଗ୍ରୱାଲ୍, ରାଷ୍ଟ୍ରୀୟ ସଚିବ ଉମେଶ ଗର୍ଗ, ପ୍ରାନ୍ତୀୟ ସଭାପତି ମନୀଷ ଅଗ୍ରୱାଲ ଓ ଭୁବନେଶ୍ୱର ଶାଖା ସଭାପତି ମନ୍ନାଲାଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

### ଅଖିଳ ଭାରତୀୟ ମାରୱାଡି ଯୁବା ମଞ୍ଚର ରାଷ୍ଟ୍ରୀୟ ଅଧିବେଶନ